# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଜୁଲାଇ ୩/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, July 3/2024 | Page 16 | ₹ 7.00

୫୦ଶ ଭାଗ ୨୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 219 | ମୂଲ୍ୟ ₹୭/-




**ଭୋନ୍ଦ୍ରୋସୋଭାଙ୍କ ବିଦାୟ**

ଉିମ୍ବଲେଡନରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ଡିଫେଣ୍ଡିଂ ଚାମ୍ପିୟନ ମାର୍କେଟା ଭୋନ୍ଦ୍ରୋସୋଭା। 

୧୬

୧୩

**ରିଲିଜ୍ ପୂର୍ବରୁ 'ସର୍‌ଫିରା'ର ରେକର୍ଡ**

ଆସନ୍ତା ୧୨ରେ ଅଭିନେତା ଅକ୍ଷୟ କୁମାରଙ୍କ 'ସର୍‌ଫିରା' ଫିଲ୍ମ ରିଲିଜ୍ ହେବାକୁ ଯାଉଥିବାବେଳେ ଏହାର ଟ୍ରେଲରକୁ ୟୁଟ୍ୟୁବ୍‌ରେ ସର୍ବାଧିକ ଭ୍ୟୁଜ୍ ମିଳିଛି।



# ସତ୍‌ସଙ୍ଗରେ ଦଳାଚକଟା: ୧୧୬ ମୃତ

## ୨୦ ହଜାର ଲୋକଙ୍କ ସ୍ଥାନରେ ଥିଲେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ



ଭୋଲେ ବାବା

ବଳାତ୍କାର, ହତ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ଦୁର୍ନାମ ମୁଣ୍ଡାଇଥିବା ଉତ୍ତର ପ୍ରଦେଶର ହାଥରସ୍ ଏବେ ପୁଣି ଚର୍ଚ୍ଚାରେ। ଭଗବାନଙ୍କୁ ସାକ୍ଷାତ୍ କରିଥିବା ନେଇ ଦାବି କରୁଥିବା ଆତ୍ମଘୋଷିତ ଭୋଲେବାବାଙ୍କ ଅବହେଳା ଯୋଗୁ ତାଙ୍କ କାର୍ଯ୍ୟକ୍ରମରେ ଦଳାଚକଟା ହୋଇଛି। ଏଥିରେ ମହିଳା ଓ ଶିଶୁଙ୍କ ସମେତ ୧୧୬ ଜଣଙ୍କ ମୃତ୍ୟୁ ଘଟିଛି। ଅନେକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ତେବେ ୨୦ ହଜାର ଲୋକଙ୍କ ପାଇଁ ପ୍ରଶାସନଠାରୁ ଅନୁମତି ଅଣାଯାଇଥିବାବେଳେ କାର୍ଯ୍ୟକ୍ରମରେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱଙ୍କ ସମାଗମ ହୋଇଥିଲା। ଏହି ଅବ୍ୟବସ୍ଥା ଲାଗି ପୋଲିସ ଭୋଲେବାବାଙ୍କୁ ଗିରଫ କରିବ ନା ରାଜନୈତିକ ଖେଳରେ ପଡ଼ି ଛାଡ଼ିଦେବ ତାକୁ ନେଇ ୟୁପିରେ ଚର୍ଚ୍ଚା।



**ହାଥରସ(ୟୁପି),୨।୭**

ଉତ୍ତରପ୍ରଦେଶର ହାଥରସ୍ ଜିଲାର ଫୁଲରାଇ ଗ୍ରାମରେ ମଙ୍ଗଳବାର ଅପରାହ୍ଣରେ ସତ୍‌ସଙ୍ଗ ଚାଲିଥିବାବେଳେ ଦଳାଚକଟା ଘଟି ୧୧୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୦୮ ଜଣ ମହିଳା ଓ ୭ ଛୋଟ ପିଲା ଅଛନ୍ତି। ଆହତମାନଙ୍କୁ ହାଥରସ ଏବଂ ଇଟାହ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ମୃତଦେହଗୁଡ଼ିକୁ ନେବା ପାଇଁ ଆତ୍ମୀୟ ସ୍ୱଜନମାନେ ଅପେକ୍ଷା କରିଥିବାବେଳେ ସରକାରୀ ହସ୍ପିଟାଲରେ ଆଇସ୍ ବ୍ଲକ୍‌ରେ ସେଗୁଡ଼ିକୁ ରଖାଯାଇଛି। ହସ୍ପିଟାଲ ବାହାରେ ଶୋକାକୁଳ ପରିବେଶ ଲାଗିରହିଛି। ଧର୍ମୀୟ କାର୍ଯ୍ୟକ୍ରମରେ ଅତ୍ୟଧିକ ଜନସମାଗମ ଯୋଗୁ ଏଭଳି ଅଭାବନୀୟ ଘଟଣା ଘଟିଥିବା କୁହାଯାଉଛି। ଭୋଲେ ବାବା ଭାବେ ପରିଚିତ ଆତ୍ମଘୋଷିତ ଗଡ୍‌ମ୍ୟାନ୍ ନାରାୟଣ ସାକର ହରିଙ୍କ ମାନବ ମଙ୍ଗଳ ମିଳନ ସଦ୍‌ଭାବନା ସମାଗମ କମିଟି ପକ୍ଷରୁ ଏହି ସତ୍‌ସଙ୍ଗର ଆୟୋଜନ କରାଯାଇଥିଲା। ଦଳାଚକଟାରେ ୧୧୬ ଜଣଙ୍କ ମୃତ୍ୟୁ ଘଟିଥିବା ଆଲିଗଡ଼ କମିଶନ ଚୈତ୍ରା ଭି. ସ୍ପଷ୍ଟ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୭ ଜଣ ଇଟାହ ଜିଲାର। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ ପାଇଁ ଏକ କମିଟି ଗଢ଼ାଯାଇଛି। ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଦଳାଚକଟାରେ ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଯିବା ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ମୃତକମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହିତ ସେମାନେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। କେନ୍ଦ୍ର ସରକାର ରାଜ୍ୟକୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଆହତମାନଙ୍କୁ ହସ୍ପିଟାଲରେ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାସ୍ଥଳକୁ ରାଜ୍ୟ ମନ୍ତ୍ରୀ ଲକ୍ଷ୍ମୀନାରାୟଣ ଚୌଧରୀ ଏବଂ ସନ୍ଦୀପ୍ ସିଂ ଯାଇଥିବାବେଳେ ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ମଧ୍ୟ ସେଠାକୁ ପଠାଯାଇଛି। ପୋଲିସ କହିବା ଅନୁଯାୟୀ ସତ୍‌ସଙ୍ଗ କାର୍ଯ୍ୟକ୍ରମ ବେଳେ ଅତ୍ୟଧିକ ଗହଳି ଯୋଗୁ ଶ୍ୱାସରୁଦ୍ଧ ଭଳି ସ୍ଥିତି ଉପୁଜିଥିଲା। ଫଳରେ ଲୋକେ ସତ୍‌ସଙ୍ଗ ସ୍ଥଳ ଛାଡ଼ି ଦୌଡ଼ିବା ଆରମ୍ଭ କରିବାରୁ ଦଳାଚକଟା ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ସତ୍‌ସଙ୍ଗ ସ୍ଥଳରେ ଲକ୍ଷାଧିକ ଲୋକ ଏକତ୍ର ହୋଇଥିଲେ। ଲୋକସଂଖ୍ୟା ☞ପୃଷ୍ଠା-୪

# ଲୋକ ସଭାରେ ହେଉ ଏନ୍‌ଇଇଟି ଆଲୋଚନା: ରାହୁଲ



**ନୂଆଦିଲ୍ଲୀ,୨।୭(ପି.ଟି.)**

ଲୋକ ସଭାରେ ବୁଧବାର ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ସୁଯୋଗ ଦେବା ନିମନ୍ତେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ନିବେଦନ କରିଛନ୍ତି। ଜୁନ୍ ୨୮ ଏବଂ ଜୁଲାଇ ୧ରେ ଉଭୟ ଗୃହରେ ଏନ୍‌ଇଇଟି ଉପରେ ଆଲୋଚନା ପାଇଁ ବିରୋଧୀ ଅନୁରୋଧ କରିଥିଲେ ମଧ୍ୟ ସେମାନଙ୍କୁ ଅନୁମତି ଦିଆଯାଇ ନ ଥିଲା। ଏ ସମ୍ପର୍କରେ ବାଚସ୍ପତି ଓମ୍ ବିର୍ଲା ସରକାରଙ୍କ ସହ ଆଲୋଚନା କରି ଜଣାଇବେ ବୋଲି ବିରୋଧୀ ଦଳଗୁଡ଼ିକୁ ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର ରାହୁଲ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଏନ୍‌ଇଇଟି ଆଲୋଚନା ପାଇଁ ସୁଯୋଗ ଦେବାକୁ କହିଛନ୍ତି। ଏହି ପ୍ରସଙ୍ଗ ଉପରେ ଗଠନମୂଳକ ଆଲୋଚନା କରି ସମାଧାନ ସୂତ୍ର ବାହାର କରିବା ଆମର ଲକ୍ଷ୍ୟ। ଦେଶର ପାଖାପାଖି ୨୪ ଲକ୍ଷ ଏନ୍‌ଇଇଟି ଆଶାୟୀଙ୍କ କଲ୍ୟାଣ କେବଳ ଆମର ଚିନ୍ତାର ବିଷୟ ବୋଲି ରାହୁଲ କହିଛନ୍ତି। ଏହି ପରୀକ୍ଷାରେ ଅନିୟମିତତା ଯୋଗୁ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଗଭୀର କ୍ଷତି ପହଞ୍ଚାଇଛି। ତେଣୁ ଏହା ଉପରେ ତୁରନ୍ତ ଦୃଷ୍ଟି ଦିଆଯିବା ଆବଶ୍ୟକ। ଗତ ୭ ବର୍ଷ ମଧ୍ୟରେ ଦେଶରେ ୭୦ରୁ ଅଧିକ ଥର ପ୍ରଶ୍ନପତ୍ର ପ୍ରଘଟ ଘଟଣା ଘଟିଲାଣି, ଯେଉଁଥିରେ ୨ କୋଟିରୁ ଅଧିକ ଛାତ୍ରୀଛାତ୍ର ପ୍ରଭାବିତ ହୋଇଛନ୍ତି। ସେମାନେ ଏହାର ସମାଧାନ ଚାହାନ୍ତି। ତେଣୁ ସେମାନଙ୍କ ଆସ୍ଥା ବଜାୟ ରଖିବା ପାଇଁ ପାର୍ଲାମେଣ୍ଟରେ ଏହା ଉପରେ ବିତର୍କ ପ୍ରଥମ ପଦକ୍ଷେପ ହେବ। ପ୍ରସଙ୍ଗର ☞ପୃଷ୍ଠା-୪

# ୭, ୮ ରଥଯାତ୍ରା ଛୁଟି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୭(ସୁନିତ୍ ମିଶ୍ର)**

ଚଳିତ ବର୍ଷ ରଥଯାତ୍ରା ହେଉଛି ବିରଳ। ଏହି ରଥଯାତ୍ରା ୨ ଦିନ ଧରି ଚାଲିବ। ତେଣୁ ରଥଯାତ୍ରା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଦିନ ଛୁଟି ଘୋଷଣା କରିଛନ୍ତି। ଆସନ୍ତା ୭ ଓ ୮ ତାରିଖରେ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ସବୁ ଛୁଟି ରହିବ। ପୁରୀଠାରେ ମଙ୍ଗଳବାର ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ସରକାରୀ ଛୁଟି ସମ୍ପର୍କିତ ବିଧିବଦ୍ଧ ବିଜ୍ଞପ୍ତି ତୁରନ୍ତ ପ୍ରକାଶ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରାର ସମୀକ୍ଷା ☞ପୃଷ୍ଠା-୪

# ଭାଜପାର ପ୍ରତିବାଦ, କଂଗ୍ରେସର ଜବାବ



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ମଙ୍ଗଳବାର ଭାଜପା ଓ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଛନ୍ତି।

**ଭୁବନେଶ୍ୱର,୨।୭(ସୁନିତ୍ ମିଶ୍ର)**

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଭାଜପା ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ମଙ୍ଗଳବାର ସନ୍ଧ୍ୟା ସମୟରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଛି। ପାର୍ଲାମେଣ୍ଟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ନେଇ ଉଭୟ ଭାଜପା ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଲଙ୍କାକାଣ୍ଡ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ପରିସ୍ଥିତି ଏଭଳି ହୋଇଥିଲା ଯେ, ଭାଜପା ଏବଂ କଂଗ୍ରେସ କର୍ମୀ ପରସ୍ପର ଉପରକୁ ଟେକା, ପଥର ଏବଂ ଗୋବର ମାଡ଼ କରିଥିଲେ। ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ପ୍ରଥମେ ପହଞ୍ଚି ସୋମବାର ରାହୁଲ ଗାନ୍ଧୀଙ୍କ ପାର୍ଲାମେଣ୍ଟରେ ହିନ୍ଦୁ ବିରୋଧୀ ମନ୍ତବ୍ୟକୁ ବିରୋଧ କରି ପ୍ରତିବାଦ କରିଥିଲେ। ଏହି ସମୟରେ ଭାଜପା ଯୁବମୋର୍ଚ୍ଚା ସଦସ୍ୟମାନେ ରାହୁଲଙ୍କ ଫଟୋଚିତ୍ରକୁ ଗୋବରପାଣିରେ ଧୋଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଛାତ୍ର ଏବଂ ଯୁବକଂଗ୍ରେସ କର୍ମୀମାନେ ଏହାକୁ ପ୍ରତିବାଦ କରିଥିଲେ। ଫଳରେ କିଛି ସମୟ ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ତେବେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି, ଆମେ ମାଷ୍ଟରକ୍ୟାଣ୍ଟିନଠାରେ ପ୍ରତିବାଦ କରିବା ସମୟରେ କଂଗ୍ରେସ ଭବନ ଭିତରୁ ପଥର ମାଡ଼ କରାଯାଇଥିଲା। ଫଳରେ ଯୁବମୋର୍ଚ୍ଚାର ୬ ଜଣ ଆହତ ହୋଇଥିବା ବେଳେ ଜଣଙ୍କ ମୁଣ୍ଡ ଫାଟିଯାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ତାଳଗଛ











# ପ୍ରୀତି ପାଣିଗ୍ରାହୀଙ୍କ ଫିଲ୍ମକୁ ଗ୍ରାଣ୍ଡ ଜୁରି ପୁରସ୍କାର

**ଲସ୍ ଏଞ୍ଜେଲସ୍, ୨।୭**



ରିଚା ଚଡ୍ଢା ଓ ଅଲି ଫଜଲଙ୍କ ନିର୍ମିତ, ଶୁଚି ତଲାତିଙ୍କ ନିର୍ଦ୍ଦେଶିତ ଏବଂ ଓଡ଼ିଆ ଝିଅ ପ୍ରୀତି ପାଣିଗ୍ରାହୀଙ୍କ ଅଭିନୀତ 'ଗର୍ଲସ୍ ୱିଲ୍ ବି ଗର୍ଲସ୍' ଫିଲ୍ମ ସୋମବାର ଆମେରିକାର ଲସ୍ ଏଞ୍ଜେଲସ୍‌ରେ ଚାଲିଥିବା ଭାରତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଏଲ୍ଏ)ରେ ସମ୍ମାନଜନକ ଗ୍ରାଣ୍ଡ ଜୁରି ପୁରସ୍କାର ଜିତିଛି। ଏହି ଫିଲ୍ମରେ ପ୍ରୀତିଙ୍କ ବ୍ୟତିତ କାନି କୁଶ୍ରୁତି ଓ କେଶବ ବିନୟ କିରଣ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ନିର୍ଦ୍ଦେଶକ ଶୁଚି ତଲାତିଙ୍କ ଏହା ପ୍ରଥମ ଫିଚର ଚଳଚ୍ଚିତ୍ର ହୋଇଥିବାବେଳେ ଏହି ଫିଲ୍ମ ମାଧ୍ୟମରେ ☞ପୃଷ୍ଠା-୪




**ଚିରାଗ ପାଶ୍ୱାନଙ୍କ ଏମ୍‌ପି ପଦ ରଦ୍ଦ କରିବାକୁ ଆବେଦନ**
ଲୋକ ଜନଶକ୍ତି ପାର୍ଟି-ରାମବିଳାସ(ଏଲ୍‌ଜେପି-ଆର୍‌ଭି) ଅଧ୍ୟକ୍ଷ ତଥା ବିହାରର ହାଜିପୁର ସାଂସଦ ଚିରାଗ ପାଶ୍ୱାନଙ୍କ ଏମ୍‌ପି ପଦ ରଦ୍ଦ କରିବାକୁ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟରେ ଆବେଦନ ହୋଇଛି। ଏକ ଯୌନ ଉତ୍ପୀଡ଼ନ ମାମଲାରେ ଚିରାଗଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ଆବେଦନକାରୀ ପିଟିଶନ ଦାଖଲ କରିଛନ୍ତି।

## ସଂକ୍ଷେପରେ

### ଧର୍ମାନ୍ତରୀକରଣ ହେଉଥିବା ଧର୍ମସଭା ବନ୍ଦ କର: ହାଇକୋର୍ଟ

ପ୍ରୟାଗରାଜ,୨୭(ପି.ଟି.)

ଧର୍ମାନ୍ତରୀକରଣ ହେଉଥିବା ଧର୍ମସଭାଗୁଡ଼ିକୁ ତୁରନ୍ତ ବନ୍ଦ କରାଯିବା ଆବଶ୍ୟକ ବୋଲି ଆହ୍ଲାହାବାଦ ହାଇକୋର୍ଟ କହିଛନ୍ତି। ଏହା ବନ୍ଦ ନ ହେଲେ ଦିନେ ଦେଶର ସଂଖ୍ୟାବହୁଳ ସଂଖ୍ୟାଲଘୁରେ ପରିଣତ ହୋଇଯିବ ବୋଲି ଜଷ୍ଟିସ୍ ରୋହିତ ରଞ୍ଜନ ଅଗ୍ରୱାଲଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ଅନେକ ଲୋକଙ୍କୁ ଧର୍ମାନ୍ତରୀକରଣ କରାଇବାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ କୈଳାସଙ୍କ ଜାମିନ ଆବେଦନକୁ ଖାରଜ କରିଦେବା ଅବସରରେ ଖଣ୍ଡପୀଠ ଏହା କହିଛନ୍ତି। ପ୍ରଚାର ଅର୍ଥ ପ୍ରଚାର ପ୍ରସାର କରିବା। କିନ୍ତୁ ଏହାର ଅର୍ଥ ଗୋଟିଏ ଧର୍ମର ବ୍ୟକ୍ତିଙ୍କୁ ଅନ୍ୟ ଧର୍ମରେ ପରିବର୍ତ୍ତନ କରିବା ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀ ତାଙ୍କ ପିଟିଶନରେ ଦର୍ଶାଇଥିଲେ, ତାଙ୍କ ଭାଇଙ୍କ ସମେତ ଗାଁରୁ କେତେଜଣଙ୍କୁ ଦିଲ୍ଲୀରେ ଅନୁଷ୍ଠିତ ଏକ ଧର୍ମ ସମାବେଶକୁ ନିଆଯାଇ ସେମାନଙ୍କୁ ଖ୍ରୀଷ୍ଟିଆନ ଧର୍ମରେ ପରିବର୍ତ୍ତନ କରାଯାଇଥିଲା। ତାଙ୍କ ଭାଇ ଖ୍ରୀଷ୍ଟଧର୍ମ ନେବା ପରେ ଆଉ ଘରକୁ ଫେରୁ ନ ଥିବା ପିଟିଶନର ଦର୍ଶାଇଥିଲେ।

### କେଜରିୱାଲଙ୍କ ଗିରଫଦାରି: ସିବିଆଇକୁ ଜବାବ ମାଗିଲେ ହାଇକୋର୍ଟ

ନୂଆଦିଲ୍ଲୀ, ୨।୭

ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଖୁବ୍‌ଶୀଘ୍ର ନିୟମିତ ଜାମିନ ପାଇଁ ଆବେଦନ କରିବେ। ଏନେଇ କେଜ୍‌ରିୱାଲଙ୍କ ଓକିଲ ମଙ୍ଗଳବାର ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କୁ ଜଣାଇଛନ୍ତି। ଗିରଫଦାରିକୁ ଚ୍ୟାଲେଞ୍ଜ କରି କେଜ୍‌ରିୱାଲଙ୍କ ଆବେଦନ ଉପରେ ଜଷ୍ଟିସ୍ ନୀନା ବଂଶଲଙ୍କ ଖଣ୍ଡପୀଠ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)କୁ ନୋଟିସ୍ ଜାରି କରିଛନ୍ତି। ୭ ଦିନ ମଧ୍ୟରେ ନୋଟିସ୍‌ର ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ରେ ହେବ। ହାଜତ ମିଆଦକୁ ବୃଦ୍ଧି କରିଥିବା କୋର୍ଟଙ୍କ ରାୟକୁ କେଜ୍‌ରିୱାଲ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

### ହେମନ୍ତଙ୍କ ନିର୍ବାଚନୀ ରଣନୀତି ଆରମ୍ଭ

ରାଞ୍ଚି,୨।୭

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଜେଲରୁ ବାହାରିବାର ୫ ଦିନ ପରେ ବୁଧବାର ଇଣ୍ଡିଆ ବ୍ଲକ୍ ବୈଠକରେ ଅଧ୍ୟକ୍ଷତା କରିବାକୁ ଯାଉଛନ୍ତି। ଜମିଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ହେମନ୍ତଙ୍କୁ ହାଇକୋର୍ଟ ଜାମିନ ମଞ୍ଜୁର କରିବା ପରେ ଜୁନ୍ ୨୮ରେ ସେ ଜେଲରୁ ବାହାରିଥିଲେ। ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଇଣ୍ଡିଆ ବ୍ଲକ୍ ବିଧାୟକମାନଙ୍କ ବୈଠକ ଡକାଯାଇଥିବା ଜଣେ କଂଗ୍ରେସ ବିଧାୟକ କହିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ହେବାକୁ ଥିବା ନିର୍ବାଚନ ପାଇଁ ବୈଠକରେ ରଣନୀତି ପ୍ରସ୍ତୁତ ହେବ ବୋଲି କୁହାଯାଉଛି।

# ୧୦୦ ଡେଇଁପାରୁନି କଂଗ୍ରେସ: ମୋଦି



## ଲୋକ ସଭାରେ ରାହୁଲଙ୍କୁ ଟାର୍ଗେଟ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨।୭(ପି.ଟି.)

ଦେଶବାସୀ ସରକାରଙ୍କ ପ୍ରତ୍ୟେକ ମାନଦଣ୍ଡକୁ ଭଲ ଭାବେ ପରୀକ୍ଷା କରିବା ପରେ କ୍ରମାଗତ ତୃତୀୟ ଥର ପାଇଁ ସରକାର ଗଢ଼ିବାକୁ ସୁଯୋଗ ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଲୋକ ସଭାରେ କହିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖି ପ୍ରଧାନମନ୍ତ୍ରୀ କହିଥିଲେ, ମାନବ ସେବା ହିଁ ମାଧବ ସେବା ମନ୍ତ୍ରକୁ ପୂରଣ କରିବାକୁ ଯାଇ ତାଙ୍କ ସରକାର ଗରିବଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଆସିଥିବା ଜନସାଧାରଣ ଉପଲବ୍ଧ କରିଛନ୍ତି। ଏହି ଅବସରରେ ସେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି। କଂଗ୍ରେସ ନେତା ତାଙ୍କର ବାଳକ ବୁଦ୍ଧିରେ ପୂର୍ବରୁ କରିଥିବା ଭୁଲ୍‌କୁ ଲୁଚାଇ ସହାନୁଭୂତି ହାସଲ ପାଇଁ ଉଦ୍ୟମ କରୁଥିବା ଗୃହ ଦେଖିଛି। କଂଗ୍ରେସ କ୍ରମାଗତ ତୃତୀୟ ଥର ପାଇଁ ଲୋକ ସଭାରେ ୧୦୦ ଆସନ ଅତିକ୍ରମ କରିନାହିଁ। ସେମାନେ ପରାଜୟ ସ୍ୱୀକାର କରିବା ପରିବର୍ତ୍ତେ ଅହଂକାରୀ ହୋଇଯାଇଛନ୍ତି। ସେମାନେ ଭାଜପାକୁ ପରାଜିତ କରିଥିବା ଭଳି ବର୍ଣ୍ଣନା କରିବାକୁ ଉଦ୍ୟମ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଅଗ୍ନିପଥ ଯୋଜନା ଏବଂ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ନେଇ ପାର୍ଲାମେଣ୍ଟକୁ ବିଭ୍ରାନ୍ତ କରିବାକୁ ଉଦ୍ୟମ ହେଉଛ ବୋଲି ମୋଦି କହିଥିଲେ। ପ୍ରଧାନମନ୍ତ୍ରୀଙ୍କ କହିବା ପୂର୍ବରୁ ବିରୋଧୀ ସଦସ୍ୟମାନେ ଗୃହରେ ମଣିପୁର ପ୍ରସଙ୍ଗରେ ଆଲୋଚନା ପାଇଁ ସୁଯୋଗ ଦେବାକୁ ଦାବି କରିଥିଲେ। ତେବେ ଏହା ଉପରେ ଉତ୍ତରପୂର୍ବାଞ୍ଚଳ ଏମ୍‌ପି ସୋମବାର ଗୃହରେ ବକ୍ତବ୍ୟ ରଖିଥିବା ବାଚସ୍ପତି ଓମ୍ ବିର୍ଲା କହିବାରୁ ସେମାନେ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ।

## ରାଜ୍ୟ ସଭାରେ ଧନ୍‌କର-ଖାର୍ଗେ ମୁହାଁମୁହିଁ

ରାଜ୍ୟ ସଭାରେ ଅଧ୍ୟକ୍ଷତା କରୁଥିବା ଉପରାଷ୍ଟ୍ରପତି ଜଗଦୀପ ଧନ୍‌କର ଏବଂ ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ମଧ୍ୟରେ ମଙ୍ଗଳବାର ଜୋର୍‌ଦାର ବାକ୍‌ଯୁଦ୍ଧ ଦେଖିବାକୁ ମିଳିଥିଲା। ଏପରିକି ଧନ୍‌କର କ୍ଷୁବ୍ଧ ହୋଇ ଖାର୍ଗେଙ୍କ ସ୍ଥାନରେ କଂଗ୍ରେସ ନେତା ଜୟରାମ ରମେଶ ବିରୋଧୀ ଦଳ ନେତା ହେବା ଉଚିତ ବୋଲି କହିଥିଲେ। ଏହି ସମୟରେ ଧନ୍‌କର କହିଥିଲେ, ମୁଁ ଭାବୁଛି ଖାର୍ଗେଙ୍କ ସ୍ଥାନରେ ଜୟରାମ ବିରୋଧୀ ଦଳ ନେତା ହେବା ଆବଶ୍ୟକ। ସେ ବୁଦ୍ଧିମାନ୍ ଓ ଦକ୍ଷ। ସେ ବିରୋଧୀ ଦଳ ନେତା କାର୍ଯ୍ୟ କରୁଛନ୍ତି। ଖାର୍ଗେ ଏହାର ପ୍ରତିବାଦ କରି କହିଥିଲେ, ଜାତି ପ୍ରଥାକୁ ପ୍ରସଙ୍ଗ ଭିତରକୁ ଆଣନ୍ତୁ ନାହିଁ।


ଜଗଦୀପ ଧନ୍‌କର


ମଲ୍ଲିକାର୍ଜ୍ଜୁନ ଖାର୍ଗେ

ଦଳ ନେତା ହେବା ଉଚିତ ବୋଲି କହିଥିଲେ। ଅନ୍ୟପକ୍ଷରେ ଗୃହର ଅଧ୍ୟକ୍ଷ ଜାତି ପ୍ରଥାକୁ ନେଇ ଏଭଳି ମନ୍ତବ୍ୟ ଦେଉଥିବା କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ କହିଥିଲେ।

ପ୍ରଥମେ କଂଗ୍ରେସ ଏମ୍‌ପି ପ୍ରମୋଦ ତିୱାରୀଙ୍କୁ ଯାଞ୍ଚ ହୋଇ ନ ଥିବା ତଥ୍ୟ ଉପସ୍ଥାପନ ନ କରିବାକୁ ଧନ୍‌କର କହିବା ପରେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏହା ପ୍ରମାଣୀକୃତ ହେବା ଆବଶ୍ୟକ ବୋଲି ଜୟରାମ ସଂସଦୀୟ ଗଣତନ୍ତ୍ର ଇତିହାସରେ ଏବଂ ରାଜ୍ୟ ସଭା ପ୍ରୋସିଡିଂରେ କେବେ ଏଭଳି ଅଧ୍ୟକ୍ଷଙ୍କୁ ଏଭଳି ଅସମ୍ମାନିତ କରାଯାଇ ନ ଥିଲା ବୋଲି ଖାର୍ଗେଙ୍କୁ ଲକ୍ଷ୍ୟ କରି ଧନ୍‌କର କହିଥିଲେ। ଖାର୍ଗେ କହିଥିଲେ ସେ ଦଳର ନେତ୍ରୀ ସୋନିଆ ଗାନ୍ଧୀ ଏବଂ ଦେଶବାସୀଙ୍କ ପାଇଁ ବିରୋଧୀ ଦଳ ନେତା ପଦରେ ବସିଛନ୍ତି। ପରେ ତିୱାରୀ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବରେ ବକ୍ତବ୍ୟ ରଖିଥିଲେ।

## ୮ରେ ଏନ୍‌ଇଇଟି ଶୁଣାଣି

ନୂଆଦିଲ୍ଲୀ,୨।୭

ସୁପ୍ରିମକୋର୍ଟରେ ଏନ୍‌ଇଇଟି-ୟୁଜି ପରୀକ୍ଷା ବିଭ୍ରାଟକୁ ନେଇ ଦାଏର ପିଟିଶନ୍‌ଗୁଡ଼ିକର ଶୁଣାଣି ଆସନ୍ତା ୮ ତାରିଖରେ ହେବ। ସାନି ପରୀକ୍ଷା କରାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରି ସର୍ବୋଚ୍ଚ ଅଦାଲତରେ ୨୬ଟି ପିଟିଶନ ଦାଏର ହୋଇଛି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠରେ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇଥିବା ତାଲିକାରୁ ଜଣାପଡ଼ିଛି। ଏମ୍‌ବିବିଏସ୍, ବିଡିଏସ୍‌ର ଆୟୁଷ ଆଦି ପାଠ୍ୟକ୍ରମରେ ନାମଲେଖା ପାଇଁ ଏନ୍‌ଇଇଟି-ୟୁଜି ଗତ ମାର୍ଚ୍ଚ ୫ରେ ଅନୁଷ୍ଠିତ ହୋଇଥିବାବେଳେ ପ୍ରାୟ ୨୪ ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ସମେତ ଅନ୍ୟାନ୍ୟ ଅନିୟମିତତା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଭିନ୍ନ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସାନି ପରୀକ୍ଷା ପାଇଁ ଦାବି ହୋଇଥିଲା।

## ଜଳବାୟୁ ପରିବର୍ତ୍ତନକୁ ଅଣଦେଖା କରାଯାଇ ପାରିବନି: ସିଜେଆଇ

ନୂଆଦିଲ୍ଲୀ,୨।୭



ଜଳବାୟୁ ପରିବର୍ତ୍ତନକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ମଙ୍ଗଳବାର କହିଛନ୍ତି। ଅଙ୍ଗାରକ ନିର୍ଗମନ ହ୍ରାସ କରିବାକୁ ହେଲେ 'ସବୁଜ ଜୀବନଶୈଳୀ' ଆପଣାଇବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ନୂଆଦିଲ୍ଲୀର କର୍କରଡୁମା, ଶାସ୍ତ୍ରୀ ପାର୍କ ଓ ରୋହିଣୀଠାରେ ଟ୍ରାଏଲ୍ କୋର୍ଟ ବିଲ୍ଡିଂର ଶିଳାନ୍ୟାସ ଉତ୍ସବରେ ଉଦ୍‌ବୋଧନ ଦେଇ ଜଷ୍ଟିସ ଚନ୍ଦ୍ରଚୂଡ଼ କହିଥିଲେ, ଚଳିତ ବର୍ଷ ଦିଲ୍ଲୀ ସବୁଠୁ ଉତ୍ତପ୍ତ ଗ୍ରୀଷ୍ମର ସମ୍ମୁଖୀନ ହୋଇଛି। ଗୋଟିଏ ଦିନର ବର୍ଷା ପରେ ଦୁଇଟି ଗ୍ରୀଷ୍ମଲହର ଅନୁଭୂତ ହେଲାଣି। ଆମ ଭିତ୍ତିଭୂମିରେ ବାସ୍ତବତା ପ୍ରତିଫଳିତ ହେବା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନକୁ ଅଧିକ ଦିନ ପର୍ଯ୍ୟନ୍ତ ଅଣଦେଖା କରାଯାଇପାରିବ ନାହିଁ ବୋଲି ସେ କହିଥିଲେ।

## ବାଳାଶ୍ରମରେ ୩ ଦିନରେ ୫ ଶିଶୁ ମୃତ

ଇନ୍ଦୋର,୨।୭

ଇନ୍ଦୋରର ଏକ ବାଳାଶ୍ରମରେ ଗତ ୩ ଦିନ ମଧ୍ୟରେ ୫ ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିବାବେଳେ ୩୧ ଜଣ ଶିଶୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସ୍ଥାନୀୟ ମହ୍ଲାରଗଞ୍ଜ ଥାନା ଶ୍ରୀ ଯୋଗ ପୁରୁଷ ଧାମ ଏନଜିଓ ଦ୍ୱାରା ଚାଲୁଥିବା ଏହି ବାଳାଶ୍ରମରେ ବିଷାକ୍ତ ଖାଦ୍ୟ ଯୋଗୁ ଶିଶୁମାନଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ିବ ବୋଲି ଇନ୍ଦୋର ପୋଲିସର ଅତିରିକ୍ତ ଡେପୁଟି କମିଶନର(ଏଡିସିପି) ଆଲୋକ କୁମାର ଶର୍ମା କହିଛନ୍ତି। ଘଟଣାକୁ ନେଇ ମଧ୍ୟପ୍ରଦେଶ ସରକାର ଏକ ଉଚ୍ଚ ସ୍ତରୀୟ ତଦନ୍ତର ନିର୍ଦ୍ଦେଶ ଦେଇଛନ୍ତି। ତେବେ ଘଟଣାର ତଦନ୍ତବେଳେ ଜଣେ ଉପ ବିଭାଗୀୟ ମାଜିଷ୍ଟ୍ରେଟ(ଏସ୍‌ଡିଏମ୍) ହସୁଥିବାର ଏକ ଭିଡିଓ ଭାଇରାଲ ହେବାରୁ ତାଙ୍କର ବଦଳି କରାଯାଇଛି। ସୂଚନାଯୋଗ୍ୟ, ଏହି ଆଶ୍ରମରେ କେତେଜଣ ଅନାଥ ଓ ମାନସିକ ଭାବେ ବିକୃତ ଶିଶୁଙ୍କୁ ମିଶାଇ ସମୁଦାୟ ୨୦୪ ଜଣ ଶିଶୁ ରହୁଛନ୍ତି।

## ପ୍ରଧାନମନ୍ତ୍ରୀ ପଦରୁ ପ୍ରଚଣ୍ଡଙ୍କୁ ବହିଷ୍କାର ଯୋଜନା



### ନେପାଳୀ କଂଗ୍ରେସ, ସିପିଏନ୍-ୟୁଏମ୍‌ଏଲ୍ ମଧ୍ୟରେ ଚୁକ୍ତିନାମା

କାଠମାଣ୍ଡୁ,୨।୭(ପି.ଟି.)

ନେପାଳ ପ୍ରଧାନମନ୍ତ୍ରୀ ପଦରୁ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'ଙ୍କୁ ହଟାଇବା ପାଇଁ ଦୁଇ ବୃହତ୍ ଦଳ ନେପାଳୀ କଂଗ୍ରେସ ଏବଂ ସିପିଏନ୍-ୟୁଏମ୍‌ଏଲ୍ ମଧ୍ୟରେ ସୋମବାର ରାତିଅଧିଆ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଉକ୍ତ ଡିଲ୍ ଅନୁଯାୟୀ ମେଣ୍ଟ ସରକାର ବଦଳରେ ନୂଆ ଜାତୀୟ ସହମତି ସରକାର ଗଠନ କରାଯିବ। ଅନ୍ୟପକ୍ଷରେ ପ୍ରଚଣ୍ଡ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ମଙ୍ଗଳବାର ମନା କରିଦେଇଛନ୍ତି। ନୂଆ ମେଣ୍ଟ ଗଠନ ଲାଗି ନେପାଳୀ କଂଗ୍ରେସ ଅଧ୍ୟକ୍ଷ ଶେର ବାହାଦୁର ଦେଉବା ଏବଂ କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ ୟୁନିଫାଏଡ୍ ମାର୍କ୍ସିଷ୍ଟ ଲେନିନିଷ୍ଟ (ସିପିଏନ୍-ୟୁଏମ୍‌ଏଲ୍) ଅଧ୍ୟକ୍ଷ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ମଧ୍ୟରେ ବୁଝାମଣା ହୋଇଛି। ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ନାରାୟଣ ପ୍ରକାଶ ସାଉଦ ଏହି ସୂଚନା ଦେଇଛନ୍ତି। ଉକ୍ତ ବୁଝାମଣା ଅନୁଯାୟୀ ୭୮ ବର୍ଷୀୟ ଦେଉବା ଏବଂ ୭୨ ବର୍ଷୀୟ ଓଲି ପାର୍ଲାମେଣ୍ଟର ଅବଶିଷ୍ଟ କାର୍ଯ୍ୟକାଳ ପାଇଁ ପାଳି କରି ପ୍ରଧାନମନ୍ତ୍ରୀ ହେବେ। ନେପାଳ ପ୍ରତିନିଧି ସଭାରେ ନେପାଳୀ କଂଗ୍ରେସର ୮୯ ସଦସ୍ୟ ରହିଥିବାବେଳେ ସିପିଏନ୍-ୟୁଏମ୍‌ଏଲ୍‌ର ୭୮ ସଦସ୍ୟ ରହିଛନ୍ତି। ଏହି ଦୁଇ ଦଳର ମୋଟ ସଦସ୍ୟ ସଂଖ୍ୟା ୧୬୭, ଯାହାକି ୨୭୫ ଆସନ ବିଶିଷ୍ଟ ପ୍ରତିନିଧି ସଭାରେ ସଂଖ୍ୟାଗରିଷ୍ଠତା ହାସଲ ପାଇଁ ଯଥେଷ୍ଟ। ଦୁଇ ଦଳ ମଧ୍ୟରେ ନୂଆ ମେଣ୍ଟ ଗଠନ ନେଇ ଶନିବାର ରାତିରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ପରେ ସିପିଏନ୍-ୟୁଏମ୍‌ଏଲ୍ ପ୍ରଚଣ୍ଡଙ୍କ ନେତୃତ୍ୱାଧୀନ ସରକାରରୁ ସମର୍ଥନ ପ୍ରତ୍ୟାହାର କରିଥିଲା। ଅନ୍ୟପକ୍ଷରେ ପ୍ରଚଣ୍ଡ ଇସ୍ତଫା ଦେବା ପରିବର୍ତ୍ତେ ପାର୍ଲାମେଣ୍ଟରେ ଆସ୍ଥାଭୋଟର ସମ୍ମୁଖୀନ ହେବାକୁ ଚାହାନ୍ତି ବୋଲି ତାଙ୍କ ଦଳର କାର୍ଯ୍ୟକର୍ତ୍ତାମାନଙ୍କୁ କହିଛନ୍ତି।

## ରାହୁଲଙ୍କ ବକ୍ତବ୍ୟ ପୁନଃ ସ୍ଥାନିତ କରିବାକୁ ବାଚସ୍ପତିଙ୍କୁ ଚିଠି

ନୂଆଦିଲ୍ଲୀ,୨।୭(ପି.ଟି.)

ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଦେଇଥିବା ବକ୍ତବ୍ୟର କିଛି ଅଂଶକୁ ରେକର୍ଡରୁ ବାଦ୍ ଦିଆଯାଇଛି। ଏହାକୁ ପୁନର୍ବାର ସାମିଲ କରିବା ପାଇଁ ରାହୁଲ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ଜଣାଇଛନ୍ତି। ତାଙ୍କ ବକ୍ତବ୍ୟରୁ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟଗୁଡ଼ିକୁ ବାଦ୍ ଦେବା ସଂସଦୀୟ ଗଣତନ୍ତ୍ରର ସିଦ୍ଧାନ୍ତ ବିରୋଧରେ ଯାଉଥିବା କଂଗ୍ରେସ ନେତା କହିଛନ୍ତି। ଭାଜପା ଏମ୍‌ପି ଅନୁରାଗ ଠାକୁରଙ୍କ ବକ୍ତବ୍ୟରୁ ମାତ୍ର ଗୋଟିଏ ଶବ୍ଦକୁ ବାଦ୍ ଦିଆଯାଇଛି। ଚୟନାତ୍ମକ କାଟଛାଣ୍ଟ ଯଥାର୍ଥ ନୁହେଁ ବୋଲି ରାହୁଲ କହିଛନ୍ତି।

## କେନ୍ଦ୍ରକୁ ଇଣ୍ଡିଆ ବ୍ଲକ୍ ଛାତ୍ର ସଂଗଠନର ନିନ୍ଦା

### ଏନ୍‌ଇଇଟି ବିଭ୍ରାଟ

ନୂଆଦିଲ୍ଲୀ,୨।୭(ପି.ଟି.)

ଏନ୍‌ଇଇଟି-ୟୁଜି ପରୀକ୍ଷା ଅନିୟମିତତାକୁ ନେଇ ଇଣ୍ଡିଆ ବ୍ଲକ୍ ସହଯୋଗୀ ଦଳଗୁଡ଼ିକର ଛାତ୍ର ସଂଗଠନ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପରୀକ୍ଷାରେ ବିଭ୍ରାଟ ଯୋଗୁ ୨୪ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରଭାବିତ ହୋଇଛି। ତେଣୁ ମେଡିକାଲ ପ୍ରବେଶିକା ପରୀକ୍ଷା ପୁନର୍ବାର କରିବା ପାଇଁ ସେମାନେ ଦାବି କରିଛନ୍ତି। ନୂଆଦିଲ୍ଲୀର ପ୍ରେସ୍ କ୍ଲବ୍‌ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଛାତ୍ର ସଂଗଠନଗୁଡ଼ିକର ଜାତୀୟ ସ୍ତରର ନେତାମାନେ ଏକାଠି ହୋଇଥିଲେ। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ପରୀକ୍ଷା ପରିଚାଳନାରେ ତ୍ରୁଟିକୁ ନେଇ ସେମାନେ ଏକ ସଂକଳ୍ପରେ ସ୍ୱାକ୍ଷର କରିଛନ୍ତି। ଭବିଷ୍ୟତରେ ପରୀକ୍ଷାର ସ୍ୱଚ୍ଛ ପରିଚାଳନା ପାଇଁ ଏନ୍‌ଟିଏକୁ ରଦ୍ଦ କରାଯିବା ନିମନ୍ତେ ସେମାନେ ଦାବି କରିଛନ୍ତି।



ନୂଆଦିଲ୍ଲୀରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଛାତ୍ର ସଂଗଠନର ନେତାମାନେ।

ଖବରଦାତା ସମ୍ମିଳନୀରେ ବାମଦଳ ସମର୍ଥିତ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍(ଏଆଇଏସ୍‌ଏ), ଷ୍ଟୁଡେଣ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫଆଇ), ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଫେଡେରେଶନ (ଏଆଇଏସ୍‌ଏଫ୍), ସମାଜବାଦୀ ଛାତ୍ର ସଭା ଏବଂ କଂଗ୍ରେସର ଛାତ୍ର ସଂଗଠନ ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନିୟନ ଅଫ୍ ଇଣ୍ଡିଆ(ଏନ୍‌ଏସ୍‌ୟୁଆଇ)ର ସଦସ୍ୟମାନେ ଉଦ୍‌ବୋଧନ ଦେଇଥିଲେ। ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନାରେ ଏନ୍‌ଟିଏର ଅକ୍ଷମତା ଯୋଗୁ ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ବିପଦରେ ପଡ଼ିଛି। ସବୁ ପରୀକ୍ଷାର୍ଥୀଙ୍କ ପାଇଁ ଏନ୍‌ଇଇଟି-ୟୁଜିର ସାନି ପରୀକ୍ଷା ତାରିଖ ଘୋଷଣା ପାଇଁ ସେମାନେ ଦାବି କରିଥିଲେ। ଏଥିସହିତ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଏବଂ ଦୁର୍ନୀତି ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି ଦୋହରାଇଥିଲେ। ବୁଧବାର ଅଷ୍ଟାଦଶ ଲୋକ ସଭା ପ୍ରଥମ ଅଧିବେଶନର ଶେଷ ଦିନରେ ଛାତ୍ର ସଂଗଠନଗୁଡ଼ିକ ମିଳିତ ଭାବେ ପାର୍ଲାମେଣ୍ଟ ଅଭିମୁଖେ ଶୋଭାଯାତ୍ରାରେ ଯିବାକୁ ଯୋଜନା କରିଛନ୍ତି।

## ଗୋଇନ୍ଦା ବ୍ୟୁରୋ ପାଇଁ କାମ କରୁଥିଲେ ଭୋଲେ ବାବା

ହାଥରସ୍,୨।୭

ଉତ୍ତରପ୍ରଦେଶର ହାଥରସ୍ ଜିଲାରେ ସତ୍‌ସଙ୍ଗ ବେଳେ ଦଳାଚକଟା ଘଟି ୧୧୬ ଜଣଙ୍କ ଜୀବନ ଯାଇଛି। ଉକ୍ତ ସତ୍‌ସଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରିଥିବା ଆତ୍ମଘୋଷିତ ଗଡ୍‌ମ୍ୟାନ୍ ଭୋଲେ ବାବା ଓରଫ ନାରାୟଣ ସାକର ହରି ଗୋଇନ୍ଦା ବ୍ୟୁରୋ ପାଇଁ କାର୍ଯ୍ୟ କରୁଥିଲେ। ସେ ଚାକିରି କରିଥିବା ସମୟରେ ଆଧ୍ୟାତ୍ମିକତା ପ୍ରତି ଆକର୍ଷିତ ହୋଇଥିଲେ। ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ସେ ଆଧ୍ୟାତ୍ମିକ ମାର୍ଗକୁ ଆସିଲେ ବୋଲି ଭୋଲେ ବାବା ତାଙ୍କ ଭକ୍ତମାନଙ୍କୁ କହିଥାନ୍ତି। ଇଟାହ ଜିଲାର ବାହାଦୁର ନଗରୀ ଗ୍ରାମରେ ଜନ୍ମିତ ନାରାୟଣ ହରି ଶିକ୍ଷା ସମାପ୍ତ ପରେ ଗୋଇନ୍ଦା ବ୍ୟୁରୋ ପାଇଁ କାମ କରୁଥିଲେ। ବାବା ହୋଇଥିଲେ ମଧ୍ୟ ସେ ଗୈରିକ ବସ୍ତ୍ର ନ ପିନ୍ଧି ଧଳା ଶୁଟ୍, କୁର୍ତ୍ତା ପାଇଜାମା ଓ ଟାଇ ପିନ୍ଧିଥାନ୍ତି। ସେ ନିଜକୁ ହରିଙ୍କ ଭକ୍ତ କହୁଥିବାବେଳେ ଦାନ ଅର୍ଥକୁ ନିଜ ପାଖରେ ନ ରଖି ଭକ୍ତମାନଙ୍କ ପାଇଁ ଖର୍ଚ୍ଚ କରିଦେଉଥିବା କହିଥାନ୍ତି।


ଦଳାଚକଟାରେ ଆତ୍ମୀୟଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ମହିଳାମାନେ।

## ବିଶ୍ୱରେ ଘଟିଥିବା ଭୟାବହ ଦଳାଚକଟା ଘଟଣା

ନୂଆଦିଲ୍ଲୀ,୨।୭

ଅତୀତରେ ବିଶ୍ୱରେ ଘଟିଥିବା କେତେକ ଭୟାବହ ଦଳାଚକଟା ଘଟଣା ନିମ୍ନରେ ଦିଆଗଲା।

**୧୯୮୯ ଏପ୍ରିଲ:** ବ୍ରିଟେନ୍‌ର ହିଲ୍‌ସବରୋ ଷ୍ଟାଡିୟମରେ ଇଂଲିଶ ଏଫ.ଏଂ କପ୍ ସେମିଫାଇନାଲ୍ ମ୍ୟାଚ୍ ଚାଲିଥିବାବେଳେ ଦଳାଚକଟା ଘଟି ୯୬ ଜଣଙ୍କ ମୃତ୍ୟୁ ହେବା ସହ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।

**୧୯୯୦ ଜୁଲାଇ:** ହଜ୍ ଯାତ୍ରା ଶେଷରେ ଇଦ୍ ଅଲ୍-ଆଧା ପାଳନ ବେଳେ ସାଉଦି ଆରବର ମକ୍କା ସହର ନିକଟରେ ଥିବା ଅଲ୍ ମୁଇସେମ୍ ଟନେଲରେ ଦଳାଚକଟା ଘଟି ୧,୪୨୬ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

**୧୯୯୪ ମେ':** ହଜ୍ ଯାତ୍ରା ବେଳେ ସାଉଦି ଆରବର ଜମାରତ ବ୍ରିଜ୍ ନିକଟରେ ଦଳାଚକଟା ହେବାରୁ ୨୭୦ ଜଣ ପ୍ରାଣ ହରାଇଥିଲେ।

**୧୯୯୮ ଏପ୍ରିଲ:** ସାଉଦି ଆରବରେ ହଜ୍ ବେଳେ ଦଳାଚକଟାରେ ୧୧୯ ମୁସଲମାନ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

**୨୦୦୧ ମେ':** ଘାନାର ଆକ୍ରା ମୁଖ୍ୟ ଫୁଟ୍‌ବଲ ଷ୍ଟାଡିୟମରେ ଦଳାଚକଟା ଘଟି ଅନ୍ୟୂନ ୧୨୬ ଜଣଙ୍କ ଜୀବନ ଯାଇଥିଲା। ଫୁଟ୍‌ବଲ ମ୍ୟାଚ୍ ଚାଲିଥିବାବେଳେ ଦଙ୍ଗା ସୃଷ୍ଟିକାରୀ ପ୍ରଶଂସକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା।

**୨୦୦୪ ଫେବୃଆରୀ:** ସାଉଦି ଆରବର ଜମାରତ ବ୍ରିଜ୍ ନିକଟରେ ସଇତାନକୁ ପଥର ଫିଙ୍ଗା କାର୍ଯ୍ୟକ୍ରମ ବେଳେ ଦଳାଚକଟା ହେବାରୁ ୨୫୧ ମୁସଲମାନ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା।

**୨୦୦୫ ଜାନୁଆରୀ:** ମହାରାଷ୍ଟ୍ରର ଏକ ମନ୍ଦିରରେ ଦଳାଚକଟା ହୋଇ ୨୬୫ ଶ୍ରଦ୍ଧାଳୁ ପ୍ରାଣ ହରାଇଥିଲେ।

**୨୦୦୫ ଅଗଷ୍ଟ:** ଇରାକର ବାଗ୍‌ଦାଦ୍‌ରେ ଏକ କାର୍ଯ୍ୟକ୍ରମ ବେଳେ ଆତ୍ମଘାତୀ ବିସ୍ଫୋରଣ ଘଟିବା ନେଇ ଗୁଜବ ପ୍ରଚାର ହେବାରୁ ଟାଇଗ୍ରିସ୍ ନଦୀ ବ୍ରିଜ୍‌ରେ ଲୋକେ ଧାଁଦଉଡ଼ କରିବାରୁ ଦଳାଚକଟା ହୋଇଥିଲା। ଏଥିରେ ଅନ୍ୟୂନ ୧,୦୦୫ ଜଣ ପ୍ରାଣ ହରାଇଥିଲେ।

**୨୦୦୬ ଜାନୁଆରୀ:** ହଜ୍ ଯାତ୍ରା ବେଳେ ଜମାରତ ବ୍ରିଜ୍‌ର ପୂର୍ବ ପ୍ରବେଶ ପଥରେ ଦଳାଚକଟା ହେବାରୁ ୩୬୨ ଜଣ ମୁସଲମାନ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

**୨୦୦୮ ଅଗଷ୍ଟ:** ଭୂସ୍ଖଳନ ଗୁଜବକୁ ନେଇ ହିମାଚଳପ୍ରଦେଶର ନୈନା ଦେବୀ ମନ୍ଦିରରେ ଦଳାଚକଟା ଘଟିବାରୁ ୧୪୫ ଜଣଙ୍କ ମୃତ୍ୟୁ ହେବା ସହ ଶତାଧିକ ଆହତ ହୋଇଥିଲେ।

**୨୦୦୮ ସେପ୍ଟେମ୍ବର:** ରାଜସ୍ଥାନର ଯୋଧପୁର ସହର ନିକଟରେ ଥିବା ଚାମୁଣ୍ଡା ମନ୍ଦିରରେ ଦଳାଚକଟା ଘଟି ୧୪୭ ଜଣଙ୍କ ମୃତ୍ୟୁ ହୋଇଥିଲା।

**୨୦୧୦ ନଭେମ୍ବର:** କାମ୍ବୋଡ଼ିଆ ରାଜଧାନୀ ନମ୍‌ପେନ୍‌ରେ ୱାଟର ଫେଷ୍ଟିଭାଲର ଶେଷ ଦିନରେ ଏକ ବ୍ରିଜ୍‌ରେ ଦଳାଚକଟା ଘଟି ଅନ୍ୟୂନ ୩୫୦ ଲୋକଙ୍କ ମୃତ୍ୟୁ ହୋଇଥିଲା।

**୨୦୧୩ ଜାନୁଆରୀ:** ବ୍ରାଜିଲର ସାଣ୍ଟା ମାରିଆ ସହରରେ ଥିବା ଏକ ନାଇଟ୍ କ୍ଲବ୍‌ରେ ନିଆଁ ଲାଗିଯିବାରୁ ଦଳାଚକଟାରେ ୨୩୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ।

**୨୦୧୩ ଅକ୍ଟୋବର:** ମଧ୍ୟପ୍ରଦେଶର ଏକ ମନ୍ଦିର ନିକଟକୁ ଯାଇଥିବା ବ୍ରିଜ୍‌ର ରେଲିଂ ଭାଙ୍ଗିଯିବାରୁ ଦଳାଚକଟାରେ ୧୧୫ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୧୫ ସେପ୍ଟେମ୍ବର:** ହଜ୍‌ଯାତ୍ରାବେଳେ ସାଉଦି ଆରବରେ ଦଳାଚକଟା ଘଟି ୭୧୭ ଜଣ ପ୍ରାଣ ହରାଇବା ସହ ୮୬୩ ଜଣ ଆହତ ହୋଇଥିଲେ।

**୨୦୨୨ ଜାନୁଆରୀ:** କଶ୍ମୀରର ମାତା ବୈଷ୍ଣୋଦେବୀ ମନ୍ଦିର ନିକଟରେ ଦଳାଚକଟାରେ ୧୨ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା। ସେହି ମାସରେ ଲାଇବେରିଆ ରାଜଧାନୀ ମନରୋଭିଆ ଉପକଣ୍ଠରେ ଖ୍ରୀଷ୍ଟିଆନ୍‌ମାନଙ୍କ ଉପରେ ଉତ୍ସବ ଚାଲିଥିବାବେଳେ ଦଳାଚକଟା ହେବାରୁ ୨୯ ଜଣ ପ୍ରାଣ ହରାଇଥିଲେ।

**୨୦୨୨ ଅକ୍ଟୋବର:** ଇଣ୍ଡୋନେସିଆରେ ଏକ ଫୁଟ୍‌ବଲ ଷ୍ଟାଡିୟମ୍‌ରେ ଦଳାଚକଟା ଘଟି ୧୨୫ ଜଣଙ୍କ ମୃତ୍ୟୁ ହେବା ସହ ୩୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।




# ସାମାଜିକ ସୁରକ୍ଷା ଭତ୍ତା ସର୍ବନିମ୍ନ ୩ ହଜାର ହେବ: ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର,୨।୭(ଅନିଲ ଦାସ)

ବିଭିନ୍ନ ବର୍ଗରେ ଲୋକଙ୍କୁ ମିଳୁଥିବା ସାମାଜିକ ସୁରକ୍ଷା ଭତ୍ତା ପରିମାଣ ବୃଦ୍ଧି ପାଇବ। ଏହି ଭତ୍ତା ସର୍ବନିମ୍ନ ୩୦୦୦ ଟଙ୍କାକୁ ବୃଦ୍ଧି କରାଯିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଦିବ୍ୟାଙ୍ଗ ଭତ୍ତାକୁ ଗୁରୁତ୍ୱ ଦିଆଯିବ। ଏ ନେଇ ପ୍ରସ୍ତୁତି ଚାଲିଛି। ଏଥିପାଇଁ କେତେ ଅର୍ଥ ଆବଶ୍ୟକ ହେବ ସେ ନେଇ ଅର୍ଥ ବିଭାଗ ସହ ବିସ୍ତୃତ ଆଲୋଚନା କରାଯିବା ପରେ



ଏହାକୁ କାର୍ଯ୍ୟକାରୀ କରାଯିବ। ବିଭିନ୍ନ ବର୍ଗର ଭତ୍ତା ବଢ଼ାଇବାକୁ ସରକାର ଚିନ୍ତା କରୁଛନ୍ତି। ବିଭିନ୍ନ ବିଭାଗ ଅଧିକାରୀଙ୍କ ସହ ଏ ନେଇ ଆଲୋଚନା ଜାରି ରହିଛି। ଆଲୋଚନା ପରେ କେଉଁ ବର୍ଗର ଭତ୍ତାକୁ ବୃଦ୍ଧି କରାଯିବ ସେ ନେଇ ସ୍ପଷ୍ଟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଭତ୍ତା ବୃଦ୍ଧି କରିବାକୁ ସଙ୍କଳ୍ପପତ୍ରରେ ପ୍ରତିଶ୍ରୁତି ଦେଇଥିଲା। ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ବୟସ୍କ, ଦିବ୍ୟାଙ୍ଗ, ବିଧବା, ନିରାଶ୍ରୟମାନଙ୍କୁ ମାସିକ ଭତ୍ତା ସର୍ବନିମ୍ନ ୩ ହଜାର ଟଙ୍କା ଦେବା ସହ ୮୦ ପ୍ରତିଶତ ଅକ୍ଷମତା ଥିବା ଦିବ୍ୟାଙ୍ଗ ଏବଂ ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ୩୫୦୦ ଟଙ୍କା ପେନ୍‌ସନ ଦେବାକୁ ସଙ୍କଳ୍ପପତ୍ରରେ ଘୋଷଣା କରାଯାଇଛି। ଏହାକୁ ପୂରଣ କରିବାକୁ ଭାଜପା ସରକାର ଉଦ୍ୟମ ଆରମ୍ଭ କରିଛି।

# ବିରୋଧୀ ଦଳ ନେତାଙ୍କ ବ୍ୟକ୍ତିଗତ ସଚିବ ହେଲେ ଆଦିତ୍ୟ ମହାପାତ୍ର

ଭୁବନେଶ୍ୱର, ୨।୭(ସୁନିତ୍ ମିଶ୍ର)

ବରିଷ୍ଠ ଓଏଏସ୍ ଅଧିକାରୀ ଆଦିତ୍ୟ ମହାପାତ୍ର ଯେ କି ବର୍ତ୍ତମାନ ସଂସଦୀୟ ବ୍ୟାପାର ବିଭାଗରେ ଯୋଗଦେଇଛନ୍ତି ତାଙ୍କୁ ବିଧାନସଭାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ତାଙ୍କୁ ମଙ୍ଗଳବାର ଏହି ନୂଆ ନିଯୁକ୍ତି ମିଳିଥିବା ନେଇ ବିଜ୍ଞପ୍ତି ଜାରି କରାଯାଇଛି। ଆଦିତ୍ୟ ମହାପାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଥିଲେ।

# ୧୩ ଜିଲ୍ଲାରେ ନିଅଣ୍ଟିଆ ବର୍ଷା

## ୮ରେ ଘୂର୍ଣ୍ଣିବଳୟ, ବଢ଼ିବ ବର୍ଷା

ଭୁବନେଶ୍ୱର,୨।୭(ଅନିଲ ଦାସ)

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ରାଜ୍ୟକୁ ଜୁନ୍ ୮ ତାରିଖରେ ପ୍ରବେଶ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚାଷ ପାଇଁ ଭଲ ବର୍ଷା ହୋଇନାହିଁ। ସ୍ୱାଭାବିକଠାରୁ ୨୬ ପ୍ରତିଶତ କମ୍ ବର୍ଷା ହୋଇଛି। ଜୁନ୍ ପହିଲାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୨୨୬ ମିଲିମିଟର ବର୍ଷା ହେବା ଜାଗାରେ ହୋଇଛି ମାତ୍ର ୧୬୮.୮ ମିଲିମିଟର। ଅଧାରୁ ଅଧିକ ଜିଲ୍ଲାରେ ଏବେ ବର୍ଷା ନିଅଣ୍ଟିଆ ସ୍ଥିତି ଦେଇ ଗତିକରୁଛି। ମିଳିଥିବା ସୂଚନା ଅନୁଯାୟୀ, ଜୁନ୍ ପହିଲାରୁ ଜୁଲାଇ ୨ ତାରିଖ ମଧ୍ୟରେ ମୟୂରଭଞ୍ଜରେ ସ୍ୱାଭାବିକଠାରୁ ୬୫ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ଭଦ୍ରକ ୪୪, ବାଲେଶ୍ୱର ୫୭, ଅନୁଗୋଳ ୪୧, ଯାଜପୁର ୩୬, କେନ୍ଦୁଝର ୫୦, ପୁରୀ ୩୮, କେନ୍ଦ୍ରାପଡ଼ା ୩୯, ଝାରସୁଗୁଡ଼ା ୩୪, ମାଲକାନଗିରି ୩୫, ବରଗଡ଼ ୩୧, ସମ୍ବଲପୁର ୩୧ ଏବଂ ସୁନ୍ଦରଗଡ଼ରେ ୩୦ ପ୍ରତିଶତ କମ୍ ବର୍ଷା ହୋଇଛି। ଯଦିଓ ଗତ କିଛିଦିନ ହେବ ରାଜ୍ୟରେ ମୌସୁମୀଜନିତ ବର୍ଷା ହେଉଛି ତେବେ ତାହା ଚାଷ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ଆସନ୍ତା ୩ରୁ ୪ ଦିନ ଯାଏ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ମୋଟାମୋଟି ଭାବେ ଆସନ୍ତା ୭ ତାରିଖ ଯାଏ ରାଜ୍ୟକୁ ଭଲ ବର୍ଷା ମିଳିବ ନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ତେବେ ୮ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାଦ୍ୱାରା ମୌସୁମୀ ସକ୍ରିୟ ରହିବ। ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ପରିମାଣ ବଢ଼ିବ। ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ମେଘୁଆ ରହିଥିଲେ ମଧ୍ୟ ଗୋଟିଏ ଦୁଇଟି ଜାଗାରେ ହାଲୁକା ବର୍ଷା ହୋଇଛି।

# ପୋଲିସ ସହ ଗୁଳି ବିନିମୟ: ୫ ମାଓବାଦୀ ନିହତ

ମାଲକାନଗିରି, ୨।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁରରେ ପୋଲିସ ସହ ଗୁଳି ବିନିମୟରେ ମଙ୍ଗଳବାର ୫ ମାଓବାଦୀ ନିହତ ହୋଇଛନ୍ତି। ଛତିଶଗଡ଼ ନାରାୟଣପୁର ଜିଲା ଅବୁଝମାଡର ଘାମାଣ୍ଡି ଏବଂ କୁରେଭାଇ ଗ୍ରାମ ମଧ୍ୟରେ ଛତିଶଗଡ଼ର ୪ ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ ଏସ୍‌ଟିଏଫ୍, ଡିଆର୍‌ଜି ଓ ସିଆର୍‌ପିଏଫ୍ ଯବାନ ଓ ସ୍ଥାନୀୟ ପୋଲିସ ପକ୍ଷରୁ ଗତ ୩୦ ତାରିଖରୁ ତଲାସି ଆରମ୍ଭ କରିଥିଲେ। ଏହି ଅଭିଯାନ ୨ ଦିନ ଧରି ଜାରି ରହିଥିବା ବେଳେ ମଙ୍ଗଳବାର ଜଙ୍ଗଲରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଯେଉଁଥିରେ ମାଓବାଦୀମାନେ ଯବାନଙ୍କୁ ଦେଖି ଗୁଳି ଚାଳନା କରିଥିବା ବେଳେ ପୋଲିସ ପକ୍ଷରୁ ମଧ୍ୟ ପାଲଟା ଆକ୍ରମଣ ହୋଇଥିଲା। ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିବା ବେଳେ ସେଥିରେ ୫ ମାଓବାଦୀ ନିହତ ହୋଇଥିବା ଏବଂ ବହୁ ଆହତ ହୋଇଥିବା ସୂଚନା ମିଳିଛି। ଯବାନମାନେ ଫେରିବା ପରେ ସମସ୍ତ ତଥ୍ୟ ଜଣାପଡ଼ିବ ବୋଲି କୁହାଯାଇଛି। ଏହାସହ ଗୁଳି ବିନିମୟରେ କୌଣସି ଯବାନ ଆହତ ହୋଇ ନ ଥିବା ବସ୍ତରର ଆଇଜି ସୁନ୍ଦର ରାଜ ପି. ସୂଚନା ଦେଇଛନ୍ତି।

# 'କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ସାହିତ୍ୟକୃତି କାଳଜୟୀ'



ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବାଲିପାଟଣା,୨।୭ (ଅଭିମନ୍ୟୁ ନାୟକ)

ବିଶିଷ୍ଟ ସାହିତ୍ୟିକ ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ସାହିତ୍ୟ କୃତି କାଳଜୟୀ ହୋଇ ରହିବ। ସବୁଜ ଯୁଗରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ସାମ୍ୟବାଦୀ ଆନ୍ଦୋଳନର ସେ ଥିଲେ ଅଗ୍ରଗଣ୍ୟ ସାରଥୀ। ତାଙ୍କ ବାଗ୍ମିତା ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛି। ସେ ଏକାଧାରରେ ଜଣେ କବି, ପ୍ରାବନ୍ଧିକ, ଔପନ୍ୟାସିକ, ଗାଳ୍ପିକ ଓ ସାମ୍ୟବାଦୀ ଚେତନାର ସାଧକ ଥିଲେ। ତାଙ୍କ ସାହିତ୍ୟ କୃତି ହିନ୍ଦୀ ସାହିତ୍ୟ ଜଗତକୁ ପ୍ରଭାବିତ କରିଛି। ସେ ଓଡ଼ିଆଙ୍କ ମନସ୍ତତ୍ତ୍ୱକୁ ବୁଝି ଲେଖନୀ ଚାଳନା କରୁଥିଲେ ବୋଲି ମଙ୍ଗଳବାର ବାଲିପାଟଣାସ୍ଥିତ ଦୁର୍ଗାମାଧବ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡ.ପ୍ରତିଭା ମହାରଥୀ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସେହିପରି ମୁଖ୍ୟ ବକ୍ତା ସୁସାହିତ୍ୟିକା ଡ. ବିଦ୍ୟୁତ୍‌ପ୍ରଭା ଗନ୍ତାୟତ କହିଥିଲେ, କାଳିନ୍ଦୀଚରଣଙ୍କ ଲେଖନୀରୁ ଯେଉଁ କେତୋଟି ସାହିତ୍ୟ କୃତି ଜନ୍ମ ନେଇଛି ତନ୍ମଧ୍ୟରୁ ମାଟିର ମଣିଷ, ମାଂସର ବିଳାପ, ଲୁହାର ମଣିଷ ପରି ଅନେକ ଲେଖା ସମାଜକୁ ବିପଥଗାମୀରୁ ଉଧାରିବାକୁ ପ୍ରଚେଷ୍ଟା କରିଛି। ଡ.ମୁରଲୀଧର ସାହୁ ଅନ୍ୟତମ ବକ୍ତାଭାବେ ଯୋଗଦେଇ କହିଥିଲେ, କାଳିନ୍ଦୀଚରଣଙ୍କ ସାହିତ୍ୟ ସୃଷ୍ଟିର ବଳିଷ୍ଠତାକୁ ପରଖିବାକୁ ଗବେଷଣା ଜରୁରୀ। ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା କହିଥିଲେ, କାଳିନ୍ଦୀଚରଣଙ୍କ ଭଳି ନୀତିନିଷ୍ଠ ସାମ୍ୟବାଦୀ ସାହିତ୍ୟିକଙ୍କୁ ଏ ସମାଜ ଉପଯୁକ୍ତ ସମ୍ମାନ ଦେଇପାରିନାହିଁ। ସମୟର ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ କହିଥିଲେ, କାଳିନ୍ଦୀଚରଣଙ୍କ ସମସ୍ତ ସାହିତ୍ୟ କୃତି ଓଡ଼ିଶା ସାହିତ୍ୟ ଏକାଡେମୀ ପାଖରେ ନାହିଁ। ଏଥିପ୍ରତି ଦୃଷ୍ଟିଦେଇ ସଂଗ୍ରହ କରାଯାଉ। କବି ଅଭିମନ୍ୟୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ଡ.ଭବାନୀ ଶଙ୍କର ଦାଶ ଧନ୍ୟବାଦ ଦେଇଥିଲେ। ସାହିତ୍ୟ ଏକାଡେମୀ ପ୍ରତିନିଧି ଚିନ୍ମୟ ମିଶ୍ର ସଭା ପରିଚାଳନା କରିଥିଲେ।

# ଓଡ଼ିଶାର ସାର ଅଭାବ ଦୂର ପାଇଁ ଆଲୋଚନା

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଇଫ୍‌କୋ କମ୍ପାନୀ ମୁଖ୍ୟ



ପାରାଦୀପ,୨।୭ (ଶରତ ରାଉତ)

ଏସିଆ ମହାଦେଶର ସର୍ବବୃହତ୍ ସାର କାରଖାନା ଇଫ୍‌କୋ ପାରାଦୀପ ୟୁନିଟ ମୁଖ୍ୟ କେ.ଜେ ପଟେଲ ମଙ୍ଗଳବାର ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରିଛନ୍ତି। ଭୁବନେଶ୍ୱର ରାଜ୍ୟ ଅତିଥି ଭବନ ପରିସରରେ ହୋଇଥିବା ଏହି ସାକ୍ଷାତ୍‌କାର ବେଳେ ମୁଖ୍ୟମନ୍ତ୍ରୀ ମାଝୀ ଦୀର୍ଘ ସମୟ ଧରି କୃଷକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଓଡ଼ିଶାର ଚାଷୀଙ୍କୁ କିପରି ସାର ଠିକ୍ ସମୟରେ ଯୋଗାଇ ଦିଆଯିବ, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ପାରାଦୀପ ଇଫ୍‌କୋ ୟୁନିଟ ବିଶ୍ୱରେ ପ୍ରଥମ କରି ନାନୋ ତରଳ ସାର ଉତ୍ପାଦନ ଆରମ୍ଭ କରିଛି। ଉକ୍ତ ନାନୋ ସାର କୃଷି ଓ କୃଷକଙ୍କ ପାଇଁ ଅନେକ ଉପାଦେୟ ବୋଲି ଇଫ୍‌କୋ ମୁଖ୍ୟ ପଟେଲ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ବୁଝାଇଥିଲେ। ମାଝୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବାପରେ ଏହାଥିଲା ଦ୍ୱିତୀୟ କର୍ପୋରେଟ ସାକ୍ଷାତ। ଇଫ୍‌କୋ ବିଗତ ବର୍ଷରେ ଓଡ଼ିଶାର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ କରିଛି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା କ୍ଷେତ୍ରରେ ସବୁବେଳେ ପ୍ରଶାସନକୁ ସହଯୋଗ କରିଛି। ଏପରିକି କୋଭିଡ୍ ମହାମାରୀ ସମୟରେ ଅନେକ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଛି। ପ୍ରତିବର୍ଷ ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କ ପାଇଁ ପୁରୀ ପ୍ରଶାସନ ସହ ସହଯୋଗ କରିଛି ଏବଂ ଆଗାମୀ ଦିନରେ ମଧ୍ୟ ତାହା ବଳବତ୍ତର ରହିବ ବୋଲି ଲକ୍ଷ୍ୟ ରଖିଛି। ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ଶୃଙ୍ଖଳିତ କରିବା ପାଇଁ ସରକାର ଯେଉଁ ଦାୟିତ୍ୱ ଦେବେ, ଇଫ୍‌କୋ ସମ୍ମାନର ସହ ପାଳନ କରିବ ବୋଲି ପଟେଲ କହିଛନ୍ତି। ଶେଷରେ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ପାରାଦୀପ କାରଖାନା ଗସ୍ତ କରିବା ପାଇଁ ପଟେଲ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ଏଥିପାଇଁ ସମ୍ମତି ଜଣାଇଥିବା ପଟେଲ କହିଛନ୍ତି। ଏହି ସାକ୍ଷାତ୍‌କାର ଅବସରରେ ଇଫ୍‌କୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଉପସ୍ଥିତ ଥିଲେ।

# ଆଜିଠୁ ଏକକ ପିଜି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର, ୨।୭ (ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ବୁଧବାରଠାରୁ ଏକକ ପିଜି ପ୍ରବେଶିକା ପରୀକ୍ଷା(ସିପିଇଟି-୨୦୨୪) ଆରମ୍ଭ ହେବ। ଏହି ପରୀକ୍ଷା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଦିନକୁ ୩ଟି ଶିଫ୍ଟରେ ପରୀକ୍ଷା ହେବ। ପ୍ରଥମ ଶିଫ୍ଟ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ହେବାକୁ ଥିବାବେଳେ ଦ୍ୱିତୀୟ ଶିଫ୍ଟ ଅପରାହ୍ନ ସାଢ଼େ ୧୨ଟାରୁ ସାଢ଼େ ୧ଟା ଏବଂ ତୃତୀୟ ଶିଫ୍ଟ ଅପରାହ୍ନ ୩ଟାରୁ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତେବେ ପ୍ରତ୍ୟେକ ଶିଫ୍ଟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ୨ମିନିଟ୍ ଦିଆଯିବ। ସୂଚନାଯୋଗ୍ୟ, ରାଜ୍ୟରେ ପିଜି ନାମଲେଖା ପାଇଁ ମୋଟ ୧୧୨ଟି ଶିକ୍ଷାନୁଷ୍ଠାନରେ ୨୮,୯୦୬ଟି ସିଟ୍ ରହିଛି। ଏହି ସିଟ୍‌ରେ ନାମଲେଖା ପାଇଁ ୨୦୨୪-୨୫ରେ ଏକକ ପିଜି ପ୍ରବେଶିକା ପରୀକ୍ଷା ଦେବାକୁ ୬୩,୧୮୪ଜଣ ଆବେଦନ କରିଛନ୍ତି। ଏହି ପରୀକ୍ଷାକୁ ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ସଞ୍ଚାଳନ କରୁଛି। ୧୨ରୁ ୨୦ ତାରିଖ ମଧ୍ୟରେ ଛାତ୍ରୀଛାତ୍ର ସେମାନଙ୍କ ସ୍ନାତକ ବା ତତ୍ତୁଲ୍ୟ ମାର୍କ ଅପଡେଟ୍ କରିବେ। ତା'ପରେ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ତେବେ ମେରିଟ୍ ଲିଷ୍ଟ ପ୍ରକାଶ ତାରିଖ ସମ୍ପର୍କରେ ପରବର୍ତ୍ତୀ ସମୟରେ ସୂଚନା ଦିଆଯିବ। ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ଚୟନ ହୋଇଥିବା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇ ପାରିବେ। ଚଳିତବର୍ଷ ତିନୋଟି ପର୍ଯ୍ୟାୟରେ ନାମଲେଖା ହେବ। ପ୍ରତି ପର୍ଯ୍ୟାରେ ୪ ରାଉଣ୍ଡ୍‌ରେ ନାମଲେଖା ହେବ। ଶେଷ ରାଉଣ୍ଡ୍‌ରେ ସ୍ପଟ୍ ନାମଲେଖା କରାଯିବ। ଛାତ୍ରୀଛାତ୍ର ଯେଉଁ ରାଉଣ୍ଡ୍‌ରେ ନାମ ଲେଖାଇବାକୁ ଚୟନ ହେବେ, ସେହି ପର୍ଯ୍ୟାୟରେ ନାମ ଲେଖାଇବେ। ନଚେତ ପରବର୍ତ୍ତୀ ପର୍ଯ୍ୟାୟରେ ନାମଲେଖା ପ୍ରକ୍ରିୟାରୁ ବାଦ୍ ପଡ଼ିବେ। ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଚାହୁଁଥିଲେ ସ୍ଲାଇଡ୍ ଅପସନ୍ ଦେଇପାରିବେ। ଚଳିତବର୍ଷ ଓଡ଼ିଆ ବିଶ୍ୱବିଦ୍ୟାଳୟର ଏମ୍‌ଏ ପାଠ୍ୟକ୍ରମ ଓ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ (ପିଜି) ପାଠ୍ୟକ୍ରମରେ ନାମଲେଖା ପାଇଁ ମଧ୍ୟ ସିପିଇଟି ପରୀକ୍ଷା କରାଯାଉଛି।

# ବାଲେଶ୍ୱର ସହରରୁ କର୍ଫ୍ୟୁ ହଟିଲା

ବାଲେଶ୍ୱର, ୨।୭ (ମାନସ ବିଶ୍ୱାଳ)

ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ନେଇ ଅଶାନ୍ତ ହୋଇପଡିଥିବା ବାଲେଶ୍ୱର ସହରରୁ ୧୫ଦିନ ପରେ କର୍ଫ୍ୟୁ ହଟାଯାଇଛି। ବିଶେଷ କରି ବାଲେଶ୍ୱର ଟାଉନ, ସହଦେବଖୁଣ୍ଟା ଓ ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ କର୍ଫ୍ୟୁ ଲଗାଯାଇଥିଲା। ପ୍ରଥମେ ଶିଳ୍ପାଞ୍ଚଳ ଥାନାକୁ କର୍ଫ୍ୟୁମୁକ୍ତ କରାଯାଇଥିବା ବେଳେ ଟାଉନ୍ ଓ ସହଦେବଖୁଣ୍ଟା ଥାନା ଅଞ୍ଚଳରେ ସକାଳ ୫ରୁ ରାତି ୧୦ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇ କେବଳ ରାତ୍ରିକାଳୀନ କର୍ଫ୍ୟୁ(ରାତି ୧୦ରୁ ସକାଳ ୫ଟା ପର୍ଯ୍ୟନ୍ତ) ବଳବତ୍ତର ରହିଥିଲା। ମଙ୍ଗଳବାର ସନ୍ଧ୍ୟା ୭ଟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଆଶିଷ ଠାକ୍‌ରେ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଉପସ୍ଥିତ ରହି ମଙ୍ଗଳବାର ରାତିଠାରୁ ସହର କର୍ଫ୍ୟୁମୁକ୍ତ ହୋଇଥିବା ସୂଚନା ଦେଇଛନ୍ତି। ଜିଲାପାଳ ଠାକ୍‌ରେ କହିଛନ୍ତି ଯେ, ବାଲେଶ୍ୱର ସହରରେ ଦୁଇଟି ଥାନା ଅଞ୍ଚଳରେ ଚାଲିଥିବା ରାତ୍ରିକାଳୀନ କର୍ଫ୍ୟୁ ହଟାଇ ଦିଆଯାଇଛି। ତଥାପି ଉକ୍ତ ଅଞ୍ଚଳକୁ ପୋଲିସ ନଜରରେ ରଖାଯାଇଛି। ମାଇକ୍ରୋ ପିସ୍ କମିଟିର ମିଟିଂ ମାଧ୍ୟମରେ ପ୍ରତିଦିନ ବିଭିନ୍ନ ଅଧିକାରୀଙ୍କ ସହ ବସି ଆଲୋଚନା ଜାରି ରହିଛି। ପୋଲିସ ଏବଂ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା ଜାରି ରହିଛି। ମାଇକ୍ରୋ ପିସ୍ କମିଟିରେ ଅଞ୍ଚଳର ଅବସ୍ଥା ଭଲ ଥିବା ଜଣାପଡ଼ିଛି। ନିଜ ନିଜ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ଲୋକେ ଦାୟିତ୍ୱ ନେଉଛନ୍ତି। ଗତ ଶନିବାର ବିଭିନ୍ନ ଦଳ ଓ ବର୍ଗର ଲୋକଙ୍କୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ମଧ୍ୟ ସହରରେ ଶାନ୍ତି ଫେରାଇବା ଆଣିବା ପାଇଁ ଗୁରୁତ୍ୱାରୋପ କରାଯାଇ ଭାଇଚାରାର ସହର ବାଲେଶ୍ୱରକୁ ସ୍ୱାଭାବିକ ସ୍ଥିତିରେ ରଖାଯିବା ଉଦ୍ୟମ କରାଯାଇଥିବା କହିଥିଲେ। ଅନ୍ୟପକ୍ଷରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ କହିଛନ୍ତି, କର୍ଫ୍ୟୁ ଉଠିଥିଲେ ମଧ୍ୟ ପୋଲିସ ପ୍ରଶାସନ ଏହା ଉପରେ ସତର୍କ ନଜର ରଖିଛି। ଯେପରି ଏଭଳି କୌଣସି ଅଘଟଣ ନ ଘଟୁ। ଆଗାମୀ ଦିନରେ ମହାପ୍ରଭୁଙ୍କର ରଥଯାତ୍ରା ଏବଂ ମହରମ୍ ପର୍ବ ଆସୁଛି। ଏ ବାବଦରେ ଭିନ୍ନ ଭିନ୍ନ ଆଲୋଚନା ଜାରି ରହିଛି। ସୋସିଆଲ ମିଡ଼ିଆକୁ ବ୍ୟବହାର କରି କୌଣସି ଗୁଜବକୁ ପ୍ରଚାର ନ କରିବା ପାଇଁ ଅନୁରୋଧ କରିଛନ୍ତି, ଯଦି କରନ୍ତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଚେତାବନୀ ଦେଇଛନ୍ତି। ମିଛ ଗୁଜବ ମାଧ୍ୟମରେ କୌଣସି ଅଘଟଣ ପରିସ୍ଥିତିକୁ ଆଣିବା ପାଇଁ ଚେଷ୍ଟା କଲେ ନିଶ୍ଚିତ ଭାବେ ଗିରଫ କରାଯିବ। ଦୁଇ ସମ୍ପ୍ରଦାୟ ମଧ୍ୟରେ ଲାଗିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ମୋଟ୍ ୨୪ଟି ମାମଲା ରୁଜୁ କରାଯାଇ ୯୪ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି।

# ଛତୁ ତରକାରି ଖାଇ ପରିବାରର ୧୦ ଅସୁସ୍ଥ

ଖଡ଼ିଆଳ,୨।୭(ସୁଜିତ କୁମାର ପ୍ରଧାନ)

ଛତୁ ତରକାରି ଖାଇ ଗୋଟିଏ ପରିବାରର ୧୦ଜଣ ଅସୁସ୍ଥ ହୋଇଛନ୍ତି। ଏପରି ଏକ ଅଭାବନୀୟ ଘଟଣା ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ କିରିକିଟା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ବନ୍ଧପଡ଼ାରେ ରହୁଥିବା ପର୍ଶୁରାମ ମାଝି ସୋମବାର ନିଜ ଚାଷଜମିକୁ ଯାଇଥିବା ବେଳେ ଖଳାରେ ଫୁଟିଥିବା ପାଳ ଛତୁ ତୋଳି ଘରକୁ ଆଣିଥିଲେ। ତାଙ୍କ ସ୍ତ୍ରୀ ଛତୁ ରାନ୍ଧି ସମସ୍ତଙ୍କୁ ଖାଇବାକୁ ଦେଇଥିଲେ। ପରିବାରର ୧୦ଜଣ ଛତୁ ତରକାରି ଖାଇ ରାତିରେ ଶୋଇଥିଲେ। ହେଲେ ମଧ୍ୟରାତ୍ରରେ ସମସ୍ତଙ୍କୁ ଝାଡ଼ାବାନ୍ତି ହୋଇଥିଲା। ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଡକାଇ ଆକ୍ରାନ୍ତଙ୍କୁ ଖଡ଼ିଆଳ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ୬ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ହେବାରୁ ମଙ୍ଗଳବାର ମଧ୍ୟାହ୍ନରେ ଘରକୁ ଫେରିଛନ୍ତି। ଗୁରୁତର ଥିବା ଅନ୍ୟ ୪ଜଣ ପର୍ଶୁରାମ ମାଝି (୫୨), ଚୂଳମଣି ମାଝି (୨୫), ଲକ୍ଷ୍ମୀଧର ମାଝି (୨୦) ଓ ନୀଳାଦ୍ରି ମାଝି (୧୩)ଙ୍କୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଡାକ୍ତରୀ ଟିମ୍ ପ୍ରକାଶ କରିଛି।



**ଆଜିର ମନ୍ତବ୍ୟ**

"ଉତ୍ତରପ୍ରଦେଶର ସମସ୍ତ ୮୦ ଆସନରେ ଯଦି ଜିତିଥାନ୍ତି, ତଥାପି ଇଭିଏମ୍ ଉପରେ ବିଶ୍ୱାସ କରି ନ ଥାନ୍ତି। ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ଇଭିଏମ୍ ହଟିବ।"
– ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ ଓ ବାଡମିଣ୍ଟନ, ଭଲିବଲ୍ କୋର୍ଟ, ଯୋଗ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଓମେନ ଆଣ୍ଡ ଚିଲଡ୍ରେନ, ଲକ୍ଷ୍ମୀସାଗର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ରାଉଣ୍ଡ ଟେବୁଲ ଆଲୋଚନାଚକ୍ର, ସ୍ଥାନ: ଆଇଏଲ୍‌ଏସ୍ କମିଟି ରୁମ୍, ଚନ୍ଦ୍ରଶେଖରପୁର,ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ ଗଣବିକ୍ଷୋଭ, ସ୍ଥାନ: ଇପିଏଫ୍ କାର୍ଯ୍ୟାଳୟ ସମ୍ମୁଖ, ଜନପଥ,ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ମା' ଦୁଲ୍ଲାଦେବୀଙ୍କର ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଦୁଲ୍ଲାଦେବୀ ମନ୍ଦିର ପ୍ରାଙ୍ଗଣ, ଅନ୍ଦରପୁର, ସମୟ: ସକାଳ ୭ଟା।
- ଚେଲିତୋଳ କଲଚରାଲ ଏକାଡେମୀର ୩୩ତମ ବାର୍ଷିକ ଉତ୍ସବ, ସ୍ଥାନ: ଶାରଳା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ରୋଟାରି କ୍ଲବ ଅଫ୍ କଟକର ୭୯ତମ ଅଧିଷ୍ଠାନ ଦିବସ, ସ୍ଥାନ: ଆନେକ୍ସ-୧, କଟକ କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ, ସ୍ଥାନ: ବ୍ରହ୍ମଗିରି, ସମୟ: ପ୍ରାତଃ ୫ଟା ୩୦।
- ଦଇତା ସେବକଙ୍କ ରାଜ ପ୍ରାସାଦ ବିଜେ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀମନ୍ଦିର, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା
- ଜଟଣୀ ପୌରପରିଷଦ ପକ୍ଷରୁ ଏମ୍‌ପି ଏବଂ ବିଧାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ପୌର କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର
- ଭାଜପା ପକ୍ଷରୁ ହିନ୍ଦୁ ବିରୋଧୀ ମନ୍ତବ୍ୟ ପାଇଁ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ ଓ ପ୍ରତିବାଦ ସଭା, ସ୍ଥାନ: ଗାନ୍ଧି ଛକ, ବସ୍ତା, ବାଲେଶ୍ୱର, ସମୟ: ସକାଳ ୯ଟା।
- ବନ ମହୋତ୍ସବ କାର୍ଯ୍ୟକ୍ରମ ଉପଲକ୍ଷେ ଦିବ୍ୟାଙ୍ଗ ରାଜେନ୍ଦ୍ର କୁମାର ଜେନାଙ୍କ ଦ୍ୱାରା ଚାରାରୋପଣ, ସ୍ଥାନ: ନୀଳଗିରି ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ନୀଳଗିରି ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୁଖ୍ୟମନ୍ତ୍ରୀ ଉଦ୍ୟୋଗ ଯୋଜନାର ଜିଲ୍ଲାସ୍ତରୀୟ କର୍ମଶାଳା, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ଏଡ଼ିଏମ୍ ସ୍କୋୟାର, ରାଜାବଗିଚା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲ୍ଲାସ୍ତରୀୟ ଖରିଫ୍-୨୦୨୪ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ କର୍ମଶାଳା 'ସାମ୍ବାଦିକ ସୁରକ୍ଷା କେତେ ଜରୁରୀ', ସ୍ଥାନ: ନିଗମାନନ୍ଦ ସାରସ୍ୱତ ସଂଘ, କଲ୍ୟାଣୀ, ବାହାନଗା, ସମୟ: ପୂର୍ବାହ୍ନ ୧୧ଟା।
- ଘୋଷଯାତ୍ରା ଉପଲକ୍ଷେ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ , ନୀଳଗିରି, ସମୟ: ଅପରାହ୍ନ ୩ଟା।
- ଅଣସର ଦ୍ୱାଦଶୀ ଓ ରାଜ ପ୍ରସାଦ ବିଜେ, ସ୍ଥାନ: ଜଗନ୍ନାଥ ମନ୍ଦିର, ନୀଳଗିରି, ସମୟ: ରାତି ୮ଟା।

## ମୟୂରଭଞ୍ଜ
- ବରିଷ୍ଠ ନାଗରିକ ମଞ୍ଚର ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଖୁଣ୍ଟା ବ୍ଲକ ଅଧୀନ ତାଡକି ଉପ୍ରା ବିଦ୍ୟାଳୟ, ସମୟ:ସକାଳ ୯ଟା।
- ନାଗପାଳ-ନୂଆସାହି ବନ ସୁରକ୍ଷା ସମିତି ପକ୍ଷରୁ ଚାରାରୋପଣ, ସ୍ଥାନ: ଉଦଳା ବ୍ଲକ ଅଧୀନ ନୂଆସାହି ବନ ସୁରକ୍ଷା ସମିତି ପରିସର, ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଓଡିଏଫ୍ କର୍ମଶାଳା, ସ୍ଥାନ: ଭଣ୍ଡାରିପୋଖରୀ ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଯ୍ୟଟନ ବିଭାଗ ପକ୍ଷରୁ ଚାରାରୋପଣ, ସ୍ଥାନ: ହୋଟେଲ ପାନ୍ଥିକା ପରିସର, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- ଯୁବ ଯାଦବ ମହାସଭା ପକ୍ଷରୁ ବନ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ହଳଦୀଡିହ ବାଇପାସ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଲାଙ୍ଗୁଡ଼ି ଶିଶୁଯତ୍ନ ଅନୁଷ୍ଠାନ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା, ସ୍ଥାନ: ଅଣା ସ୍କୁଲ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ବନ ମହୋତ୍ସବ ସପ୍ତାହ ପାଳନ, ସ୍ଥାନ: ଧକୋଠା, ବ୍ଲକ୍ ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୧ ଟା।
- ମା' ଥାନାପତି ମନ୍ଦିରରେ ଯଜ୍ଞ ଏବଂ ପୂର୍ଣ୍ଣାହୂତି, ସ୍ଥାନ: ବଳଭଦ୍ରପୁର, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।।
- ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା, ସ୍ଥାନ: ସଡ଼ା ସ୍କୁଲ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ଆନନ୍ଦପୁର ଉପ ଜିଲାପାଳଙ୍କ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ, ସ୍ଥାନ: ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଚତୁର୍ଥ ପ୍ରହର ଅଧିବାସ, ନାମଯଜ୍ଞ, ସ୍ଥାନ: ଗୋବିନ୍ଦପୁରା, ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।
- ବିରଞ୍ଚି ନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଏବଂ ମହାମନ୍ତ୍ର ନାମଯଜ୍ଞ, ସ୍ଥାନ:ଇଂଚୋଳ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ବ୍ରହ୍ମପୁର
- କଳାକାର ଶୋଭାଯାତ୍ରା, ସ୍ଥାନ: ହିଲପାଟଣା ସଂସ୍କୃତି ଭବନଠାରୁ ଆରମ୍ଭ, ସମୟ: ପୂର୍ବାହ୍ନ ୧୦ଟା।
- ସାହାରା ଜମାକାରୀ ମଞ୍ଚ ବୈଠକ, ସ୍ଥାନ:ବିଜିପୁର ସନ୍ତୋଷୀ ମା' ମନ୍ଦିର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଆସିକା ବିଧାୟକଙ୍କ କୃତଜ୍ଞତା ଶୋଭାଯାତ୍ରା, ସ୍ଥାନ: ଆସିକା ବ୍ଲକ ବରଗାଁ ପଞ୍ଚାୟତ, ସମୟ ଅପରାହ୍ନ ୪ଟା।

## ରାୟଗଡ଼ା
- ବନ ମହୋତ୍ସବ ଉପଲକ୍ଷେ ଚାରା ରୋପଣ କାର୍ଯ୍ୟକ୍ର, ସ୍ଥାନ: ଜାମୁଗୁଡା, ଟିକିରି ହାଇସ୍କୁଲ, ସମୟ: ସକାଳ ୭ ଟା।
- ଦେବଉୋର ବିଭାଗ କମିଟିର ରଥଯାତ୍ରା ନିମନ୍ତେ କ୍ଷେତ୍ର ପରିଦର୍ଶନ, ସ୍ଥାନ: ଜଗନ୍ନାଥ ମନ୍ଦିରରୁ ଗୁଣ୍ଡିଚା ମନ୍ଦିର ରାସ୍ତା, ସମୟ: ଅପରାହ୍ନ ୪ ଟାରୁ ୫ଟା।

## ନବରଙ୍ଗପୁର
- ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ 'ଏକ ପେଡ ମାଆ କେ ନାମ୍' କାର୍ଯ୍ୟକ୍ରମ, ସ୍ଥାନ: ବଦ୍ରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଝରିଗାଁ ବନ ବିଭାଗ ତରଫରୁ ବନ ମହୋତ୍ସବ, ସ୍ଥାନ: ଝରିଗାଁ ଭୂତପୂର୍ବ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ୧୦ଟା। ସ୍ଥାନ: କୁଟୁରିଛାପର ଏବଂ ଇଚ୍ଛାପୁର ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧:୩୦।
- ଜିଲା ଶିଶୁ ମଙ୍ଗଳ କମିଟି ବୈଠକ, ସ୍ଥାନ: ମିଶନ ଶକ୍ତି ସଭାଗୃହ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : ବୁଢ଼ାରଜା ପାହାଡ, ସମୟ : ସକାଳ ୮ଟା।
- ଜିଲାସ୍ତରୀୟ ଶ୍ରୀଅରବିନ୍ଦ କର୍ମ ଶିବିର, ଶ୍ରୀଅରବିନ୍ଦ ସ୍କୁଲ ସଭାକକ୍ଷ, ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ବାଲିଶଙ୍କରା ବ୍ଲକ ବନ୍ଧବାହାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବଲାଙ୍ଗୀର
- ଶୁଟିଂ ତାଲିମ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନିଟ।
- ସାମୂହିକ ବୃକ୍ଷରୋପଣ, ସ୍ଥାନ: ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା କଲେଜ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ କିଶନ ସବୁଜ ସପ୍ତାହ ପାଳନର ତୃତୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତାଲଝରନ୍, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦ ମିନିଟ।

## ସୁବର୍ଣ୍ଣପୁର
- ତରଭା ରଥଯାତ୍ରାରେ ପ୍ରତ୍ୟହ ଉପାୟନ ଭୋଗ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ତରଭା ଏନ୍‌ଏସି ସଭାଗୃହ, ପୂର୍ବାହ୍ନ ୧୧ଟା।
- ମଦ ବିକ୍ରି ବନ୍ଦ ପାଇଁ ମହିଳାଙ୍କ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଦୁଗୁଦା, ବୀରମହାରାଜପୁର, ସମୟ: ଅପରାହ୍ନ ୪ଟା।

## ବରଗଡ଼
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(କୌଶଳୀ), ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମପୁର। ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ବିଭିନ୍ନ କାର୍ଯ୍ୟକ୍ରମ ନେଇ ବୈଠକ, ସ୍ଥାନ: ସହରସ୍ଥିତ ଭିମଯୋର୍ ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଶ୍ରୀପୁରା ଗ୍ରାମ ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୨୫।

## ରାଉରକେଲା
- ବେଦବ୍ୟାସ ଗୁରୁକୁଳ ସଂସ୍କୃତ କଲେଜରେ ନୂତନ ଆଇନ କର୍ମଶାଳା, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ପାୱାର ହାଉସ ରୋଡସ୍ଥିତ ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆରୋଗ୍ୟ ନିଧି ଅନୁଷ୍ଠାନ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପାୱାର ହାଉସ ରୋଡ଼ସ୍ଥିତ ଅନୁଷ୍ଠାନ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ପକ୍ଷରୁ ସାତ ଦିନିଆ ଯୋଗ ଶିବିର, ସ୍ଥାନ: ସଂସ୍କୃତି ଭବନ, ଦେବଗଡ, ସମୟ: ପ୍ରାତଃ ୫ଟା।
- ଧାନ ଚାଷରେ ରୋଗ ପୋକ ପରିଚାଳନା ସମ୍ପର୍କିତ କୃଷକ ବୈଜ୍ଞାନିକ ମତ ବିନିମୟ କାର୍ଯ୍ୟକ୍ରମ, ସ୍ଥାନ: କୃଷି କାର୍ଯ୍ୟାଳୟ କନଫରେନ୍ସ ହଲ ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବନ ମହୋତ୍ସବ ସପ୍ତାହ ପାଳନ, ମା'ଙ୍କ ନାମରେ ଗଛ ଟିଏ, ସ୍ଥାନ: ରିଆମାଳ ବ୍ଲକ ବନାଞ୍ଚଳ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଧର୍ମଗଡ ବିଧାୟକଙ୍କୁ କୋକସରା କଳାକାର ସଂଘ ପକ୍ଷରୁ ସମ୍ବର୍ଦ୍ଧନା, ସ୍ଥାନ: କୋକସରା ମଣ୍ଡି, ସମୟ: ପୂର୍ବାହ୍ନ ୧୦ଟା।
- ଭବାନୀପାଟଣା ବିଧାୟକଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: କୁପାଗାଁ, ଜୁନାଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଏକାଦଶୀ ଉପଲକ୍ଷେ ଶ୍ରୀମଦ୍ ଭାଗବତ ପୁରାଣ ପାଠ, ସ୍ଥାନ: ବୋଡେନ ବ୍ଲକ ରୋକାଳ ପଞ୍ଚାୟତ ତାରାପୁର ଗାଁ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।

## ବୌଦ୍ଧ
- ବନ ମହୋତ୍ସବ ପାଳନ, ସ୍ଥାନ: ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପୁରୁଣାକଟକ, ହରଭଙ୍ଗା, ସମୟ: ସକାଳ ୮ଟା।

## ଢେଙ୍କାନାଳ
- ଢେଙ୍କାନାଳ ପୌର ପରିଷଦର ସାଧାରଣ ବୈଠକ, ସ୍ଥାନ: ପୌର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ
- ରକ୍ତଦାନ ଶିବିର, ସ୍ଥାନ:ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ରାଜକିଶୋରପଡା ଅନୁଗୋଳ, ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର
- ବିଧାୟକଙ୍କ ବ୍ଲକ ସମୀକ୍ଷା ବୈଠକ, ସ୍ଥାନ: ନାଉଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ଜିଲାସ୍ତରୀୟ ପରିବେଶବିତ୍ ସମ୍ମିଳନୀ, ସ୍ଥାନ: ଓଡ଼ଗାଁ ପଥରା ଛକ ନିକଟସ୍ଥ ଡ୍ରାଗନ ଗାର୍ଡେନ, ସମୟ:ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା
- ଶ୍ରୀ ବାବା ବେଲେଙ୍କେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କାକଟିଆ, ଚାନ୍ଦୋଳ, ଡେରାବିଶ, ସମୟ: ସକାଳ ୬ଟା।
- ନୂତନ ଉପନିବନ୍ଧକ କାର୍ଯ୍ୟାଳୟର ଉଦ୍‌ଘାଟନ, ସ୍ଥାନ: ତହସିଲ କାର୍ଯ୍ୟାଳୟ ପରିସର, ମହାକାଳପଡା, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ବଡମୂଳବସନ୍ତ, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

# ଖିଲାପୀ ତାଲିକାରେ ଓଡ଼ିଶାର ୮ ସରକାରୀ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୨।୭(ଅସମାପିକା ସାହୁ)**

### ଲୋକପାଳ ନିଯୁକ୍ତ କରୁନାହାନ୍ତି ବିଶ୍ୱବିଦ୍ୟାଳୟ

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିୟମ ମାନୁନାହାନ୍ତି ଉଚ୍ଚ ଶିକ୍ଷାନୁଷ୍ଠାନ। ବିଶ୍ୱବିଦ୍ୟାଳୟଗୁଡ଼ିକ ଲୋକପାଳ ନିଯୁକ୍ତି ପାଇଁ ନିୟମ ରହିଥିଲେ ମଧ୍ୟ ତାହା ପାଳନ ହେଉନାହିଁ। ବାରମ୍ବାର ତାଗିଦା ସତ୍ତ୍ୱେ ଏଯାଏ ଅନେକ ବିଶ୍ୱବିଦ୍ୟାଳୟ ଲୋକପାଳ ନିଯୁକ୍ତ କରିନାହାନ୍ତି। ଏହାକୁ ନେଇ ୟୁଜିସି ଉଦ୍‌ବେଗ ପ୍ରକାଶ କରିଛି। ଏଥିସହିତ ଛାତ୍ରୀଛାତ୍ରଙ୍କ ଅଭିଯୋଗ ସମାଧାନ ନିୟମାବଳୀ ୨୦୨୩ ଅନୁସାରେ ଲୋକପାଳ ନିଯୁକ୍ତ କରିବାରେ ବିଫଳ ହୋଇଥିବା ବିଶ୍ୱବିଦ୍ୟାଳୟଗୁଡ଼ିକର ତାଲିକା ଜାରି କରିଛି। ଖିଲାପୀ ତାଲିକାରେ ଭାରତର ବହୁ ସରକାରୀ ଓ ବେସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନ ରହିଥିବାବେଳେ ଏ ନେଇ ୟୁଜିସି ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ, ଦେଶର ୪୬ଟି ସରକାରୀ ଓ ୬ଟି ଘରୋଇ ବିଶ୍ୱବିଦ୍ୟାଳୟ ଲୋକପାଳ ନିଯୁକ୍ତ କରିନାହାନ୍ତି। ତେବେ ଏହି ଖିଲାପୀ ତାଲିକାରେ ଓଡ଼ିଶାର ୮ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଥିବା ଉଲ୍ଲେଖ ରହିଛି। ସେଗୁଡ଼ିକ ହେଲା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଆଇଆଇଆଇଟି, କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ। ୟୁଜିସିର ନିୟମ ଅନୁସାରେ, ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ଅଭିଯୋଗ ସମାଧାନ ପାଇଁ ଏକ କମିଟି ଗଠନର ବ୍ୟବସ୍ଥା ରହିଛି। ଏଥିରେ ନାମଲେଖା, ପରୀକ୍ଷା, ଦେୟ, ନିର୍ଯାତନା ଆଦି ସମ୍ପର୍କରେ ଛାତ୍ରୀଛାତ୍ର ଅଭିଯୋଗ କରିପାରିବେ। ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅଭିଯୋଗର ସମାଧାନ ପାଇଁ ଜଣେ ଲୋକପାଳ ନିଯୁକ୍ତ କରିବାକୁ କୁହାଯାଇଥିଲା। ବିଶ୍ୱବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ମହାବିଦ୍ୟାଳୟ ବା ଅନୁଷ୍ଠାନର ଛାତ୍ରୀଛାତ୍ର ଲୋକପାଳଙ୍କ ନିକଟରେ ଆବେଦନ କରିପାରିବେ। ଶିକ୍ଷାନୁଷ୍ଠାନ କମିଟି ଦ୍ୱାରା ଅଭିଯୋଗର ସମାଧାନନିର୍ଦ୍ଧାରିତସମୟରେନହୋଇପାରିଲେ,ସେମାନଙ୍କୁ ଲୋକପାଳଙ୍କ ନିକଟରେ ଆବେଦନ ପାଇଁ ସୁଯୋଗ ମିଳିବ।

# ଏଫସିଆଇ ମହାପ୍ରବନ୍ଧକଙ୍କ ସମେତ ୪ ଗିରଫ

**ଭୁବନେଶ୍ୱର,୨।୭(ସତ୍ୟଜିତ୍ ରାଉତ)**

### ଚାଉଳ ପରିବହନ ଠିକା ପାଇଁ ୧ ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ସିବିଆଇର ତନାଘନା

କୋଲକାତାର ଏକ ଘରୋଇ ଫାର୍ମକୁ ଚାଉଳ ପରିବହନ ଠିକା ପାଇଁ ୧ ଲକ୍ଷ ଟଙ୍କାର ଲାଞ୍ଚ କାରବାର ଘଟଣାକୁ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତନାଘନା ଚଳାଇଛି। ମଙ୍ଗଳବାର ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)ର ଓଡ଼ିଶା କ୍ଷେତ୍ର ମହାପ୍ରବନ୍ଧକ ପ୍ରେମ ସିଂ ଭନୋତ୍ ଓ ଆକାଉଣ୍ଟସ ମ୍ୟାନେଜର ସଞ୍ଜୟ ଦେଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ଅନ୍ୟ ୨ ଅଭିଯୁକ୍ତ ହେଲେ କୋଲକାତାର ସମ୍ପୃକ୍ତ ଠିକା ସଂସ୍ଥା ମେସର୍ସ ଏସ୍‌ପି ଟ୍ରେଡର୍ସ ଏଣ୍ଡ ସପ୍ଲାୟର୍ସ ପ୍ରାଇଭେଟ୍ ଲିଃର ପ୍ରୋପ୍ରାଇଟର ମାଲିନା ଦେ ଓରଫ ସୌମୀ ଭଟ୍ଟାଚାର୍ଯ୍ୟ ଓ ମଧ୍ୟସ୍ଥ କୋଲକାତାର ସୟେଦ ହସନେନ୍ ଅହମ୍ମଦ। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ସଂସ୍ଥା ଚାଉଳ ପରିବହନ ଠିକା ପାଇଁ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିଲା। ଏଫ୍‌ସିଆଇର ମହାପ୍ରବନ୍ଧକ ପ୍ରେମ ସିଂ ଅନ୍ୟ ଅଭିଯୁକ୍ତଙ୍କ ସହଯୋଗରେ ସମ୍ପୃକ୍ତ ଠିକା ସଂସ୍ଥାକୁ ପରିବହନ ଠିକା ଦେଇଥିଲେ। ହେଲେ କାର୍ଯ୍ୟାଦେଶ ଦେବା ପାଇଁ ପ୍ରେମ ସିଂ ୫ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ୧ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ସିବିଆଇ ଟିମ୍ ଗତ ଜୁନ୍ ୨୯ରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା। ତେବେ ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ସିବିଆଇ ସେମାନଙ୍କୁ ଜୁଲାଇ ୬ ପର୍ଯ୍ୟନ୍ତ ରିମାଣ୍ଡରେ ନେଇ ପଚରାଉଚରା କରୁଛି। ଏହି ମାମଲାରେ ସିବିଆଇ ପକ୍ଷରୁ ହାଇଦ୍ରାବାଦ, କୋଲକାତା ଓ ଭୁବନେଶ୍ୱରରେ ଚଢ଼ାଉ କରାଯାଇ ୫ ଲକ୍ଷ ଟଙ୍କା, ଲକର ଚାବି, ମୋବାଇଲ ଫୋନ୍ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ତେବେ ୪ ଅଭିଯୁକ୍ତଙ୍କ ସମେତ କୋଲକାତାର ଆଉ ଜଣେ ମଧ୍ୟସ୍ଥ, ଅନ୍ୟ କେତେଜଣ ବ୍ୟକ୍ତି ଓ ସଂସ୍ଥା ବିରୋଧରେ ସିବିଆଇ ମାମଲା ରୁଜୁ କରିଛି।

ପ୍ରଥମ ପୃଷ୍ଠାରୁ...

### ସତ୍‌ସଙ୍ଗରେ ଦଳାଚକଟା...

ତୁଳନାରେ ସ୍ଥାନ ବହୁତ ଛୋଟ ଥିଲା। ବାବା ପ୍ରବଚନ ଦେଇସାରିବା ପରେ ତାଙ୍କ ପାଦ ଛୁଇଁବା ପାଇଁ ଲୋକେ ଧାଇଁଯାଇଥିଲେ। ଏକ ସଂକୀର୍ଣ୍ଣ ବାଟ ଦେଇ ଫେରିବା ବେଳେ ସେମାନେ ଠେଲାପେଲାରେ ପରସ୍ପର ଉପର ପଡ଼ିଯାଇଥିଲେ ଓ ଦଳାଚକଟାରେ ପ୍ରାଣ ହରାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପଶ୍ଚିମ ୟୁପିର ଭୋଲେ ବାବା ଖୁବ୍ ଲୋକପ୍ରିୟ, ଯାହାଙ୍କ ପ୍ରବଚନ ଶୁଣିବା ପାଇଁ ବିଭିନ୍ନ ରାଜ୍ୟରୁ ହଜାର ହଜାର ଲୋକ ଏକତ୍ରିତ ହୋଇଥାନ୍ତି। ତାଙ୍କର ପ୍ରକୃତ ନାମ ସୂରଜପାଲ ହୋଇଥିବାବେଳେ ଲୋକେ ତାଙ୍କୁ ହରି ଭୋଲେ ବାବା ଭାବେ ଜାଣନ୍ତି। କାସଗଞ୍ଜର ପଟିୟାଲି ଗ୍ରାମରେ ରହୁଥିବା ବାବାଙ୍କର ସେଠାରେ ଏକ ଆଶ୍ରମ ରହିଛି। ସେ ୧୮ ବର୍ଷ ପୂର୍ବରୁ ଗୋଇନ୍ଦା ବିଭାଗରେ ଚାକିରି କରିଥିଲେ। ୨୦୦୬ରେ ସେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ବୁଲି ବୁଲି ଭଗବାନଙ୍କ ଭକ୍ତିର ପ୍ରସାର କରିଥିଲେ। ଧୀରେ ଧୀରେ ସେ ସତ୍‌ସଙ୍ଗ ଆୟୋଜନ କରିବା ସହ ଉତ୍ତରପ୍ରଦେଶରେ ବେଶ୍ ଲୋକପ୍ରିୟ ହୋଇଯାଇଥିଲେ।

### ଲୋକ ସଭାରେ ହେଉ...

ଗୁରୁତ୍ୱ ଏବଂ ଜରୁରୀ ଆବଶ୍ୟକତା ଦୃଷ୍ଟିରୁ ବୁଧବାର ଗୃହରେ ଏହା ଉପରେ ଆଲୋଚନା ହେବା ପାଇଁ ସେ ଅନୁରୋଧ କରିଛନ୍ତି। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥରେ ଯଦି ପ୍ରଧାନମନ୍ତ୍ରୀ ଆଲୋଚନାର ନେତୃତ୍ୱ ନିଅନ୍ତି, ତେବେ ଭଲ ହେବ ବୋଲି ବିଶ୍ୱାସ କରୁଥିବା ରାହୁଲ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ମେ' ୫ରେ ଅନୁଷ୍ଠିତ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ୨୪ ଲକ୍ଷ ଛାତ୍ରୀଛାତ୍ର ଭାଗ ନେଇଥିଲେ। ତେବେ ୬୮ ଜଣ ସମ୍ପୂର୍ଣ୍ଣ ଶତ ପ୍ରତିଶତ ନମ୍ବର ରଖି ର୍ୟାଙ୍କ୍ ୱାନ୍‌ରେ ସ୍ଥାନ ପାଇବା ପରେ ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ ଆସିଥିଲା। ପରେ ବିହାର, ଗୁଜରାଟ ଓ ଅନ୍ୟ ରାଜ୍ୟରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିବା ପରେ ସିବିଆଇ ତଦନ୍ତ ଦାୟିତ୍ୱ ଗ୍ରହଣ କରିଛି। ପରୀକ୍ଷାକୁ ବାତିଲ କରି ପୁନର୍ବାର ଏନ୍‌ଇଇଟି-ୟୁଜି ପରୀକ୍ଷା କରାଇବା ସହ ଏନ୍‌ଟିଏର ଉଚ୍ଛେଦ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି।

### ଭାଜପାର ପ୍ରତିବାଦ...

ମୁଣ୍ଡ ଫାଟିଥିବା କର୍ମୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ଯୁବମୋର୍ଚ୍ଚା ପକ୍ଷରୁ କ୍ୟାପିଟାଲ ଥାନାରେ ଏକ ଏତଲା ଦାୟର କରାଯାଇଥିବା ଜଣାପଡ଼ିଛି। ଏନେଇ ଜଣେ ଭାଜପା କର୍ମୀ କହିଛନ୍ତି, ଗଣତନ୍ତ୍ରର ସର୍ବୋଚ୍ଚ ଗୃହରେ ଯେଉଁଭଳି ଭାବେ ବିରୋଧୀ ଦଳ ନେତା ହୀନ ମନ୍ତବ୍ୟ ଦେଇଛନ୍ତି ଏହାଦ୍ୱାରା କୋଟି କୋଟି ହିନ୍ଦୁଙ୍କ ଭାବନାକୁ ସେ କୁଠାରାଘାତ କରିଛନ୍ତି। ଦେବଦେବୀଙ୍କ ସହ ସେ ସବୁବେଳେ ଅନ୍ୟାୟ ଅତ୍ୟାଚାର କରିଛନ୍ତି। ଆଗାମୀ ଦିନରେ ଯଦି କଂଗ୍ରେସର ସର୍ବୋଚ୍ଚ ନେତା ପ୍ରତ୍ୟେକ ହିନ୍ଦୁଙ୍କ ଆଗରେ କ୍ଷମା ପ୍ରାର୍ଥନା ନ କରନ୍ତି ତେବେ ଭାଜପା ପକ୍ଷରୁ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସେ କହିଛନ୍ତି। ତେବେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ସମସ୍ତଙ୍କର ପ୍ରତିବାଦ କରିବାର ଅଧିକାର ଅଛି। ସମସ୍ତେ ନିଜ ଦାବିକୁ ମଧ୍ୟ ଉପସ୍ଥାପିତ କରିପାରିବେ। ହେଲେ ଭାଜପା ଯେଉଁଭଳି ପ୍ରତିବାଦ କରିଛି ସେମିତି କୌଣସି ରାଜ୍ୟରେ ଦେଖାଯାଇ ନ ଥିଲା। ସାଧାରଣ ଲୋକମାନେ ଏହାକୁ ଦେଖୁଛନ୍ତି, ନିଶ୍ଚୟ ଏହାର ଜବାବ ଦେବେ ବୋଲି ୟାସିର କହିଛନ୍ତି।

ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା କହିଛନ୍ତି, ରାହୁଲ ଗାନ୍ଧୀ ପାର୍ଲାମେଣ୍ଟରେ କହିଥିଲେ ଯେ ହିନ୍ଦୁମାନେ ହିଂସା ଉପରେ ବିଶ୍ୱାସ କରନ୍ତି। ଆଜି ରାଜ୍ୟ କଂଗ୍ରେସ ନେତା ଓ କର୍ମୀ ପ୍ରମାଣ କରିଦେଲେ ତାଙ୍କ ଦଳ ହିଁ ହିଂସା ଉପରେ ବିଶ୍ୱାସକରେ। ରାହୁଲ ସମସ୍ତ ହିନ୍ଦୁ ସମାଜ ଆଗରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ। ଏହାସହ ଯେଉଁମାନେ ଆଜି ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ଆକ୍ରମଣ କରିଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ଅଭିଲାଷ ଦାବି କରିଛନ୍ତି। ଅନ୍ୟପଟେ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ଲାଗି ପୋଲିସ ପ୍ରତିବାଦକାରୀଙ୍କୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲା। ପ୍ରାୟ ୨୫ରୁ ୩୦ ମିନିଟ୍ ପରେ ପରିସ୍ଥିତି ଶାନ୍ତ ପଡିଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ଏହି ସମୟ ମଧ୍ୟରେ ଉଭୟ ଭାଜପା ଏବଂ କଂଗ୍ରେସ କର୍ମୀମାନେ ପରସ୍ପର ବିରୋଧରେ ପ୍ରବଳ ନାରାବାଜି ଏବଂ ପ୍ରତିବାଦ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଉଭୟ ପକ୍ଷରୁ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଥିଲା। ଭାଜପା ପକ୍ଷରୁ ହୋଇଥିବା ଅଭିଯୋଗରେ ପୋଲିସ ନଂ. ୩୪୫/୨୦୨୪ରେ ଏକ ମାମଲା ରୁଜୁ କରିଥିବାବେଳେ କଂଗ୍ରେସ ପକ୍ଷରୁ ହୋଇଥିବା ଅଭିଯୋଗକୁ ଆଧାର କରି ନଂ.୩୪୬/୨୦୨୪ ରୁଜୁ କରି ତଦନ୍ତ ଜାରି ରଖିଛି।

### ୭, ୮ ରଥଯାତ୍ରା ତ୍ରୁଟି...

ବୈଠକରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ପୁରୀରେ ପହଞ୍ଚିଥିଲେ। ସ୍ଥାନୀୟ ଟାଉନ୍ ହଲ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ତ୍ରୁଟିଶୂନ୍ୟ ଭାବେ ରଥଯାତ୍ରା ସମ୍ପନ୍ନ ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ମହାପ୍ରଭୁଙ୍କ ସେବାକୁ ଜୀବନର ବ୍ରତ ଭାବେ ପାଳନ କରିବାକୁ ସରକାରୀ ଅଧିକାରୀମାନଙ୍କୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ୨ ଉପମୁଖ୍ୟମନ୍ତ୍ରୀ, ବିଭିନ୍ନ ବିଭାଗର ମନ୍ତ୍ରୀ, ଜିଲାର ସମସ୍ତ ବିଧାୟକ, ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି, ସେବାୟତଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ରଥ ନିର୍ମାଣ ଅଗ୍ରଗତି, ନୀତିକାନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ପାନୀୟ ଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପରିବହନ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ସବିଶେଷ ଭାବେ ଆଲୋଚନା ହୋଇଛି।

### ପ୍ରୀତି ପାଣିଗ୍ରାହୀଙ୍କ ଫିଲ୍ମକୁ...

ଅଭିନେତ୍ରୀ ପ୍ରୀତି ପାଣିଗ୍ରାହୀ ଡେବ୍ୟୁ କରିଛନ୍ତି। ଏହି ଚଳଚ୍ଚିତ୍ରରେ ମୀରା ନାମ୍ନୀ ଜଣେ ୧୬ ବର୍ଷୀୟା କିଶୋରୀ ବୋର୍ଡିଂ ସ୍କୁଲରେ ପଢୁଥିବା ସମୟରେ ଜଣେ ସାଥୀ ଛାତ୍ରଙ୍କ ପ୍ରତି ଆକର୍ଷିତ ହୁଅନ୍ତି। ଉଭୟଙ୍କର ପ୍ରେମ ସମ୍ପର୍କରେ ମୀରା ଓ ତାଙ୍କ ମା'ଙ୍କ ମଧ୍ୟରେ ଦେଖାଯାଇଥିବା ତିକ୍ତତାକୁ ଏହି ଫିଲ୍ମରେ ଭଲ ଭାବେ ଦର୍ଶାଯାଇଛି। ତେବେ ପୂର୍ବରୁ ମଧ୍ୟ ଏହି ଫିଲ୍ମ ଅନେକ ପୁରସ୍କାରରେ ସମ୍ମାନିତ ହୋଇଛି। ରୋମାନିଆରେ ଅନୁଷ୍ଠିତ ହୋଇଥିବା ଟ୍ରାନ୍ସିଲ୍‌ଭାନିଆ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ 'ଗର୍ଲସ୍ ୱିଲ୍ ବି ଗର୍ଲସ୍' ଗ୍ରାଣ୍ଡ ଜୁରି ପୁରସ୍କାର ଜିତିଥିଲା। ସେହିପରି ୨୦୨୪ର ସନ୍‌ଡାନ୍‌ସ ଚଳଚ୍ଚିତ୍ର ମହୋତ୍ସବରେ ମଧ୍ୟ ଏହି ଫିଲ୍ମ ୨ଟି ମୁଖ୍ୟ ପୁରସ୍କାର ଜିତିପାରିଥିଲା। ଏହି ପୁରସ୍କାର ଜିତି ରିଚା ଚଢ଼ା କହିଛନ୍ତି, ଆଇଏଫ୍‌ଏଫ୍‌ଏଲ୍‌ଏ ପରି ଏକ ଅନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ଗ୍ରାଣ୍ଡ ଜୁରି ପୁରସ୍କାର ଜିତିବା ନିଶ୍ଚିତ ଭାବେ ଗର୍ବର ବିଷୟ। 'ଗର୍ଲସ୍ ୱିଲ୍ ବି ଗର୍ଲସ୍'ର ପୂରା ଟିମ୍‌ର କଠିନ ପରିଶ୍ରମକୁ ଏହି ପୁରସ୍କାର ସାର୍ଥକ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆନୁଷ୍ଠାନିକ କାମରେ ଉତ୍ସୁକତା ବୃଦ୍ଧି ସାଙ୍ଗକୁ ବାଣିଜ୍ୟ, ବ୍ୟବସାୟ ପରିବହନରୁ ଲାଭବାନ ହେବେ। ଭୁଲ୍ ବୁଝାମଣାବଶତଃ ଅନ୍ୟଙ୍କୁ ସନ୍ଦେହ କରିବାରୁ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ କୈଫିୟତ୍ ଦେବାକୁ ପଡ଼ିବ। ଦ୍ୱିଜା ନକ୍ଷତ୍ର ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବଦର୍ଶନ ସହ ମନୋରଞ୍ଜନ ପାଇଁ ମନ ବଳାଇବେ।

**ବୃଷ** ଦିନଟିରେ ନିରାମୟ ସ୍ୱାସ୍ଥ୍ୟ, ମନୋରଞ୍ଜନ, ବନ୍ଧୁ ମିଳନ ସହ ଅର୍ଥ ଲାଭ କରାଇବେ। ଯାତ୍ରା ସମୟରେ କୃତ୍ତିକା ନକ୍ଷତ୍ର ଅଜଣା ବ୍ୟକ୍ତିଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ମୂଲ୍ୟବାନ ଦ୍ରବ୍ୟ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଯୋଗୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ।

**ମିଥୁନ** କର୍ମକ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହେବ। ପରିବାରରେ ପରିସ୍ଥିତିକୁ ଯଥାସାଧ୍ୟ ନିୟନ୍ତ୍ରଣ ମଧ୍ୟରେ ରକ୍ଷା କରିବାରେ ସମର୍ଥ ହେବେ। ପୁନର୍ବସୁ ନକ୍ଷତ୍ର ଆର୍ଥିକ ଅଭିବୃଦ୍ଧି, ବନ୍ଧୁମିଳନ, ସାମାଜିକ ସ୍ତରରେ ସମ୍ମାନଲାଭ ଯୋଗ ରହିଛି। ଭ୍ରମଣ, ଯାତ୍ରା, ଭୋଗ ବିଳାସ, କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ ପ୍ରତି ଆକର୍ଷିତ ହେବେ।

**କର୍କଟ** ନିଜ ଲୋକଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକୁ ସମ୍ପାଦନ କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ର, ପ୍ରଶାସନ, ମନୋରଞ୍ଜନ, ସାହିତ୍ୟ ଚର୍ଚ୍ଚା, ସଭାସମିତି, ଆଲୋଚନା ଦିଗଟି ପ୍ରଶସ୍ତ ରହିବ। ଅଶ୍ଳେଷା ନକ୍ଷତ୍ର ମଧ୍ୟସ୍ଥତା ନ କରି ବିବାଦ ସ୍ଥାନରୁ ଦୂରେଇ ରହିବା ଭଲ ହେବ। ପାରିବାରିକ କ୍ଷେତ୍ରରେ ଉତ୍ତମ ବୁଝାମଣାଜନିତ ଶାନ୍ତିଲାଭ କରିବେ।

**ସିଂହ** କର୍ମଭାବସ୍ଥ ଗୁରୁଚାନ୍ଦ୍ରୀ ଯୋଗ ଧାର୍ମିକ ଅନୁଷ୍ଠାନ, ବନ୍ଧୁଙ୍କ କାର୍ଯ୍ୟରେ ସହଯୋଗ, କାର୍ଯ୍ୟସିଦ୍ଧିର ପ୍ରତୀକ ହୋଇପାରେ। ଶୁକ୍ର କର୍ମକ୍ଷେତ୍ରକୁ ବାଧାବିଘ୍ନ, ସମସ୍ୟାରୁ ମୁକ୍ତ ରଖିପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣ ପାଇଁ ଦୂର ଯାତ୍ରା କରିବାକୁ ପଡ଼ିପାରେ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ପରୋକ୍ଷ ଶତ୍ରୁତା କାରଣରୁ ନିଜର ପ୍ରାପ୍ୟ ହରାଇ ବ୍ୟଥିତ ହୋଇପାରନ୍ତି।

**କନ୍ୟା** ଭାଗ୍ୟସ୍ଥ ଚନ୍ଦ୍ର ଓ ବୃହସ୍ପତି ଉନ୍ନତ ଚିନ୍ତା, ଶୁଦ୍ଧ ଭାବନା ଏବଂ ଧାର୍ମିକ କାର୍ଯ୍ୟ ସକାଶେ ଅନୁପ୍ରେରିତ କରିପାରନ୍ତି। ଚିତ୍ରା ନକ୍ଷତ୍ରର କଥା ଓ କାର୍ଯ୍ୟରେ ତାଳମେଳ ନ ରହିବା ହେତୁ ସମାଲୋଚନାର ଶରବ୍ୟ ହେବେ। ରବିଙ୍କ ପ୍ରଭାବରୁ ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ଲକ୍ଷ୍ୟ ହାସଲ କରିବେ। ଆର୍ଥିକ ଦିଗଟି ଭଲ ରହିବ ଏବଂ ବାଣିଜ୍ୟ ସନ୍ତୋଷଜନକ ହେବ।

**ତୁଳା** ବୃହସ୍ପତିଙ୍କ ଦ୍ୱାରା ସଂଗଠିତ ବିପରୀତ ରାଜଯୋଗ ଆରୋଗ୍ୟଲାଭ ସଙ୍ଗକୁ କର୍ମକ୍ଷେତ୍ରକୁ ସଜାଡ଼ିବାରେ ସାହାଯ୍ୟ କରିବ। କେତେକ କାମ ପ୍ରତିବନ୍ଧକ ହେତୁ ଅଧୁରା ରହିଯିବ। କୋଣଭାବରେ ଶନିଙ୍କ ହେତୁ ସନ୍ତାନହେତୁକ ଗୌରବ ଲଭିବେ। ଯାହା ଉପରେ ଭରଷା କରିବେ ସେହି ବ୍ୟକ୍ତି ହିଁ ସମସ୍ୟାର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରନ୍ତି।

**ବିଛା** ଦୈହିକ ଶିଥିଳତା, ମାନସିକ ଉଦ୍‌ବେଗ, ବୃଥା ଚିନ୍ତା ଓ ଅହେତୁକ ଭାବନା ଦୂରେଇଯିବ। ଯେତେ ସାହାଯ୍ୟ, ସୌଜନ୍ୟତା ଦେଖାଇଲେ ମଧ୍ୟ ପ୍ରିୟ ବ୍ୟକ୍ତିଟି ତାହାର ମୂଲ୍ୟ ବୁଝି ନ ପାରେ। ଜ୍ୟେଷ୍ଠା ନକ୍ଷତ୍ରର ବହୁବିଧ ସମସ୍ୟାଜନିତ ଗଠନମୂଳକ କାର୍ଯ୍ୟ ମନ୍ଥର ହେବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ଧନୁ** ପୂର୍ବ ସମସ୍ୟା ଦୂର ହୋଇଥିବାରୁ ମାନସିକ ଆଶ୍ୱସ୍ତି ଲାଭକରିବେ। କର୍ମସ୍ଥାନରେ କେତୁଙ୍କ କୁପ୍ରଭାବଜନିତ ନିଜଲୋକ ବିଶ୍ୱାସଘାତ କରିପାରନ୍ତି। ଜମିଜମା, ନୂତନ ପ୍ରକଳ୍ପ, ପ୍ରଶାସନିକ ଆଲୋଚନା ଏବଂ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** ଗ୍ରହସ୍ଥିତିର ସାମ୍ୟତା ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ପ୍ରତି ସୁଫଳ ପ୍ରଦାନ କରିବ। ପ୍ରତିକୂଳ ପରିସ୍ଥିତିର ଚାପ କମି ଯିବ ଏବଂ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ପ୍ରଶଂସନୀୟ କାମ କରି ଜନ ସମାଜରେ ଆଦୃତି ଲାଭ କରିବେ। ବାଧ୍ୟବାଧକତାରେ ଇଚ୍ଛା ନ ଥାଇ ମଧ୍ୟ ଉପରିସ୍ଥଙ୍କ ଆଦେଶକୁ ମାନିନେବାକୁ ପଡ଼ିପାରେ।

**କୁମ୍ଭ** ଆଜି କଲ୍ୟାଣଚନ୍ଦ୍ର ହେତୁ ବ୍ୟତିକ୍ରମ ମଧ୍ୟରେ ପାରିବାରିକ ଜୀବନ ଗତିଶୀଳ ହେବ। ପୂର୍ବଭାଦ୍ର ନକ୍ଷତ୍ର ସକାଶେ କାର୍ଯ୍ୟହାନିଜନିତ ଅସନ୍ତୋଷ କଷ୍ଟ ଦେବ। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଆଲୋଚନା କରିବା ଠିକ୍ ହେବନି। ନିଜର ଅସଫଳତାର କାରଣ ଖୋଜିବାକୁ ଯାଇ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମୀନ** ରାହୁ ଓ କେତୁ ମଧ୍ୟରେ ଅଧିକାଂଶ ଗ୍ରହ ଥିବାରୁ ପ୍ରତ୍ୟେକ କାର୍ଯ୍ୟ ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ଅର୍ଥଲାଭ, ଆଦରଗୌରବ, ସୁମିଷ୍ଟ ଭୋଜନ ଓ ବନ୍ଧୁ ମିଳନଜନିତ ଆନନ୍ଦ ଲାଭ କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ରରୁ ସୁଫଳ ମିଳିବ। ସଭାସମିତି, ମାଲିମକଦ୍ଦମା, ବାଣିଜ୍ୟ, ବ୍ୟବସାୟ ମନ୍ଦ ହେବନି।

ଆଜି ଜୁଲାଇ ୩ ତାରିଖ, ସିଦ୍ଧାନ୍ତ ଦର୍ପଣ ପ୍ରଣେତା ପଠାଣି ସାମନ୍ତଙ୍କ ତିରୋଧାନ ତିଥି, ଆଷାଢ଼ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ, ବୁଧବାର, ଶ୍ରୀମନ୍ଦିରରେ ଅଣସର ଦ୍ୱାଦଶୀ /ରାଜପ୍ରସାଦ ବିଜେ, ରାଶିନକ୍ଷତ୍ର-ରୋହଣୀ/ ବୃଷ, ତ୍ରୟୋଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୫୩ମି. ଗତେ ଘ.୦୮.୩୩ମି. ମଧ୍ୟେ, ଦିବା ଘ.୧୦.୧୨ମି. ଗତେ ଘ.୧୧.୨୪ମି. ମଧ୍ୟେ ଶୁଭ ଶୁଭ ବେଳା। ସକାଳ ଘ.୧୧.୫୦ମି. ଗତେ ଘ.୦୧.୨୯ମି. ମଧ୍ୟେ ରାହୁ କାଳ।

## ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ

# 'ତ୍ରୁଟିଶୂନ୍ୟ ପରିଚାଳନା ସହ ଭକ୍ତଙ୍କ ସୁରକ୍ଷା ସୁନିଶ୍ଚିତ କର'

ପୁରୀ,୨୭ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ନେଇ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଟାଉନହଲ୍ ପରିସରରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ରଥଯାତ୍ରାର ତ୍ରୁଟିଶୂନ୍ୟ ପରିଚାଳନା ଏବଂ ଭକ୍ତଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସେବାୟତ, ପ୍ରଶାସନ, ବିଭିନ୍ନ ସାମାଜିକ ସଂଗଠନ ଓ ସ୍ଥାନୀୟ ଲୋକମାନଙ୍କ ସହଯୋଗ କାମନା କରିଛନ୍ତି।

ସଭାକାର୍ଯ୍ୟ ପ୍ରାରମ୍ଭରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ସ୍ୱାଗତ ଭାଷଣ ଦେବା ସହ ରଥଯାତ୍ରା ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଜିଲାପାଳ ସିର୍ଦ୍ଧାଥ ଶଙ୍କର ସ୍ୱାଇଁ ରଥଯାତ୍ରା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ କରାଯାଇଥିବା ବ୍ୟବସ୍ଥା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥଙ୍କ ମୂଳ ସେବକ ହେଉଛନ୍ତି ଆଦିବାସୀ। ଜଣେ ଆଦିବାସୀ ଭାବେ ମୁଁ ନିଜକୁ ଜଗନ୍ନାଥଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବେ ସମର୍ପିତ କରିଛି। ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପରିଚୟ। ତାଙ୍କ ରଥଯାତ୍ରା ସାରା ବିଶ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ଓ ଆଧାତ୍ମିକ ପର୍ବ। ଏହାର ସୁପରିଚାଳନା ଆମ ସମସ୍ତଙ୍କ ଦାୟିତ୍ୱ। ତେଣୁ ସମସ୍ତେ ଦାୟିତ୍ୱବାନ ହୋଇ ଏହାକୁ ଅତ୍ୟନ୍ତ ନିଷ୍ଠା ସହକାରେ ସୁଚାରୁରୂପେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ଯେହେତୁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ପୁରୀକୁ ଆସିବେ। ସମସ୍ତଙ୍କ ମିଳିତ ସହଯୋଗରେ ରଥଯାତ୍ରା ସୁରୁଖୁରରେ ସମ୍ପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଚଳିତ ବର୍ଷ ଏକ ବିରଳ ରଥଯାତ୍ରା। ଏହି ଅବସରରେ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରି କହିଥିଲେ ଯେ ଏବର୍ଷ ଦୁଇ ଦିନ ଧରି ରଥଟଣା କାର୍ଯ୍ୟକ୍ରମ ଥିବାରୁ ରଥଯାତ୍ରା ପରଦିନ ମଧ୍ୟ ଛୁଟି ରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ସୂଚନାଧର୍ମୀ ପୁସ୍ତକ ରୂପରେଖକୁ ଉନ୍ମୋଚନ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦୁଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖଣ୍ଟିଆ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୋଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ଶ୍ରୀମନ୍ଦିର ସେବାୟତମାନେ ଯୋଗ ଦେଇଥିଲେ।



ପୁରୀ ଟାଉନ ହଲ୍‌ଠାରେ ମଙ୍ଗଳବାର ଅନୁଷ୍ଠିତ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ସୂଚନାଧର୍ମୀ ପୁସ୍ତକ ରୂପରେଖକୁ ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି ୨ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ, ରାଜ୍ୟ ସଭା ସଦସ୍ୟ ଓ ବରିଷ୍ଠ ଅଧିକାରୀମାନେ ।

### ଅତିରିକ୍ତ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ

ଚଳିତ ବର୍ଷ ଘୋଷଯାତ୍ରାରେ ଭକ୍ତମାନଙ୍କ ଆଗମନକୁ ଦୃଷ୍ଟିରେ ରଖି ପୁରୀ ମୁଖ୍ୟ ଚିକିତ୍ସାଳୟରେ ୧୦୦ ହିଟ୍ ଷ୍ଟ୍ରୋକ ୟୁନିଟ ପାଇଁ ବ୍ୟବସ୍ଥା ହୋଇଛି। ରୋଗୀଙ୍କ ସେବା ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଡାକ୍ତରଙ୍କୁ ନିଯୋଜିତ କରାଯାଇଛି। ସରକାରୀ ଓ ସେବା ମନୋଭାବ ନେଇ ବେସରକାରୀ ମେଡିକାଲରୁ ଆସୁଥିବା ଅତିରିକ୍ତ ୧୭୯ଡାକ୍ତରଙ୍କୁ ରଥଯାତ୍ରା ନିମନ୍ତେ ଦାୟିତ୍ୱ ଦିଆଯାଇଛି। ସେହିପରି ୨ଅତ୍ୟାଧୁନିକ ଏଏଲ୍ଏସ୍ ଆମ୍ବୁଲାନ୍ସ ସହିତ ସରକାରଙ୍କ ତରଫରୁ ୩୦ ଆମ୍ବୁଲାନ୍ସ ଓ ବିଭିନ୍ନ ଏନ୍‌ଜିଓଙ୍କ ତରଫରୁ ୩୦ ଗୋଟି ଆମ୍ବୁଲାନ୍ସ ମହଜୁଦ ରହିବ। ସରକାରଙ୍କ ପକ୍ଷରୁ ୩୫ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ପ୍ରସ୍ତୁତ ରହିବା ସହିତ ଏନ୍‌ଜିଓ ତରଫରୁ ୨୫ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ପ୍ରସ୍ତୁତ ରହିବ। ସେଇଭଳି ୭ଟି ଫୁଡ୍ ସେଫ୍‌ଟି ଯାଞ୍ଚ ଟିମ୍ ପୁରୀରେ ଉପସ୍ଥିତ ରହି ଖାଦ୍ୟ ଯାଞ୍ଚ କରୁଛନ୍ତି। ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ରକ୍ତ ଭଣ୍ଡାରରେ ୨୦୦ ୟୁନିଟ ରକ୍ତ ମହଜୁଦ ରଖାଯିବ।

### ପାନୀୟ ଜଳ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା

ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ୪୨ଟି ଅତିରିକ୍ତ ପାଣି ଟାଙ୍କି ମହଜୁଦ ରହିବା ସହ ୨୦ଲକ୍ଷ ପାଣି ବୋତଲ ଭକ୍ତଙ୍କୁ ବଣ୍ଟନ ପାଇଁ ପ୍ରସ୍ତୁତ ରଖାଯାଇଛି। ସହରର ବିଭିନ୍ନ ସ୍ଥାନରେ ଥିବା ୧୬୫ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍‌କୁ ଫର୍ମେସନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଭିଡ଼କୁ ଦୃଷ୍ଟିରେ ରଖି ଭକ୍ତଙ୍କୁ ଜଳ ସିଞ୍ଚନ ପାଇଁ ୩୦ଟି ହ୍ୟାଣ୍ଡ ସ୍ପ୍ରେ ୟୁନିଟ ମହଜୁଦ ରହିବ। ସେହିପରି ବଡ଼ ଦାଣ୍ଡରେ ନିରବଚ୍ଛିନ୍ନ ଆଲୋକ ବ୍ୟବସ୍ଥା ଯୋଗାଇଦେବାକୁ ଟିପିସିଓଡିଏଲ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ହସ୍ପିଟାଲ, ରଥ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆଡିଶନାଲ ଲୋଡ୍ ଯୋଗାଇଦିଆଯିବ।

### ଭକ୍ତଙ୍କ ଆଗମନ ପାଇଁ ସ୍ୱତନ୍ତ୍ର ବସ୍ ସେବା

ପୁରୀକୁ ଭକ୍ତମାନଙ୍କ ସୁବିଧା ଯାତ୍ରାପାଇଁ ବିଭିନ୍ନ ବ୍ଲକ୍‌ରୁ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା କରାଯାଇଛି। ଆର୍‌ଟିଓ ପକ୍ଷରୁ ୭ଟି ଇଣ୍ଟରସେପ୍ଟର ମହଜୁଦ ରଖାଯାଇଛି। କ୍ରେନ୍ ମଧ୍ୟ ନିଯୁକ୍ତି କରାଯାଇଛି। ଭକ୍ତଙ୍କ ସୁବିଧା ନିମନ୍ତେ ୧୮ଟି ପାର୍କିଂ ପ୍ଲେସକୁ ଚିହ୍ନଟ କରାଯାଇଛି। ରେଳ ବିଭାଗପକ୍ଷରୁ ପୁରୀକୁ ରାଜ୍ୟ ତଥା ରାଜ୍ୟବାହାରୁ ୩୧୫ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଛି। ୩୫ଟି ଟିକେଟ କାଉଣ୍ଟର ଓ ୫ଟି ସୂଚନା କାଉଣ୍ଟର ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ସୁବିଧା ନିମନ୍ତେ ଗୁଣ୍ଡିଚା ମନ୍ଦିର ନିକଟରେ ଟ୍ରେନ ସମ୍ପର୍କିତ ସୂଚନା ଦେବାକୁ ବ୍ୟବସ୍ଥା କରାଯାଇଛି।

### ଡ୍ରୋନ୍ ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ ଉପରେ ନଜର

ସମୀକ୍ଷା ବୈଠକରେ ପୋଲିସ ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ୧୮୦ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଚଳିତ ଥର ଅତ୍ୟାଧୁନିକ ଡ୍ରୋନ୍ ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ ଉପରେ ନଜର ରହିବ। ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ୧୩ ଟି ସୂଚନା କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ଟୁରିଜମ୍ ବିଭାଗ ପକ୍ଷରୁ ୬ଟି ସୂଚନା କେନ୍ଦ୍ର ମଧ୍ୟ ଉପଲବ୍ଧ ରହିବ। ଯେହେତୁ ବେଳାଭୂମିରେ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇପାରେ, ତେଣୁ ୪୦୦ ଅତିରିକ୍ତ ଲାଇଫ୍ ଗାର୍ଡ ମହଜୁଦ ରହିବେ। ସେହିପରି ଫାୟାର ସେଫ୍ଟି ପକ୍ଷରୁ ଜଳ ସିଞ୍ଚନ ବ୍ୟବସ୍ଥା କରାଯିବ ବୋଲି ପୋଲିସ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ମନ୍ତ୍ରୀଙ୍କୁ ମିଳିଲା ବ୍ୟକ୍ତିଗତ ସଚିବ

ଭୁବନେଶ୍ୱର,୨୭(ଅନିଲ ଦାସ)

ରାଜ୍ୟର ପ୍ରଥମ ଭାଜପା ସରକାରର ବିଭିନ୍ନ ମନ୍ତ୍ରୀମାନଙ୍କୁ ବ୍ୟକ୍ତିଗତ ସଚିବ (ପିଏସ୍) ଯୋଗାଇ ଦିଆଯାଇଛି। ୫ ଜଣ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ସଚିବ ଓ ୨ଜଣ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଓଏସ୍‌ଡି ଭାବେ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଅବସ୍ଥାପିତ କରାଯାଇଛି।

ମଙ୍ଗଳବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ବରିଷ୍ଠ ଓଏଏସ୍ ଅଫିସର ପ୍ରଦୀପ କୁମାର ସାହୁଙ୍କୁ ନିଯୁକ୍ତି ମିଳିଛି। ସେ ଏବେ କୃଷି ଓ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଓଏଏସ୍ ଅଫିସର ବିଶ୍ୱରଞ୍ଜନ ରଥଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେ ଏବେ ବିଡିଏରେ ଯୁଗ୍ମ କମିଶନର ଭାବେ କାର୍ଯ୍ୟ କରୁଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଓଏସ୍‌ଡି(ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି) ଭାବେ ଓଏଏସ୍ ଅଫିସର ମନୋଜ କୁମାର ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି। ବିଡିଏ ଲ୍ୟାଣ୍ଡ ଅଫିସର ମନୋଜଙ୍କୁ ଗତ ସପ୍ତାହରେ ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। ସେହିପରି ଭୁବନେଶ୍ୱର ଉପ ଜିଲାପାଳ ମହେନ୍ଦ୍ର ପଣ୍ଡାଙ୍କୁ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତିଭୂଷଣ ଜେନାଙ୍କ ପ୍ରାଇଭେଟ ସେକ୍ରେଟାରି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସ୍କୁଲ ଓ ଗଣଶିକ୍ଷା, ଏସ୍‌ଟି, ଏସ୍‌ସି ଉନ୍ନୟନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପିଏସ୍ ଭାବେ ତ୍ରିନାଥ ମାଝିଙ୍କୁ ନିଯୁକ୍ତି ଦିଆଯାଇଛି। ତ୍ରିନାଥ ରାୟଗଡ଼ା ଜିଲାର ଏଡିଏମ୍ ଭାବେ କାର୍ଯ୍ୟ କରୁଛନ୍ତି। ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବ୍ୟକ୍ତିଗତ ସଚିବ ଭାବେ ଓଏଏସ୍ ଅଫିସର ସମ୍ବିତ କୁମାର ଗଡ଼ନାୟକଙ୍କୁ ନିଯୁକ୍ତି ମିଳିଛି। ଗଡ଼ନାୟକ ଏବେ ଭଦ୍ରକ ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ମତ୍ସ୍ୟ ଓ ପଶୁସମ୍ପଦ, ଏମ୍ଏସ୍ଏମ୍ଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଓଏସ୍‌ଡି ଭାବେ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଛି। ସେ ଗଞ୍ଜାମ ଜିଲା ପରିଷଦର ଏକ୍ଜିକ୍ୟୁଟିଭ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ଉଚ୍ଚଶିକ୍ଷା, କ୍ରୀଡ଼ା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଓଏସ୍‌ଡି ଭାବେ ସମ୍ପଦ କୁମାର ଦଳାଇଙ୍କୁ ନିଯୁକ୍ତି ଦିଆଯାଇଛି। ସେ ଏବେ ଓସ୍‌ଡମାର ଜେନେରାଲ ମ୍ୟାନେଜର ଦାୟିତ୍ୱରେ ଅଛନ୍ତି।

# ଭଡ଼ାଘରେ ଛାତ୍ରୀଙ୍କ ଆତ୍ମହତ୍ୟା

## ୨ ମୋବାଇଲ ନମ୍ବରରୁ ଫିଟିପାରେ ମୃତ୍ୟୁ ରହସ୍ୟ

ଭଦ୍ରକ,୨୭ (ସନାତନ ରାଉତ)

ଭଦ୍ରକ କଲେଜ ରୋଡ୍ ଜଗନ୍ନାଥପୁରସ୍ଥିତ ଏକ ଭଡ଼ାଘରୁ ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ଟାଉନ ଥାନା ପୋଲିସ ଜବତ କରିଛି। ମୃତା ଛାତ୍ରୀ ହେଲେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ଗରସଙ୍ଗ ଅଞ୍ଚଳର କାଳନ୍ଦୀ ଦାସଙ୍କ ଝିଅ ଈଶ୍ୱରୀ ପ୍ରିୟଦର୍ଶିନୀ ଦାସ(୧୭)। ସେ କଟକର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ରୀ। ଉକ୍ତ ଘରୁ ଏକ ଚିଠି ମିଳିଛି, ଯେଉଁଥିରେ ଈଶ୍ୱରୀ ତାଙ୍କ ଶେଷଇଚ୍ଛା ଲେଖିଛନ୍ତି। ତାଙ୍କ ମୃତ୍ୟୁ ଖବର ଚିଠିରେ ଲେଖାଥିବା ୨ଟି ମୋବାଇଲ ନମ୍ବର ୭୮୯୪୨୮୩୦୩ ଓ ୭୭୩୫୫୩୪୫୭ରେ କଲ୍ କରି ଜଣାଇ ଦେବାକୁ ଲେଖାଯାଇଛି। ଚିଠିରେ ଲେଖାଥିବା ୨ଟି ମୋବାଇଲ ନମ୍ବର ଯାହାର ହୋଇଥିବ, ସେ ହିଁ ତାଙ୍କ ଝିଅ ମୃତ୍ୟୁର କାରଣ ବୋଲି ମୃତ ଈଶ୍ୱରୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ମୃତ ଈଶ୍ୱରୀଙ୍କ ବଡ଼ବାପା ପ୍ରଶାନ୍ତ ଦାସ ଟାଉନ ଥାନାରେ ଅଭିଯୋଗ କରିଥିବା ବେଳେ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୪) ରୁଜୁ କରାଯାଇଛି। କାଳନ୍ଦୀ ପରିବାର ସହ ଭଦ୍ରକରେ ଏକ ଭଡ଼ା ଘରେ ରହିଆସୁଛନ୍ତି। ଝିଅ ଈଶ୍ୱରୀ କଟକର ଉକ୍ତ କଲେଜରେ ନାମ ଲେଖାଇଥିବା ବେଳେ ଏବେ ଘରେ ଥିଲେ। ସୋମବାର ରାତିରେ ଖାଇ ପିଇ ନିଜ ରୁମ୍‌ରେ ଶୋଇବାକୁ ଯାଇଥିଲେ ବୋଲି ପରିବାର ଲୋକେ କହିଛନ୍ତି। ମଙ୍ଗଳବାର ସକାଳେ ଝରକା ବାଟେ ଫ୍ୟାନ୍‌ରେ ଈଶ୍ୱରୀଙ୍କ ମୃତଦେହ ଝୁଲୁଥିବା ସେମାନେ ଦେଖିବାକୁ ପାଇଥିଲେ। ଖବରପାଇ ଟାଉନ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଚିଠିରେ ଲେଖାଥିବା ୨ଟି ମୋବାଇଲ ନମ୍ବରକୁ ଯାଞ୍ଚ କରି ତଦନ୍ତ ଚାଲିଥିବା ଆଇଆଇସି ବୀରେନ୍ଦ୍ର ସେନାପତି କହିଛନ୍ତି।

# ଯୁବପିଢ଼ିଙ୍କୁ ଓଡ଼ିଆ ସାହିତ୍ୟ ସହ ଯୋଡୁଛି କାଦମ୍ବିନୀ


ରାଜ୍ୟପାଳ ରଘୁବର ଦାସ ଏବଂ ଅନ୍ୟ ଅତିଥିମାନେ 'କାଦମ୍ବିନୀ' ଓ 'କୁନିକଥା'ର ନୂତନ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

## ରୌପ୍ୟଜୟନ୍ତୀ ସମାରୋହ

ଭୁବନେଶ୍ୱର,୨୭ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା ହେଉଛି ସାଂସ୍କୃତିକ ଅଭିବ୍ୟକ୍ତି ଓ ଭାବନାର ଅପୂର୍ବ ଭଣ୍ଡାର। ଭାରତୀୟ ଶାସ୍ତ୍ରୀୟ ଭାଷା ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟର ଏକ ସମୃଦ୍ଧ ଇତିହାସ ରହିଛି। ଏହାର ପ୍ରଚାର ପ୍ରସାର କ୍ଷେତ୍ରରେ କାଦମ୍ବିନୀର ଉଲ୍ଲେଖନୀୟ ଅବଦାନ ରହିଛି। ବିଶେଷକରି ଯୁବପିଢ଼ିଙ୍କୁ ଓଡ଼ିଆ ସାହିତ୍ୟ ସହ ଯୋଡ଼ିବାରେ ଏହି ପତ୍ରିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ମାସିକ ଓଡ଼ିଆ ପତ୍ରିକା 'କାଦମ୍ବିନୀ'ର ରୌପ୍ୟଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଲେ, ବିକଶିତ ଭାରତ ପାଇଁ ସାହିତ୍ୟ ପରିବ୍ୟାପ୍ତ ହେବା ଆବଶ୍ୟକ। ଏ ଦିଗରେ କାଦମ୍ବିନୀ ପତ୍ରିକାର କାର୍ଯ୍ୟ ପ୍ରଶଂସନୀୟ। ପତ୍ରିକାର ଲୋକପ୍ରିୟତା କେବଳ ଓଡ଼ିଶାରେ ସୀମିତ ନ ରହି ବାହାରକୁ ପରିବ୍ୟାପ୍ତ ହୋଇଛି। ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ମନଲାଖି ଲେଖାସବୁ କାଦମ୍ବିନୀରେ ପ୍ରକାଶିତ ହେଉଥିବାରୁ ଏହା ଜନାଦୃତ ହୋଇପାରିଛି ବୋଲି ରାଜ୍ୟପାଳ ଦାସ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ନାଟ୍ୟକାର ଅନନ୍ତ ମହାପାତ୍ର ତିନୋଟି 'କ'କୁ ନେଇ ଏକ ସୁନ୍ଦର ବାର୍ତ୍ତା ରଖିଥିଲେ। ସେ କହିଥିଲେ, ତୁମେ କେଉଁ କୂଳରେ ଜନ୍ମ ହେବ ଜାଣିନ, କେଉଁ କର୍ମ କରିବ ଓ କେଉଁ ସଫଳ କୃତୀ ଅର୍ଜନ କରିବ ତାହା ହାତରେ ନାହିଁ। ମାତ୍ର ଯଦି କାର୍ଯ୍ୟରେ ନିଷ୍ଠା, ଅନ୍ତରରେ ବିଶ୍ୱାସ, ଭାଗ୍ୟ ଓ ଭଗବାନଙ୍କ ଉପରେ ଭରସା ଥାଏ, ତେବେ କୌଣସି କର୍ମ କଠିନ ହେବନାହିଁ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବିଶିଷ୍ଟ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ କହିଲେ, କାଦମ୍ବିନୀର ୨୫ବର୍ଷ ଜୟଯାତ୍ରାର ମୂଲ୍ୟାୟନ କରିହେବ ନାହିଁ। କାଦମ୍ବିନୀ ବରିଷ୍ଠଙ୍କୁ ପ୍ରଣାମ ଓ କନିଷ୍ଠଙ୍କୁ ପ୍ରୋତ୍ସାହନ ଦେଇ ନୂଆ ଇତିହାସ ଓ ପରିଚୟ ସୃଷ୍ଟି କରିପାରିଛି। ସ୍ୱାଗତ ଭାଷଣ ଦେଇ କାଦମ୍ବିନୀ ଓ କୁନିକଥାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, କାଦମ୍ବିନୀ ପତ୍ରିକାରେ ୨୫ ବର୍ଷ ମଧ୍ୟରେ ଏମିତି କିଛି ଲେଖା ବାହାରିନାହିଁ, ଯାହାକୁ ଲୋକେ ସମାଲୋଚନା କରିଛନ୍ତି। ଏନେଇ ଆରମ୍ଭରୁ ହିଁ ମୁଁ ସମ୍ପାଦିକା ଡ. ଇତି ସାମନ୍ତଙ୍କୁ ପରାମର୍ଶ ଦେଇଥିଲି। ତେବେ ରୌପ୍ୟ ଜୟନ୍ତୀ ଉପଲକ୍ଷେ ବର୍ଷସାରା କାଦମ୍ବିନୀ ପକ୍ଷରୁ ବିଭିନ୍ନ ଜିଲାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ସହିତ ରାଜ୍ୟର ୩୦ ଜିଲାର ୨୫ଜଣ ଯୁବ ସାହିତ୍ୟିକଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଗବେଷଣା ନିମନ୍ତେ ଫେଲୋଶିପ୍ ପ୍ରଦାନ କରାଯିବ ବୋଲି ପ୍ରତିଷ୍ଠାତା ଡ. ସାମନ୍ତ ସୂଚନା ଦେଇଥିଲେ। ଏହି ଅବସରରେ ଭାରତୀୟ ଡାକ ବିଭାଗ ପକ୍ଷରୁ ଜାରି କାଦମ୍ବିନୀ ରୌପ୍ୟ ଜୟନ୍ତୀ ସ୍ମାରକୀ ଡାକ ଟିକଟ, କାଦମ୍ବିନୀ ରୌପ୍ୟ ଜୟନ୍ତୀ ସଂଖ୍ୟା ଓ କୁନିକଥାର ଜୁଲାଇ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ କାଦମ୍ବିନୀ ପତ୍ରିକା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦିକା ଡ. ଇତି ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ରୌପ୍ୟ ଜୟନ୍ତୀ ପାଳନ ଉପଲକ୍ଷେ ଦିନତମାମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ପ୍ରଧାନ, ବିଶିଷ୍ଟ ସାହିତ୍ୟିକା ଅର୍ଚ୍ଚନା ନାୟକ, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ, ବିଶିଷ୍ଟ ଗବେଷକ ପରମେଶ୍ୱର ମୁଣ୍ଡ, ବିଶିଷ୍ଟ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ, ବିଶିଷ୍ଟ ନୃତ୍ୟଗୁରୁ ସ୍ନେହପ୍ରଭା ସାମନ୍ତରାୟ, ବିଶିଷ୍ଟ ଅଭିନେତ୍ରୀ ଓ ନିର୍ଦ୍ଦେଶିକା ଆଇମି ବରୁଆ, ବଲିଉଡ୍ ଅଭିନେତ୍ରୀ ମୀରା ଚୋପ୍ରା, ବଲିଉଡ୍ ଅଭିନେତା ଅଭୟ ବର୍ମା, କ୍ରୀଡ଼ାବିତ୍ ଅନୁରାଧା ବିଶ୍ୱାଳ, କରାଟିକା ଭାଲିନା ଭାଲେଣ୍ଟିନା, ଲୋକପ୍ରିୟ ଅଭିନେତା ସବ୍ୟସାଚୀ ମିଶ୍ର, ବିଶିଷ୍ଟ ସେଫ୍ ସ୍ମୃତିଶ୍ରୀ ସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଭାରତର ପ୍ରତିନିଧିତ୍ୱ କରିବେ ସୁଦର୍ଶନ

## ରୁଷିଆରେ ଅନ୍ତର୍ଜାତୀୟ ବାଲୁକାକଳା ଚାମ୍ପିୟନଶିପ୍

ନୂଆଦିଲ୍ଲୀ,୨୭(ପି.ଟି.)/ପୁରୀ (ଅଜିତ୍ ମହାନ୍ତି)

ରୁଷିଆରେ ଗୁରୁବାରଠାରୁ ଆରମ୍ଭ ହେଉଥିବା ଅନ୍ତର୍ଜାତୀୟ ବାଲୁକା କଳା ଚାମ୍ପିୟନଶିପ୍‌ରେ ଖ୍ୟାତନାମା ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଭାରତର ପ୍ରତିନିଧିତ୍ୱ କରିବେ। ସେ ପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତି ସହ ବାଲୁକା ରଥ ଏବଂ ଚତୁର୍ଦ୍ଦଶ ଶତାବ୍ଦୀର ପ୍ରସିଦ୍ଧ ଓଡ଼ିଆ କବି ତଥା ଭକ୍ତ ବଳରାମ ଦାସଙ୍କ ପ୍ରତିକୃତି ନିର୍ମାଣ କରିବେ ବୋଲି କହିଛନ୍ତି। ସେ ଚାମ୍ପିୟନଶିପ୍‌ରେ ଭାରତର ପ୍ରତିନିଧିତ୍ୱ କରିବାକୁ ନିମନ୍ତ୍ରିତ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ରୁଷିଆର ପିଟର୍ସବର୍ଗଠାରେ ଜୁଲାଇ ୪ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ବାଲୁକା କଳା ଚାମ୍ପିୟନଶିପ୍ ଚାଲିବ। ବିଶ୍ୱର ୨୧ ଜଣ ଖ୍ୟାତନାମା ବାଲୁକାଶିଳ୍ପୀ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଆଶା କରାଯାଉଛି। ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ସୁଦର୍ଶନ ୬୫ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ବାଲୁକାକଳା ଚାମ୍ପିୟନଶିପ୍ ଏବଂ ଉତ୍ସବରେ ଭାଗନେଇ ଦେଶ ପାଇଁ ସମ୍ମାନ ଆଣିଛନ୍ତି।

# ହୀରାଖଣ୍ଡରେ ଲାଗିବ ଅତିରିକ୍ତ ବଗି

ଜୟପୁର,୨୭ (ପବନ ପାଣିଗ୍ରାହୀ)

ହୀରାଖଣ୍ଡ ଟ୍ରେନ୍‌ରେ ଲାଗିବ ଅତିରିକ୍ତ ବଗି। ଆସନ୍ତା ୪ ତାରିଖଠାରୁ ଏହା କାର୍ଯ୍ୟକାରୀ ହେବ। ଏହା ସାଧାରଣ ଶ୍ରେଣୀର ବଗି ବୋଲି ଜଣାପଡ଼ିଛି। ଅବିଭକ୍ତ କୋରାପୁଟ ଜିଲାର ଯାତ୍ରୀମାନଙ୍କ ଦାବିକୁ ଗୁରୁତ୍ୱ ଦେଇ ପୂର୍ବତଟ ରେଳପଥ ଏହି ନିଷ୍ପତ୍ତି ନେଇଛି। ବିଭାଗ ନିଷ୍ପତ୍ତି ଅନୁସାରେ ଆସନ୍ତା ୪ରୁ ଭୁବନେଶ୍ୱର-ଜଗଦଳପୁର ଏକ୍ସପ୍ରେସ୍ (୧୮୪୪୭)ରେ ଏହି ଜେନେରାଲ୍ କ୍ଲାସ୍ କୋଚ୍ ଲାଗିବାକୁ ରହିଥିବା ବେଳେ ଆସନ୍ତା ୫ରୁ ଜଗଦଳପୁର-ଭୁବନେଶ୍ୱର ଏକ୍ସପ୍ରେସ୍ (୧୮୪୪୮)ରେ ଏହା ସ୍ଥାୟୀ ଭାବେ ଲାଗିବ। ଫଳରେ ହୀରାଖଣ୍ଡର କୋଚ୍ ସଂଖ୍ୟାରେ ବୃଦ୍ଧି ହେବ। କୋଚ୍ ବୃଦ୍ଧି ପରେ ହୀରାଖଣ୍ଡରେ ଏସି ପ୍ରଥମ-୧, ଦ୍ୱିତୀୟ-୧, ତୃତୀୟ-୪, ସ୍ଲିପର୍-୪, ଜେନେରାଲ୍ ସେକେଣ୍ଡ କ୍ଲାସ୍-୪, ସେକେଣ୍ଡ କ୍ଲାସ ଲଗେଜ୍ ତଥା ଦିବ୍ୟାଙ୍ଗ କୋଚ୍-୧ ଏବଂ ସାଧାରଣ ମୋଟର କାର୍-୧ଟି କୋଚ୍‌କୁ ମିଶାଇ ମୋଟ ୧୬ଟି କୋଚ୍ ରହିବ ବୋଲି ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ କେ. ସନ୍ଦୀପ ମଙ୍ଗଳବାର ସୂଚନା ଦେଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qualification: 9th, 10th, +2, Graduation.
Salary: 10,000 to 25000
Age: (18-35 yrs)
Call Us : 8895029591

SCORPIO ଗାଡ଼ି ଚଳାଇବା ପାଇଁ ପୋଖତ କୁଶଳୀ DRIVER ଆବଶ୍ୟକ। ସ୍ଥାନ: ଭୁବନେଶ୍ୱର। ଯୋଗାଯୋଗ କରନ୍ତୁ:
ସୁରେନ୍ଦ୍ର ଦାସ
Mob.: 9438731046

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

REQUIREMENT OF COMMITTED, PROMISING AND RESULT ORIENTED EXECUTIVES

National Aluminium Company Limited (NALCO), a Leading Navratna PSU is the largest integrated Alumina-Aluminium complex of Asia having state of art technology with its Corporate Office at Bhubaneswar, Odisha.

NALCO is looking for professionals in the following grades and disciplines for its production units / offices in different locations.

| Name of the Post /Grade | Total No. of Posts |
|---|---|
| Executive Director(H&A)/E09 | 1 |
| Group General Manager (H&A)/ E08 | 3 |
| General Manager (H&A)/E07 | 3 |
| Group General Manager (Mining)/E08 | 1 |
| General Manager (Mining)/E07 | 2 |
| General Manager (Finance)/E07 | 5 |
| General Manager (Civil)/E07 | 2 |

Important Dates:

| | |
|---|---|
| Opening of online Submission of application | 02 Jul, 2024 |
| Last date of Submission of online application | 31 Jul, 2024 |

The interested candidates may visit the Career Section of website of the Company at www.nalcoindia.com for further details.
Advt. No. 10240304, Date : 24/06/2024
General Manager (H&A)-R&P

See Career Appointment on every Wednesday & Saturday

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिजर्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत
In assessment, India trusts us
वेबसाइट देखने हेतु स्कैन करें Scan to visit Website

ସିଆର୍‌ପି କ୍ଲର୍କସ୍ - XIV
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କ୍ଲର୍କସ୍‌ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା
(୨୦୨୫-୨୬ର ଖାଲି ପଦବୀ ନିମନ୍ତେ)

ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.inରେ ଲଗ୍ ଇନ୍ କରନ୍ତୁ

ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କ୍ଲରିକାଲ କ୍ୟାଡର୍ ପଦବୀରେ ନିଯୁକ୍ତି ଏବଂ କର୍ମଚାରୀ ଚୟନ ଲାଗି ଆଗାମୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ନିମନ୍ତେ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଏବଂ ମେନ୍) ଅଗଷ୍ଟ, ୨୦୨୪ ଏବଂ ଅକ୍ଟୋବର, ୨୦୨୪ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
ସିଆର୍‌ପି କ୍ଲର୍କସ୍ XIV ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ, ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି କରାଯାଇଥିବା ଏବଂ ଅଧିକୃତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯାଇଥିବା ବିସ୍ତୃତ ଅଧିସୂଚନାରେ ବର୍ଣ୍ଣିତ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ଇଣ୍ଟିମେଶନ ଦେୟ ପୈଠ | ୦୧।୦୭।୨୦୨୪ରୁ ୨୧।୦୭।୨୦୨୪ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ ● | ୧୨।୦୮।୨୦୨୪ରୁ ୧୭।୦୮।୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ସେପ୍ଟେମ୍ବର, ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ | ଅକ୍ଟୋବର, ୨୦୨୪ |

● ପିଇଟି ଅନ୍‌ଲାଇନ୍ ପଦ୍ଧତି କିମ୍ବା ଶାରୀରିକ ପଦ୍ଧତିରେ ସଞ୍ଚାଳିତ କରାଯାଇପାରେ।
ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୧।୦୭।୨୦୨୪
ନିର୍ଦ୍ଦେଶକ

# ତାଳଗଛ

ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଜୁଲାଇ ୧ରୁ ବନ ମହୋତ୍ସବ ସପ୍ତାହ ଆରମ୍ଭ ହୋଇଯାଇଛି। ଜିଲା, ବ୍ଲକ୍, ପଞ୍ଚାୟତ, ପୌର ପରିଷଦ ତଥା ବିଭିନ୍ନ ଅନୁଷ୍ଠାନ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଲାଗି ପଡ଼ିଛନ୍ତି। ଏ ସମ୍ପର୍କରେ ଫଟୋ ଓ ଖବର ପ୍ରକାଶ ପାଇବାରେ ଲାଗିଛି। ଏହି ସମୟରେ ୨୦୧୮ରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା 'ମିଶନ ତାଳଗଛ' ପୁଣି ସକ୍ରିୟ ହୋଇଥିବା ଲକ୍ଷ୍ୟ କରାଯାଉଛି। ରାଜ୍ୟ ବନ ବିଭାଗ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ତାଳଗଛକୁ ଗୁରୁତ୍ୱ ଦେଇଛି। ଚଳିତ ବର୍ଷ ୧୯ ଲକ୍ଷ ତାଳଗଛ ଲଗାଯିବ ଓ ଏଥିପାଇଁ ସାଢ଼େ ୭ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି। ଏଥିସହ ଏବେଠୁ ତାଳଗଛ ବ୍ୟକ୍ତିଗତ ସ୍ତରରେ କାଟିଲେ ମଧ୍ୟ ସରକାରୀ ଅନୁମତି ନେବାକୁ ହେବ। ତାଳଗଛ ଲଗାଇବାର ମୂଳ କାରଣ ହେଉଛି ରାଜ୍ୟରେ ଲୋକଙ୍କୁ ବଜ୍ରପାତରୁ ରକ୍ଷାକରିବା। କୁହାଯାଉଛି, ତାଳଗଛ ରହିଲେ ତାହା ଉପରେ ବଜ୍ରପାତ ହେବ ଓ ଲୋକଙ୍କ ଜୀବନ ରକ୍ଷା ପାଇଯିବ। ଉଲ୍ଲେଖନୀୟ ଯେ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ତାଳଗଛ ଦେଖିବାକୁ ମିଳୁଥିଲା। ଉପକୂଳ ଅଞ୍ଚଳରେ ଏହାର ସଂଖ୍ୟା କମ୍। କାରଣ ୧୯୯୯ ମହାବାତ୍ୟା ପରେ ବହୁ ତାଳଗଛ ଲୋପପାଇଯାଇଛି। ଯାହା ସବୁ ବଞ୍ଚିଥିଲା ତାହାକୁ ସମୟକ୍ରମେ କାଟି ନିଆଗଲା। ଓଡ଼ିଶାରେ ଏକ ମିଥ୍ୟା ପ୍ରଚାର କରାଇ ବିଭିନ୍ନ ପ୍ରଜାତିର ଗଛକୁ ବିଧିବଦ୍ଧ ଭାବେ ଧ୍ୱଂସ କରିଦିଆଯାଇଛି। ପ୍ରଥମେ ପ୍ରଚାର କରାଗଲା ଯେ, ତେନ୍ତୁଳିଗଛ ରହିଥିଲେ ଲେପର୍ସି ବା କୁଷ୍ଠରୋଗ ଭଳି ଅନେକ ରୋଗ ବ୍ୟାପିଥାଏ। ତା' ପରେ ପରେ ଓଡ଼ିଶାର ପୁରପଲ୍ଲୀରେ ତେନ୍ତୁଳିଗଛର ଚିହ୍ନବର୍ଣ୍ଣ ଦେଖିବାକୁ ମିଳିଲାନାହିଁ। ସେହିଭଳି ଗୁଜବ କରାଗଲା ଯେ, ବରଗଛ ନିକଟବର୍ତ୍ତୀ ଘରଗୁଡ଼ିକୁ ଭାଙ୍ଗିଦେବ। ତା' ପରେ ବରଗଛ ପ୍ରାୟତଃ ଉଭାନ ହୋଇଗଲା। ସେମିତି ତାଳଗଛ ଘର ପାଇଁ ଅଶୁଭ ବୋଲି ଗୁଜବ ସୃଷ୍ଟିକରି ସେଗୁଡ଼ିକୁ ଧ୍ୱଂସ କରିଦିଆଗଲା। ଏହିସବୁ ମିଥ୍ୟା ଗପ ପଛରେ ଇଟାଭାଟି ମାଲିକଙ୍କଠାରୁ ଆରମ୍ଭକରି ବିଭିନ୍ନ କ୍ଷୁଦ୍ର ବ୍ୟବସାୟୀ ଏଭଳି ତଥାକଥିତ କ୍ଷତିକାରକ ଗଛ କାଟି ନେଇ ଇନ୍ଧନ ପାଇଁ ବ୍ୟବହାରକଲେ। ଗ୍ରାମବାସୀ ସ୍ୱଇଚ୍ଛାରେ ଏହି ଗଛଗୁଡ଼ିକୁ ନିଜ ବାଡ଼ିରୁ କାଟିଦେବା ଫଳରେ ବେପାରୀଙ୍କ ପାଇଁ କାର୍ଯ୍ୟ ଅତ୍ୟନ୍ତ ସହଜ ହୋଇଗଲା। କଟା ସ୍ଥାନରୁ ଇଟାଭାଟି ପର୍ଯ୍ୟନ୍ତ ବୋହି ନେବାର ଖର୍ଚ୍ଚ ଦେବା ବ୍ୟତୀତ ଅନ୍ୟ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା ନାହିଁ। ବିରାଟକାୟ ବର କିମ୍ବା ତାଳଗଛ ପ୍ରତ୍ୟେକ ଗାଁରୁ କଟାଗଲାବେଳେ କୌଣସି ସରକାରୀ ବିଭାଗ ତାହାକୁ ବନ୍ଦ କଲା ନାହିଁ। ଆଜି ଚିନ୍ତା ଉପୁଜୁଛି ବଜ୍ରପାତର।

ଏବେ ଯେଉଁ ତାଳଗଛ ଲଗାଇବାର ଉଦ୍ୟମ ଆରମ୍ଭ ହୋଇଛି ତାହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ପୂର୍ବରୁ ଜଳବାୟୁ ପରିବର୍ତ୍ତନକୁ ଲକ୍ଷ୍ୟକରି ଏଭଳି ପଦକ୍ଷେପ ନିଆଯାଇଥିଲେ କିଛି ସଫଳତା ମିଳିଥାନ୍ତା। ପରିବେଶ ବିଜ୍ଞାନୀଙ୍କ ମତରେ, ବିଶ୍ୱତାପନ ପ୍ରଭାବରେ ପ୍ରାକୃତିକ ବିପର୍ଯ୍ୟୟ ସହ ବଜ୍ରପାତ ବୃଦ୍ଧିପାଇବାରେ ଲାଗିଛି। କିନ୍ତୁ ବିଶ୍ୱତାପନ ହ୍ରାସ କରିବା ପାଇଁ କଡ଼ା ପଦକ୍ଷେପ ପରିବର୍ତ୍ତେ ତାଳଗଛ ଲଗାଇ ବଜ୍ରପାତରୁ ରକ୍ଷାପାଇବା କଥା ଚିନ୍ତାକରାଯାଇଛି। ହେଲେ ତାଳଗଛରୁ ଲାଭ ପାଇବା ପାଇଁ ଆମକୁ ଅତିକମ୍‌ରେ ୩୦-୪୦ ବର୍ଷରୁ ଅଧିକ ସମୟ ଅପେକ୍ଷା କରିବାକୁ ହେବ । କାରଣ ଯେଉଁମାନଙ୍କ ବାଡ଼ିରେ ତାଳଗଛ ଥିବ ତାହା କେମିତି ବଢ଼େ ସେମାନେ ଜାଣିଥିବେ। ଉଲ୍ଲେଖନୀୟ ଯେ, ଚଳିତ ବର୍ଷକୁ ବାଦ୍ ଦେଲେ ଗତ ଦଶନ୍ଧିଗୁଡ଼ିକରେ ବନୀକରଣ କାର୍ଯ୍ୟକ୍ରମରେ ଲଗାଯାଇଥିବା ବିଭିନ୍ନ ପ୍ରଜାତିର ଗଛର ସ୍ଥିତି ନୈରାଶ୍ୟଜନକ। କାର୍ଯ୍ୟକ୍ରମ ଅନୁଯାୟୀ ସଫଳତା କମ୍ ବିଫଳତା ବେଶି। ଗଛସବୁ ଲଗାଯିବା ପରେ ୩/୪ ବର୍ଷ ଲଗାତର ଯତ୍ନର ଅଭାବ ଦେଖାଯାଇଛି। ଏପରିକି ୨୦୨୨ରେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟରେ ଦର୍ଶାଇଥିଲେ ଯେ, ବନ ବିଭାଗ ବୃକ୍ଷରୋପଣରେ ତାହାର ଲକ୍ଷ୍ୟ ହାସଲ କରିପାରୁନାହିଁ। ବନୀକରଣ ଉପଯୁକ୍ତ ସ୍ଥାନରେ ହେଉନାହିଁ କି ତାହାର ଠିକ୍ ଭାବେ ସମୀକ୍ଷା କରାଯାଉନାହିଁ ବୋଲି ଦର୍ଶାଯାଇଥିଲା।

ପରିବେଶ ସମ୍ପର୍କିତ ମାଗାଜିନ ଡାଉନ୍ ଟୁ ଆର୍ଥରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୦-୨୧ରେ ଓଡ଼ିଶାର ଗ୍ରାମପଞ୍ଚାୟତଗୁଡ଼ିକରେ ଚାରାରୋପଣ କାର୍ଯ୍ୟକ୍ରମର ବର୍ଷକ ପରେ ଲଗାଯାଇଥିବା ଗଛରୁ କେବଳ ୧ ପ୍ରତିଶତରୁ କମ୍ ବଞ୍ଚିଥିଲା। ବିଶେଷକରି ପଲ୍ଲିସଭା ବା ଗ୍ରାମସଭାକୁ ଏଥିରେ ଅଣଦେଖା କରାଯାଇଥିବା ପ୍ରକାଶ କରିଥିଲା। ଏହା ନିଶ୍ଚିତ ଯେ, ଗ୍ରାମାଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସଫଳତା ପାଇଁ ସହଭାଗୀ ପ୍ରକ୍ରିୟା ଦରକାର। ଏଥିରେ ସରକାର ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆରମ୍ଭଠାରୁ କ୍ରମାଗତ ଭାବେ ୩ରୁ ୪ ବର୍ଷ ଯାଏ ମୂଲ୍ୟାୟନ କରାଯାଇପାରିଲେ ଗଛର ସୁରକ୍ଷାରେ କୌଣସି ବାଧା ରହିବ ନାହିଁ। କିନ୍ତୁ ଦେଖାଯାଏ ପଞ୍ଚାୟତର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ନିର୍ବାଚିତ ପ୍ରତିନିଧି ଓ ବ୍ଲକ୍‌ର ଅଧିକାରୀମାନଙ୍କ ମଧ୍ୟରେ ଭିତିରି ବୁଝାମଣାରେ ଦି ପଇସା ଲାଭ ଲାଗି ସବୁକିଛି ଉଜୁଡ଼ିଯାଉଛି। ସହର କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ଦେଖାଯାଏ। ଏହା ବ୍ୟତୀତ ସାର୍ବଜନୀନ ଜାଗାର ଅଭାବ ବନୀକରଣରେ ବଡ଼ ସମସ୍ୟା ଭାବେ ଉଭାହୋଇଛି। ଅନେକ ପଞ୍ଚାୟତ କିମ୍ବା ସହରରେ ଏଭଳି ଜାଗା ଜବରଦଖଲ ହେଉଛି କିମ୍ବା ବିକାଶ ପାଇଁ ଅଧିଗ୍ରହଣ କରାଯାଉଛି। ଏହା ସତ୍ୟ ଯେ, ଗ୍ରାମବାସୀ କିମ୍ବା ସ୍ଥାନୀୟ ଲୋକଙ୍କ ସହଯୋଗ ବିନା ବନୀକରଣ ଶତ ପ୍ରତିଶତ ସଫଳ ହେବା କଷ୍ଟକର। କେତେକ କ୍ଷେତ୍ରରେ ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଉଛି ସତ, କିନ୍ତୁ ଯଦି ଏହି କାର୍ଯ୍ୟ ଲାଗି ସେମାନଙ୍କୁ ଆକର୍ଷଣୀୟ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଆନ୍ତା ତେବେ ଜଙ୍ଗଲ ସୃଷ୍ଟି କରିବା ସହଜ ହୁଅନ୍ତା। ଯିଏ ଯେତେ ଗଛ ବଞ୍ଚାଇପାରିବେ ସେମାନେ ସେତେ ଅଧିକ ଅର୍ଥ ପୁରସ୍କାର ପାଇବାର ବ୍ୟବସ୍ଥା କରାଗଲେ ସଫଳତା ପ୍ରତିଶତ ବଢ଼ିଯାଆନ୍ତା। ଏବେ ତାଳଗଛ ଲଗାଇବା କାର୍ଯ୍ୟକ୍ରମରେ ସମାନ ପ୍ରକାର ମନୋଭାବ ଆପଣାଇଲେ ବନ ବିଭାଗ ପାଇଁ ସଫଳତା ପାଇବାର ବାଟ ଫିଟିପାରିବ।

# ସରକାରୀ ଛୁଟିରେ ପାତରଅନ୍ତର



ବୃହସ୍ପତି ସାମଲ

ସାଧାରଣତଃ କେନ୍ଦ୍ର ସରକାରୀ କର୍ମଚାରୀମାନେ ବର୍ଷକୁ ଯେଉଁ ୧୭ଟି କାର୍ଯ୍ୟ ବନ୍ଦ ଦିବସକୁ ଛୁଟି ଭାବରେ ପାଇଥାନ୍ତି, ସେଥିମଧ୍ୟରୁ ୧୪ଟି ଛୁଟି ସବୁ ରାଜ୍ୟର କର୍ମଚାରୀମାନଙ୍କ ପାଇଁ ସମାନ ଥାଏ ଯେଉଁଥିରେ ତିନୋଟି ଜାତୀୟ ଛୁଟି (ସାଧାରଣତନ୍ତ୍ର ଦିବସ, ଗଣତନ୍ତ୍ର ଦିବସ ଓ ଗାନ୍ଧୀ ଜୟନ୍ତୀ), ଦୁଇଟି ହିନ୍ଦୁ ଧର୍ମାବଲମ୍ବୀଙ୍କ ପାଇଁ (ଦଶହରା, ଦୀପାବଳି), ଚାରୋଟି ମୁସଲମାନମାନଙ୍କ ପାଇଁ (ଇଦ୍-ଉଲ୍-ଫିତର, ଇଦ୍-ଉଲ୍-ଜୁହା, ମହରମ, ଇଦ-ଏ- ମିଲାଦ), ଦୁଇଟି ଖ୍ରୀଷ୍ଟିଆନମାନଙ୍କ ପାଇଁ (ଗୁଡ୍ ଫ୍ରାଇଡେ, ଖ୍ରୀଷ୍ଟମାସ ଡେ), ଗୋଟିଏ ଶିଖ୍ ଧର୍ମାବଲମ୍ବୀଙ୍କ ପାଇଁ (ଗୁରୁନାନକ ଜନ୍ମ ଦିନ), ଗୋଟିଏ ଜୈନ ଧର୍ମାବଲମ୍ବୀଙ୍କ ପାଇଁ (ମହାବୀର ଜୟନ୍ତୀ) ଏବଂ ଗୋଟିଏ ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଇଁ (ବୁଦ୍ଧ ପୂର୍ଣ୍ଣିମା) ନିର୍ଦ୍ଦିଷ୍ଟ ଭାବେ ଧାର୍ଯ୍ୟ କରାଯାଇଥାଏ। ବାକି ତିନିଦିନ କେନ୍ଦ୍ର ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟ ବିଭାଗ ଦ୍ୱାରା ନିର୍ଦ୍ଧାରିତ ବାରଗୋଟି ଛୁଟି ମଧ୍ୟରୁ (ଯେମିତି ଦୁର୍ଗାପୂଜା ପାଇଁ ଅତିରିକ୍ତ ଛୁଟି,ହୋଲି, ଜନ୍ମାଷ୍ଟମୀ, ରାମନବମୀ, ଶିବରାତ୍ରି, ଗଣେଶ ଚତୁର୍ଥୀ, ମକର ସଂକ୍ରାନ୍ତି, ରଥଯାତ୍ରା, ଓନମ, ପୋଙ୍ଗଲ, ଶ୍ରୀପଞ୍ଚମୀ ଏବଂ ମକର ସଂକ୍ରାନ୍ତି, ବିହୁ, ବୈଶାଖୀ, ଲୋହରି ଭଳି ପର୍ବପର୍ବାଣି) ପ୍ରତ୍ୟେକ ରାଜ୍ୟର କେନ୍ଦ୍ର ସରକାରୀ କର୍ମଚାରୀ ଆଞ୍ଚଳିକ କଲ୍ୟାଣ ସହଯୋଗ ସମିତି ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ, ଯାହା ପରୋକ୍ଷରେ ହିନ୍ଦୁ ଧର୍ମାବଲମ୍ବୀଙ୍କୁ ମିଳିଥାଏ। ଅର୍ଥାତ୍ ସମୁଦାୟ ୧୭ଟି ଛୁଟିରୁ ତିନୋଟି ଜାତୀୟ ଛୁଟି ଦିବସକୁ ଛାଡ଼ିଦେଲେ ବାକି ୧୪ଟି ଛୁଟି ଧର୍ମୀୟ ଭାବନା ଆଧାରରେ ନିର୍ଦ୍ଧାରିତ। ଶିକ୍ଷକମାନଙ୍କୁ ଛାଡ଼ିଦେଲେ ପ୍ରତ୍ୟେକ ରାଜ୍ୟର ରାଜ୍ୟ ସରକାରୀ କର୍ମଚାରୀମାନେ ଦ୍ୱିଗୁଣ ଅଧିକେ ଏହିଭଳି ଛୁଟି ପାଇଥାନ୍ତି।

୨୦୧୧ ଜନଗଣନା ଅନୁଯାୟୀ, ଭାରତରେ ଉପରୋକ୍ତ ନିର୍ଦ୍ଦିଷ୍ଟ ଛଅଗୋଟି ସମ୍ପ୍ରଦାୟ ବ୍ୟତୀତ ଇହୁଦି ଓ ପାର୍ସୀ ଭଳି ଅନ୍ୟ କିଛି ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ବାସ କରନ୍ତି। ସେମାନଙ୍କ ପାଇଁ ଏହି ଛଅଗୋଟି ସମ୍ପ୍ରଦାୟ ଭଳି ନିର୍ଦ୍ଦିଷ୍ଟ ଛୁଟିର ପ୍ରାବଧାନ ନାହିଁ। ସେହିଭଳି ଭାରତର ସମୁଦାୟ ଜନସଂଖ୍ୟାର ୮.୬% ଆଦିବାସୀ(ଓଡ଼ିଶାର ସମୁଦାୟ ଜନସଂଖ୍ୟାର ୨୨.୮୫% ଆଦିବାସୀ) ଥିଲେ ବି ସେମାନଙ୍କ ଦ୍ୱାରା ପାଳିତ କୌଣସି ପର୍ବକୁ(ଯେମିତି ଆମ ଓଡ଼ିଶାର 'କୋରାପୁଟ ପରବ') କେନ୍ଦ୍ର ସରକାରଙ୍କ ଛୁଟି ତାଲିକାରେ ନାହିଁ। ଓଡ଼ିଶାର ସବୁଠାରୁ ଲୋକପ୍ରିୟ ପର୍ବ ରଜ ମହୋତ୍ସବ, ବିଶ୍ୱର ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ଧନୁଯାତ୍ରା ମହୋତ୍ସବ ଏବଂ ନୂଆଖାଇ ଭଳି ସର୍ବାଦୃତ କୃଷିଭିତ୍ତିକ ପର୍ବ କେନ୍ଦ୍ର ସରକାରଙ୍କ ଉପରୋକ୍ତ ତାଲିକାରେ ଅନ୍ତର୍ଭୁକ୍ତ ନୁହେଁ। ତେଣୁ ସବୁ ରାଜ୍ୟ, ସବୁ ସମ୍ପ୍ରଦାୟକୁ ୧୭ଟି ଛୁଟି ଭିତରେ ସମାନ ନ୍ୟାୟ ପ୍ରଦାନ ନ କରିପାରିବା କେନ୍ଦ୍ର ସରକାରଙ୍କ ଏକ ବାଧ୍ୟବାଧକତା କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ପ୍ରଶ୍ନ ଉଠେ, ଭାରତ ଭଳି ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ଅନେକ ଧର୍ମାବଲମ୍ବୀ ବାସ କରୁଥିବାବେଳେ ନିର୍ଦ୍ଦିଷ୍ଟ କେତୋଟି ସମ୍ପ୍ରଦାୟର ପୂଜାପାର୍ବଣକୁ ପ୍ରାଧାନ୍ୟ ଦେଇ ଧର୍ମୀୟ ଚିନ୍ତାଧାରା ଆଧାରରେ କେଉଁ ସମ୍ପ୍ରଦାୟକୁ ବେଶି ତ ଆଉ କେଉଁ ସମ୍ପ୍ରଦାୟକୁ କମ୍ ଦିନର ସାର୍ବଜନୀକ ଛୁଟି ଘୋଷଣା କରିବା ସମ୍ବିଧାନର ଧାରା ୧୪ର ଉଲ୍ଲଂଘନ କରିବା ସହ ବିଭିନ୍ନ ବର୍ଗର କର୍ମଚାରୀଙ୍କ ଭିତରେ ଧର୍ମୀୟ ସଂକୀର୍ଣ୍ଣତାକୁ ପ୍ରଶ୍ରୟ ଦେଉନାହିଁ କି? ଯେତେବେଳେ ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମର ପୂଜାପାର୍ବଣ ଅନ୍ୟ ବର୍ଗର ଲୋକେ ପ୍ରାୟ ପାଳନ କରନ୍ତି ନାହିଁ, ଧର୍ମଭିତ୍ତିକ ସାର୍ବଜନିକ ଛୁଟି ଘୋଷଣା କରି ପାତରଅନ୍ତର ନୀତି ଆପଣେଇବା ଏବଂ ସମୂହ କାର୍ଯ୍ୟ ଦିବସକୁ ସଙ୍କୁଚିତ କରି ଶ୍ରମଶକ୍ତି ନଷ୍ଟ କରିବା ସହ ଦେଶର ପ୍ରଗତିରେ ବାଧା ସୃଷ୍ଟି କରିବା ଆଦୌ ଯୁକ୍ତିଯୁକ୍ତ ମନେହୁଏନି।



ଛୁଟି ସମୂହର ଅନ୍ୟ ଏକ ଦିଗକୁ ଆଲୋଚନା କଲେ ଦେଖାଯାଏ ଯେ କେନ୍ଦ୍ର ସରକାରଙ୍କ ଅଧୀନ ପ୍ରଶାସନିକ କାର୍ଯ୍ୟାଳୟଗୁଡିକ(ଯାହାର ଦୈନିକ କାର୍ଯ୍ୟ ସମୟ ସାଢ଼େ ଆଠଘଣ୍ଟା)ର କର୍ମଚାରୀମାନେ ସପ୍ତାହକୁ ୫ଦିନ କାର୍ଯ୍ୟ କରି ଏବଂ ବାର୍ଷିକ ୧୩୧ ଦିନ ଛୁଟି (ସାର୍ବଜନିକ ଛୁଟି ୧୭ ଦିନ, ପ୍ରତ୍ୟେକ ଶନିବାର ଓ ରବିବାର ମିଶି ୧୦୪ ଦିନ ଏବଂ ସାମୟିକ ତଥା ନିୟନ୍ତ୍ରିତ ଛୁଟି ୧୦ ଦିନ) ଉପଭୋଗ କରି ବର୍ଷର ବାକି ୨୩୪ଟି କାର୍ଯ୍ୟ ଦିବସରେ ମୋଟ ୧୯୮୯ ଘଣ୍ଟା କାର୍ଯ୍ୟ କରୁଥିବା ବେଳେ ପ୍ରାୟୋଗିକ (ଅପରେଟିଭ) କାର୍ଯ୍ୟାଳୟ (ଯାହାର କାର୍ଯ୍ୟ ସମୟ ଆଠଘଣ୍ଟା)ର କର୍ମଚାରୀମାନେ ସପ୍ତାହକୁ ୬ଦିନ କାମ କରିବା ସହ ବାର୍ଷିକ ମାତ୍ର ୭୯ ଦିନ ଛୁଟି (ସାର୍ବଜନିକ ଛୁଟି ୧୭ ଦିନ, ରବିବାର ୫୨ ଦିନ ଏବଂ ସାମୟିକ ତଥା ନିୟନ୍ତ୍ରିତ ଛୁଟି ୧୦ ଦିନ) ଉପଭୋଗ କରି ବର୍ଷର ବାକି ୨୮୬ଟି କାର୍ଯ୍ୟ ଦିବସରେ ମୋଟ ୨୨୮୮ ଘଣ୍ଟା କାର୍ଯ୍ୟ କରିଥାନ୍ତି। ଗୋଟିଏ ସରକାର ଓ ଗୋଟିଏ ବିଭାଗ ଅଧୀନରେ ପ୍ରାୟୋଗିକ ଦପ୍ତରର ପ୍ରତିପକ୍ଷଠାରୁ ବାର୍ଷିକ ୨୯୯ ଘଣ୍ଟା (୨୨୮୮-୧୯୮୯) କମ୍ କାମ କରି ମଧ୍ୟ ପ୍ରଶାସନିକ ଦପ୍ତରର କର୍ମଚାରୀମାନେ ଅଧିକ ଛୁଟି ପାଇଥାନ୍ତି। ଅଧିକ ସମୟ କାମ କରୁଥିବା କର୍ମଚାରୀ କମ୍ ଦିନ ଛୁଟି ଉପଭୋଗ କରିବା ସମାନତାର ଅଧିକାର ପ୍ରତି ଏକ ବଡ଼ ବିଦ୍ରୂପ।

ଅଧିକନ୍ତୁ; ପ୍ରତ୍ୟେକ ରାଜ୍ୟର କେନ୍ଦ୍ର ସରକାରୀ କର୍ମଚାରୀ ଆଞ୍ଚଳିକ କଲ୍ୟାଣ ସହଯୋଗ ସମିତିର ଅଧ୍ୟକ୍ଷ ଓ ସଭ୍ୟମାନେ ପ୍ରଶାସନିକ କାର୍ଯ୍ୟାଳୟର ଅଧିକାରୀ ହୋଇଥିବାରୁ ସେମାନେ ଚୟନ କରୁଥିବା ତିନୋଟି ଛୁଟି ସେମାନଙ୍କ ସୁବିଧା ଅନୁସାରେ ଘୋଷଣା କରନ୍ତି। ଉଦାହରଣ ସ୍ୱରୂପ ଦୁର୍ଗାଷ୍ଟମୀ ଯଦି ଗୁରୁବାର ପଡିଲା, ତେବେ ଦୁର୍ଗାପୂଜା ପାଇଁ ଉଦ୍ଦିଷ୍ଟ ଅତିରିକ୍ତ ଛୁଟିଦିନଟି ଦଶମୀ ପରିବର୍ତ୍ତେ ମହାନବମୀ ପାଇଁ (ଶୁକ୍ରବାର) ଘୋଷିତ ହେବା ଥୟ, ଯାହା ଦ୍ୱାରା ପ୍ରଶାସନିକ କାର୍ଯ୍ୟାଳୟର କର୍ମଚାରୀମାନେ ଏକାଦିକ୍ରମେ ଚାରିଦିନ ଛୁଟି ପାଇପାରିବେ। ଉପରୋକ୍ତ ୧୨ଟି ନିର୍ଦ୍ଧାରିତ ଛୁଟି ମଧ୍ୟରୁ ଯେଉଁଟି ଶୁକ୍ରବାର କିମ୍ବା ସୋମବାରରେ ପଡୁଥିବ, ସେହିଦିନ ପାଇଁ ଛୁଟି ଘୋଷିତ ହେବ, ଯାହା ଦ୍ୱାରା ପ୍ରଶାସନିକ କାର୍ଯ୍ୟାଳୟର କର୍ମଚାରୀମାନେ ଏକାଦିକ୍ରମେ ତିନିଦିନ ଛୁଟି ପାଇପାରିବେ। ଡାକଘର ଭଳି କେତେକ କେନ୍ଦ୍ର ସରକାରୀ ଅପରେଟିଭ ଅଫିସରେ ଏକାଦିକ୍ରମେ ତିନିଦିନ ଛୁଟି ପଡ଼ିଲେ, ମଝି ଦିନଟି ଡାକଘର ଖୋଲିବାକୁ ଏକ ବୈଧାନିକ ଆଦେଶ ମଧ୍ୟ ରହିଛି, ଯାହା ସେମାନଙ୍କ ପାଇଁ ବେଡ଼ି ଉପରେ କୋରଡ଼ା। ହୋଲି ଭଳି ପର୍ବରେ ରଙ୍ଗ ଅବିର ମାଡ଼ ଖାଇ ଡାକ କର୍ମଚାରୀ କାର୍ଯ୍ୟ ସମ୍ପାଦନ କରିବାର ବହୁ ନଜିର ରହିଛି। ବିଶେଷ ଭାବେ ରାଜ୍ୟ ସରକାରୀ କର୍ମଚାରୀଙ୍କ ସହ ବ୍ୟାଙ୍କ ଓ ଜୀବନ ବୀମା ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକର କର୍ମଚାରୀମାନେ ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାରରେ ଛୁଟି ପାଉଥିବା ବେଳେ ଡାକଘର ଭଳି କେନ୍ଦ୍ର ସରକାରୀ ଅପରେଟିଭ ଅଫିସର କର୍ମଚାରୀମାନେ ସେଥିରୁ ବଞ୍ଚିତ।

'ଗୋଟିଏ ରାଷ୍ଟ୍ର, ଗୋଟିଏ ପରିଚୟ ପତ୍ର', 'ଗୋଟିଏ ରାଷ୍ଟ୍ର ଗୋଟିଏ ନିର୍ବାଚନ' ଭଳି ଅନେକ କଥା ଚିନ୍ତା କରୁଥିବା କେନ୍ଦ୍ର ସରକାର, ଗୋଟିଏ ରାଷ୍ଟ୍ରର କର୍ମଚାରୀଙ୍କ ପାଇଁ ଗୋଟିଏ ପ୍ରକାର ଛୁଟିର ପ୍ରାବଧାନ କରିବା ଯୁକ୍ତିଯୁକ୍ତ ମନେହୁଏ। ଅଧିକନ୍ତୁ; ଦେଖାଯାଇଛି, ଅନେକ ସମୟରେ କେନ୍ଦ୍ର ସରକାର ଉପରୋକ୍ତ ୧୭ଟି ଛୁଟି ବ୍ୟତୀତ, ସୁଭାଷ ବୋଷ ଜୟନ୍ତୀ, ଆମ୍ବେଡକର ଜୟନ୍ତୀ, ବିବେକାନନ୍ଦ ଜୟନ୍ତୀ ଭଳି ଦିବସକୁ ମଧ୍ୟ ବିଶେଷ ଛୁଟି ଦିବସ ଭାବେ ଘୋଷଣା କରିଥାନ୍ତି। ଧର୍ମୀୟ ଭାବନା ଆଧାରିତ ୧୪ଟି ଛୁଟି ବଦଳରେ ତିନୋଟି ଜାତୀୟ ଛୁଟିକୁ ପରିବର୍ଦ୍ଧିତ କରି ସୁଭାଷ ବୋଷ, ଆମ୍ବେଡକରଙ୍କ ଭଳି ଦେଶ ପାଇଁ ବଳିଦାନ ଦେଇଥିବା କିମ୍ବା ବିଭିନ୍ନ କ୍ଷେତ୍ରରେ ଜାତୀୟ ସ୍ତରରେ ଦେଶ ପାଇଁ ଅମଳିନ ଛାପ ଛାଡ଼ି ଯାଇଥିବା ମହାପୁରୁଷଙ୍କ ନାମରେ ସମୁଦାୟ ୧୭ଟି ଛୁଟିକୁ ଜାତୀୟ ଛୁଟି ଦିବସ ଭାବେ ଘୋଷଣା କରିବାକୁ କେନ୍ଦ୍ର ସରକାର ବିଚାର କରିବା ଉଚିତ।

ମୋ: ୯୪୩୭୦୨୨୬୬୯

# ସଦ୍‌ଗୁଣାବଳୀର ସକ୍ରିୟ ଚିତ୍ର



ଡ. ଶରତ ଚନ୍ଦ୍ର ପରିଡ଼ା

ବ୍ୟକ୍ତିତ୍ୱର ସାରବାର୍ତ୍ତା ହିଁ ଚରିତ୍ର। ଏହା ଜୀବନର ମୌଳିକ ନୀତିନିୟମର ସମନ୍ୱିତ ଓ ସକ୍ରିୟ ରୂପ। ଦିଗ ନିର୍ଣ୍ଣୟ ଯନ୍ତ୍ର ପରି ଚରିତ୍ର ମଣିଷର କାର୍ଯ୍ୟଧାରାକୁ ନିୟନ୍ତ୍ରଣ କରେ। ଚରିତ୍ର ନିଷ୍ପତ୍ତିର ନିୟାମକ। କର୍ମପଛର ପ୍ରେରଣା। ଶେଯରୁ ଉଠିବାଠାରୁ ଶେଯକୁ ଯିବାଯାଏ ଜୀବନର ପ୍ରତି କ୍ରିୟା ପ୍ରତିକ୍ରିୟା ଚରିତ୍ରର ଖେଳ। ଚରିତ୍ର ଆଖିର ଲେନ୍ସ, ଯାହା ଦ୍ୱାରା ଜଣେ ବାହାର ଦୁନିଆକୁ ଦେଖେ। ସଦାଚାର ଏକ ମୋହର, ଯାହା ଅନ୍ୟଠାରୁ ଜଣକୁ ଅଲଗା କରେ। ଶାଳୀନତା ସମ୍ପର୍କର ଅଠା। ବ୍ୟକ୍ତିର ରୂପ, ଗୁଣ, ପ୍ରକୃତି, ମନୋବୃତ୍ତି, ଆସକ୍ତି, ଅଭ୍ୟାସ, ସଚ୍ଚୋଟତା, ଅଖଣ୍ଡତା, ଦୟା, ସହାନୁଭୂତି, ସମ୍ବେଦନ, ଧୈର୍ଯ୍ୟ, ନମନୀୟତା, ପ୍ରତିରୋଧକ୍ଷମତା ଓ ଦୃଢ଼ତା- ଏ ସବୁ ସୁଗୁଣାବଳୀ ସଚ୍ଚରିତ୍ର ରୂପକ ବୃକ୍ଷର ଫଳ। ନୀତି ଓ ନୈତିକତା, ସତ୍ୟନିଷ୍ଠତା, ଉଦାରତା ଆଦି ଚରିତ୍ରର କଷଟି ପଥର। ସ୍ୱଭାବ ଓ ଶୀଳ ଏହାର ଭିନ୍ନ ଭିନ୍ନ ନାମ। ବୟସ ଲିଙ୍ଗ ଜାତି ନିର୍ବିଶେଷରେ ସବୁକ୍ଷେତ୍ରରେ ଆଜି ଶୀଳ ଓ ଶାଳୀନତାର ଅଭାବ। ଆଚରଣ ଓ ବ୍ୟବହାରରେ ଦୋଷ ତ୍ରୁଟି ନ ଥିଲେ ତାହା ଶୀଳ ବୋଲି ଅମରକୋଷ(୪୩୫)ର ମତ: ଶୁଚୌ ତୁ ଚରିତେ ଶୀଳ। ଶାରୀରିକ ଗତିବିଧିରେ ନିୟନ୍ତ୍ରଣ, ମାନସିକ ସ୍ତରରେ ସକାରାତ୍ମକ ଉଚ୍ଚ ଚିନ୍ତା, ବୌଦ୍ଧିକ ସ୍ତରରେ ବିବେକ ବିଚାର, ଭାବଜଗତର ଆବେଗ ପ୍ରବଣତାରେ ସଂଯମ ଓ ଆଧ୍ୟାତ୍ମିକ ଚେତନାରେ ଉଦ୍‌ବୋଧ ସଚ୍ଚରିତ୍ରର ଲକ୍ଷଣ। ଉତ୍ତମ ଚରିତ୍ର ମଣିଷର ସ୍ଥିତିକୁ ଉଚ୍ଚତମ, ଜୀବନକୁ ଋଦ୍ଧିମନ୍ତ ଓ ଧନୀ କରିଥାଏ।

ଚରିତ୍ର ବ୍ୟକ୍ତିର ବାସ୍ତବ ପରିଚୟ। ଜୀବନର ମର୍ମ ଓ ମଞ୍ଜା। ଚିନ୍ତାର ନକ୍ସା ଓ ବ୍ୟବହାରର ଢାଞ୍ଚା ଜାତୀୟ ଜୀବନର ନମୁନା ଓ ଆଦର୍ଶ। ଗୁଣାବଳୀକୁ ବ୍ୟବହାର କରି ଜୀବନକୁ ପରିଚାଳନା କରିବା ପଦ୍ଧତି ଚରିତ୍ରର ନିର୍ଯ୍ୟାସ। ଧୈର୍ଯ୍ୟର ସହ ନୀରବରେ ଶୁଣି ହଂସଭଳି ଉପାଦେୟ ସାରାଂଶ ଗ୍ରହଣ କରିଥାଏ। ଜଣେ ଅନ୍ୟ ଜଣକ ସହିତ କେମିତି କଥା ହେଉଛି, କ'ଣ ଶବ୍ଦାବଳୀ ବ୍ୟବହାର କରୁଛି, ଅନ୍ୟମାନଙ୍କ ସହିତ କିପରି ଭାବ ବିନିମୟ କରୁଛି, ସେମାନଙ୍କ ସହିତ କିପରି ସଂଯୁକ୍ତ ହେଉଛି; ଗୋଟିଏ ନିର୍ଦ୍ଦିଷ୍ଟ ପରିସ୍ଥିତିରେ କିପରି ପ୍ରତିକ୍ରିୟା ପ୍ରକାଶ କରୁଛି, ବିଫଳତା ପରି ଆହ୍ୱାନକୁ କିପରି ମୁକାବିଲା କରୁଛି, ଅବସର ସମୟ କେମିତି ବିତାଉଛି, ଆରାମ କେମିତି କରୁଛି, କ'ଣ ଅନୁଭବ କରୁଛି, ଅନ୍ୟମାନଙ୍କୁ କୋଉ ଦୃଷ୍ଟିଭଙ୍ଗୀରେ ଗ୍ରହଣ କରୁଛି, ତାହା ତା'ର ଚରିତ୍ରକୁ ସୂଚାଇଥାଏ। ପରିସ୍ଥିତିର ନିରୀକ୍ଷଣରୁ ଚରିତ୍ରର ବାସ୍ନା ବାରି ହୁଏ। ଚରିତ୍ର ଆମ ପ୍ରକୃତିର ସଂସ୍କରଣ। ବ୍ୟକ୍ତିତ୍ୱ ବାହାରକୁ ପ୍ରଦର୍ଶିତ ହେଲାବେଳେ ଚରିତ୍ର ଭିତରେ ଥାଏ।

ଚରିତ୍ର ଶକ୍ତିଶାଳୀ। ଚରିତ୍ରବାନ୍ ବ୍ୟକ୍ତି ସମାଜର ଆସ୍ଥା, ଆବଶ୍ୟକ, ଆକର୍ଷଣ ଆଉ ବିଶ୍ୱାସଭାଜନ। ସମାଜର ଫୁଲ ଓ ଫଳ। ଖେଳୁଆଡ଼ ମନୋବୃତ୍ତି ଥିଲେ ଜଣେ ହାର୍‌ଜିତରେ ମୃଦୁ ହସ ହସେ, ଝଗଡ଼ା କରେ ନାହିଁ। ସତ୍‌ପାତ୍ରଙ୍କ ଚରିତ୍ରରେ ଜନମନମୋହନ ଶକ୍ତି ଭରି ରହିଛି। ସେ ନିଜ ଗୁଣ ପ୍ରଭାବରେ ଅଗ୍ନିକୁ ଜଳରେ, ସାଗରକୁ ଗୋଟିଏ ନାଳରେ, ସୁମେରୁକୁ ଗୋଟିଏ ଛୋଟିଆ ଶିଳାରେ, ମୃଗରାଜ ସିଂହକୁ ଗୋଟିଏ ହରିଣରେ, ସାପକୁ ଏକ ଫୁଲମାଳାରେ ଓ ବିଷକୁ ଅମୃତରେ ପରିଣତ କରିପାରେ (ନୀତିଶତକମ୍-୧୦୯)। ତା' ପାଇଁ ଧନୋପାର୍ଜନ ସୁଲଭ। ଦାନଧର୍ମ କରି ସେ ପରମ ଆତ୍ମତୃପ୍ତି ଲାଭ କରିଥାଏ : ପାତ୍ରତ୍ୱାତ୍ ଧନମାପ୍ନୋତି ଧନାଦ୍ ଧର୍ମଂ ତତଃ ସୁଖମ୍ (ମହାଭାରତ)। ଚରିତ୍ରହୀନ ଶ୍ମଶାନ ତୁଳସୀ ପରି ବର୍ଜନୀୟ। ଦଂଶନ ପ୍ରକୃତି ହେତୁ ସାପର ମୂଲ୍ୟବାନ୍ ମଥାମଣି ଅବ୍ୟବହାର୍ଯ୍ୟ। ନୀତି ବିଶାରଦ ଭର୍ତ୍ତୃହରି କହନ୍ତି: ସଜ୍ଜନତା ଐଶ୍ୱର୍ଯ୍ୟର, ବାକ୍ ସଂଯମ ଶୂରବୀରର, ଶାନ୍ତିଭାବ ଜ୍ଞାନର ଓ ନମ୍ରତା ବିଦ୍ୱାନ୍‌ଙ୍କ ବାସ୍ତବ ଅଳଂକାର। ସେହିପରି ଧନୀର ସତ୍‌ପାତ୍ରରେ ଦାନ, ତପସ୍ୱୀର କ୍ରୋଧ ନ କରିବା, ସାମର୍ଥ୍ୟବାନ୍‌ର କ୍ଷମା ଓ ଧାର୍ମିକର ଅକପଟ ବ୍ୟବହାର ପ୍ରକୃତ ଭୂଷଣ ହେଲାବେଳେ ସତ୍‌ଚରିତ୍ର ସମସ୍ତଙ୍କ ଅଳଂକାର : ଶୀଳଂ ପରଂ ଭୂଷଣମ୍ (୨/୮୩)। ପଶୁ କେବଳ ଦେଖେ-ପଶ୍ୟତି ଇତି ପଶୁ, ଚିନ୍ତନ କରେ ନାହିଁ। ମଣିଷ ହେଉଛି ସଂବିତ୍ ବା ଚେତନାଯୁକ୍ତ ପ୍ରାଣୀ। ମନନ ଶକ୍ତି ଥିବାରୁ ସେ ମଣିଷ। ବିବେକଶକ୍ତିର ପ୍ରୟୋଗରେ ସମାଜ ସତ୍ୟ ଶିବ ସୁନ୍ଦର ହୋଇଥାଏ। ଅଶାଳୀନତା ଅପଯଶ ଆଣେ। ପ୍ରତ୍ୟେକ କାର୍ଯ୍ୟ ସ୍ୱେଚ୍ଛାଚାର ନୁହେଁ, ବୈଶ୍ୱିକ ନିୟମ ଅନୁମୋଦିତ ହୋଇଥିବା ଆବଶ୍ୟକ।

ବ୍ୟକ୍ତି ପ୍ରକୃତି ଓ ବିଶ୍ୱ ପ୍ରକୃତି ମଧ୍ୟରେ ସୂକ୍ଷ୍ମାତିସୂକ୍ଷ୍ମ ଯୋଗସୂତ୍ର ଥିବା ହେତୁ ବ୍ୟକ୍ତି ପ୍ରକୃତି କଳୁଷିତ ଓ ବିକୃତ ହେଲେ ବିଶ୍ୱ ପ୍ରକୃତିରେ ବିପର୍ଯ୍ୟୟ ଘଟେ। ଚରିତ୍ରର ବିକାଶ ଅବଶ୍ୟକାର୍ଯ୍ୟ। ଶୀଲ୍ ଧାତୁର ଅର୍ଥ ଅଭ୍ୟାସ କରିବା। ଚର୍ ଧାତୁରେ ଇତ୍ର ଯୋଗରେ ଚରିତ୍ର ଓ ଆ ଉପସର୍ଗ ଲାଗି ଆଚରଣ ଶବ୍ଦ ନିଷ୍ପନ୍ନ ହୁଏ। ବ୍ୟକ୍ତି ଉତ୍ତମ ଆଚରଣ ଅଭ୍ୟାସଯୋଗ ବଳରେ ସଚ୍ଚରିତ୍ରର ଅଧିକାରୀ ହୋଇପାରିବ। ଚରିତ୍ର ଶିକ୍ଷଣୀୟ ଓ ଅଭ୍ୟାସନୀୟ। ମନ, କଥା ଓ କାର୍ଯ୍ୟରେ ଏକରୂପତା ରକ୍ଷା କରି ସତ୍ୟଶୀଳ ହେବା ବାଞ୍ଛନୀୟ। ନିଜେ ନିର୍ଭୀକ ରହି ଅନ୍ୟକୁ ଅଭୟ ଦେବା ତଥା ଶୃଙ୍ଖଳା, ସଂଯମ, ଶାନ୍ତି, ମୈତ୍ରୀ, ଭ୍ରାତୃଭାବ, ଆପୋସ ବୁଝାମଣା, ଦୂରଦୃଷ୍ଟି, ପାରସ୍ପରିକତା, ସହନଶୀଳତା ଆଦି ସକଳ ମାନବୀୟ ସଦ୍‌ଗୁଣ ସ୍ୱ ଆୟ କରିବା କାମ୍ୟ। ଦୃଷ୍ଟି ଅମୃତାୟିତ ହେଲେ ଜୀବନ ସମ୍ପ୍ରସାରିତ ହୁଏ ଦସ୍ୟୁ ରତ୍ନାକର ମହର୍ଷି ବାଲ୍ମୀକି ହେଲା ପରି। ଦୁଃସ୍ଥିତି ଓ ଦୁଃସମୟରେ ଧୈର୍ଯ୍ୟବାନ୍ ଓ ସହନଶୀଳ ହେଲେ ଚରିତ୍ରର ଚମତ୍କାରିତା ଓ ଔଜ୍ଜ୍ୱଲ୍ୟ ପ୍ରକାଶ ପାଏ। ସ୍ଖଳନରେ ଥାଏ ଶିକ୍ଷାର ସୁଯୋଗ। ସାଧନାରେ ସଫଳତା ଥାଏ, ସିଦ୍ଧିରେ ନୁହେଁ। ହଁ, କଷ୍ଟସାଧିତ ଚରିତ୍ର ସାମୟିକ ମୋହ ଓ ଦୁର୍ବଳତାରେ ନଷ୍ଟ ହୋଇ ନ ଯାଉ। ସମଗ୍ର ଜୀବନ ଏକ ସାଧନା। ସକାରାତ୍ମକ ଚିନ୍ତା ଆତ୍ମଚିନ୍ତନ ଓ ଅନୁଶୀଳନ ଚରିତ୍ର ବିକାଶର ଆଧାରଶିଳା। ହଁ, ମନେରଖିବାକୁ ହେବ, ଚରିତ୍ରର ବିକାଶ ଏକ ପ୍ରଗତି, ପୂର୍ଣ୍ଣତା ନୁହେଁ; ଏକ ଲକ୍ଷ୍ୟ ନୁହେଁ, ଏକ ଯାତ୍ରା।



କାନନ ବିହାର, ପଟିଆ
ମୋ: ୯୪୩୭୭୭୬୯୦୮

## ଏଇ ଭାରତରେ

ହିମାଚଳପ୍ରଦେଶର ଆନି ବ୍ଲକର କାମନ୍ଦ ପଞ୍ଚାୟତର ଗାଡ଼ାରୀ ଗାଁରେ ରହନ୍ତି ୭୩ ବର୍ଷ ବୟସ୍କା ଲୁରମା ଦେବୀ। ସେ ବୁଲାପ୍ରାଣୀଙ୍କୁ ଖାଇବାକୁ ଦେଇ ଖୁବ୍ ଆନନ୍ଦିତ ହୋଇଥାନ୍ତି। ଲୁରମା ପ୍ରାଣୀଙ୍କ ପାଇଁ ଘାସ ଏବଂ ପାଣିର ବ୍ୟବସ୍ଥା କରିଥାନ୍ତି। ଘାଟି ଉପରେ ଏକ କିଲୋମିଟର ଦୂରରୁ ପିଠିରେ ପାଣି ବୋହି ନେଇ ସେମାନଙ୍କୁ ପିଇବାକୁ ଦିଅନ୍ତି। ଲୁରମା ଦେବୀ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନାର ଲାଭ ପାଇ ନାହାନ୍ତି କିମ୍ବା ଏ ବିଷୟରେ ଅବଗତ ନୁହନ୍ତି। ସେ ଘସି ଓ ଖତରୁ ପାଉଥିବା ସ୍ୱଳ୍ପ ଟଙ୍କାରେ ଚଳନ୍ତି ଓ ଏଥିରେ ପ୍ରାଣୀଙ୍କ ଚିକିତ୍ସାରେ ଖର୍ଚ୍ଚ କରିଥାନ୍ତି। କେହି କିଛି ଖାଇବାକୁ ଦେଲେ ଲୁରମା ଖାଇଥାନ୍ତି। ଲୁରମା ଦେବୀଙ୍କ ଜୀବନ ଅତ୍ୟନ୍ତ ସଂଘର୍ଷମୟ। ସ୍ୱାମୀ ଚାଲିଯିବା ପରେ ସେ ବୁଲା ପ୍ରାଣୀମାନଙ୍କୁ ରଖିବା ଆରମ୍ଭ କଲେ। ପ୍ରଥମେ ୨୫ ଗାଈ, ଷଣ୍ଢ ଏବଂ ବାଛୁରିଙ୍କୁ ଲୁରମା ଏକ ଗୁମ୍ଫାରେ ରଖିଥିଲେ। ଜଙ୍ଗଲୀ ଜନ୍ତୁ ଲୁରମା ଦେବୀଙ୍କ ୧୪ଟି ପ୍ରାଣୀଙ୍କୁ ଶିକାର କରିଥିଲେ। ବର୍ତ୍ତମାନ ୧୧ଟି ପ୍ରାଣୀଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଲୁରମା ଦେବୀ କହନ୍ତି, ପିଲାଦିନରୁ ପଶୁମାନଙ୍କ ପ୍ରତି ତାଙ୍କର ଏକ ଭଲପାଇବା ଅଛି। ସେ ମଧ୍ୟ ବାକି ଜୀବନ ସେମାନଙ୍କୁ ପାଳନ କରିବାରେ ବିତାଇବାକୁ ଚାହାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ଜୁଲାଇ ୧୯୭୫

- ଦଳବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ପ୍ରଦ୍ୟୁମ୍ନ ବଳ ସସ୍‌ପେଣ୍ଡ୍।
- ହରିଆନାର ସମାଜ କଲ୍ୟାଣ ବିଭାଗ ମନ୍ତ୍ରୀ ଭଜନଲାଲ୍‌ଙ୍କ ତାଙ୍କ ପଦରୁ ଇସ୍ତଫା ପ୍ରଦାନ।
- ନୂଆ ଅର୍ଡିନାନ୍ସ ବଳରେ ବମ୍ବେ, ଦିଲ୍ଲୀ ଓ ମାନ୍ଦ୍ରାଜ ସହରରୁ ୧୨ ଜଣ ବଡ଼ ବଡ଼ ଚୋରା କାରବାରୀ ଗିରଫ।

## ଚିରନ୍ତନୀ

ନାହିଁ, ନାହିଁ, ନୁହେ ସହି
ବ୍ୟଥିତ ସେ କାତର ମିନତି
ନାହିଁ ତ ଶକତିପପ
ଧରାର ପରାଣୀ ଅଙ୍ଗେ, ସହିବାକୁ
ସେ କରୁଣ ଦୃଷ୍ଟି
ନିମିଷେ ଯେ ତରଳାଏ
କଠିନ କଠୋର ଶିଳାସୃଷ୍ଟି!
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | 2 | | | | |
| | 7 | | | | | | 8 | 1 |
| | | | | | 6 | 9 | | 7 |
| | | 8 | | | | | | |
| 1 | 2 | | | | | 3 | | |
| 3 | | | | | 9 | | | 5 |
| | 9 | | | 7 | | | 2 | 6 |
| | | | 1 | | | | | |
| | | 4 | | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 6 | 9 | 7 | 8 | 2 | 3 | 1 |
| 1 | 3 | 8 | 4 | 5 | 2 | 7 | 6 | 9 |
| 7 | 2 | 9 | 3 | 6 | 1 | 4 | 5 | 8 |
| 4 | 7 | 5 | 8 | 9 | 3 | 6 | 1 | 2 |
| 2 | 8 | 1 | 7 | 4 | 6 | 3 | 9 | 5 |
| 9 | 6 | 3 | 2 | 1 | 5 | 8 | 4 | 7 |
| 8 | 1 | 2 | 6 | 3 | 9 | 5 | 7 | 4 |
| 3 | 5 | 4 | 1 | 8 | 7 | 9 | 2 | 6 |
| 6 | 9 | 7 | 5 | 2 | 4 | 1 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସବୁର ହିସାବ କାଳିଆ ହାତରେ

ମହାଶୟ,

ଭାଗବତରେ ଭଗବାନ କହିଛନ୍ତି- ଯାହାର ଯେଉଁ ଭାବ ଦେଖି, ନାବ ମୁଁ ଦିଅଇ ସଳଖି। ଭଗବାନଙ୍କୁ ଭଲ ପାଅ, ପ୍ରାର୍ଥନା କର, ମନ ଠିକ୍ ଥିଲେ ଦୁନିଆ ଠିକ୍। ଆଧ୍ୟାତ୍ମିକତା ହିଁ ସଫଳତାର ଚାବିକାଠି। କିନ୍ତୁ ହାୟ! ଆଜିର ଏ ଅତ୍ୟାଧୁନିକ ସମାଜରେ ସମସ୍ତେ ନିଜ ନିଜର ଜ୍ଞାନ ଗରିମାକୁ ନେଇ ଡିଣ୍ଡିମ ପିଟୁଛନ୍ତି। ସବୁ ଜ୍ଞାନ ଯେ ଏଇଠାରେ ଅଛି ଏ କଥା ଭୁଲିଯାଇଛନ୍ତି। ତ୍ରିଭୁବନରେ ସମସ୍ତେ ତାଙ୍କୁ ବନ୍ଦନା କରୁଛନ୍ତି। ପୂର୍ଣ୍ଣତା ଏବଂ ପରିପୂର୍ଣ୍ଣତା ରହିଛି ସର୍ବମଙ୍ଗଳ ଶ୍ରୀ ଶ୍ରୀ ଜଗନ୍ନାଥଙ୍କଠାରେ। ସେ ଚିରକାଳ ନିତ୍ୟ, ସେ ଆଦି ଅନ୍ତ ମଧ୍ୟ। ଏକମାତ୍ର ଭକ୍ତ ତା'ର ପ୍ରେମ ଡୋରିରେ ତାଙ୍କୁ ବାନ୍ଧି ରଖିପାରେ। ସର୍ବମଙ୍ଗଳ ଶ୍ରୀଜଗନ୍ନାଥଙ୍କଠାରେ ଏହିପରି ଶତ ଶତ ପୃଥିବୀର ଧୂଳିକଣା ଗଣନା କରାଯାଇପାରେ। ଅନନ୍ତ ଦେବ ମଧ୍ୟ ଏହାଙ୍କ ଗୁଣ ଗାଇ ଗାଇ ଅନ୍ତ ପାଇନାହାନ୍ତି। ତ୍ରିଭୁବନରେ ସମସ୍ତେ ତାଙ୍କୁ ବନ୍ଦନା କରୁଛନ୍ତି। ଦେବତ୍ୱର ଗର୍ବ, ତ୍ରିଲୋକର ଅଧୀଶ୍ୱରରେ ଗର୍ବ କେତେ କେତେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ମୁକୁଟର ଗୌରବ ତାଙ୍କ ଚରଣକମଳରେ ଲୁଣ୍ଠିତ। ଏବେବି ସମୟ ଅଛି ନିଜର କ୍ଷୁଦ୍ର ଅହମିକାକୁ ଛାଡ଼ି ପ୍ରଭୁଙ୍କ ପାଦରେ ଶରଣ ପଶ। ନଚେତ୍ ସବୁ ହିସାବ ସେ କାଳିଆ ଠାକୁରଙ୍କ ହାତରେ।

-ଦେବବ୍ରତ ମିଶ୍ର, ଶ୍ରୀମଚ୍ଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଢ଼େଇ ଦିନକୁ ବଢ଼େଇ କଥା**
**ଝୁରି ମରିବାକୁ କଲା ବିଧାତା।**

ବିଧାତା ଭଲ ଲୋକଙ୍କୁ ବେଶି ଦିନ ରଖନ୍ତି ନାହିଁ ବୋଲି ଲୋକେ କହନ୍ତି। ଅଳ୍ପ ସମୟ ଭିତରେ ବ୍ୟକ୍ତି ଏତେ ଭଲ କାମ କରିଥାଏ ଯେ ସେ ମୃତ୍ୟୁବରଣ କଲେ ତା' କଥା ସୁମରିବାକୁ ସମସ୍ତେ ବାଧ୍ୟ ହୁଅନ୍ତି। ତାଙ୍କ ଗୁଣଗ୍ରାମ ଏତେ ମୁଗ୍ଧକର ହୋଇଥାଏ ଯେ ସେ ମରିଗଲା ପରେ ବି ମାତାପିତା, ଜ୍ଞାତି କୁଟୁମ୍ବ ପରିଜନ ଆଖିରୁ ଲୁହ ଗଡ଼ାଇବା ସହ ବାହୁନିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଦୃଷ୍ଟେ ଅଛି ତୋର କୋଚିଲା ଫଳ**
**ଭୁଞ୍ଜି ବସି ତୁ କିମ୍ପା ହେଉ ବିକଳ?**

ଯାହା ଭାଗ୍ୟରେ ଯାହା ଥିବ, ସେଇ ଫଳ ହିଁ ସେ ଭୋଗ କରିବ। ସେଥିପାଇଁ ବ୍ୟାକୁଳ ହେବାର କିଛି ମୂଲ୍ୟ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୨ ବ୍ଲକ୍‌ରେ ୯ ଶିଶୁଙ୍କ ମୃତ୍ୟୁ ଘଟଣା | ଯାଞ୍ଚ ପାଇଁ କୋରାପୁଟରେ କେନ୍ଦ୍ରୀୟ ଟିମ୍

**କୋରାପୁଟ,୨।୭(ଅମିତାଭ ବେହେରା)**

କୋରାପୁଟ ଜିଲା ସୀମାନ୍ତ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ ଅଞ୍ଚଳରେ ଗତ କିଛି ଦିନ ମଧ୍ୟରେ ୯ ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିବା ଘଟଣାର ପ୍ରକୃତ କାରଣ ଅନୁଧ୍ୟାନ ପାଇଁ ମଙ୍ଗଳବାର ୩ ଜଣିଆ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍ କୋରାପୁଟରେ ପହଞ୍ଚିଛନ୍ତି। ଡାକ୍ତର ଆରୁଷି ଘାଇଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌ରେ ଡାକ୍ତର ଏମ୍. ସତ୍ୟଜିତ ସୁବୁଦ୍ଧି ଓ ଡାକ୍ତର ଆରତି ନାରେଡା ରହିଛନ୍ତି। ଉକ୍ତ ୩ ଜଣିଆ ଟିମ୍ କୋରାପୁଟରେ ପହଞ୍ଚି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ପରିଦର୍ଶନ କରି ଶିଶୁ ୱାର୍ଡ ସମେତ ବିଭିନ୍ନ ୱାର୍ଡ ଓ ଲାବରାଟୋରି ପରିଦର୍ଶନ କରି ରୋଗୀଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ସେବା ଉପରେ ସେଠାରେ ଡାକ୍ତର ଓ ଟେକ୍‌ନିସିଆନଙ୍କୁ ପଚାରି ବୁଝିଛନ୍ତି। ସେହିପରି ମେଡିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ସଦାନନ୍ଦ ରଥ, ହସ୍ପିଟାଲ ଅଧୀକ୍ଷକ ସୁଶାନ୍ତ ସାହୁ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଆର.ଏନ୍. ମିଶ୍ରଙ୍କ ସହ ଜିଲାରେ ହୋଇଥିବା ଶିଶୁମୃତ୍ୟୁ ଉପରେ ଆଲୋଚନା କରିଥିଲେ। ବୁଧବାର ଏହି କେନ୍ଦ୍ରୀୟ ଟିମ୍ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ ଅଞ୍ଚଳ ପରିଦର୍ଶନ କରି ଶିଶୁମୃତ୍ୟୁର ପ୍ରକୃତ କାରଣ ଖୋଜିବେ। ଶିଶୁଙ୍କ ପରିବାର ସଦସ୍ୟ, ଗ୍ରାମ କଲ୍ୟାଣ ସମିତି ସଦସ୍ୟ, ଗ୍ରାମବାସୀ ଓ ମେଡିକାଲ କର୍ମଚାରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ଜିଲା ଏଡିପିଏଚ୍‌ଓ ତଥା ଜିଲା ସ୍ୱାସ୍ଥ୍ୟ ବିଭାଗର ସୂଚନା ଅଧିକାରୀ ଡାକ୍ତର ମୁକ୍ତିକାନ୍ତ ଖଟୁଆ କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ରାଜ୍ୟ ଶିଶୁ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ଆଦିତ୍ୟ ମହାପାତ୍ର ଓ ରାଜ୍ୟ ୟୁନିସେଫ୍ କନ୍‌ସଲ୍‌ଟାଣ୍ଟ ଡାକ୍ତର ଅନିଲ ପଟ୍ଟନାୟକ ନାରାୟଣପାଟଣା ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ସେଠାରେ କେଉଁ କାରଣ ଯୋଗୁ ଶିଶୁଙ୍କ ମୃତ୍ୟୁ ଘଟିଲା ସେ ନେଇ ଅନୁଧ୍ୟାନ କରି ଫେରିଥିଲେ। ବର୍ତ୍ତମାନ ସୁଦ୍ଧା ଜିଲାର ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକ ଅଞ୍ଚଳରେ ୯ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି। ସେଥିରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ୨ ଜଣଙ୍କ ଡିପ୍‌ଥେରିଆରେ ମୃତ୍ୟୁ ହୋଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଜଣଙ୍କର ନିମୋନିଆରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୬ ଜଣ ଶିଶୁଙ୍କ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକରେ ସେମାନଙ୍କ ଘରେ ମୃତ୍ୟୁ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

## ମହିଳାଙ୍କ ପିତ୍ତକୋଷରୁ ମିଳିଲା ୧୫୦୦ ଖଣ୍ଡ ପଥର

**ନୂଆଦିଲ୍ଲୀ, ୨।୭**

ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ରିୟା ଶର୍ମା(୩୨) ନାମ୍ନୀ ଜଣେ ଆଇଟି ପ୍ରଫେସନାଲଙ୍କ ପିତ୍ତକୋଷରୁ ୧୫୦୦ ଖଣ୍ଡ ପଥର ବାହାରିଛି। ସେ ନିୟମିତ ଭାବେ ଜଙ୍କ୍ ଫୁଡ୍ ଓ ତେଲ ଜାତୀୟ ଖାଦ୍ୟ ଖାଉଥିବା ହସ୍ପିଟାଲର ବରିଷ୍ଠ ଡାକ୍ତର ମନୀଷ କୁମାର ଗୁପ୍ତା ସୂଚନା ଦେଇଛନ୍ତି। ଓଜନ ବଢ଼ିବା ସହ, ବିଭିନ୍ନ ଯନ୍ତ୍ରଣା ଓ ଭାରିପଣ ଆଦି ସମସ୍ୟାରେ ରିୟା ଜର୍ଜରିତ ଥିଲେ। ତେଣୁ ଏଥିରୁ ମୁକ୍ତି ପାଇଁ ରିୟା ଗତ ୩ରୁ ୪ ମାସ ଧରି ଓଭର ଦି କାଉଣ୍ଟର(ଓଟିସି) ଆଣ୍ଟିସିଡ୍ ନେଉଥିଲେ। ରିୟା କହିଛନ୍ତି, ସେ ତାଙ୍କ ଡାହାଣ ଉପର ପେଟରେ ବାରମ୍ବାର ଯନ୍ତ୍ରଣା ଅନୁଭବ କରିବା ସହ ପ୍ରବଳ ବାନ୍ତି କରୁଥିଲେ। ତେବେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରିୟା ନିଜର ଅଲଟ୍ରାସାଉଣ୍ଡ କରାଇଥିଲେ, ଯାହା ପରେ ତାଙ୍କ ପିତ୍ତକୋଷ ପଥର ଖଣ୍ଡରେ ପରିପୂର୍ଣ୍ଣ ଥିବା ଜଣା ପଡ଼ିଥିଲା। ଡାକ୍ତରମାନେ ତାଙ୍କ ପିତ୍ତକୋଷରୁ ପଥର ଖଣ୍ଡଗୁଡ଼ିକୁ ହଟାଇବା ପାଇଁ କି-ହୋଲ୍ ସର୍ଜରିର ପରାମର୍ଶ ଦେଇଥିଲେ। ହସ୍ପିଟାଲର ବରିଷ୍ଠ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରିୟାଙ୍କ ପେଟରେ ୧୦ମିଲିମିଟର ଓ ୫ ମିଲିମିଟରର ଛିଦ୍ର କରାଯାଇ ତାଙ୍କ ପିତ୍ତକୋଷକୁ ବାହାର କରାଯାଇଥିଲା। ତେବେ ରିୟାଙ୍କ ପିତ୍ତକୋଷ ୧୫୦୦ରୁ ଅଧିକ ଖଣ୍ଡ ଛୋଟ ଓ ବଡ଼ ପଥରରେ ଭରି ରହିଥିବା ଡାକ୍ତରମାନେ ଜାଣିବାକୁ ପାଇଥିଲେ।

## ୩ ଦିନ ପରେ ଟ୍ରକ୍ ଚାଳକ ଗିରଫ

**ଟ୍ରାଫିକ କନ୍‌ଷ୍ଟେବଲ ମଧୁସୂଦନଙ୍କ ମୃତ୍ୟୁ ଘଟଣା**



ଗିରଫ ଡ୍ରାଇଭର ପ୍ରଶାନ୍ତ କୁମାର ନାଏକ

**ଭୁବନେଶ୍ୱର,୨।୭ (ସତ୍ୟଜିତ୍ ରାଉତ)**

ଟ୍ରକ ଧକ୍କାରେ ଟ୍ରାଫିକ କନ୍‌ଷ୍ଟେବଲ ମଧୁସୂଦନ କିର୍ସାନୀଙ୍କ ମୃତ୍ୟୁ ଘଟଣାରେ କମିଶନରେଟ୍ ପୋଲିସ ଅଭିଯୁକ୍ତ ଚାଳକଙ୍କୁ ୩ଦିନ ପରେ ମଙ୍ଗଳବାର ଗିରଫ କରିଛି। ସେ ହେଲେ କଟକ ଜିଲା ବୈଦେଶ୍ୱର ଥାନା ଅନ୍ତର୍ଗତ ଗହୀରଗାଡ଼ିଆ ଗ୍ରାମର ପ୍ରଶାନ୍ତ କୁମାର ନାଏକ (୨୮)। ତାଙ୍କ ନିକଟରୁ ଦୁର୍ଘଟଣା ଘଟାଇଥିବା ଆଇଚର୍ ଟ୍ରକ(ଓଡି୦୫ବିପି-୯୯୧୫)କୁ ମଧ୍ୟ ପୋଲିସ ଜବତ କରିଛି। ଅଭିଯୁକ୍ତ ପ୍ରଶାନ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପ୍ରବଳ ବର୍ଷା ହେବା ସହ ଟ୍ରାଫିକ୍ ଜାମ ମଧ୍ୟ ହୋଇଥିଲା। ରାମ ମନ୍ଦିର ଛକରେ ମଧୁସୂଦନ ଡ୍ୟୁଟି ସାରି ରାତି ୧୦ଟାରେ ନିଜ ବାଇକ ଯୋଗେ ଖଣ୍ଡଗିରିସ୍ଥିତ ଭଡ଼ା ଘରକୁ ଫେରୁଥିଲେ। ରାତି ପ୍ରାୟ ୧୦ଟା ୧୦ରେ ଜାତୀୟ ରାଜପଥରେ ଜୟଦେବ ବିହାର ଓଭରବ୍ରିଜ୍‌ରେ ଯାଉଥିବାବେଳେ ଉକ୍ତ ଟ୍ରକ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଟ୍ରକଟି ମଧୁସୂଦନଙ୍କ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଅପରପକ୍ଷରେ ଦୁର୍ଘଟଣା ଘଟାଇ ପ୍ରଶାନ୍ତ ଘଟଣାସ୍ଥଳରୁ ଟ୍ରକ୍ ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ନେଇ ନୟାପଲ୍ଲୀ ଥାନା ପକ୍ଷରୁ ଆଇପିସି ଦଫା ୨୭୯, ୩୦୪ରେ ମାମଲା (ନଂ.୩୯୦/୨୦୨୪) ରୁଜୁ ହୋଇଥିଲା। ତେବେ ମଙ୍ଗଳବାର ସକାଳ ପ୍ରାୟ ୭ଟା ୩୦ରେ ପ୍ରଶାନ୍ତ ରସୁଲଗଡ଼ରେ ଥିବା ଜଣାପଡ଼ିବା ପରେ ପୋଲିସ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
NORTHERN (R&B) CIRCLE, SAMBALPUR
Mail ID: sepwdsbp@rediffmail.com

No.B-60

**e-Procurement**

**BID IDENTIFICATION No. CCENC (R AND B)/ 03/2024-25**

No.2542 Dtd. 29.06.2024

1. **The Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the constrction of **Bridge works** as detailed in the DTCN from the eligible class of contractors.
2. No. of works : **02 Nos. (Two) (BRIDGE WORKS)**.
3. Tender cost: **Rs.10,000/-.**
4. Class of contractor: **'A' Class and 'Special' class**.
5. Date & time of available in website & receipt of bids from **08.07.2024 to 17.00 hours of 22.07.2024**.
6. Date of opening of technical bid **23.07.2024 at 11.00 hours**.
7. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / addendum will be displayed in the website www.tendersodisha.gov.in.

**Sd./- Chief Construction Engineer**
**Northern (R&B) Circle, Sambalpur**
OIPR-34035/11/0002/2425



TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**Notice Inviting Tender**

**T. No. TPWODL/SS/O/SER/ 015 Date : 02.07.2024**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Repairing service of faulty RTU cards and Ethernet Switches used in TPWODL.**

Interested bidders to submit Tender Participation Fee and Authorization Letter through email on or before **12th July 2024, 15:00Hrs** after which the link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd /- **Chief-Contracts and Stores**



**OFFICE OF THE DISTRICT FISHERIES OFFICER**
**KANDHAMAL, PHULBANI**
Phone:-06842-253683, Mail Id:-dfokandhamal@gmail.com

**Tender Call Notice**
**No.- 1464 Date- 01.07.2024**

No.M-9:- Sealed Re-quotations/re-tenders are invited from interested reputed Travel Agencies/ Tour Operators / Private individuals for providing 1( One) No. of AC diesel/petrol driven vehicles (Tiago/Celerio/ Bolt etc.) having sitting capacity not more than 5 persons including driver, which shall conform to terms and conditions (Appendix-A) for official use in the Office of the District Fisheries Officer, Kandhamal, Phulbani on monthly rent basis:

1. The service provider shall have a valid OGST registration to participate in the tendering.
2. The service provider, participating in the bidding process under the jurisdiction of Kandhamal District, shall be registered on GeM platform.
3. The vehicle must be in road worthy condition, shall not be more than 3 years old from date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate. Valid Contract Carriage Permit, Proof of up-to-date tax payment etc. Mandatory for plying of vehicle.
4. The Driver of the vehicle must have a valid Driving License for driving light Transport passenger vehicle and should be sufficiently experienced in driving transport/passenger vehicle.
5. The Driver should be well behaved, gentle and obedient in nature.
6. A sum of Rs. 5000/-(Rupees Five Thousand) only shall be deposited by the Intending bidders in shape of Account Payee Bank Draft drawn in favour of the District Fisheries Officer, Kandhamal, Phulbani payable at SBI, Phulbani and submitted along with the tender as security deposit. After completion of tender process, the amount will be refunded to unsuccessful bidders.
7. The monthly rate of hire charge be quoted separately in the general bid Information (excluding fuel and lubricants).
8. The Vehicle must achieve a fuel efficiency of 17 Kms per liter.
9. The details of the make and year of manufacture of the vehicle, registration No., mileage (Km. covered per liter) and name of the Driver with Driving License No. and period of validity should be specifically provided in the bid information to be furnished with the Quotation/ Tender (Appendix-B).
10. The quotation completed in all respect should reach the undersigned on or before Dt- 08.07.2024 by 5.30 P.M and the same shall be opened on the next day at 4.00 PM in presence of the bidders or their authorized representatives in the office chamber of the undersigned.
11. The application form of quotation/Tender containing general bid information, terms and conditions for hiring of vehicles etc. will be available with Establishment Section of District Fisheries Office, Kandhamal, Phulbani on payment of Rs.1000/- from Dt-02.07.2024 to Dt- 08.07.2024.

**Sd/- P.Kanhar**
**District Fisheries Officer, Kandhamal, Phulbani**
OIPR-06067/11/0006/2425



**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**NOTICE**

**No.HFW-MEI-MISC-0110-2023/16429/H Dated: 01.07.2024**

No. E-82:- The following Government Medical College faculties under the OMES cadre are unauthorizedly absent from their duties at their respective place of posting for a long period.

List of faculties who are on long leave & unauthorisedly absent

| Sl. No. | Institution | Name of the Faculty and Discipline | DOB | Home Town | Date of entry into Govt. Service | Absence from the Govt. Service since |
|---|---|---|---|---|---|---|
| 01 | MKCG MCH, Berhampur | Dr. Sushree Sangeeta Kar, Associate Professor, Physiology | 18.06.1975 | Cuttack | 31.03.2001 | 06.07.2023 |
| 02 | FM MCH, Balasore | Dr. Manas Ranjan Upadhyaya, Associate Professor, Paediatrics | 01.06.1973 | Cuttack | 04.01.2013 | 28.06.2023 |
| 03 | SCB MCH, Cuttack | Dr. Rabi Narayan Satapathy, Assistant Professor, O&G | 25.06.1975 | Keonjhar | 07.04.2001 | 30.11.2021 |
| 04 | MKCG MCH, Berhampur | Dr. Laxmikanta Munda, Assistant Professor, Physiology | 12.07.1985 | Keonjhar | 30.10.2019 | 25.01.2022. |
| 05 | MKCG MCH, Berhampur | Dr. Lambata Ravi Kumar, Assistant Professor, General Medicine | 02.07.1976 | Rayagada | 16.09.2003 | 07.10.2020 |
| 06 | MKCG MCH, Berhampur | Dr. Chaitali Bose, Assistant Professor, Radio Therapy | 12.04.1973 | Khurda | 30.10.2019 | 25.05.2021 |
| 07 | SCB MCH, Cuttack | Dr. ILLA Agarwal, Assistant Professor, O&G | 07.04.1981 | Khurda | 22.07.2013 | 03.12.2021 |

Hence, the faculties are hereby noticed to join in their respective place of posting immediately in exigencies of public service, failing which action as deemed proper shall be initiated against them.

The faculties are further directed to submit show cause within seven days of issue of this notice as to why disciplinary proceedings shall not be initiated against them as per OCS(CCA), Rules, 1962.

**Sd./- Commissioner-cum-Secretary**

**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**NOTICE**

**No.HFW-MEI-MISC-0110-2023/16430/H Dated: 01.07.2024**

The following Government Medical College faculties under OMES cadre are unauthorizedly absent from their duties at their respective place of posting for more than 05 (five) years.

List of faculties who are on leave & unauthorisedly absent for more than 05 years

| Sl. No. | Institution | Name of the faculty, designation and discipline | DOB | Home Town | Date of entry into Govt. Service | Absence from the Govt. Service since |
|---|---|---|---|---|---|---|
| 01 | PRM MCH, Baripada | Dr. Manjushree Nayak, Professor, Pathology | 19.07.1959 | Balasore | 05.10.1988 | 29.09.2018 |
| 02 | PRM MCH, Baripada | Dr. Ranjan Ku. Das, Associate Professor, Anatomy | 20.08.1962 | Cuttack | 25.01.1988 | 30.01.2018 |
| 03 | MKCG MCH, Berhampur | Dr. Suneeta Sahu, Assistant Professor, Radio Diagnosis | 30.05.1974 | Ganjam | 14.09.2016 | 23.11.2018 |
| 04 | SCB MCH, Cuttack | Dr. Santosh Kumar Behera, Assistant Professor, General Surgery | 04.07.1977 | Balasore | 16.01.2013 | 15.09.2016 |
| 05 | MKCG MCH, Berhampur | Dr. Bimarjeet Pradhan, Assistant Professor, ENT | 01.07.1979 | Mayurbhanj | 21.09.2016 | 26.09.2016 |
| 06 | SCB MCH, Cuttack | Dr. Sanghamitra Dash, Assistant . Professor, O&G | 22.05.1978 | Jajpur | 04.01.2013 | 09.05.2018 |
| 07 | MKCG MCH, Berhampur | Dr. Ramchandra Deo, Assistant Professor, Neurosurgery | 08.03.1975 | Dhenkanal | 30.08.2016 | 17.10.2016 |

You are, therefore, directed to submit show cause within seven days of issue of this notice as to why action as deemed proper shall not be taken against you as per Rule-72(2) of the Odisha Service Code.

**Sd./- Commissioner-cum-Secretary**
OIPR-10001/11/0002/2425



**OFFICE OF THE NOTIFIED AREA COUNCIL, KOTPAD**

Letter No.: 898/2024 Date: 29.06.2024

**Quotation Call Notice**

No. C-134:- Sealed quotations are invited from the reputed firms / authorized and credibility dealers having valid & updated GST Registration Certificate, PAN Card for supply of below mentioned items. The last date for receipt of quotation is on 06.07.2024 at 1.00 P.M. The tender will be opened in presence of the quotationers or their authorized agent if present at office chamber undersigned. The rate quoted shall be inclusive of all taxes. The authority reserves the right to reject any or all quotations without assigning any reason there of for supply.

| Sl No. | Name of the Item | Qty | Rate Quoted |
|---|---|---|---|
| 1 | Fire Extinguisher | 4 | |
| 2 | First Aid Box | 1 | |
| 3 | Hand Wash | 10 | |
| 4 | Hand gloves (use and throw) | 500 Pcs | |
| 5 | Ethanol | 20 ltr | |
| 6 | Ferric Chloride | 2 kg | |
| 7 | Filler Paper | 10 Packet (each containg 100 paper) | |
| 8 | Silica | 1Kg | |
| 9 | Grease Oil | 1 ltr | |
| 10 | Extension Coe | 1 No. | |
| 11 | PH Tablet 9.2 | 5 No. | |
| 12 | A4 Size paper packet | 5 packet | |
| 13 | Net for Sludge drying bed | 1 No. | |
| 14 | Screening Basket | 2 No. | |
| 15 | PPE KIT | 8 No. | |
| 16 | Safety Shoes | 8 No. | |
| 17 | Belacha | 20 No. | |
| 18 | Bleaching Powder | 25 Kg | |
| 19 | Phenyel | 25 Kg | |
| 20 | Register Note Book (200 pages) | 10 No. | |
| 21 | Rain Coat (For ladies) | 8 No. | |
| 22 | Plastic Floor Mat | 1 No. | |
| 23 | Steel Spade | 10 N | |

**Sd./- Executive Officer, Kotpad NAC**
OIPR-13182/11/0001/2425



**OFFICE OF THE EXECUTIVE ENGINEER**
**Road Construction Department, Road Division, Manoharpur.**

**e-Procurement Notice**
**For National Competitive Bidding (2nd Call)**
e-Tender Reference No. **RCD/MANOHARPUR/02/2024-25**
दिनांक : **02.07.2024**

| | | |
|---|---|---|
| 1. | Name of the work | Reconstruction Work of Tebo (On NH -75 E) Kotagara-Raigaera-Simda-Halmad-Dindpai-Jante (On Sonua-Pansua-Gudri Road) Road (Total Length-27.150 k.m). |
| 2. | Estimated Cost of Work (in INR) | Rs. 45,11,09,247.66 (Rupees Forty Five Crore Eleven Lakh Nine Thousand Two Hundred Forty Seven and Sixty Six Paise) Only. |
| 3. | Initial Bid Security (Rs. In Lakh) | Rs. 45.11 Lakh (Rupees Forty Five Lakh Eleven Thousand) Only. |
| 4. | Initial Bid Security in the shape of | To be deposited online vide IT Department. |
| 5. | Cost of Bidding Document | Rs. 10,000.00 (Rs. Ten Thousand) Only. To be paid online as per S.O.P uploaded |
| 6. | Time of Completion | 18 (Eighteen) Months. |
| 7. | Date of Publication of Tender on Website | 11.07.2024 from 10.30 A.M. |
| 8. | Start date of bidding | 11.07.2024 from 10.30 A.M. |
| 9. | Last date & Time for online bidding | 22.07.2024up to 03.00 P.M. |
| 10. | Type of Bid | Two envelope mode (Technical and Financial Bid) |
| 11. | Last date & time for upload of Bid Security and other documents in online form | Through e-Tender Portal www.jharkhandtender.gov.in (As per SOP issued by Information Technology & e-Governance Department, Govt. of Jharkhand vide letter no. 120, Dated 03.10.2023) 24.07.2024 up to 03.00 P.M. |
| 12. | Date & time for opening of Tender Bid | 24.07.2024 at 12.30 P.M. by e-Procurement Cell, Room No.330A, 3rd Floor, Road Construction Department, Jharkhand Mantralaya, Dhurwa, Ranchi. |
| 13. | Name and address of office Inviting tender | Executive Engineer, R.C.D. Road Division, Manoharpur. |
| 14. | Contact no. of Procurement officer | 8809665333 |
| 15. | Helpline number of e-Procurement cell | 0651-2401010 |

Above information are only indicative, Details NIT, SBD& S.O.P. Memo no. 120 date 03.10.2023 uploaded with Bid Document Published on Tender portal shall be final and mandatory. Details can be seen on website http://jharkhandtender.gov.in

नोट :– Bid Document/SBD के Earnest Money Deposit (EMD)एवं Tender Fee/Cost Bidding Document के प्रावधान SOP/IT विभाग के ज्ञापांक 120 दिनांक 03.10.2023 के प्रावधान के तहत स्वतः संशोधित समझे जायेंगे।
2. प्राक्कलन की राशि घट–बढ़ सकती है।

**Executive Engineer**
R.C.D. Road Division
Manoharpur

PR 328411 West Singhbhum (24-25)_D



**THE MUNICIPAL COUNCIL,**
**DHENKANAL (ODISHA), PIN-759001**
E-mail:- dhenkanalm.hud@gmail.com

No.2398 Dated: 30.6.2024

**QUOTATION CALL NOTICE**

No. C-132:- Quotation call is invited from Registered Service Provider/ Reputed Manpower supply agencies for supply of Manpower to Dhenkanal Municipality for engagement in different services of this Municipality as required time to time on two years contract basis. They are requested to submit their Quotation from 01.07.2024 to 08.07.2024 by 12 Noon through registered post/ speed post/by hand with required documents. Last date of submission of Quotation is 08.07.2024. The same will be opened same date i.e. on dtd. 08.07.2024 at 4.00 P.M.

The security deposit of non-refundable amount of Rs. 12,000.00 (Rupees Twelve Thousand) only in shape of Demand Draft/Bankers Cheque from any Nationalized Bank drawn in favour of "**THE EXECUTIVE OFFICER, DHENKANAL MUNICIPALITY**" payable at Dhenkanal.

The Quotationers have to submit the documents duly filled up along with the attested photo copies of qualifying documents as indicated below for verification.

**DOCUMENTS REQUIRMENTS FOR THE TENDERING MANPOWER SERVICE PROVIDER/ AGENCY : -**

1. Application Technical-Bid.
2. The registered office or one of the branch offices of the manpower service provider should be located within the jurisdiction of the Dhenkanal District area (copy of labour license to be submitted for proof).
3. Covering Letter on the bidder's letter head.
4. Demand Draft in support of Bid processing fee as applicable.
5. Demand Draft in support of EMD as applicable.
6. Copy of Certificate of Incorporation/Registration of the firm/ agency and also office address should be registered under Shop & Commercial/Establishment Act.
7. Copy of Labour License of minimum 300 Nos. labourers of SPA and concerned district labour license.
8. Copy of GSTIN.
9. Copy of PAN/Aadhar Card.
10. Copies of IT Returns and turnover of Rs. 2.00 Core of last three years (Duly certified by CA).
11. Copy of EPF Certificate and Deposit Challan (ESR) for 100 Nos. worker.
12. Copy of ESI Registration Certificate.
13. Copy of bank details (Cancel Cheque/Mandate Form).
14. Copy of ISO Certification i.e. ISO: 9001, SA 8000, 20000, 22000, 27001, 45001, 30500, CMMI level 3 & 5 (preference to be given).
15. Copies of the financial statements along with balance sheet for the last three years (2020-21, 2021-22, 2022-23). (Duly certified by CA)
16. Copies of work orders from the previous organizations towards providing services during last three years.
17. Undertaking regarding non-blacklisting on bidder's letter head.
18. Undertaking regarding non-pending of any judicial proceedings (On bidder's letter head).

**Sd./- Executive Officer**
**Dhenkanal Municipality**
OIPR-13146/11/0005/2425



Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ସୋଲଫୁଲରେ ଝଲସିବ ୩ ରଥ



ଖୋର୍ଦ୍ଧା, ୨୭(ପ୍ରଭାତ ପାଣିଗ୍ରାହୀ)

ଆଉ ଦିନ କେଇଟା ପରେ ଘୋଷଯାତ୍ରା। ଏନେଇ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇପଡ଼ିଛି। ରତ୍ନବେଦୀ ଛାଡ଼ି ଭାଇଭଉଣୀଙ୍କୁ ଧରି ଗୁଣ୍ଡିଚାଘରକୁ ବିଜେ କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ତିନି ରଥରେ ଝଲସିବ ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇସାହି ରାଜକିଶୋର ଓ ବୀରକିଶୋର ନାୟକ ପରିବାରଙ୍କ ଦ୍ୱାରା ତିଆରି ସୋଲ ଫୁଲ। ଏଥିଲାଗି ଭକ୍ତି ଓ ନିଷ୍ଠାର ସହ ଲାଗିପଡିଛନ୍ତି ଏହି ପରିବାର। ରଥରେ ଝଟକିବ ଭଳିକି ଭଳି ସୋଲଫୁଲ। ନେତ୍ରୋତ୍ସବ ଦିନ ସିଂହଦ୍ୱାରରେ ତିନି ରଥ ଲାଗିବା ପରେ ସୋଲରେ ପ୍ରସ୍ତୁତ କଦମ୍ବ, ସୂର୍ଯ୍ୟମୁଖୀ, ସେବତି ଆଦି ବିଭିନ୍ନ କିସମର ଫୁଲରେ ସଜେଇ ହେବ ତିନି ରଥ।

ଗତ ୨୪ବର୍ଷ ହେବ ସେବା ଯୋଗାଇ ଆସୁଛନ୍ତି ଏହି ପରିବାର। ବୀରକିଶୋର କୁହନ୍ତି, କାର୍ତ୍ତିକ ମାସଠାରୁ କାକଟପୁର, ଅସ୍ତରଙ୍ଗ, ନିମାପଡ଼ା ଆଦି ଅଞ୍ଚଳରୁ ସୋଲ ସଂଗ୍ରହ କରାଯାଇଥାଏ। ପରେ ଏହାକୁ ଖରାରେ ଶୁଖାଇ ପ୍ରସ୍ତୁତ କରାଯାଏ। ଅକ୍ଷୟତୃତୀୟାରେ ରଥକାଠ ଅନୁକୂଳ ହେବା ପରେ ପରିବାର ସଦସ୍ୟ ଶୁଦ୍ଧପୂତ ଭାବେ

## ସେବାରେ ଗୁରୁଜଙ୍ଗ ଭୋଇ ପରିବାର

ମହାପ୍ରଭୁଙ୍କ ଆରାଧନା କରି କାର୍ଯ୍ୟ ଆରମ୍ଭ କରନ୍ତି। ନେତ୍ରୋତ୍ସବ ପୂର୍ବଦିନ କାମ ସରିଥାଏ। ଏହା ପରେ ଏହାକୁ ନେଇ ଶ୍ରୀକ୍ଷେତ୍ରରେ ପହଞ୍ଚି ରଥରେ ସଜ୍ଜିତ କରାଯାଏ। ଫୁଲ ପ୍ରସ୍ତୁତି ଲାଗି ସୋଲକୁ ବିଭିନ୍ନ ସାଇଜରେ କଟାଯାଏ। ଚୁମୁକି, ସୂତା ଏବଂ ବଡ଼ ଛୁଞ୍ଚି ବ୍ୟବହାର କରାଯାଇ ଫୁଲକୁ ଆକାର ଦିଆଯାଏ। ଏଥିରେ ପରିବାର ମହିଳାମାନେ ସହଯୋଗ କରନ୍ତି। ସେହିପରି କବିତା ନାୟକ କୁହନ୍ତି, ଘର ଲିପାପୋଛା ସହ ଅରୁଆ ଅନ୍ନ ଖାଇ ସମ୍ପୂର୍ଣ୍ଣ ନିଷ୍ଠା ଏବଂ ନୀତିନିୟମ ପ୍ରକାରେ କାର୍ଯ୍ୟ କରିଥାଉ। ଘର କାମ ସରିବା ପରେ ଏହି କାମରେ ଲାଗିଥାନ୍ତି ପରିବାର। ମହାପ୍ରଭୁଙ୍କ ସେବା ଭାଗ୍ୟରେ ଥିଲେ ମିଳେ। ପ୍ରତିବର୍ଷ ମହାପ୍ରଭୁଙ୍କ ତିନିରଥରେ ସୋଲରେ ନିର୍ମିତ ଫୁଲ ଖଞ୍ଜିବା ବେଳେ ଅପୂର୍ବ ଆନନ୍ଦ ମିଳିଥାଏ। ଫୁଲ କାରିଗର ବାନାମ୍ବର କାଣ୍ଡି କହିଛନ୍ତି, ନନ୍ଦିଘୋଷ ରଥରେ ଚଢ଼ି ଫୁଲ ସଜାଇବାରେ ଆନନ୍ଦ କହିଲେ ନସରେ। ମହାପ୍ରଭୁଙ୍କ ଏହି ସେବା ପ୍ରଦାନ କରିଥିବାରୁ ନିଜକୁ ଧନ୍ୟ ମନେକରୁଛି। ଏହି ସେବା ତୁଳନାରେ ପାରିଶ୍ରମିକ ତୁଚ୍ଛ ବୋଲି ପରିବାର ସଦସ୍ୟମାନେ କହିଛନ୍ତି। ସେହିପରି ରାଜକିଶୋର କୁହନ୍ତି, ୧୯୯୯ ମସିହାରେ ମହାପ୍ରଭୁଙ୍କ ରଥଯାତ୍ରା ଦେଖିବା ଲାଗି ଭାଇମାନେ ମିଶି ଯାଇଥିଲୁ। ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ସମୟରେ ଭାବବିହ୍ୱଳ ହୋଇ ରଥରେ ସେବା ସୁଯୋଗ ଦେବା ଲାଗି ନିବେଦନ କରିଥିଲୁ। ସୋଲ କାରିଗର ହୋଇଥିବାରୁ ରଥ ଚତୁଃପାର୍ଶ୍ୱକୁ ସୋଲରେ ନିର୍ମିତ ଫୁଲରେ ସାଜସଜ୍ଜା ଲାଗି ମହାପ୍ରଭୁଙ୍କୁ ଗୁହାରି ଜଣାଇଥିଲୁ। ମହାପ୍ରଭୁଙ୍କ ସ୍ୱପ୍ନାଦେଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରିଥିଲୁ। ଶ୍ରୀମନ୍ଦିର ପ୍ରଶାସନ ସୋଲ ଫୁଲ ଲାଗି ଅନୁମତି ପ୍ରଦାନ କରିଥିଲେ। ଏହା ମହାପ୍ରଭୁଙ୍କ ଆଶୀର୍ବାଦ ଭାବି ତା'ପର ବର୍ଷଠାରୁ ଅର୍ଥାତ୍ ୨୦୦୦ ମସିହାରୁ ସୋଲରେ ଫୁଲ ପ୍ରସ୍ତୁତ କରି ଯୋଗାଇ ଆସୁଛୁ। ୨୦୦୪ ମସିହାରେ ତତ୍କାଳୀନ ଶ୍ରୀମନ୍ଦିର ପରିଚାଳନା କମିଟି ମୁଖ୍ୟ ପରିଚାଳକ ରଥରେ ସୋଲ ଫୁଲ ସଜାଇବା ପାଇଁ ଅନୁମତିପତ୍ର ପ୍ରଦାନ କରିଥିଲେ। ସେବେଠାରୁ ଏହି ସେବା ଜାରି ରହିଛି। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପାରିଶ୍ରମିକ ମିଳି ନ ଥାଏ, ବରଂ ବର୍ଷସାରା ସୋଲଫୁଲ ଏବଂ ଟାହିଆ ପ୍ରସ୍ତୁତିରେ ଯାହା ପାରିଶ୍ରମିକ ମିଳିଥାଏ, ତାହାକୁ ମହାପ୍ରଭୁଙ୍କ ସୋଲଫୁଲ ପ୍ରସ୍ତୁତିରେ ଖର୍ଚ୍ଚ ହୋଇଥାଏ। ତେବେ ମହାପ୍ରଭୁଙ୍କ ସେବାରେ ପାରିଶ୍ରମିକର କୌଣସି ମୂଲ୍ୟ ନ ଥାଏ ବୋଲି ପରିବାର ସଦସ୍ୟ କହିଛନ୍ତି।

**ସଂକ୍ଷେପରେ**

## ଛାତ୍ରଙ୍କ ସହ ଅପ୍ରାକୃତ ଯୌନ ଶୋଷଣ ଅଭିଯୋଗ

### ଗୁରୁଜୀ ଅଟକ

ଡେଲାଙ୍ଗ, ୨୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଞ୍ଚଳର ଏକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ଯୌନ ଶୋଷଣ ହୋଇଥିବା ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ବିଦ୍ୟାଳୟ ଗୁରୁଜୀଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଡେଲାଙ୍ଗ ବ୍ଲକ ଜେନାପୁର ପଞ୍ଚାୟତ ଅଧୀନ ଏକ ବିଦ୍ୟାଳୟରେ ଓଡ଼ିଶାର ବିଭିନ୍ନ ଜିଲାରୁ ଛାତ୍ରମାନେ ଆସି ରହି ଶିକ୍ଷା ଲାଭ କରନ୍ତି। ସେଠାରେ ପାଠ ପଢ଼ିବା ସହ ଛାତ୍ରାବାସର ମଧ୍ୟ ସୁବିଧା ରହିଛି। ସେଠାରେ ଗୁରୁଜୀ ଜଣଙ୍କ ଏକାକୀ ପିଲାଙ୍କୁ ପାଠ ପଢାଇଥାନ୍ତି। ତେବେ ଆଶ୍ରମରେ ରହୁଥିବା ପିଲାଙ୍କ ସହିତ ଗୁରୁଜୀ ପ୍ରତିଦିନ ଯୌନ ସମ୍ପର୍କ ରଖୁଥିବା ଜଣେ ଅଭିଭାବକ ଡେଲାଙ୍ଗ ଥାନାରେ ଅଭିଯୋଗ କରିବା ପରେ ସ୍ଥାନୀୟ ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଛାତ୍ର ଜଣଙ୍କ ଘରକୁ ଯିବାପରେ ସମସ୍ତ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଅନ୍ୟପଟେ ଅପ୍ରାକୃତ ଯୌନ ସମ୍ପର୍କରେ କାହାକୁ କହିଲେ ପରୀକ୍ଷାରେ ଫେଲ୍ କରାଇଦେବେ ବୋଲି ମଧ୍ୟ ଗୁରୁଜୀ ଧମକାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଗୁରୁଜୀଙ୍କ ଏଭଳି ଅଶାଳୀନ କାର୍ଯ୍ୟକୁ ଜାଣିବା ପରେ ଅନ୍ୟ ଅଭିଭାବକମାନେ ନିଜ ପିଲାଙ୍କୁ ସେଠାରୁ ନେଇଯାଇଥିଲେ। ଖବରପାଇ ଡେଲାଙ୍ଗ ପୋଲିସ ଉକ୍ତ ଗୁରୁଜୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ମହିଳା ମହାସଂଘରେ ଦୁର୍ନୀତି ଅଭିଯୋଗ

ଗୋପ, ୨୭
(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ ବଉଲାଙ୍ଗ ପଞ୍ଚାୟତର ଏକ ମହିଳା ମହାସଂଘରେ ଅର୍ଥ ହେରଫେର ହୋଇଥିବା ନେଇ ମଙ୍ଗଳବାର ୮ଟି ମହିଳାମଞ୍ଚର ଶତାଧିକ ସଭ୍ୟା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ପଞ୍ଚାୟତରେ ଥିବା ମହିଳା ସଭ୍ୟାମାନେ କୌଣସି ସରକାରୀ ଯୋଜନା ସଂକ୍ରାନ୍ତୀୟ କ୍ଷେତ୍ରରେ ସଫଳତା ପାଇ ନ ଥିବା ସହିତ ପଞ୍ଚାୟତକୁ ଆସିଥିବା ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ଏପରିକି ପଞ୍ଚାୟତ ମହାସଂଘ ଓ ଆଞ୍ଚଳିକ ମଞ୍ଚର ହିସାବପତ୍ର ଦାୟିତ୍ୱରେ ଥିବା ଅଧିକାରିଣୀମାନେ ହିସାବ ଦେଉନାହାନ୍ତି। ହିସାବ ମାଗିଲେ ପଞ୍ଚାୟତର ମହିଳା ସଭାପତି, ସମ୍ପାଦିକାଙ୍କ ସହିତ ଅନ୍ୟ ଅଧିକାରିଣୀମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଭଳି ଅଭିଯୋଗ ରହିଛି। ଏପରି ଅଭିଯୋଗ ସମ୍ପର୍କରେ ମହିଳା ମହାସଂଘର ଶତାଧିକ ସଭ୍ୟା ବିଡିଓ ଛବିରାଣୀ ସାହୁ ଓ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟିଙ୍କୁ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ନେଇ ଖୁବ୍‌ଶୀଘ୍ର ତଦନ୍ତ କରାଯିବ ବୋଲି ବିଡିଓ ସାହୁ କହିଛନ୍ତି।

## କୁଡୋରେ ପ୍ରିସ୍କିଲାଙ୍କୁ ସ୍ୱର୍ଣ୍ଣ ପଦକ




ବେଗୁନିଆ, ୨୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମର ରବି ନାରାୟଣ ନାଗ ଏବଂ କବିତା ନାଗଙ୍କ ଝିଅ ପ୍ରିସ୍କିଲା କୁଡୋରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଭୁବନେଶ୍ୱରସ୍ଥିତ କେଦାରଗୌରୀ ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ସୁନ୍ଦରପଦାସ୍ଥିତ କୁଡୋ ସେଣ୍ଟରରେ କୋଚ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରି ରଖିଛନ୍ତି। କଟକର ଦୋଳମୁଣ୍ଡେଇସ୍ଥିତ ବାବା ସାଗର ବିଦ୍ୟାପୀଠ ପରିସରରେ ବାଳିକା ବର୍ଗର ୫ମ ବାର୍ଷିକ କୁଡୋ ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ଏହି ପ୍ରତିଯୋଗିତାରେ ୪୫ଟି ସ୍ୱର୍ଣ୍ଣ ପଦକ ଜିତି କଟକ ଜିଲା ଚାମ୍ପିୟନ ହୋଇଥିବା ବେଳେ ୧୭ଟି ସ୍ୱର୍ଣ୍ଣପଦକ ଜିତି ଖୋର୍ଦ୍ଧା ଜିଲା ରନର୍ସ ଅପ୍ ଟ୍ରଫି ହାସଲ କରିଛି।



ମା'ଭଗବତୀଙ୍କ ସାହିଯାତ୍ରା ଉଦ୍‌ଯାପନୀ ଦିବସରେ ଜଟଣୀ ଅରୁଣଜ୍ୟୋତି କ୍ଲବର ସଦସ୍ୟମାନେ ଜଙ୍ଗଲୀ ନୃତ୍ୟ ପରିବେଷଣ କରୁଛନ୍ତି।

## ମା' ଭଗବତୀଙ୍କ ସାହିଯାତ୍ରା ଉଦ୍‌ଯାପିତ

ଜଟଣୀ, ୨୭(ରବୀନ୍ଦ୍ରନାଥ ମହାକୁଡ଼)



ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଜଟଣୀ ଗାଁ(ହାଟବଜାର)ରେ ମା' ଭଗବତୀଙ୍କ ବାର୍ଷିକ ସାହିଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିସହ ବିରାଟ ଶୋଭାଯାତ୍ରାରେ ମା' ପୀଠକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗତ ୨୫ ତାରିଖରେ ଲୋକକଲୋନୀସ୍ଥିତ ମା' ଭଗବତୀଙ୍କ ପୀଠରୁ ବାଜା, ବାଣ, ଘଣ୍ଟ ଘଣ୍ଟା ଫେରି ତୂରୀରେ ପୂଜାର୍ଚ୍ଚନା କରାଯାଇ ମା'ଙ୍କୁ ୭ଦିନ ପାଇଁ ମଣ୍ଡପରେ ପୂଜା ନିମନ୍ତେ ଆବାହନ କରାଯାଇଥିଲା। ପୀଠରୁ ମା'ଙ୍କୁ ୭ଦିନର ଯାତ୍ରା ପାଇଁ ଅସ୍ଥାୟୀ ମଣ୍ଡପକୁ ଅଣାଯାଇଥିଲା। ମା' ମଣ୍ଡପରେ ପୂଜା ପାଇବା ସହ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ୭ ଦିନର ଯାତ୍ରାକାଳରେ ମା'ଙ୍କ ଘଟ ଉକ୍ତ ଅଞ୍ଚଳର ସମସ୍ତ ସାହି ଓ ବସ୍ତି ପରିକ୍ରମା କରିଥିଲା। ପ୍ରତିଦିନ ସକାଳ ଧୂପ, ଆଳତି, ମଧ୍ୟାହ୍ନ ଧୂପ ପରେ ପ୍ରସାଦ ସେବନ କରାଯାଇଥିବା ବେଳେ ସନ୍ଧ୍ୟା ଆଳତି ଓ ରାତ୍ରି ଧୂପ ପରେ ବିଶ୍ରାମ ନୀତି କରାଯାଇଥିଲା। ମଙ୍ଗଳବାର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମା'ପୀଠକୁ ଫେରିଛନ୍ତି। ଏହି ଯାତ୍ରା ପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ପୂଜା ପରିଚାଳନା କମିଟି ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ପୂଜା ଆରମ୍ଭରୁ ମାନସିକଧାରୀ ବିଭିନ୍ନ ବେଶ ଧାରଣ କରି ମା'ଙ୍କ ଆଶୀର୍ବାଦ ନେଇଥିବା ଦେଖିବାକୁ ମିଳିଥିଲା।

## ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ କାର୍ଯ୍ୟର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

ପୁରୀ, ୨୭(ଅଜିତ୍ କୁମାର ମହାନ୍ତି):

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ପୁରୀଠାରେ ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଠିକ୍ ଭାବେ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପରିଷଦ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଏହି ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଅଧ୍ୟକ୍ଷତା କରିଥିବାବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଯୋଗଦେଇଥିଲେ। ଏଥିରେ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଶର୍ମିଷ୍ଠା ହୋତା, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ବନଜାକାନ୍ତ ମାହାରୀ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜିକା ଆରତି ସାହୁ, ଜିଲାର ସମସ୍ତ ବ୍ଲକ ପ୍ରକଳ୍ପ ପରିଚାଳକ(ଓଡ଼ିଶା ଜୀବିକା ମିଶନ), ବ୍ଲକ ପ୍ରକଳ୍ପ ସଂଯୋଜକ (ମିଶନ ଶକ୍ତି) ଏବଂ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ପ୍ରକଳ୍ପ ପରିଚାଳକ ମାହାରୀ ଜିଲା ଜୀବିକା ମିଶନର କାର୍ଯ୍ୟକଳାପ ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ପରେ ଜିଲା ପ୍ରକଳ୍ପ ସଂଯୋଜିକା ଆରତି ସାହୁ ଓ ଜିଲା ମିଶନ ଶକ୍ତି, ସାମାଜିକ କଲ୍ୟାଣ ଅଧିକାରୀ ହୋତା ଜିଲା ମହିଳା ଓ ଶିଶୁ ବିକାଶ କାର୍ଯ୍ୟ ସମ୍ବନ୍ଧରେ ବିବରଣୀ ରଖିଥିଲେ।

## 'ମାଂସର ବିଳାପ ଗଳ୍ପ ବିଶ୍ୱ ସାହିତ୍ୟରେ ଅନନ୍ୟ ସୃଷ୍ଟି'

### ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ପାଳିତ

କଟକ, ୨୭(କାର୍ତ୍ତିକ ସାହୁ)

ସାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଖ୍ୟାତ ସାରସ୍ୱତ ସ୍ରଷ୍ଟା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ମଙ୍ଗଳବାର ସାରଳା ଭବନଠାରେ ପାଳିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ.(ଇଂ) ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଡ. ମହେଶ୍ୱର ମହାନ୍ତି ଯୋଗଦେଇ କହିଲେ, କାଳିନ୍ଦୀ ଚରଣ ପାଣିଗ୍ରାହୀ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା। ସେ ସାହିତ୍ୟର ବିଭିନ୍ନ ବିଭାଗ ଯଥା କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଓ ଶିଶୁ ସାହିତ୍ୟ ପ୍ରଭୃତି ରଚନା କରି ଅଜସ୍ର ପାଠକୀୟ ଆଦୃତି ଲାଭ କରିଛନ୍ତି। ତାଙ୍କ ଉପନ୍ୟାସ ମାଟିର ମଣିଷ, ଆଜିର ମଣିଷ, ଲୁହାର ମଣିଷ, ମୁକ୍ତାଗଡ଼ର କ୍ଷୁଧା, ଅମର ଚିତା ଆଦି ଓଡ଼ିଆ ସାହିତ୍ୟର ଅନବଦ୍ୟ କୃତୀ। ସେହିପରି ସଭାପତି ଡ. ସ୍ୱାଇଁ କହିଲେ, କାଳିନ୍ଦୀ ଚରଣ ସାରଳା ସାହିତ୍ୟ ସଂସଦର ପ୍ରଥମ ସଭାପତି ଥିଲେ। ତାଙ୍କ ରଚିତ 'ମାଂସର ବିଳାପ' ଗଳ୍ପ ବିଶ୍ୱ ସାହିତ୍ୟରେ ଏକ ଅନନ୍ୟ ସୃଷ୍ଟି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ନିମାଇଁ ଚରଣ ପରିଡା, କୈଳାସ ଚନ୍ଦ୍ର ଦଳାଇ, ଅଧ୍ୟାପକ ଗୋପୀନାଥ ପଣ୍ଡା, ଡ. ନିରଞ୍ଜନ ତ୍ରିପାଠୀ, ପ୍ରଶାସକ କବି ପ୍ରସନ୍ନ ଜେନା, ଡ. ସଞ୍ଜିତ ପଟ୍ଟନାୟକ, କବି କାନ୍ତିବାଳା ନାୟକ ଏବଂ ଡ. ରବିନାରାୟଣ ମହାରଣା ପ୍ରମୁଖ କାଳିନ୍ଦୀ ଚରଣଙ୍କୁ ସବୁଜ ଯୁଗର ଶ୍ରେଷ୍ଠ ବିଦ୍ୱାଣି ରୂପେ ଅଭିହିତ କରିଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି ଧନ୍ୟବାଦ ଦେଇଥିବାବେଳେ ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## 'ସପ୍ତାହକୁ ଥରେ ଶୁଷ୍କ ଦିବସ'

ଖୋର୍ଦ୍ଧା, ୨୭ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଡେଙ୍ଗୁ ନିୟନ୍ତ୍ରଣ ଓ ପ୍ରତିରୋଧ ପାଇଁ ଜିଲାସ୍ତରୀୟ କର୍ମଶାଳା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭେକ୍ଟର ବାହିତ ରୋଗ କନସଲଟାଂଟ(ଭିଭିଡିସି) ସ୍ମିତିରଞ୍ଜନ ରାଉତ ସଂଯୋଜନା କରିଥିଲେ। ଡେଙ୍ଗୁ ରୋଗର କାରଣ, ଲକ୍ଷଣ, ନିରାକରଣ ଏବଂ ଚିକିତ୍ସା ସମ୍ବନ୍ଧୀୟ ଆଲୋଚନା କରାଯାଇଥିଲା। ସପ୍ତାହକୁ ଥରେ ସମସ୍ତ ସରକାରୀ କାର୍ଯ୍ୟାଳୟ, ଗ୍ରାମ ସ୍ତରରେ ଶୁଷ୍କ ଦିବସ(ଡ୍ରାଇ ଡେ) ପାଳନ କରାଯିବ। ନିଜ ଅଞ୍ଚଳର ଅଳିଆ ଆବର୍ଜନା ସଫା କରିବେ। ଏହାକୁ ବିଭାଗୀୟ ଅଧିକାରୀମାନେ ତଦାରଖ କରିବେ। ବିଦ୍ୟାଳୟରେ ପିଲାଙ୍କୁ ଡେଙ୍ଗୁ କାରଣ, ନିରାକରଣ ଉପରେ ପ୍ରାର୍ଥନା ସମୟରେ ଶିକ୍ଷକମାନେ ବୁଝାଇବେ। ଜିଲା ଶିକ୍ଷାଧିକାରୀ ଏହାକୁ ସମସ୍ତ ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ କରିବେ। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ରୋଗୀଙ୍କ ରକ୍ତ ସଂଗ୍ରହ କରାଯାଇ ଜିଲାସ୍ତରରେ ଥିବା ପରୀକ୍ଷାଗାରକୁ ପଠାଇବେ। ପୌରାଞ୍ଚଳରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପରିମଳ, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବେ। ଜିଲା ସମାଜ କଲ୍ୟାଣ ବିଭାଗ ସମେତ ଅନ୍ୟ ବିଭାଗ ଏଥିପ୍ରତି ଯତ୍ନବାନ ହେବେ। ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସିଡିଏମ୍‌ଓ ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭେକ୍ଟର ବାହିତ ରୋଗ) ଡା.ଜୀବନ୍ତ ଆଚାର୍ଯ୍ୟ, ଡିପିଏମ୍ ପ୍ରକାଶ ବାନାର୍ଜୀ, କୁସୁମ କୁମାରୀ ପ୍ରହରାଜଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




କର୍ମଶାଳାରେ ଉପସ୍ଥିତ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀମାନେ।

## ସହଭାଗିତାରେ ହୋଇପାରିବ ଡେଙ୍ଗୁ ନିୟନ୍ତ୍ରଣ

ଖୋର୍ଦ୍ଧା, ୨୭(ପ୍ରଭାତ ପାଣିଗ୍ରାହୀ)

ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ସ୍ଥିତି ଉଦ୍‌ବେଗଜନକ ରହିଛି। ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଅନୁସାରେ ଜୁନ ୩୦ସୁଦ୍ଧା ୭ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ପରୀକ୍ଷା କରାଯାଇଥିବା ବେଳେ ଜିଲାରେ ୧୮୦ରୁ ଊର୍ଦ୍ଧ୍ୱ ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିରୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ସଂଖ୍ୟା ୧୨୦ ରହିଛି। ଏନେଇ ଖୋର୍ଦ୍ଧା ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟରବାହିତ ରୋଗ) ଡା. ଜୀବନ୍ତ ଆଚାର୍ଯ୍ୟ କହିଛନ୍ତି, ବିଏମ୍‌ସିରେ ଡେଙ୍ଗୁ ସ୍ଥିତି ଉଦ୍‌ବେଗଜନକ ରହିଛି। ଡେଙ୍ଗୁ ନିୟନ୍ତ୍ରଣ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ହଟ୍‌ସ୍ପଟ ଅଞ୍ଚଳ ନୟାପଲ୍ଲୀ, ଜୟଦେବ ବିହାର, ଆଇଆରସି ଭିଲେଜ, ସିଆର୍‌ପି, ଭୀମଟାଙ୍ଗି ଅଞ୍ଚଳକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ସପ୍ତାହକୁ ଦୁଇ ଦିନ ଡ୍ରାଇ ଡେ କରାଯିବ। ଏହି ଦୁଇଦିନ ସମସ୍ତ ଅଞ୍ଚଳରୁ ଅଳିଆ ଆବର୍ଜନା ସଫା କରାଯିବ ବୋଲି ସ୍ଥିର କରାଯାଇଛି। ଆଶା, ଅଙ୍ଗନୱାଡ଼ି, ସ୍ୱଚ୍ଛତା ଦାୟିତ୍ୱରେ ଥିବା ସ୍ୱଚ୍ଛ ଓ

### ବିଏମ୍‌ସିରେ ସ୍ଥିତି ଉଦ୍‌ବେଗଜନକ

ୱାର୍ଡ ସାଥୀମାନେ ଘରଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଗତ ୧ ତାରିଖରୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ନିୟମିତ ମଶାମରା ତେଲ, ଧୂଆଁ ଏବଂ ଅନବନା ଗଛଲତା କଟିଂ କରାଯାଉଛି। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ନିୟୋଜିତ କରାଯିବ। ଆଗାମୀ ଦିନରେ ସ୍କୁଲ, କଲେଜ ଆଦି ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଘର ବାରି, ଅଗଣାରେ ଅଳିଆ ଜମା କରନ୍ତୁ ନାହିଁ। ସଚେତନ ନାଗରିକ ଭାବେ ଅଳିଆ ଡ୍ରେନ୍‌ରେ ନ ପକାଇ କେବଳ ଅଳିଆଗାଡ଼ିରେ ଦେବାକୁ ରାଜଧାନୀବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଅଳିଆ ଜମିବା ମଶାମାଛିଙ୍କ ବଂଶବୃଦ୍ଧିର ଏକ କାରଣ। ତେଣୁ ନିଜ ପରିବେଶ ମଧ୍ୟରେ ଅଳିଆ ଜମିବାକୁ ଦିଅନ୍ତୁ ନାହିଁ ବୋଲି ସେ କହିଛନ୍ତି।

ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲରେ ୧୨ଟି ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ଟି ଶଯ୍ୟା ବ୍ୟବସ୍ଥା କରାଯାଇଛି। ଡେଙ୍ଗୁ ୱାର୍ଡରେ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଡେଙ୍ଗୁ ରୋଗ ୯୫% ଔଷଧ ଦ୍ୱାରା ଭଲ ହୋଇଥାଏ। ୫% ରୋଗୀ ଗୁରୁତର ହେଲେ ଚିକିତ୍ସାଳୟରେ ଭର୍ତ୍ତି କରାଯାଏ। ଏଥିଲାଗି ସଚେତନ ହେବା ଜରୁରୀ। ଡେଙ୍ଗୁ ନିୟନ୍ତ୍ରଣ ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ବିଏମ୍‌ସିରେ ରାପିଡ ରେସ୍‌ପନ୍ସ ଟିମ୍ ଏବଂ ରାପିଡ ଆକ୍ସନ ଟିମ୍ ଗଠନ କରାଯିବ। ଏଥିରେ ମେଡିକାଲ, ପାରା ମେଡିକାଲ ଷ୍ଟାଫ, ଫାର୍ମାସିଷ୍ଟ ରହିବେ। ଏମାନେ ହଟ୍‌ସ୍ପଟ ଅଞ୍ଚଳ ନିୟମିତ ଯାଞ୍ଚ କରିବେ। ଗ୍ରାମାଞ୍ଚଳ (ବିଏମ୍‌ସି ବ୍ୟତୀତ) ୧୦ଟି ବ୍ଲକ, ଖୋର୍ଦ୍ଧା ଓ ଜଟଣୀ ପୌର ପରିଷଦ, ବାଲୁଗାଁ ଓ ବାଣପୁର ଏନ୍‌ଏସିରେ ଡେଙ୍ଗୁ ନିୟନ୍ତ୍ରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି), ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି), ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଓ ଉପକେନ୍ଦ୍ର ଆଦି ଅଞ୍ଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗ୍ରାମାଞ୍ଚଳରେ ସମସ୍ତ ଆଶା, ଅଙ୍ଗନୱାଡ଼ି, ସ୍ୱାସ୍ଥ୍ୟକର୍ମୀ ଘର ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ପ୍ରତି ସପ୍ତାହରେ ଆକ୍ସନ ରିପୋର୍ଟ ଜିଲା କେନ୍ଦ୍ରରେ ଦାଖଲ କରିବେ। ଏଥିଲାଗି ସମସ୍ତଙ୍କୁ ଏକ ସ୍ୱତନ୍ତ୍ର ଫର୍ମାଟ ଦିଆଯାଇଛି। ଡେଙ୍ଗୁ ନିୟନ୍ତ୍ରଣ ଲାଗି ଜିଲାସ୍ତରରେ ଗୋଟିଏ ଏବଂ ପ୍ରତି ବ୍ଲକସ୍ତରରେ ଏକ ଟିମ୍ ଗଠନ କରାଯାଇଛି। ଅଗଷ୍ଟ ମାସରେ ସମସ୍ତ ଗାଁ କଲ୍ୟାଣ ସମିତି (ଜିକେଏସ) ଜରିଆରେ ସମୂହ ଗାଁ ସଫେଇ ଅଭିଯାନ କରାଯିବା ଯୋଜନା ରହିଛି। ସମସ୍ତ ଶିକ୍ଷାନୁଷ୍ଠାନରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହିତ ୱାଲପେଣ୍ଟିଂ, ପୋଷ୍ଟର ଲଗାଯିବା ସହ ସମସ୍ତ ଚିକିତ୍ସାଳୟରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ କରାଯିବ। ଗ୍ରାମାଞ୍ଚଳରେ ନିୟନ୍ତ୍ରଣ ଲାଗି ରାପିଡ ରେସ୍‌ପନ୍ସ ଟିମ(ଆରଆରଟି) ଏବଂ ଆକ୍ସନ ଟିମ୍ ସଜାଗ ରହିଛନ୍ତି। ପ୍ରତ୍ୟେକ ବ୍ୟକ୍ତି ସଚେତନ ହେଲେ ଏହାକୁ ରୋକାଯାଇପାରିବ। ଏହାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ମିଶନଶକ୍ତି, ଏସ୍‌ଏଚ୍‌ଜି ଗ୍ରୁପ, ଶିକ୍ଷା ବିଭାଗ, ଜଙ୍ଗଲ, ଉଦ୍ୟାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମସ୍ତଙ୍କ ସହଯୋଗ ନିଆଯିବ। ସମସ୍ତଙ୍କ ସହଭାଗିତା ରହିଲେ ଏହାକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଡା. ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଛାତ୍ରଙ୍କ ସହ ଅପ୍ରାକୃତ ଯୌନ ଶୋଷଣ ଅଭିଯୋଗ

ଡେଲାଙ୍ଗ,୨୮୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଞ୍ଚଳର ଏକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ଯୌନ ଶୋଷଣ ହୋଇଥିବା ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ବିଦ୍ୟାଳୟ ଗୁରୁଜୀଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଡେଲାଙ୍ଗ ବ୍ଲକ ଜେନାପୁର ପଞ୍ଚାୟତ ଅଧୀନ ଏକ ବିଦ୍ୟାଳୟରେ ଓଡ଼ିଶାର ବିଭିନ୍ନ ଜିଲାରୁ ଛାତ୍ରମାନେ ଆସି ରହି ଶିକ୍ଷା ଲାଭ କରନ୍ତି। ସେଠାରେ ପାଠ ପଢିବା ସହ ଛାତ୍ରାବାସର ମଧ୍ୟ ସୁବିଧା ରହିଛି। ସେଠାରେ ଗୁରୁଜୀ ଜଣଙ୍କ ଏକାକୀ ପିଲାଙ୍କୁ ପାଠ ପଢାଇଥାନ୍ତି। ତେବେ ଆଶ୍ରମରେ ରହୁଥିବା ପିଲାଙ୍କ ସହିତ ଗୁରୁଜୀ ପ୍ରତିଦିନ ଯୌନ ସମ୍ପର୍କ ରଖୁଥିବା ଜଣେ ଅଭିଭାବକ ଡେଲାଙ୍ଗ ଥାନାରେ ଅଭିଯୋଗ କରିବା ପରେ ସ୍ଥାନୀୟ ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଛାତ୍ର ଜଣଙ୍କ ଘରକୁ ଯିବାପରେ ସମସ୍ତ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଅନ୍ୟପଟେ ଅପ୍ରାକୃତ ଯୌନ ସମ୍ପର୍କରେ କାହାକୁ କହିଲେ ପରୀକ୍ଷାରେ ଫେଲ୍ କରାଇଦେବେ ବୋଲି ମଧ୍ୟ ଗୁରୁଜୀ ଧମକାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଗୁରୁଜୀଙ୍କ ଏଭଳି ଅଶାଳୀନ କାର୍ଯ୍ୟକୁ ଜାଣିବା ପରେ ଅନ୍ୟ ଅଭିଭାବକମାନେ ନିଜ ପିଲାଙ୍କୁ ସେଠାରୁ ନେଇଯାଇଥିଲେ। ଖବରପାଇ ଡେଲାଙ୍ଗ ପୋଲିସ ଉକ୍ତ ଗୁରୁଜୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

### ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ: ଯୁବକ ଗିରଫ

ସ୍ୱାମୀ ଓ ଦେଢ଼ଶୁରଙ୍କୁ ଖଣ୍ଡାରେ ଆକ୍ରମଣ

ଡେଲାଙ୍ଗ,୨୮୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଧୀନ ମଳିଗାଁ (ପଡାଜଟି ସାହି) ଗ୍ରାମରେ ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା, ଏଥିରେ ସ୍ୱାମୀ ଓ ଦେଢଶୁର ବିରୋଧ କରିବାରୁ ଦୁହିଁଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଦିବାକର ବସ୍ତିଆ(୩୭)। ଏନେଇ ପୋଲିସ ୨୫୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଦିବାକର ସେହି ଗ୍ରାମର ଜଣେ ମହିଳାଙ୍କୁ ଅନେକ ଦିନ ଧରି ଅଶ୍ଳୀଳ ଇଙ୍ଗିତ କରିଆସୁଥିଲା। ତାଙ୍କ ସ୍ୱାମୀ ଘରେ ନ ଥିବାବେଳେ ଖରାପ ନଜର ରଖି ଗୋଡାଇ ଆସିବାରୁ ମହିଳା ଜଣକ ଘରେ ପଶି ଦୁଆର ଦେଇଦେଇଥିଲେ। ସ୍ୱାମୀ ଘରକୁ ଫେରିବାରୁ ମହିଳା ଜଣଙ୍କ ସମସ୍ତ ଘଟଣା ଜଣାଇଥିଲେ। ସ୍ୱାମୀ ଓ ଦେଢଶୁର ଦିବାକରଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ଉତ୍କ୍ଷିପ୍ତ ହୋଇ ଖଣ୍ଡାରେ ୨ଜଣଙ୍କୁ ଆକ୍ରମଣ କରିଥିଲେ। ୨ ଜଣଙ୍କ ହାତରେ ଖଣ୍ଡା ଚୋଟ ବାଜି ଲହୁଲୁହାଣ ହୋଇଥିବା ଲିଖିତ ଅଭିଯୋଗରେ ଦର୍ଶାଯାଇଛି।

# ପିଲାଙ୍କୁ ଅଣ୍ଡା ବଣ୍ଟନରେ ଦୁର୍ନୀତି

ମାହାଙ୍ଗା,୨୮୭(ଯଯାତି ସିଂହ):

କୁନି ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ଛତୁଆ, ଅଣ୍ଡା ଆଦି ବଣ୍ଟନ କରାଯାଉଛି। ମାତ୍ର ଅନେକ ସମୟରେ ଏଥିରେ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହେଉଛି। ଏହାର ଉଦାହରଣ ଲଳିତଗିରି ଅଙ୍ଗନୱାଡି କେନ୍ଦ୍ର-୪ରେ ଦେଖିବାକୁ ମିଳିଛି। ଏହି କେନ୍ଦ୍ରରେ ପିଲାଙ୍କ ଅଭିଭାବକମାନଙ୍କୁ କମ୍ ଅଣ୍ଡା ଦିଆଯାଉଥିବା ଅଭିଯୋଗ ହୋଇଛି।

ସରକାର ଯୋଜନା ଅନୁଯାୟୀ, ଅଙ୍ଗନୱାଡି କେନ୍ଦ୍ର ଜରିଆରେ ୬ମାସରୁ ୩ ବର୍ଷର ପିଲାଙ୍କ ପାଇଁ ୧୨ ଏବଂ ୧୨ରୁ ୧୪ ବର୍ଷର ପିଲାଙ୍କ ପାଇଁ ୧୬ଟି ଲେଖାଏଁ ଅଣ୍ଡା ଯୋଗାଇ ଦିଆଯାଉଛି। ଏହି ଗ୍ରାମର ଚିତ୍ତରଞ୍ଜନ ସିଂହଙ୍କ ୨ଟି ପିଲାଥିବା



ଅଭିଭାବକ ଚିତ୍ତରଞ୍ଜନ ସିଂହ ଗଣମାଧ୍ୟମ ଆଗରେ ଅଭିଯୋଗ କରୁଛନ୍ତି।

ବେଳେ ଜଣଙ୍କ ବୟସ ଦେଢ଼ ବର୍ଷ ଓ ଅନ୍ୟ ଜଣଙ୍କୁ ୧୩ ବର୍ଷ ହେବ। ସେ ସୋମବାର ଉଭୟ ପିଲାଙ୍କ ପାଇଁ ଅଣ୍ଡା ଆଣିବାକୁ ଅଙ୍ଗନୱାଡି କେନ୍ଦ୍ର-୪କୁ ଯାଇଥିଲେ। ମାତ୍ର ସେଠାକାର ଜଣେ ଅଙ୍ଗନୱାଡି କର୍ମୀ

**ଲଳିତଗିରି ଅଙ୍ଗନୱାଡି କେନ୍ଦ୍ର-୪**



ତାଙ୍କୁ ୧୩ ବର୍ଷର ପିଲା ପାଇଁ ୧୦ ଏବଂ ଦେଢ଼ବର୍ଷର ପିଲା ପାଇଁ ୧୦ଟି ଲେଖାଏଁ ଅଣ୍ଡା ଦେଇ ଖାତରେ ଦସ୍ତଖତ କରିବାକୁ କହିଥିଲେ। ଚିତ୍ତରଞ୍ଜନ ଏହାକୁ ବିରୋଧ କରିବା ସହ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ୧୬ଟି ଓ ପିଲାମାନଙ୍କର ୧୨ଟି ଅଣ୍ଡା ଦେଲେ ଦସ୍ତଖତ କରିବାକୁ କହିଥିଲେ। ଏହି ସମୟରେ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିବା ସହ ଅଣ୍ଡା ଦିଆଯିବ ନାହିଁ ବୋଲି କହିଥିଲେ। ଏ ବିଷୟରେ ଚିତ୍ତରଞ୍ଜନ ଗଣମାଧ୍ୟମ ସମ୍ମୁଖରେ କହିବା ସହ ଏହି ଘଟଣାର ତଦନ୍ତ ଦାବି କରିଛନ୍ତି। ସେ ଆହୁରି କହିଥିଲେ, ଏହି କେନ୍ଦ୍ରଟି ଖୋଲାଯାଇଥିଲେ ମଧ୍ୟ କୌଣସି ପିଲା ଆସି ନ ଥିଲେ କି ରୋଷେଇ ମଧ୍ୟ ହୋଇ ନ ଥିଲା । କେବଳ ସେତିକି ନୁହେଁ ଏହି କେନ୍ଦ୍ରର ଚତୁଃପାର୍ଶ୍ୱ ଗଛଲତାରେ ପରିପୂର୍ଣ୍ଣ ହୋଇଛି । ଫଳରେ ପିଲାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଏନେଇ ଦାୟିତ୍ୱରେ ଥିବା ସୁପରଭାଇଜରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ ଫୋନ ଉଠାଇ ନଥିଲେ। ବିଭାଗୀୟ ଅଧିକାରୀ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

## ବେଲଅଣ୍ଟାରେ ବୋମାମାଡ଼ ଘଟଣା: ଥାନାରେ ମାମଲା ରୁଜୁ

ତିଗିରିଆ,୨୮୭(ଜାଫର ଖାଁ)

ତିଗିରିଆ ଥାନା ଅନ୍ତର୍ଗତ ବେଲଅଣ୍ଟା ଗ୍ରାମରେ ସୋମବାର ରାତିରେ ୧୦ରୁ ଊର୍ଦ୍ଧ୍ୱ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ମଙ୍ଗଳବାର ତିଗିରିଆ ଥାନାରେ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି ଗ୍ରାମର ଭାବଗ୍ରାହୀ ପଣ୍ଡା ଓ ରବି ମଲ୍ଲଙ୍କ ଘର ଉପରକୁ ୧୦ ରୁ ଅଧିକ ବୋମାମାଡ଼ ହୋଇଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ତିଗିରିଆ ଥାନା ଆଇଆଇସି ମାମଲା (ନଂ.୧୬୭/୨୪) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଏହି ଘଟଣାରେ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନାହିଁ। ଆଠଗଡ ଡିଏସ୍‌ପି ରବୀନ୍ଦ୍ର କୁମାର ମଲ୍ଲିକ, ତିଗିରିଆ ପୋଲିସ ଓ ମାଣିଆବନ୍ଧ ପୋଲିସ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏବେ ପରିସ୍ଥିତି ଶାନ୍ତ ଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ କ'ଣ ହେବ ସେନେଇ ଗ୍ରାମବାସୀ ଭୟଭୀତ ଅଛନ୍ତି।

ସୂଚନାଯୋଗ୍ୟ, ଭୋଗଡା ପଞ୍ଚାୟତ ସରପଞ୍ଚ ଶର୍ମିଳା ନାୟକ ଓ ତାଙ୍କ ସ୍ୱାମୀ ଅରୁଣ ନାୟକଙ୍କୁ ବେଲଅଣ୍ଟା ଗ୍ରାମର କେତେଜଣ ଯୁବକ ବିରୋଧ କରିଆସୁଥିଲେ। ଏନେଇ ଚଳିତବର୍ଷ ହୋଲିଠାରୁ ପଞ୍ଚାୟତରେ ଗଣ୍ଡଗୋଳ, ହଣାକଟା ଓ ବୋମାମାଡ ଲାଗିରହିଛି। ସୋମବାର ରାତିରେ ଏହି ଘଟଣାକୁ ନେଇ ବୋମାମାଡ଼ ହୋଇଥିବା ଚର୍ଚ୍ଚା ହେଉଛି।

# ୨ ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା



ବାର୍ ଆସୋସିଏଶନ ପକ୍ଷରୁ ଜଜ୍ ସଞ୍ଜୟ ରଞ୍ଜନ ବହିଦାର ଓ ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ସୁଷମା ସ୍ୱାଇଁଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

କଟକ,୨୮୭ (କାର୍ତ୍ତିକ ସାହୁ)

କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଜିଲା ଜଜ୍ ସଞ୍ଜୟ ରଞ୍ଜନ ବହିଦାର ଓ ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ସୁଷମା ସ୍ୱାଇଁଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବାର୍ ଆସୋସିଏଶନର ସଭାପତି ଶରତ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଭୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଆସୋସିଏଶନର ବରିଷ୍ଠ ସଦସ୍ୟ ଅକ୍ଷୟ କୁମାର ନାୟକ, ପ୍ରଶାନ୍ତ କୁମାର ସାହୁ, ରଞ୍ଜିତ କେଶରୀ ରାୟଙ୍କ ସହିତ ବାର୍ କାଉନସିଲ ସଦସ୍ୟ ଅକ୍ଷୟ କୁମାର ପତି, ପ୍ରଦୀପ କୁମାର ପରିଡ଼ା, ଧ୍ରୁବ ଚରଣ ରାଉତ ପ୍ରମୁଖ ଆଇନଜୀବୀମାନେ ବିଚାରପତିଦ୍ୱୟଙ୍କ ଗୁଣଗାନ କରିଥିଲେ। ବାର୍ ଉପସଭାପତି ଲକ୍ଷ୍ମୀନାରାୟଣ ଦାସ, ଯୁଗ୍ମସମ୍ପାଦକ ଦୁର୍ଗାଚରଣ ନାୟକ, କୋଷାଧ୍ୟକ୍ଷ ପ୍ରକାଶ କୁମାର ପ୍ରତାପ, ପାଠାଗାର ସମ୍ପାଦକ ରବୀନ୍ଦ୍ର କୁମାର ଲେଙ୍କା, ସଂଗ୍ରାମ କେଶରୀ ଦାସ, ଜ୍ୟୋତି ରଞ୍ଜନ ପରିଡ଼ା, ନିରଞ୍ଜନ ବେହେରା, ସଞ୍ଜୟ କୁମାର ମହାପାତ୍ର, ସୁନୀଲ କୁମାର ଦାସ, ସ୍ୱପ୍ନାରାଣୀ ମଙ୍ଗରାଜ ଓ ସସ୍ମିତା ବେହେରା ପ୍ରମୁଖ ସହଯୋଗ କରିଥିଲେ। ବାର୍ ସମ୍ପାଦକ ତାପସ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

### ଅଧ୍ୟକ୍ଷାଙ୍କୁ ପୁରାତନ ଛାତ୍ରଙ୍କ ଶୁଭେଚ୍ଛା

ବାରଙ୍ଗ, ୨୮୭(ଲିଙ୍ଗରାଜ ରାଉତ)

ବାରଙ୍ଗ କୁଞ୍ଜବିହାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ସୋମବାର ଲିପିପୁଷ୍ପା ନାୟକ ଦାୟିତ୍ୱ ଗ୍ରହଣ କରିବା ପରେ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ୩୩ତମ ଅଧ୍ୟକ୍ଷା ଭାବେ ସେ ଯୋଗଦେଇଥିବାରୁ ମହାବିଦ୍ୟାଳୟ ଉନ୍ନତି ପାଇଁ ତାଙ୍କ ଉଦ୍ୟମ ରହିବ ବୋଲି ସେ କହିଛନ୍ତି। ଅନ୍ୟପଟେ ମଙ୍ଗଳବାର ପୂର୍ବତନ ଛାତ୍ର ତଥା ୫ ପଞ୍ଚାୟତ ଭାଜପା ନେତା ଅଜିତ୍ ସାସମଲଙ୍କ ନେତୃତ୍ୱରେ କେତେଜଣ ଛାତ୍ର ଅଧ୍ୟକ୍ଷାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

### ଚନ୍ଦକା ଥାନାରେ ପ୍ରଥମ ମାମଲା ରୁଜୁ

ବାରଙ୍ଗ,୨୮୭(ଲିଙ୍ଗରାଜରାଉତ)

ଭାରତୀୟ ନ୍ୟାୟ ସଂହିତା ଆଇନ ସୋମବାର ମଧ୍ୟ ରାତ୍ରରୁ ସାରା ଦେଶରେ ଲାଗୁ ହୋଇଛି। ଏହି ପରିପ୍ରେକ୍ଷୀରେ ଚନ୍ଦକା ଥାନାରେ ଭାରତୀୟ ନ୍ୟାୟ ସଂହିତା ଆଇନ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ଚନ୍ଦକା ଥାନା ଅଧୀନରେ ପଳାସପୁର ଗ୍ରାମରେ ମାନସ ବେହେରା ଉକ୍ତ ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ଘର ତିଆରି ପାଇଁ ବାଲି, ଗୋଡ଼ି, ଇଟା ଇତ୍ୟାଦି ସାମଗ୍ରୀ ଦେଇଥିଲେ। ଏହି ବାବଦରେ ବକେୟା ଥିବା ୧୬ ହଜାର ଟଙ୍କା ମାଗିବାରୁ ମାନସଙ୍କୁ ଉକ୍ତ ବ୍ୟକ୍ତିଙ୍କ ୨ ପୁଅ ଓ ବାପା ମିଶି କରି ମାଡ଼ ମାରିଥିବା ଅଭିଯୋଗ ମଙ୍ଗଳବାର ଚନ୍ଦକା ଥାନାରେ ହୋଇଥିଲା। ପୋଲିସ ପ୍ରଥମ କରି ନୂଆ ମାମଲା ୨୩୬/୨୪ କେସ୍ ନଂ.ରେ ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ତଦନ୍ତ ଆରମ୍ଭ କରିଛି।

## ତଥ୍ୟଭିତ୍ତିକ ନାଟକ ରଚନା କ୍ଷେତ୍ରରେ ନାଟ୍ୟକାର ସୁଧାକର ଦ୍ୱିବେଦୀ ଅନ୍ୟତମ



ସୁଧାକର ଦ୍ୱିବେଦୀଙ୍କ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେଇଥିବା ଅତିଥିମାନେ।

ରଘୁନାଥପୁର,୨୮୭(ରାଜେନ୍ଦ୍ର ନାରାୟଣ ସିଂହ)

ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ସ୍ୱନାମଧନ୍ୟ ନାଟ୍ୟକାର ସ୍ୱର୍ଗତ ସୁଧାକର ଦ୍ୱିବେଦୀଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ତାଙ୍କ ଜନ୍ମମାଟି ରଘୁନାଥପୁର ବ୍ଲକ ରେତୁଆ ପଞ୍ଚାୟତ ଗହ୍ମାପୁରସ୍ଥିତ ବାସଭବନରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ନାଟ୍ୟକାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ମୃତି ପରିଷଦ ସଭାପତି ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଏନେଇ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଅଧ୍ୟାପକ ତଥା ସୁବକ୍ତା ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇ ବର୍ଷିଆନ୍ ସାମାଜିକ ନାଟକ ରଚୟିତା ସ୍ୱର୍ଗତ ଦ୍ୱିବେଦୀଙ୍କ କାଳଜୟୀ ନାଟକ ଗୃହଲକ୍ଷ୍ମୀ, ଶପଥ ନୁହେଁ କଳଙ୍କ, ଅକାଳ ଝଡ଼, ରଘୁ ଅରକ୍ଷିତ, ଶଙ୍ଖା ଶାଢ଼ି ସିନ୍ଦୂର, ଗରିବ ଝିଅ, ବିପ୍ଳବୀର ଅପମୃତ୍ୟୁ ଓ ଚମ୍ବଲ ଡାକୁ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହାଛଡ଼ା ଯୁଗୋପଯୋଗୀ ତଥ୍ୟଭିତ୍ତିକ ନାଟକ ରଚନା କ୍ଷେତ୍ରରେ ନାଟ୍ୟକାର ଦ୍ୱିବେଦୀ ଅନ୍ୟତମ ବୋଲି ସେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପିକା ସୁଶ୍ରୀ ଗୀତା ରଥ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ଅଧ୍ୟାପକ ଭଗବାନ୍ ବିଶ୍ୱାଳ, ସାମାଜିକ କର୍ମୀ ଗୋବିନ୍ଦ ଓଝା, ରବି ମହାନ୍ତି, ପୂର୍ବତନ ସରପଞ୍ଚ ବିଜନ ମହାପାତ୍ର, ରବୀନ୍ଦ୍ର ବିଶ୍ୱାଳ, କୃତୀ ଶିକ୍ଷକ ରାଜକିଶୋର ସାହୁ, ତପନ କୁମାର ରାଉତରାୟ, ସାମାଜିକ କର୍ମୀ ସନ୍ତୋଷ କୁମାର ସାହୁ, କଳାକାର ଅଜୟ କୁମାର ଗୋଛାୟତ ପ୍ରମୁଖ ଯୋଗଦେଇଥିଲେ। ନାଟ୍ୟକାରଙ୍କ ସୁପୁତ୍ର ପରିଷଦର ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ କାର୍ଯ୍ୟକ୍ରମ ପରିଚାଳନା ଓ ମନୋଜ କୁମାର ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

# ମହାବିଦ୍ୟାଳୟର ସାମୂହିକ ବିକାଶକୁ ଗୁରୁତ୍ୱ

### ବିଧାୟକଙ୍କୁ ସମ୍ବର୍ଦ୍ଧନା ଦେଲେ ଅଧ୍ୟାପକ, କର୍ମଚାରୀ

ମାହାଙ୍ଗା,୨୮୭(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଜେଏନ୍ ମହାବିଦ୍ୟାଳୟ ପକ୍ଷରୁ ନବ ନିର୍ବାଚିତ ବିଧାୟକ ସାରଦା ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଜେଏନ୍ କଲେଜର ଅଧ୍ୟାପକ,ଅଧ୍ୟାପିକ ଓ କର୍ମଚାରୀମାନେ ପୋଡାମରାଇସ୍ଥିତ ସେବା ପ୍ରକୋଷ୍ଠରେ ପହଞ୍ଚି ବିଧାୟକ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଧାୟକ



ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପ୍ରଧାନ ମହାବିଦ୍ୟାଳୟର କିପରି ସାମୂହିକ ବିକାଶ ହେବ ସେନେଇ ଧ୍ୟାନ ଦେବେ ବୋଲି କହିବା ସହ ଛାତ୍ରଛାତ୍ରୀଙ୍କ ପାଠପଢାକୁ ଅଧିକ ଧ୍ୟାନ ଦେବା ପାଇଁ ଅଧ୍ୟାପିକା ଓ ଅଧ୍ୟାପକମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ଚୌଧୁରୀ, ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ୟାମସୁନ୍ଦର ପଲେଇ, ଅଧ୍ୟାପକ ରବୀନ୍ଦ୍ର ନାରାୟଣ ବାରିକ, ରୁଦ୍ର ନାରାୟଣ ଦାସ, ବସନ୍ତ କୁମାର ସେଠୀ, କ୍ରୀଡା ଶିକ୍ଷକ ନଗେନ୍ଦ୍ର ନାଥ ତ୍ରିପାଠୀ ,ଗୌତମ କୁମାର ରାଉତରାୟ, ଧରଣୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରୁ ଚୋରି କରି ଅଭିଯୁକ୍ତ ଗିରଫ

ନିମାପଡ଼ା,୨୮୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଭିଲିଗ୍ରାମ ପଞ୍ଚାୟତ ଭିଲିଗ୍ରାମ ନୋଡାଲ ହାଇସ୍କୁଲରୁ ଚୋରି କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ମୁକୁନ୍ଦ ଭୋଇ(୨୬)। ଏଥିସହ ତାଙ୍କଠାରୁ ଚୋରି ସାମଗ୍ରୀ ଇନ୍‌ଭୋଲେଟର ମେଶିନକୁ ଉଦ୍ଧାର କରିଛି। ଏହି ମେଶିନର ମୂଲ୍ୟ ପ୍ରାୟ ୨୫ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ସ୍କୁଲରୁ ଗତ ୨୮ ତାରିଖ ରାତିରେ ଇନ୍‌ଭୋଲେଟର ମେଶିନ ଚୋରି ହେବା ନେଇ ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ନାୟକ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୨୧୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ସବୁଜ ସୁନ୍ଦର ପରିବେଶ ପାଇଁ ମଞ୍ଜି ବୁଣିବାକୁ ଆହ୍ୱାନ

### ବନ ମହୋତ୍ସବ ପାଳିତ

ବାଙ୍କୀ,୨୮୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷ ନିତ୍ୟାନ୍ତ ଆବଶ୍ୟକ। ସବୁଜ ସୁନ୍ଦର ପରିବେଶ ସୃଷ୍ଟି ପାଇଁ ବିଭିନ୍ନ ଉପାୟ ରହିଛି। ସେଥିମଧ୍ୟରୁ ମଞ୍ଜିବୁଣା କାର୍ଯ୍ୟକ୍ରମ ଅନ୍ୟତମ। ଏନେଇ ନିଜେ ଓ ପାଖ ପଡ଼ୋଶୀମାନେ ବ୍ୟବହାର କରୁଥିବା ଫଳର ମଞ୍ଜିକୁ ସଂଗ୍ରହ କରି ଶୁଖାଇ ବର୍ଷା ଦିନ ପୂର୍ବରୁ ଖାଲିଥିବା ପାହାଡ଼, ପର୍ବତ, ପଡ଼ିଆ, ନଦୀ ବନ୍ଧ, ରାସ୍ତାର ଦୁଇ ପାର୍ଶ୍ୱରେ ବୁଣିବାକୁ ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ଡଁସର ପଞ୍ଚାୟତର ଶିକ୍ଷୟିତ୍ରୀ ନିବେଦିତା ପାଇକରାୟ ଆହ୍ୱାନ ଦେଇଛନ୍ତି। ଏନେଇ ସେ ଗ୍ରାମର ସିଆର୍‌ପି ଏବଂ ଉତ୍ସାହୀ ମହିଳାମାନଙ୍କୁ ନେଇ ନିକଟସ୍ଥ ପାହାଡ଼ରେ ବିଭିନ୍ନ ପ୍ରକାରର ମଞ୍ଜି ବୁଣିଛନ୍ତି। ଏହି କାର୍ଯ୍ୟକ୍ରମକୁ ପ୍ରକୃତି ବନ୍ଧୁ ବଳରାମ ପାଇକରାୟ ପରିଚାଳନା କରିଥିବାବେଳେ ସିଆରପି ଜୟନ୍ତୀ ବେଉରା, ଆଶାଲତା ପ୍ରଧାନ, ମନୋରମା ସ୍ୱାଇଁ, ପ୍ରତିମା ଦାଶ, ବଣୀ ପ୍ରଧାନ, ସବିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବାଙ୍କୀ ବ୍ଲକ ଅନ୍ତର୍ଗତ କନ୍ତପହଁରା ଗ୍ରାମର ପ୍ରସିଦ୍ଧ ଶୈବପୀଠ



ଐଶାନେଶ୍ୱର ମନ୍ଦିର ପରିସରରେ ଚାରା ରୋପଣ କରାଯାଉଛି।

ଐଶାନେଶ୍ୱର ମନ୍ଦିର ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ନିକଟରେ ଥିବା ଲଟା ପୋଖରୀ ପାର୍ଶ୍ୱରେ ଅଁଳା, ବର ଆଦି ଚାରାରୋପଣ କରାଯାଇଛି । ଆଦର୍ଶ ଯୁବପରିଷଦ ଓ ବାଙ୍କୀ ପରିବେଶ ସମିତିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଯୁବସାମାଜିକ କର୍ମୀ ଅକ୍ଷୟ କୁମାର ସାମଲ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରକୃତିବନ୍ଧୁ ତଥା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଚାରା ରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବାଙ୍କୀ ପରିବେଶ ସମିତିର ଆବାହକ ଦୀପକ କୁମାରା ସାମନ୍ତରା, କଟକ ଜନଶିକ୍ଷଣ ସଙ୍ଗଠନର ପ୍ରଶିକ୍ଷକ ଲଲାଟେନ୍ଦୁ ପଣ୍ଡା, ଯୁବ ସାମାଜିକ କର୍ମୀ ଶୁଭେନ୍ଦୁ କୁମାର ମହାପାତ୍ର ଓ ଗ୍ରାମର ଯୁବକମାନେ ଯୋଗଦେଇଥିଲେ।

# ସରସ ସୁନ୍ଦର, ଶୃଙ୍ଖଳିତ ହେବ ଘୋଷଯାତ୍ରା

ନିଶ୍ଚିନ୍ତକୋଇଲି, ୨୮୭ (ଅଶୋକ କୁମାର ମହାପାତ୍ର):

ପବିତ୍ର ଘୋଷ ଯାତ୍ରା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ ଦଧିବାମନ ଜୀଉ ମନ୍ଦିର ଓ ଜିଗ୍ନିପୁର ପଞ୍ଚାୟତ ବ୍ରହ୍ମକ୍ଷେତ୍ର ବଳଦେବ ଜୀଉ ମନ୍ଦିରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ନିଶ୍ଚିନ୍ତକୋଇଲି ତହସିଲଦାର ଅନିତା ନାୟକଙ୍କ ଆବାହକତ୍ୱରେ ଏନେଇ ୨ ମନ୍ଦିର ପରିସରରେ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦେଇ ଚଳିତ ବର୍ଷ ଘୋଷଯାତ୍ରାକୁ ଅଧିକ ସରସ ସୁନ୍ଦର ସହ ଶୃଙ୍ଖଳିତ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ସେବାୟତ, ପ୍ରଶାସନିକ ଅଧିକାରୀ, ମନ୍ଦିର ପ୍ରଶାସନ, ଟ୍ରଷ୍ଟବୋର୍ଡ ସଭ୍ୟ, ନାଜିମହନ୍ତ ସେବକ ଓ ଭକ୍ତମାନେ ଏକତ୍ରିତ ହୋଇ ମହାପ୍ରଭୁଙ୍କ ଘୋଷଯାତ୍ରା ସମ୍ପନ୍ନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ରଥଦାଣ୍ଡରେ ଫାଷ୍ଟେଡ, ବିଦ୍ୟୁତ, ପାନୀୟ ଜଳ, ଆଇନଶୃଙ୍ଖଳା ପରିସ୍ଥିତି ଓ ଗମନାଗମନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ ହୋଇଛି। ଦେବ



ବୈଠକରେ ବିଧାୟକ ସାରଦା ପ୍ରଧାନ, ତହସିଲଦାର ଅନିତା ନାୟକ ଏବଂ ଅନ୍ୟମାନେ।

ନୀତି ନିର୍ଦ୍ଧାରିତ ସମୟରେ କରିବାକୁ ନିଷ୍ପତି ହୋଇଥିଲା। ପୂର୍ବାହ୍ନରେ ଦଧିବାମନ ଜୀଉ ମନ୍ଦିରରେ ଅନୁଷ୍ଠିତ ବୈଠକରେ ଅନ୍ତରାମ ସିଂ, ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଯୁଗଳ ଦାସ, ଏବିଡିଓ ଅଶୋକ ମହାନ୍ତି, ପାନୀୟ ଜଳ ବିଭାଗର ଚିନ୍ମୟ ବେହେରାଙ୍କ ସମେତ ମେଡିକାଲର କର୍ମଚାରୀମାନେ ଯୋଗଦେଇଥିଲେ। ଅପରାହ୍ନରେ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ବଳଦେବ ଜୀଉଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ର ବେହେରା, ଜ୍ୟୋତିରଞ୍ଜନ ସ୍ୱାଇଁ, ସରପଞ୍ଚ ତିଳୋତ୍ତମା ରାଉତ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ନେତୃମଣ୍ଡଳୀ ଯୋଗଦେଇ ଘୋଷଯାତ୍ରା ପାଇଁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ନେତ୍ର ଉତ୍ସବ ଓ ରଥଯାତ୍ରା ଗୋଟିଏ ଦିନରେ ପଡ଼ିଥିବାରୁ ଏହି ଯାତ୍ରାକୁ ଶୃଙ୍ଖଳିତ ଓ ସମୟ ଅନୁସାରେ କରିବା ପାଇଁ ବୈଠକରେ ତହସିଲଦାର ନାୟକ ପରାମର୍ଶ ଦେଇଥିଲେ।


ଶ୍ରୀକ୍ଷେତ୍ର: ରଥ ପାର୍ଶ୍ୱଦେବତାଙ୍କ ମୂର୍ତ୍ତିରେ ରଙ୍ଗ ଦିଆଯାଉଛି ।


ରଥ ସାରଥିଙ୍କୁ ରଙ୍ଗ କରାଯାଉଛି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଛାତ୍ରଙ୍କ ସହ ଅପ୍ରାକୃତ ଯୌନ ଶୋଷଣ ଅଭିଯୋଗ

## ଗୁରୁଜୀ ଅଟକ

**ଡେଲାଙ୍ଗ, ୨।୭(ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ଥାନା ଅଞ୍ଚଳର ଏକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ଯୌନ ଶୋଷଣ ହୋଇଥିବା ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ବିଦ୍ୟାଳୟ ଗୁରୁଜୀଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଡେଲାଙ୍ଗ ବ୍ଲକ ଜେନାପୁର ପଞ୍ଚାୟତ ଅଧୀନ ଏକ ବିଦ୍ୟାଳୟରେ ଓଡ଼ିଶାର ବିଭିନ୍ନ ଜିଲାରୁ ଛାତ୍ରମାନେ ଆସି ରହି ଶିକ୍ଷା ଲାଭ କରନ୍ତି। ସେଠାରେ ପାଠ ପଢିବା ସହ ଛାତ୍ରାବାସର ମଧ୍ୟ ସୁବିଧା ରହିଛି। ସେଠାରେ ଗୁରୁଜୀ ଜଣଙ୍କ ଏକାକୀ ପିଲାଙ୍କୁ ପାଠ ପଢାଇଥାନ୍ତି। ତେବେ ଆଶ୍ରମରେ ରହୁଥିବା ପିଲାଙ୍କ ସହିତ ଗୁରୁଜୀ ପ୍ରତିଦିନ ଯୌନ ସମ୍ପର୍କ ରଖୁଥିବା ଜଣେ ଅଭିଭାବକ ଡେଲାଙ୍ଗ ଥାନାରେ ଅଭିଯୋଗ କରିବା ପରେ ସ୍ଥାନୀୟ ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଛାତ୍ର ଜଣଙ୍କ ଘରକୁ ଯିବାପରେ ସମସ୍ତ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଅନ୍ୟପଟେ ଅପ୍ରାକୃତ ଯୌନ ସମ୍ପର୍କରେ କାହାକୁ କହିଲେ ପରୀକ୍ଷାରେ ଫେଲ୍ କରାଇଦେବେ ବୋଲି ମଧ୍ୟ ଗୁରୁଜୀ ଧମକାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଗୁରୁଜୀଙ୍କ ଏଭଳି ଅଶାଳୀନ କାର୍ଯ୍ୟକୁ ଜାଣିବା ପରେ ଅନ୍ୟ ଅଭିଭାବକମାନେ ନିଜ ପିଲାଙ୍କୁ ସେଠାରୁ ନେଇଯାଇଥିଲେ। ଖବରପାଇ ଡେଲାଙ୍ଗ ପୋଲିସ ଉକ୍ତ ଗୁରୁଜୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ମହିଳା ମହାସଂଘରେ ଦୁର୍ନୀତି ଅଭିଯୋଗ


ବିଡିଓଙ୍କ ନିକଟରେ ମହିଳାମାନେ ଅଭିଯୋଗ କରୁଛନ୍ତି ।

**ଗୋପ, ୨।୭(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ବ୍ଲକ ଅଧୀନ ବଉଲାଙ୍ଗ ପଞ୍ଚାୟତର ଏକ ମହିଳା ମହାସଂଘରେ ଅର୍ଥ ହେରଫେର ହୋଇଥିବା ନେଇ ମଙ୍ଗଳବାର ୮ଟି ମହିଳାମଞ୍ଚର ଶତାଧିକ ସଭ୍ୟା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ପଞ୍ଚାୟତରେ ଥିବା ମହିଳା ସଭ୍ୟାମାନେ କୌଣସି ସରକାରୀ ଯୋଜନା ସଂକ୍ରାନ୍ତୀୟ କ୍ଷେତ୍ରରେ ସଫଳତା ପାଇ ନ ଥିବା ସହିତ ପଞ୍ଚାୟତକୁ ଆସିଥିବା ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ଏପରିକି ପଞ୍ଚାୟତ ମହାସଂଘ ଓ ଆଞ୍ଚଳିକ ମଞ୍ଚର ହିସାବପତ୍ର ଦାୟିତ୍ୱରେ ଥିବା ଅଧିକାରିଣୀମାନେ ହିସାବ ଦେଉନାହାନ୍ତି। ହିସାବ ମାଗିଲେ ପଞ୍ଚାୟତର ମହିଳା ସଭାପତି, ସମ୍ପାଦିକାଙ୍କ ସହିତ ଅନ୍ୟ ଅଧିକାରିଣୀମାନେ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିବା ଭଳି ଅଭିଯୋଗ ରହିଛି। ଏପରି ଅଭିଯୋଗ ସମ୍ପର୍କରେ ମହିଳା ମହାସଂଘର ଶତାଧିକ ସଭ୍ୟା ବିଡିଓ ଛବିରାଣୀ ସାହୁ ଓ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟିଙ୍କୁ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ନେଇ ଖୁବ୍‌ଶୀଘ୍ର ତଦନ୍ତ କରାଯିବ ବୋଲି ବିଡିଓ ସାହୁ କହିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ଅଶ୍ଲୀଳ ଇଙ୍ଗିତକରି ଯୁବକ ଗିରଫ

ସ୍ୱାମୀ ଓ ଦେଢ଼ଶୁରଙ୍କୁ ଖଣ୍ଡାରେ ଆକ୍ରମଣ

**ଡେଲାଙ୍ଗ, ୨।୭(ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ଥାନା ଅଧୀନ ମଳିଗାଁ (ପଡାଜଟି ସାହି) ଗ୍ରାମରେ ମହିଳାଙ୍କୁ ଅଶ୍ଲୀଳ ଇଙ୍ଗିତ କରିବା, ଏଥିରେ ସ୍ୱାମୀ ଓ ଦେଢଶୁର ବିରୋଧ କରିବାରୁ ଦୁହିଁଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଦିବାକର ବସ୍ତିଆ(୩୭)। ଏନେଇ ପୋଲିସ ୨୫୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଦିବାକର ସେହି ଗ୍ରାମର ଜଣେ ମହିଳାଙ୍କୁ ଅନେକ ଦିନ ଧରି ଅଶ୍ଲୀଳ ଇଙ୍ଗିତ କରିଆସୁଥିଲା। ତାଙ୍କ ସ୍ୱାମୀ ଘରେ ନ ଥିବାବେଳେ ଖରାପ ନଜର ରଖି ଗୋଡାଇ ଆସିବାରୁ ମହିଳା ଜଣକ ଘରେ ପଶି ଡୁବାଟ ଦେଇଦେଇଥିଲେ। ସ୍ୱାମୀ ଘରକୁ ଫେରିବାରୁ ମହିଳା ଜଣଙ୍କ ସମସ୍ତ ଘଟଣା ଜଣାଇଥିଲେ। ସ୍ୱାମୀ ଓ ଦେଢଶୁର ଦିବାକରଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ଉତ୍‌କ୍ଷିପ୍ତ ହୋଇ ଖଣ୍ଡାରେ ୨ଜଣଙ୍କୁ ଆକ୍ରମଣ କରିଥିଲେ। ୨ ଜଣଙ୍କ ହାତରେ ଖଣ୍ଡା ଚୋଟ ବାଜି ଲହୁଲୁହାଣ ହୋଇଥିବା ଲିଖିତ ଅଭିଯୋଗରେ ଦର୍ଶାଯାଇଛି।

### ବିଦ୍ୟାଳୟରୁ ଚୋରି କରି ଅଭିଯୁକ୍ତ ଗିରଫ

**ନିମାପଡ଼ା, ୨।୭(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଥାନା ଅଧୀନ ଭିଲିଗ୍ରାମ ପଞ୍ଚାୟତ ଭିଲିଗ୍ରାମ ନୋଡାଲ ହାଇସ୍କୁଲରୁ ଚୋରି କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ମୁକୁନ୍ଦ ଭୋଇ(୨୬)। ଏଥିସହ ତାଙ୍କଠାରୁ ଚୋରି ସାମଗ୍ରୀ ଇନ୍‌ଭୋଲେଟର ମେଶିନକୁ ଉଦ୍ଧାର କରିଛି। ଏହି ମେଶିନର ମୂଲ୍ୟ ପ୍ରାୟ ୨୫ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ସ୍କୁଲରୁ ଗତ ୨୮ ତାରିଖ ରାତିରେ ଇନ୍‌ଭୋଲେଟର ମେଶିନ ଚୋରି ହେବା ନେଇ ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ନାୟକ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୨୧୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଜଳସମ୍ପଦ ବିଭାଗରେ ନାହାନ୍ତି ଯନ୍ତ୍ରୀ, କର୍ମଚାରୀ

## ବନ୍ୟା ନିୟନ୍ତ୍ରଣ ନେଇ ଚିନ୍ତାରେ ବିଭାଗ

**ଗୋପ, ୨।୭(ଭାରତୀ ଭୂଷଣ ଉପାଧ୍ୟାୟ)**

ସମ୍ଭାବ୍ୟ ବନ୍ୟାକୁ ନେଇ ଚଳିତ ବନ୍ୟା କେମିତି ନିୟନ୍ତ୍ରଣ ହେବ ସେନେଇ ଏବେ ଗୋପ ଜଳସମ୍ପଦ ବିଭାଗ ଚିନ୍ତା ପ୍ରକଟ କରିଛି। ଏହି ଉପଖଣ୍ଡ ଜଳସମ୍ପଦ ବିଭାଗ ଅଧୀନରେ ରହିଥିବା ୪ଟି ସେକ୍ସନ ଓ ଉପଖଣ୍ଡ ଜଳସମ୍ପଦରେ ୨୫ ଜଣ କର୍ମଚାରୀଙ୍କ ସ୍ଥାନରେ ଜଣେ ଖଲାସି ଓ ମାତ୍ର ୨ଜଣ ଯନ୍ତ୍ରୀ ରହିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପ ଜଳସମ୍ପଦ ବିଭାଗ ଅଧୀନରେ ଥିବା କୁଶଭଦ୍ରା ଡାହାଣ ଓ ବାମ ନଦୀବନ୍ଧ ୬୦ କିଲୋମିଟର ଥିବାବେଳେ ଧନୁଆ ନଦୀବନ୍ଧ ୧୧ କିଲୋମିଟର ଓ ଲୁଣା ଘେରିବନ୍ଧ ୧୦ କିଲୋମିଟର ରହିଛି। କିନ୍ତୁ ଏହି ସବୁ ନଦୀବନ୍ଧର ସୁରକ୍ଷା ଓ ଦାୟିତ୍ୱ ଜଳସମ୍ପଦ ବିଭାଗ ଯନ୍ତ୍ରୀଙ୍କ ହାତରେ ରହିଥିବାବେଳେ ଏବେ ଯନ୍ତ୍ରୀ, କର୍ମଚାରୀଙ୍କ ଅଭାବ ହେତୁ ଚଳିତ ବନ୍ୟା ନିୟନ୍ତ୍ରଣ କିପରି ହେବ ତାହା ଏବେ ଚିନ୍ତାର କାରଣ ପାଲଟିଛି। ସେପଟେ ଏହିସବୁ ନଦୀବନ୍ଧର ସୁରକ୍ଷା ଗୋପ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଗୋପ, ନାଗପୁର, ମଦରଙ୍ଗ ଓ ଗଣେଶ୍ୱରପୁର ଜଳସମ୍ପଦ ସେକ୍ସନ ଲାଗି ୪ ଜଣ ଯନ୍ତ୍ରୀ ଥିବାବେଳେ ଏବେ ୨ ଜଣ ଯନ୍ତ୍ରୀ ରହିଛନ୍ତି। ବନ୍ୟା ସମୟରେ ନଦୀବନ୍ଧର ସୁରକ୍ଷା ଓ ଜଗି ରହୁଥିବା ବିଭାଗରେ ଥିବା (ଖଲାସି) ଜଳସମ୍ପଦ କର୍ମଚାରୀ ୨୫ ଜଣ ଥିବାବେଳେ ଏବେ ମାତ୍ର ଜଣେ ଖଲାସି ଥିବା ଜଣାପଡ଼ିଛି। ଗୋପ ଜଳ ସମ୍ପଦ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମୀ କେଶରୀ ମହାନ୍ତି ଥିବା ସମୟରେ କନିଷ୍ଠ ଯନ୍ତ୍ରୀ ଭାବେ ସଞ୍ଜୀବ ନାରାୟଣ ସାହୁ, ମହେଶ୍ୱର ବେହେରା ଅଛନ୍ତି। ୨୦୧୧ରେ ଗୋପ ଜଳସମ୍ପଦ ବିଭାଗ ଅଧୀନ କୁସୁପୁରଠାରେ ଓ ୨୦୨୧ରେ ଖଣ୍ଡିଆକୁଦଠାରେ କୁଶଭଦ୍ରା ନଦୀବନ୍ଧରେ ଘାଇ ସୃଷ୍ଟି ହୋଇ ଧନଜୀବନ ହାନି ହୋଇଥିଲା, ଯାହା ପାଇଁ ସାଧାରଣ ଲୋକେ ଏ ପର୍ଯ୍ୟନ୍ତ ବି ଅଣ୍ଟା ସିଧାସଳଖ କରିପାରି ନାହାନ୍ତି। ଏପରିସ୍ଥଳେ ସରକାର ଗୋପ ଜଳସମ୍ପଦ ବିଭାଗରେ ତୁରନ୍ତ ଆବଶ୍ୟକ ଅନୁସାରେ ଯନ୍ତ୍ରୀ ଓ କର୍ମଚାରୀ ଦେବାକୁ ଦାବି ସହ ଚଳିତ ବନ୍ୟା ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବାକୁ ମଧ୍ୟ ଦାବି ହୋଇଛି। ଏ ସମ୍ପର୍କରେ ଗୋପ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ପଚାରିବାରେ, ସମସ୍ତ ନଦୀବନ୍ଧ ଉପରେ ଦୃଷ୍ଟି ରଖାଯାଇଛି। ରାଜ୍ୟ ସରକାରଙ୍କ ଅବଶିଷ୍ଟ ଦାୟିତ୍ୱ ବୋଲି ସେ କହିଛନ୍ତି।



୭୫ତମ ବନ ମହୋତ୍ସବ ଅବସରରେ ମଙ୍ଗଳବାର ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଗଙ୍ଗାଦେବୀ ନିକଟରେ ବନବିଭାଗ ଏବଂ ଅଞ୍ଚଳବାସୀଙ୍କ ଦ୍ୱାରା ଚାରାରୋପଣ କରାଯାଉଛି ।

# ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ନୟାହାଟ

**ଯୋଗେଶ୍ୱରପୁର, ୨।୭(ରଶ୍ମିରଞ୍ଜନ ସାହୁ)**

ନୟାହାଟ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାବେଳେ ଏହା ଉପରେ ୫ଟି ବ୍ଲକର ଜନସାଧାରଣ କିଣାବିକା ପାଇଁ ନିର୍ଭର କରନ୍ତି। ଜଗତ୍‌ସିଂହପୁର, ନାଉଗାଁ ଅଞ୍ଚଳର କେତେଜଣ ଅସାମାଜିକ ବ୍ୟକ୍ତିଙ୍କ ସହ ନୟାହାଟର କେତେଜଣ ଅପରାଧୀ ସୁସମ୍ପର୍କ ରଖି ନୟାହାଟ ଅଞ୍ଚଳରେ ଛୋଟ ବଡ଼ ଚୋରି କରାଉଛନ୍ତି।

ପ୍ରକାଶ ଯେ, ୧୦ ଦିନ ତଳେ ନୟାହାଟ ବଜାରରେ ଭଡ଼ାରେ ରହୁଥିବା ନନ୍ଦିନୀ ବିଶ୍ୱାଳ ଘରେ ଅନୁପସ୍ଥିତ ଥିବାବେଳେ ତାଲା ଭାଙ୍ଗି ଜଣେ ଦୁର୍ବୃତ୍ତ ଏକ ବାଇକ୍‌ରେ ୨ଟି ଗ୍ୟାସ ସିଲିଣ୍ଡର, କୁଲର, ଗ୍ରାଇଣ୍ଡର, ସୁନା ଚେନ, ୨ ମୁଦି, ହଳେ କାନ ଫୁଲ, ୨ ହଳ ପାଉଁଜି ଓ ନଗଦ ୪ ହଜାରେ ଟଙ୍କା ନେଇଥିବା ଭିଡିଓ ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ହେଲେ ପୋଲିସ ଅଦ୍ୟାବଧି ଅଭିଯୁକ୍ତଙ୍କ ପତ୍ତା ପାଉନି। ନୟାହାଟ ଅଞ୍ଚଳର ଜଣାଶୁଣା ଅପରାଧୀ ବାହାର ଜିଲାର ଚୋରଙ୍କ ସହିତ ସମ୍ପର୍କ ରଖି ସେମାନଙ୍କୁ ଡକାଇ ନୟାହାଟ ଅଞ୍ଚଳରୁ ଦୋକାନ ପଟା, ଟ୍ରାକ୍ଟରରୁ ବ୍ୟାଟେରି ଚୋରି କରାଉଥିଲେ ମଧ୍ୟ ପୋଲିସ ସେମାନଙ୍କୁ ପଚରାଉଚରା ନ କରିବା ଓ ସେମାନଙ୍କୁ ବାନ୍ଧି ଜେଲ୍ ନ ପଠେଇବାରୁ ସେମାନେ ଦୋଷ କରିବାକୁ ପଛାଉନାହାନ୍ତି। ନୟାହାଟରେ ରାତ୍ରିକାଳୀନ ପାଟ୍ରୋଲିଂ ଢିଲା ହେବା ଫଳରେ ଚୋରି ବଢୁଛି। ଏ ଦିଗରେ ନିମାପଡ଼ା ଡିଏସ୍‌ପି ପ୍ରଭାତ ମଲ୍ଲିକଙ୍କୁ ପଚାରିବାରୁ, ନୟାହାଟ ଫାଣ୍ଡିରେ ୪ ଚକିଆ ଗାଡ଼ି ନାହିଁ। ଫଳରେ ବାଇକ୍‌ରେ ପାଟ୍ରୋଲିଂ କରି ଅପରାଧ ନିୟନ୍ତ୍ରଣ କରିବା ଜଣେ ପୋଲିସ ପକ୍ଷେ ସମ୍ଭବ ନୁହଁ। ନୟାହାଟ ଅଞ୍ଚଳରେ ଘଟିଥିବା ୧୪ଟି ଚୋରି ଘଟଣାରେ ତଦନ୍ତ ଚାଲିଥିବାବେଳେ କେତେଜଣ ଅଭିଯୁକ୍ତଙ୍କୁ ପୋଲିସ ଧରିବାକୁ ନିକଟତର ହୋଇଥିବା ଡିଏସ୍‌ପି ମଲ୍ଲିକ ପ୍ରକାଶ କରିଛନ୍ତି।

# ୭୫ତମ ବନ ମହୋତ୍ସବ ସପ୍ତାହରେ ଚାରାରୋପଣ

**ଅସ୍ତରଙ୍ଗ, ୨।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ୭୫ତମ ବନ ମହୋତ୍ସବ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଗଙ୍ଗାଦେବୀ ନିକଟରେ ସ୍ଥାନୀୟ ଲୋକେ ପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦାଙ୍କ ଉପସ୍ଥିତରେ ଚାରାରୋପଣ କରାଯାଇଛି। ବନ ମହୋତ୍ସବ ସପ୍ତାହ ଅବସରରେ ଅତିଥି ଭାବେ ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି, ବନପାଳ କାଳୀଚରଣ ମହାନ୍ତି, ବନରକ୍ଷୀ ନିର୍ମଳେନ୍ଦୁ ଚାଟାର୍ଜୀ, ସୁଭାଶିଷ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରୀଡ଼ା ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**କାକଟପୁର, ୨।୭(ଶୁଭଦର୍ଶନ ମିଶ୍ର)**

କାକଟପୁର ବ୍ଲକ ଅଧୀନ ବାଲିଦୋକାନ ନୋଡାଲ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରାଜୀବ ରଞ୍ଜନ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ରାୟ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଦିଲୀପ ଜେନା, ମୁଖ୍ୟବକ୍ତା ଭାବେ ପିପିଲି ମଣ୍ଡଳ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ନନ୍ଦ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଆଲୁମ୍‌ନି ସଭାପତି ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ପଣ୍ଡା, ବରିଷ୍ଠ ଶିକ୍ଷାବିତ୍ ହରେକୃଷ୍ଣ ମହାନ୍ତି, ଅବସରପ୍ରାପ୍ତ ସହ ମଣ୍ଡଳ ଶିକ୍ଷାଧିକାରୀ ସୁଶ୍ରୀ ପଙ୍କଜିନୀ ଦେଇ ଓ ବାଲିଦୋକାନ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ ଡାକ୍ତର ସୌମ୍ୟକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଦାସଙ୍କ କାର୍ଯ୍ୟ ଦକ୍ଷତା ଓ ଲୋକପ୍ରିୟତା ଉପରେ ଆଲୋକପାତ କରିବା ସହ ତାଙ୍କ ଅବସର ଜୀବନ ସୁସ୍ଥ ଓ ଦୀର୍ଘଜୀବୀ ହେବାକୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପରେ ପରେ ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ର ସଂଘ, ଛାତ୍ରୀଛାତ୍ର ଓ ସାଥୀ ଶିକ୍ଷୟିତ୍ରୀ ଶିକ୍ଷକ ଦାସଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ବିପୁଳ ସମ୍ବର୍ଦ୍ଧନା ଦେଇଥିଲେ। ଉତ୍ସବକୁ ସିଆର୍‌ସିସି ସସ୍ମିତା ତ୍ରିପାଠୀ ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀମାନେ ଯୋଗଦେଇଥିଲେ।


କ୍ରୀଡ଼ା ଶିକ୍ଷକ ରାଜୀବ ରଞ୍ଜନ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି ।

# ମା'ଙ୍କ ନାମରେ ଚାରାଟିଏ ଲଗାଇବାକୁ ଆହ୍ୱାନ

**କୋଣାର୍କ, ୨।୭(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ୭୫ତମ ବନ ମହୋତ୍ସବ ସପ୍ତାହ ବିଦ୍ୟାଳୟ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ତଥା ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ବନପାଳ କୈଳାସ ଚନ୍ଦ୍ର ନାୟକ, ବନପାଳ ଯୋଗେନ୍ଦ୍ର ପ୍ରଧାନ, ଏନ୍‌ସିସି ଅଧିକାରୀ ଦିଲୀପ ନାୟକ, ସ୍କାଉଟ ମାଷ୍ଟର ମାନସ ମୁଦୁଲି, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ ବେହେରା, ଅକ୍ଷୟ ପାତ୍ର ଫାଉଣ୍ଡେଶନର ପ୍ରବୀର ରଥ ପ୍ରମୁଖ ଉଦ୍‌ବୋଧନ ଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ନିଜର ମା'ଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବିଦ୍ୟାଳୟ ପରିସରରେ ବଉଳ, କରଞ୍ଜ, ଆମ୍ବ, ଲିମ୍ବ, ଗଛର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ରବୀନ୍ଦ୍ର ଦ୍ୱିବେଦୀ, ନିହାରିକା ମହାନ୍ତି, ଚିତ୍ରାଞ୍ଜଳି ନାୟକ, କୃଷ୍ଣଚନ୍ଦ୍ର ଲେଙ୍କା, ଅଭୟ ଲେଙ୍କା, କାହ୍ନୁଚରଣ ବିଶ୍ୱାଳ, ଜ୍ୟୋତିର୍ମୟ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।


ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି ।

# ମୌସୁମୀ ବର୍ଷାରେ ଚାଷୀଙ୍କ ମୁହଁରେ ହସ

**ଅସ୍ତରଙ୍ଗ, ୨।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ବର୍ଷା ଆରମ୍ଭ ହେଲା, ଚାଷୀ ମୁହଁରେ ହସ ଫୁଟିଲା। ବର୍ଷାକୁ ଦେଖି ଚଳଚଞ୍ଚଳ ହୋଇଛି ଚଷାପୁଅ। ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରେ ମୌସୁମୀ ବର୍ଷା ଛୁଇଁବା ପରେ ଆରମ୍ଭ ହୋଇଛି ଚାଷ କାମ। ମୌସୁମୀ ବର୍ଷାର ପ୍ରଥମ ଛୁଆଁରେ ହସୁଛି ଧରା। ବର୍ଷକର ଫସଲ ଅମଳ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି ଚାଷୀ। ଅସ୍ତରଙ୍ଗ ଅଞ୍ଚଳର ୭୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରୁଥିବାବେଳେ ଧାନଚାଷ ଏମାନଙ୍କ ମୁଖ୍ୟ ଫସଲ। ଅସ୍ତରଙ୍ଗ ବ୍ଲକରେ ୯୮୧୫ ହେକ୍ଟର ଚାଷ ଜମି ଥିବାବେଳେ ଧାନଚାଷ ପାଇଁ ୮୭୮୦ ହେକ୍ଟର ଚାଷ ଜମିରେ ଧାନ ହୋଇଛି। ହେଲେ ବିଳମ୍ବରେ ବର୍ଷା ହେତୁ ଚାଷ କାର୍ଯ୍ୟ ସମସ୍ୟା ସୃଷ୍ଟି କରିଥିଲା। ବିଳମ୍ବରେ ମୌସୁମୀ ଆସିଥିଲେ ମଧ୍ୟ ଏବେ ବର୍ଷା ପାଣି ପାଇଁ ଚାଷ କାର୍ଯ୍ୟ ଆରମ୍ଭ କରିଛି ଚାଷୀ। ଅସ୍ତରଙ୍ଗରେ ଲଗାତର ୩ ଦିନ ବର୍ଷା ହେବା ପରେ ଚାଷୀହେକ୍ଟର ହେକ୍ଟର ଜମିରେ ହଳ କରିବା ସହିତ ବିହନ ବୁଣାବୁଣି ଆରମ୍ଭ କରିଦେଇଛି। ଆଉ ମୁଣ୍ଡ ଝାଳ ତୁଣ୍ଡରେ ମାରି ଶୀଘ୍ର ଚାଷ କାମ ସାରିବାକୁ ଲାଗି ପଡ଼ିଛନ୍ତି। ସେପଟେ ଚାଷ କାର୍ଯ୍ୟ ପାଇଁ ଚାଷୀ ଅନେକ ବାଧାବିଘ୍ନ ଦେଇ ଗତି କରୁଥିବାବେଳେ ଚାଷୀ ଅନେକ ସମୟରେ ଦୈବିଦୁର୍ବିପାକ ସମ୍ମୁଖୀନ ହୋଇଥାଏ। ତଥାପି ଚାଷୀ ତାର କୌଳିକ ବୃତ୍ତି ରକ୍ଷା କରି ଅନେକ ମୁହଁରେ ଆହାର ଯୋଗାଇବା ପାଇଁ ଅଣ୍ଟା ଭିଡିଛି। ମୌସୁମୀ ବର୍ଷା ରହିଲେ ଚାଷ କାର୍ଯ୍ୟ ଭଲ ହେବ ବୋଲି ଚାଷୀମାନେ ଆଶା ବାନ୍ଧିଛନ୍ତି। ଅନ୍ୟପଟେ ଅସ୍ତରଙ୍ଗ କୃଷି ଅଧିକାରୀ ଜ୍ଞାନରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି, ମୌସୁମୀ ବର୍ଷା ବିଳମ୍ବରେ ଆସିଥିଲେ ମଧ୍ୟ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଦେଲେଣି। ଚଳିତବର୍ଷ ଚାଷ କାର୍ଯ୍ୟ ବିଳମ୍ବ ହୋଇଥିଲେ ମଧ୍ୟ ଚାଷୀ ସଅଳ ସାରିବାକୁ ଲାଗିପଡ଼ିଛନ୍ତି। ବର୍ଷା ଜାରି ରହିଲେ ଶୀଘ୍ର ବେଉଷଣ ସରିବ ବୋଲି ଆଶା ବାନ୍ଧିଥିବାବେଳେ ମୌସୁମୀ ବର୍ଷା ଚାଷ କାର୍ଯ୍ୟ କରିବାକୁ ଚାଷୀଙ୍କୁ ଉତ୍ସାହିତ କରିଥିବା କେତେଜଣ ଚାଷୀ କହିଛନ୍ତି।



## ସଂକ୍ଷେପରେ

### ମଦ ଜବତ, ମହିଳା ବେପାରୀ ଗିରଫ

**ବେଗୁନିଆ,୨।୭(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ଅବକାରୀ ଥାନା କର୍ମଚାରୀ ମଙ୍ଗଳବାର ବରହମପୁର ଛକ ନିକଟରେ ଚଢ଼ାଉ କରି ୪୦ ଲିଟର ଦେଶୀ ମଦ ଜବତ କରିବା ସହ ଜଣେ ମହିଳା ବେପାରୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ନୟାଗଡ଼ ଜିଲା ସୁରୁକାବାଡି ଗ୍ରାମର ମଞ୍ଜୁ ସାହୁ। ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ଏନ୍.ଜାଗିନ ରାଓଙ୍କ ସୂଚନା ଅନୁଯାୟୀ, ମଞ୍ଜୁ ସ୍କୁଟିରେ ୪୦ ଲିଟର ଦେଶୀ ମଦ ବିକ୍ରି କରିବା ପାଇଁ ନେଇ ଯାଉଥିଲେ। ଖବରପାଇ ବେଗୁନିଆ ଅବକାରୀ କର୍ମଚାରୀମାନେ ଚଢ଼ାଉ କରି ମଦ ସହ ସ୍କୁଟି ଜବତ କରିବା ସହ ମଞ୍ଜୁଙ୍କୁ ଗିରଫ କରିଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

**କୃଷ୍ଣପ୍ରସାଦ,୨।୭(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଅଁଳ ପଞ୍ଚାୟତର ଖୋଳାମୁହଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି ରାଘବ ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଆର୍‌ସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ସିଆର୍‌ସିସି ଅକ୍ଷୟ କୁମାର ପ୍ରଧାନ, ସିଆରସିସି ବିଦ୍ୟାଧର ଜେନା, ରମାକାନ୍ତ ଜେନା, ସତ୍ୟବାଦୀ ବିଶ୍ୱାଳ, ଦିଲ୍ଲୀପ କୁମାର ବିଶ୍ୱାଳ, ବରିଷ୍ଠ ଶିକ୍ଷକ ବିଦ୍ୟାଧର ଜାଲି, ବରିଷ୍ଠ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଡାକୁଆ, ଅର୍ଜୁନ ଦାସ, ବିଭୂଧ ଭୂଷଣ ମଲ୍ଲିକ, ଉପେନ୍ଦ୍ର କୁମାର ବେହେରା, ପ୍ରଦ୍ୟୁମ୍ନ ଜୟସିଂହ, ବିଜୟ ସିଂହ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ଏହି ଅବସରରେ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ସହିତ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମଲ୍ଲିକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ।

### ୨ ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

**ବାରଙ୍ଗ,୨।୭ (ଲିଙ୍ଗରାଜ ରାଉତ):** ଗୋଡ଼ିସାହି ଫାଣ୍ଡି ଅଧୀନ ପଦ୍ମନାଭ ନଗର ପେଟ୍ରୋଲ ପମ୍ପ ସମ୍ମୁଖରେ ୨ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ସକାଳ ୮ଟାରେ ଗୋଡିସାହିରୁ ତ୍ରିଶୂଳିଆ ଅଭିମୁଖେ ଏକ ବାଇକ୍ ଆସୁଥିବାବେଳେ ତ୍ରିଶୂଳିଆରୁ ନରାଜ ଅଭିମୁଖେ ଯାଉଥିବା ଅନ୍ୟ ଏକ ବାଇକ୍ ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତାର ପଦ୍ମନାଭ ନଗର ପେଟ୍ରୋଲ ପମ୍ପ ସମ୍ମୁଖରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଜଣେ ମହିଳାଙ୍କ ସମେତ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ପରେ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିଛି।

### ଚୋରି କରି ଅଭିଯୁକ୍ତ ଗିରଫ

**ନିମାପଡ଼ା,୨।୭(ବିଚିତ୍ରାନନ୍ଦ ସାହୁ):** ନିମାପଡ଼ା ଥାନା ଅଧୀନ ଭିଲିଗ୍ରାମ ପଞ୍ଚାୟତ ଭିଲିଗ୍ରାମ ନୋଡାଲ ହାଇସ୍କୁଲରୁ ଚୋରି କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ମୁକୁନ୍ଦ ଭୋଇ(୨୬)। ଏଥିସହ ତାଙ୍କଠାରୁ ଚୋରି ସାମଗ୍ରୀ ଇନ୍‌ଭୋଲେଟର ମେଶିନ ଜବତ ହୋଇଛି।

# ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ନେଇ ଅନିଶ୍ଚିତତା

**ଟାଙ୍ଗୀ,୨।୭(ରଘୁନାଥ ସାହୁ)**

ସାଧାରଣ ନିର୍ବାଚନ-୨୦୨୪ ପୂର୍ବରୁ ରାଜ୍ୟର ବିଭିନ୍ନ ପଞ୍ଚାୟତରେ ନୂଆ ଏନ୍‌ଏସି ଗଠନ ଦାବି ଜୋର ଧରିଥିଲା। ତେବେ କ୍ୟାବିନେଟ୍ ମଞ୍ଜୁରୀ ଦିଆ ନ ଯାଇ ଏବଂ ନଗର ଉନ୍ନୟନ ବିଭାଗର କାଗଜପତ୍ରରେ କିଛି ପ୍ରକ୍ରିୟା କରା ନ ଯାଇ ତତ୍କାଳୀନ ବିଜେଡି ସରକାର ନୂଆ ଏନ୍‌ଏସି ଘୋଷଣା କରିଥିଲେ। ଏହିକ୍ରମରେ ଖୋର୍ଦ୍ଧା ଜିଲାର ଟାଙ୍ଗୀକୁ ଏନ୍‌ଏସି କରାଯିବା ପାଇଁ ଘୋଷଣା ହୋଇଥିଲା। ଫଳରେ ଟାଙ୍ଗୀବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। ସେମାନେ ଏନ୍‌ଏସି ଅଞ୍ଚଳର ସୁବିଧା ପାଇବେ ବୋଲି ଆଶା ବାନ୍ଧିଥିଲେ। ତେବେ ସମ୍ପ୍ରତି ରାଜ୍ୟରେ ନୂଆ ଭାଜପା ସରକାର ଗଠନ ହୋଇଛି। ଏହି ପ୍ରସଙ୍ଗରେ ଦୁଇଦିନ ତଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ବିବୃତି ପରେ ଟାଙ୍ଗୀ ଏନ୍‌ଏସି ମାନ୍ୟତା ପାଇବା ନେଇ ଅନିଶ୍ଚିତତା ଦେଖାଦେଇଛି। ମନ୍ତ୍ରୀ ମହାପାତ୍ର କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ଘୋଷଣା ହୋଇଥିବା ଏନ୍‌ଏସି କିମ୍ବା ମ୍ୟୁନିସିପାଲିଟି ସମ୍ପର୍କରେ ନଗର ଉନ୍ନୟନ ବିଭାଗର କୌଣସି କାଗଜପତ୍ରରେ ଉଲ୍ଲେଖ ନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଘୋଷଣା ହୋଇଥିବା ଏନ୍‌ଏସିକୁ ଭାଜପା ସରକାର କାଗଜପତ୍ରରେ ବାସ୍ତବରୂପ ଦେବାକୁ ଦାବି ହୋଇଛି।

### ଆନ୍ଦୋଳନ ଚେତାବନୀ ଦେଲା ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି

ପ୍ରକାଶ ଯେ, ସ୍ୱାଧୀନତାର ଦୀର୍ଘ ବର୍ଷ ପୂର୍ବରୁ ଟାଙ୍ଗୀ ଏକ ବ୍ୟବସାୟିକ ଅଞ୍ଚଳ ଭାବେ ପ୍ରତିଷ୍ଠା ଲାଭ କରିଥିଲା। ଏପରିକି ସେ ସମୟରେ ୪ଟି ଧାନ ମିଲ୍ ପ୍ରତିଷ୍ଠା ହୋଇ ଚାଉଳ ଉତ୍ପାଦନ ହୋଇ ଆନ୍ଧ୍ର, ଓଡ଼ିଶା ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳକୁ ଚାଉଳ ରପ୍ତାନି ହେଉଥିଲା। ଇଂରେଜ ସରକାରଙ୍କ ସମୟରେ ଟାଙ୍ଗୀରେ ସବ୍‌ରେଜିଷ୍ଟ୍ରାର ଅଫିସ, ପୋଲିସ ଷ୍ଟେଶନ, ଡାକ୍ତରଖାନା ଓ ୧୯୪୩ ମସିହାରେ ଟାଙ୍ଗୀ ହାଇସ୍କୁଲ ପ୍ରତିଷ୍ଠା ହୋଇଥିଲା। ବର୍ତ୍ତମାନ ଟାଙ୍ଗୀରେ ବ୍ଲକ ଅଫିସ, ତହସିଲ ଅଫିସ, କୋର୍ଟ, ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ବନ୍ୟ ପ୍ରାଣୀ ଅଧିକାରୀଙ୍କ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଯୁକ୍ତ ୨ ଓ ଯୁକ୍ତ ୩ ଦୁର୍ଗା ଚରଣ ଚିଲିକା ମହାବିଦ୍ୟାଳୟ, ପୂର୍ତ୍ତ ବିଭାଗ ସବ୍‌ଡିଭିଜନ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ସବ୍‌ଡିଭିଜନ, କ୍ଷୁଦ୍ର ଜଳସେଚନ ବିଭାଗର ସବ୍‌ଡିଭିଜନ କାର୍ଯ୍ୟାଳୟ, ଅବକାରୀ କାର୍ଯ୍ୟାଳୟ ସହିତ ଜାତୀୟକରଣ ବ୍ୟାଙ୍କ ଓ ଅନ୍ୟାନ୍ୟ ଘରୋଇ ବ୍ୟାଙ୍କ କାର୍ଯ୍ୟ କରୁଛି। ଟାଙ୍ଗୀ ପଞ୍ଚାୟତର ଭୋଟରଙ୍କ ସଂଖ୍ୟା ପ୍ରାୟ ୧୨ ହଜାରରୁ ଅଧିକ ହୋଇଥିବା ବେଳେ ଜନସଂଖ୍ୟା ୨୫ ହଜାରରୁ ଊର୍ଦ୍ଧ୍ୱ ବୋଲି ଜଣାପଡ଼ିଛି। ୨୦୨୪ରେ ସରକାର ବଦଳିବା ସହିତ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ପ୍ରଶାନ୍ତ ଜଗଦେବ ବିଧାୟକ ହୋଇଛନ୍ତି। ଖୋର୍ଦ୍ଧା ସହିତ ଟାଙ୍ଗୀ ବ୍ଲକ ଅଞ୍ଚଳର ବିକାଶ କରିବେ ବୋଲି ସେ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଟାଙ୍ଗୀକୁ ଖୁବ୍‌ଶୀଘ୍ର ଏନ୍‌ଏସି ମାନ୍ୟତା ଦେବା ପାଇଁ ବିଧାୟକ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବା ଲାଗି ଅଞ୍ଚଳବାସୀ ଆଶା ରଖିଛନ୍ତି। ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ନ ମିଳିଲେ ଦଳମତ ନିର୍ବିଶେଷରେ ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

## ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ



ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

**ବେଗୁନିଆ,୨।୭(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର-କଣ୍ଟାମଳିମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଦେବରାଜ ବେହେରା, ପରିଚାଳନା କମିଟି ସଭ୍ୟ ସନ୍ତୋଷ ପାତ୍ର, ସୁଦର୍ଶନ ସାହୁ, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରୀଛାତ୍ରମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରିଥିଲେ।



ଖୋର୍ଦ୍ଧାସ୍ଥିତ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ପରିସରରେ 'ଏକ୍ ପେଡ ମା କେ ନାମ' ଅଭିଯାନ ଅବସରରେ ଜିଲାପାଳ ଚଞ୍ଚଳ ରାଣା ଏକ ଚାରାରୋପଣ କରିଥିଲେ। ଏହି ଅବସରରେ ଅଧିକାରୀ, କମ୍ୟୁନିଟି ସପୋର୍ଟ ଷ୍ଟାଫ ଏବଂ ମିଶନ ଶକ୍ତିର ସଦସ୍ୟାମାନେ ଉପସ୍ଥିତ ଥିଲେ।

### ନୀଳକଣ୍ଠ ହାଇସ୍କୁଲ ପ୍ରଧାନଶିକ୍ଷକ ସୁଦର୍ଶନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଟାଙ୍ଗୀ,୨।୭(ରଘୁନାଥ ସାହୁ)**

ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ସ୍ଥିତ ନୀଳକଣ୍ଠ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଦର୍ଶନ ପରିଡାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଅଛି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବାଲୁଗାଁ ଚିଲିକା କଲେଜର ଅଧ୍ୟକ୍ଷ ଗଙ୍ଗାଧର ପ୍ରଧାନ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଡା.ମଧୁସୂଦନ ସେନାପତି, ଯୁବଜ୍ୟୋତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଶିଷ ପତି, ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୂର୍ବତନ ଅଧ୍ୟକ୍ଷ ହାଡିବନ୍ଧୁ ପତି, ଡା.କୃଷ୍ଣ ଚନ୍ଦ୍ର ପରିଡା, ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା, ସାମ୍ବାଦିକ ଦିଲ୍ଲୀପ ଶତପଥୀ, ବଉଳାବନ୍ଧ ସରପଞ୍ଚ ରଶ୍ମିତା ବେହେରା, ସମିତିସଭ୍ୟ ଅଭିମନ୍ୟୁ ନାୟକ, ଚିଲିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ଦାଶ, ସମାଜସେବୀ ବିଜୟ ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ତ୍ରିପାଠୀ, ବିରିବାଡ଼ି ହାଇସ୍କୁଲ ପ୍ରଧାନ ଶିକ୍ଷକ କୁନା ମହନ୍ତ ପ୍ରମୁଖ ଯୋଗଦେଇ ସୁଦର୍ଶନ ପରିଡାଙ୍କୁ ଜଣେ ଛାତ୍ର ବତ୍ସଳ, କର୍ତ୍ତବ୍ୟ ନିଷ୍ଠ ଓ ଦକ୍ଷ ପ୍ରଧାନ ଶିକ୍ଷକଭାବେ ଅଭିହିତ କରିଥିଲେ।

## ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**କଟକ,୨।୭ (କାର୍ତ୍ତିକ ସାହୁ)**

### ନାବାଳିକା ବଳାତ୍କାର ମାମଲା

ଏକ ନାବାଳିକା ବଳାତ୍କାର ମାମଲାରେ କଟକ ଆଡ୍‌ହକ୍ ଆଡିଶନାଲ୍ ଡିଷ୍ଟ୍ରିକ୍ଟ ଏଣ୍ଡ୍ ସେସନ୍ ଜଜ୍ ଫାଷ୍ଟଟ୍ରାକ୍ କୋର୍ଟ-୧ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୧୦ ହଜାର ଟଙ୍କାର ଜରିମାନା ଦାଖଲ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି। ଜରିମାନା ଦାଖଲ ନ କଲେ ତାଙ୍କୁ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ହଳଦିଆବସନ୍ତ ଅଞ୍ଚଳର ପବିତ୍ର ଓଝା। ଅନ୍ୟପକ୍ଷରେ ପିଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ନିମନ୍ତେ କୋର୍ଟ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, ନାବାଳିକା ବଳାତ୍କାର ସଂକ୍ରାନ୍ତରେ ୨୦୧୯ ଜୁଲାଇ ୫ ତାରିଖରେ ଟାଙ୍ଗୀ ଥାନାରେ ଏତଲା ଦିଆଯାଇଥିଲା। ମାତ୍ର ଏହାର ଛଅମାସ ପୂର୍ବରୁ ଘଟଣା ଘଟିଥିଲା। ପିଡ଼ିତାଙ୍କ ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ଅଭିଯୁକ୍ତ ତାଙ୍କ ଘରକୁ ଆସି ପିଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯଦ୍ୱାରା ପିଡ଼ିତା ୬ ମାସ ଗର୍ଭବତୀ ହେବା ଜଣାଯିବା ପରେ ପରିବାର ପକ୍ଷରୁ ଟାଙ୍ଗୀ ଥାନାରେ ଏତଲା ଦିଆଯାଇଥିଲା। ଥାନାରେ ଏନେଇ ମାମଲା ରୁଜୁ ହେବା ସହ ପୋଲିସ୍ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୦୧୯ ସେପ୍ଟେମ୍ବର ୪ ତାରିଖରେ ପୋଲିସ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଏଥିସହ ୨୦୨୦ ମସିହା ଜାନୁୟାରୀ ୨୧ ତାରିଖରେ ଅଭିଯୁକ୍ତ ବିରୋଧରେ ପୋଲିସ ଚାର୍ଜଫ୍ରେମ୍ କରିଥିଲେ। ଏହାପରେ କଟକର ଆଡ୍‌ହକ୍ ଆଡିସିସନାଲ୍ ଡିଷ୍ଟ୍ରିକ୍ଟ ଏଣ୍ଡ୍ ସେସନ୍ ଜଜ୍ ଫାଷ୍ଟଟ୍ରାକ୍ କୋର୍ଟ-୧ରେ ମାମଲାର ଶୁଣାଣି ଚାଲିଥିଲା। ଗତ ଜୁନ୍ ୨୪ ତାରିଖରେ ମାମଲାର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ଥିବା ବେଳେ ମଙ୍ଗଳବାର ମାମଲାର ରାୟ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## 'ମାଂସର ବିଳାପ ଗଳ୍ପ ବିଶ୍ୱ ସାହିତ୍ୟରେ ଅନନ୍ୟ ସୃଷ୍ଟି'



ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଅବସରରେ ଉପସ୍ଥିତ ଅତିଥି।

**କଟକ,୨।୭(କାର୍ତ୍ତିକ ସାହୁ)**

ସାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଖ୍ୟାତ ସାରସ୍ୱତ ସ୍ରଷ୍ଟା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ମଙ୍ଗଳବାର ସାରଳା ଭବନଠାରେ ପାଳିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ.(ଇଂ) ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡ. ମହେଶ୍ୱର ମହାନ୍ତି ଯୋଗଦେଇ କହିଲେ, କାଳିନ୍ଦୀ ଚରଣ ପାଣିଗ୍ରାହୀ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା। ସେ ସାହିତ୍ୟର ବିଭିନ୍ନ ବିଭାଗ ଯଥା କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଓ ଶିଶୁ ସାହିତ୍ୟ ପ୍ରଭୃତି ରଚନା କରି ଅଜସ୍ର ପାଠକୀୟ ଆଦୃତି ଲାଭ କରିଛନ୍ତି। ତାଙ୍କ ଉପନ୍ୟାସ ମାଟିର ମଣିଷ, ଆଜିର ମଣିଷ, ଲୁହାର ମଣିଷ, ମୁକ୍ତାଗଡ଼ର କ୍ଷୁଧା, ଅମର ଚିତା ଆଦି ଓଡ଼ିଆ ସାହିତ୍ୟର ଅନବଦ୍ୟ କୃତୀ। ସେହିପରି ସଭାପତି ଡ. ସ୍ୱାଇଁ କହିଲେ, କାଳିନ୍ଦୀ ଚରଣ ସାରଳା ସାହିତ୍ୟ ସଂସଦର ପ୍ରଥମ ସଭାପତି ଥିଲେ। ତାଙ୍କ ରଚିତ 'ମାଂସର ବିଳାପ' ଗଳ୍ପ ବିଶ୍ୱ ସାହିତ୍ୟରେ ଏକ ଅନନ୍ୟ ସୃଷ୍ଟି। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ନିମାଇଁ ଚରଣ ପରିଜା, କୈଳାସ ଚନ୍ଦ୍ର ଦଳାଇ, ଅଧ୍ୟାପକ ଗୋପୀନାଥ ପଣ୍ଡା, ଡ. ନିରଞ୍ଜନ ତ୍ରିପାଠୀ, ପ୍ରଶାସକ କବି ପ୍ରସନ୍ନ ଜେନା, ଡ. ସଞ୍ଜିତ ପଟ୍ଟନାୟକ, କବି କାନ୍ତିବାଳା ନାୟକ ଏବଂ ଡ. ରବିନାରାୟଣ ମହାରଣା ଉପସ୍ଥିତ ଥିଲେ।

# ଆନନ୍ଦବନ ସହ ବିଭିନ୍ନ ପାର୍କ ପରିଦର୍ଶନ କଲେ ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର, ୨।୭(ବନ୍ଦନା ସେଠୀ)**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମଙ୍ଗଳବାର ଭୁବନେଶ୍ୱରର ବିଭିନ୍ନ ପ୍ରମୁଖ ପାର୍କ ଓ ଉଦ୍ୟାନ ପରିଦର୍ଶନ କରିଥିଲେ। କଳିଙ୍ଗନଗରସ୍ଥିତ ଆନନ୍ଦବନ ବୁଲିବା ସହ ସେଠାରେ କିଛି ସମୟ ଅତିବାହିତ କରିଥିଲେ। ଏହି ଅବସରରେ ସେ ସ୍ୱର୍ଣ୍ଣଚମ୍ପା ଚାରା ରୋପଣ କରିବା ସହ ଖୋଲା ପାଠାଗାର, ଆମ୍ଫିଥିଏଟର, ପାର୍କିଂସ୍ଥାନ ଆଦି ବୁଲି ଦେଖିବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ପଚାରି ବୁଝିଥିଲେ। ଜୀବିକା ସୃଷ୍ଟି ପାଇଁ ଆନନ୍ଦବନ ମଧ୍ୟରେ ଏକ ଫୁଲବଗିଚା ବିକଶିତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ୮୯.୦୫ ଏକର ପରିମିତ ଆନନ୍ଦବନରେ ପର୍ଯ୍ୟାପ୍ତ ପାର୍କିଂ, ବେଞ୍ଚ, ବର୍ଷା ଆଶ୍ରୟସ୍ଥଳୀ, ପିଲାଙ୍କ ଖେଳପଡ଼ିଆ, ସର୍ବସାଧାରଣ ସୁବିଧା ସମେତ ବିଭିନ୍ନ ସୁବିଧା ସୁଯୋଗ ରହିଛି। ତେଣୁ ସହରରେ ଅନୁରୂପ ପାର୍କ ପ୍ରତିଷ୍ଠା କରିବା ନେଇ ମନ୍ତ୍ରୀ ଇଚ୍ଛା ପ୍ରକାଶ କରିଥିଲେ। ଏହାପରେ ମନ୍ତ୍ରୀ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଉପାଧ୍ୟକ୍ଷ ବଳୱନ୍ତ ସିଂହ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଘାଟିକିଆସ୍ଥିତ ରାଜ୍ୟ ସିଲ୍‌ଭିକଲଚର୍ ଗାର୍ଡେନ, କଳିଙ୍ଗ ନଗରର ଡ. ଏପିଜେ ଅବଦୁଲ କଲାମ ପାର୍କ ଏବଂ କଳିଙ୍ଗ ନଗର କେ-୭ରେ ଥିବା ୱେଷ୍ଟ ଟୁ ଆର୍ଟ ପାର୍କ ପରିଦର୍ଶନ କରିଥିଲେ। ୱେଷ୍ଟ ଟୁ ଆର୍ଟ ପାର୍କରେ ପୁନଃନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାଢ଼େ ୪ ଏକର ପରିମିତ ଏହି ପାର୍କରେ ରୋଲ୍ ବଲ, ସ୍କେଟିଂ ଓ ବାସ୍କେଟବଲ ଭଳି କ୍ରୀଡ଼ା ସୁବିଧା ଉପଲବ୍ଧ ହେବ। ଏହାବ୍ୟତୀତ ଏଥିରେ ଫୁଲଶଯ୍ୟା ପଥ, ବିଭିନ୍ନ ଲ୍ୟାଣ୍ଡସ୍କେପିଂ ଉପାଦାନ ଏବଂ ମୂର୍ତ୍ତି ଅନ୍ତର୍ଭୁକ୍ତ ରହିବ। ବିଡିଏ ପକ୍ଷରୁ ଏହି ପାର୍କର ବିକାଶ କରାଯାଉଛି। ଡ. ଏପିଜେ ଅବଦୁଲ କଲାମ ପାର୍କ ପରିଦର୍ଶନ ସମୟରେ ମନ୍ତ୍ରୀ ଅଧିକାରୀମାନଙ୍କୁ ବର୍ତ୍ତମାନ ଚାଲିଥିବା ପୁନଃବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଲାଇଟ୍ ଆଣ୍ଡ୍ ସାଉଣ୍ଡ ଶୋ' ଆରମ୍ଭ କରିବାକୁ କହିଥିଲେ। ବିଡିଏ ଓ ବନ ବିଭାଗ ପକ୍ଷରୁ ବିକଶିତ ହେଉଥିବା ରାଜ୍ୟ ସିଲ୍‌ଭିକଲ୍‌ଚର ଗାର୍ଡେନରେ ଚାଲିଥିବା କାର୍ଯ୍ୟକୁ ତୁରନ୍ତ ଶେଷ କରି ଜନସାଧାରଣଙ୍କ ପାଇଁ ଖୋଲିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।



# ସ୍ୱଚ୍ଛ ପରିବେଶର ବାର୍ତ୍ତା ଦେଲେ ଉପମୁଖ୍ୟମନ୍ତ୍ରୀ

### ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କଲେ

**ପୁରୀ,୨।୭(ଅଜିତ୍ କୁମାର ମହାନ୍ତି)**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ପୁରୀ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରି ସୁସ୍ଥ ଓ ସ୍ୱଚ୍ଛ ପରିବେଶର ବାର୍ତ୍ତା ଦେଇଛନ୍ତି। ଆମେ ଆଜି ସବୁଜ ଜଙ୍ଗଲ କାଟି କଂକ୍ରିଟ ଜଙ୍ଗଲରେ ବାସ କରୁଛେ, ଯାହା ଜଳବାୟୁ ପରିବର୍ତ୍ତନ ସହ ବିବିଧ ସମସ୍ୟା ମଣିଷ ସମାଜ ପାଇଁ ସୃଷ୍ଟି କରୁଛି। ସେଥିଲାଗି ପ୍ରଧାନମନ୍ତ୍ରୀ 'ମା' ପାଇଁ ଗଛଟିଏ' ଅଭିଯାନର ଆହ୍ୱାନ ଦେଇଛନ୍ତି। ବର୍ତ୍ତମାନ ବୃକ୍ଷରୋପଣ ସପ୍ତାହ ଚାଲୁଥିବାରୁ ପ୍ରତ୍ୟେକ ବ୍ୟକ୍ତି ଚାରା ରୋପଣ କରିବାକୁ ଉପମୁଖ୍ୟମନ୍ତ୍ରୀ ପରିଡା ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଗତ ମାସ ୨୩ ତାରିଖରେ ଭୁବନେଶ୍ୱର ମିଶନ ଶକ୍ତି ଭବନରୁ ଆରମ୍ଭ ହୋଇଥିଲା। ମିଶନ ଶକ୍ତିର ପ୍ରତ୍ୟେକ ମା' ନିଜ ପରିବାର ପକ୍ଷରୁ ଅନ୍ତତଃପକ୍ଷେ ୫ଟି ଲେଖାଏ ଗଛ ଲଗାଇବାକୁ ପରିଡ଼ା ଅନୁରୋଧ କରିଥିଲେ। ଚଳିତ ବର୍ଷ ମିଶନଶକ୍ତି ମାଧ୍ୟମରେ ୨କୋଟି ୫୦ ଲକ୍ଷ ଚାରାରୋପଣର ଲକ୍ଷ୍ୟ ରଖାଯାଇଛିବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ସୂଚନା ଦେଇଛନ୍ତି।



# ବୋଲଗଡ଼ ରେଲୱେ ଷ୍ଟେଶନ ରାସ୍ତା ଶୋଚନୀୟ

**ବୋଲଗଡ଼,୨।୭(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ବୋଲଗଡ଼ ରେଲୱେ ଷ୍ଟେଶନ ଏବଂ ମା'ଭୂଇଁଆଣୀ ପୀଠ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଯାତାୟାତ କରିବାରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାକୁ ପକ୍କା କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘଦିନ ଧରି ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ, ଯାହାକୁନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଏବଂ ବିଧାୟକ ଦୃଷ୍ଟି ଦେବାକୁ ଦାବି ହେଉଛି।

ପ୍ରକାଶ ଯେ, ରେଲୱେ ଷ୍ଟେଶନକୁ ଯାତାୟାତ ପାଇଁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ସେହିପରି ପାହାଡ଼ ପାଦଦେଶରେ ରହିଥିବା ମା'ଭୂଇଁଆଣୀଙ୍କର ପୀଠରେ ବର୍ଷସାରା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ, ସଭା, ବିବାହ, ବ୍ରତ ଏବଂ ପର୍ବପର୍ବାଣି ଅନୁଷ୍ଠିତ ହେଉଛି। ଏନେଇ ଏଠାକୁ ଆସୁଥିବା ଲୋକେ ଉକ୍ତ ରାସ୍ତାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଗୁରୁତ୍ୱ ବହନ କରୁଥିବା ରାସ୍ତାଟି ରାଜପଥଠାରୁ ମାତ୍ର ପ୍ରାୟ ୧ କିମି ହେଉଥିବା ବେଳେ ରାସ୍ତାସାରା ଖାଲଖମା ରହିଛି। ଏଥିସହିତ ବର୍ଷାଜଳରେ ଧୋଇହୋଇ ମେଟାଲ ବାହାରି ଗଲାଣି। ବୋଲଗଡ଼ ଅଗ୍ନିଶମ କେନ୍ଦ୍ର ପ୍ରବେଶ ଦ୍ୱାରରେ ଏକ ଗର୍ତ୍ତ ସୃଷ୍ଟି ହୋଇ ବର୍ଷାଜଳ ଭର୍ତ୍ତି ହେବାରୁ ଲୋକେ ହଇରାଣ ହେବା ସହ ଅଗ୍ନିଶମ ଗାଡ଼ି ଯାତାୟାତରେ ବାଧା ଉପୁଜୁଛି। ଏନେଇ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ ଓ ସମିତିସଭ୍ୟା ନିର୍ମଳା ପ୍ରଧାନ ବ୍ଲକ ଏବଂ ଜିଲା ପ୍ରଶାସନ ନିକଟରେ ନିର୍ମାଣ ଦାବି କରୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ଅଖିଳ ହରିଚନ୍ଦନ କହିଛନ୍ତି, ପୂର୍ବରୁ ଏହି ରାସ୍ତାଟି ପଞ୍ଚାୟତ ସମିତି ଅଧୀନରେ ଥିଲା। ପରବର୍ତ୍ତୀ ସମୟରେ ଏହା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇଛି। ରାସ୍ତା ପର୍ଯ୍ୟବେକ୍ଷଣ ପରେ ଏହାକୁ ଆକ୍ସନ ପ୍ଲାନରେ ଭର୍ତ୍ତି କରାଯାଇଛି। ଏଥିପାଇଁ ଅର୍ଥ ଅନୁମୋଦନ ହେବା ପରେ ରାସ୍ତା ପାଇଁ ଟେଣ୍ଡର ବିଜ୍ଞପ୍ତି ବାହାରିବ ବୋଲି ସେ କହିଛନ୍ତି।



# ଜଳବନ୍ଦୀ ସ୍ଥିତିର ମୁକାବିଲା କରିବ ରାପିଡ୍ ଆକ୍ସନ୍ ଟିମ୍

ଭୁବନେଶ୍ୱର, ୨।୭ (ବନ୍ଦନା ସେଠୀ)

ଅସରାଏ ବର୍ଷାରେ ଭୁବନେଶ୍ୱରର ବିକାଶ ଉବୁଟୁବୁ ହେଉଛି। ପ୍ରତିବର୍ଷ ଏଭଳି ସମସ୍ୟା ଦେଖାଦେଉଥିଲେ ମଧ ଚେତୁନି ବିଏମ୍‌ସି। ସେଥିପାଇଁ ମୁକୁଳା ଡ୍ରେନ୍‌ରେ ପଡି ଗୋଟେ ପରେ ଗୋଟେ ଅମୂଲ୍ୟ ଜୀବନ ଚାଲିଯାଉଛି। ତେବେ ଗତ କିଛିଦିନ ତଳେ ୟୁନିଟ୍-୩ ମସ୍‌ଜିଦ କଲୋନୀ ନାଳରେ ଭାସି ଜଣେ ନାବାଳକର ମୃତ୍ୟୁ ହେବା ପରେ ବିଏମ୍‌ସି ଅଧିକାରୀଙ୍କ ଚେତାପଶିଛି। ବିଭାଗୀୟ ମନ୍ତ୍ରୀଙ୍କ ତନାଘନା ପରେ ବିଏମ୍‌ସି ପକ୍ଷରୁ ସହରର ୩୪ଟି ସମ୍ବେଦନଶୀଳ ସ୍ଥାନ ଓ ୧୨ଟି ବଡବଡ ଜଳବନ୍ଦୀ ସ୍ଥାନ ଚିହ୍ନଟ କରାଯାଇଛି। ଏହି ସମ୍ବେଦନଶୀଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯୋଜନା ହୋଇଥିବାବେଳେ ସେଥିରେ ମନ୍ତ୍ରୀଙ୍କ ମୋହର ବାଜିବାକୁ ବିଏମ୍‌ସି ଅପେକ୍ଷା କରିଛି। ତେବେ ସେ ପର୍ଯ୍ୟନ୍ତ ଜଳବନ୍ଦୀ ସମସ୍ୟାରୁ ମୁକ୍ତି ପାଇବା ପାଇଁ ବିଏମ୍‌ସି ପକ୍ଷରୁ ଏକ ରାପିଡ୍ ଆକ୍ସନ୍ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଜଳବନ୍ଦୀ ନେଇ ଖବର ପାଇବା ମାତ୍ରେ ତୁରନ୍ତ ଘଟଣାସ୍ଥଳକୁ ଯାଇ ସମସ୍ୟାର ସମାଧାନ କରୁଛି। ତେବେ ବିଏମ୍‌ସି ପକ୍ଷରୁ ମାତ୍ର ୧୨ଟି ବଡ ସ୍ଥାନ ଚିହ୍ନଟ ହୋଇଥିବାବେଳେ ସହରରେ ଦୁର୍ଘଟଣା ଆଶଙ୍କା ସୃଷ୍ଟି କରୁଥିବା

## ସ୍ୱଳ୍ପ ମାନବସମ୍ବଳରେ ସଫଳତା ନେଇ ଆଶଙ୍କା



ଅନେକ ଛୋଟଛୋଟ ଜଳବନ୍ଦୀ ସ୍ଥାନ ରହିଛି। ମାତ୍ର ବିଏମ୍‌ସି ଅଧିକାରୀଙ୍କ ନଜର ସେଠାରେ ପଡିନାହିଁ କିମ୍ବା ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ତରବରିଆ ଭାବେ ଜଳବନ୍ଦୀ ସ୍ଥାନ ଚିହ୍ନଟ କରି ଏଗୁଡିକୁ ବାଦ୍ ଦିଆଯାଇଥିବା କୁହାଯାଉଛି। ବର୍ଷା ସମୟରେ ସହରସାରା ଜଳବନ୍ଦୀ ସ୍ଥିତି ଉପୁଜୁଥିବାବେଳେ ସ୍ୱଳ୍ପ ମାନବ ସମ୍ବଳକୁ ନେଇ ଗଠିତ ଏହି ସ୍ୱତନ୍ତ୍ର ଟିମ୍ ସମସ୍ୟାର ସମାଧାନ କିପରି କରିବ ସେ ନେଇ ଆଶଙ୍କା ପ୍ରକାଶ ପାଇଛି।

ସହରର ଉତ୍ତର, ଦକ୍ଷିଣ-ପୂର୍ବ ଏବଂ ଦକ୍ଷିଣ-ପଶ୍ଚିମ ୩ଟି ଜୋନ୍ ପାଇଁ ଗୋଟିଏ ଲେଖାଏ ଅର୍ଥାତ୍ ମୋଟ୍ ୩ଟି ରାପିଡ୍ ଆକ୍ସନ ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମ୍‌ରେ ଜଣେ ଲେଖାଏ ଆସିଷ୍ଟାଣ୍ଟ ଇଞ୍ଜିନିୟର, ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ରହିଛନ୍ତି। ଏମାନେ ଡ୍ରେନେଜ୍ ବିଭାଗର ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟରଙ୍କ ନିର୍ଦ୍ଦେଶରେ ପରିଚାଳିତ ହେବେ। ସେହିପରି ପ୍ରତ୍ୟେକ ଟିମ୍‌ରେ ୫/୬ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ ସେମାନଙ୍କୁ କୋଡ଼ି, କୋଦାଳ, ଆବର୍ଜନା ଛଣାଯନ୍ତ୍ରଠାରୁ ଆରମ୍ଭ କରି ଅନ୍ୟାନ୍ୟ ସରଞ୍ଜାମ ଦିଆଯାଇଛି। ଏଥିସହ ସେମାନଙ୍କ ସୁରକ୍ଷା ପାଇଁ ଗ୍ଲୋଭ୍, ବୁଟ୍ ଏବଂ ହେଲ୍‌ମେଟ୍ ଆଦି ସାମଗ୍ରୀ ପ୍ରଦାନ କରାଯାଇଛି। ସେହିପରି ଟିମ୍‌କୁ ୨ଟି ଜେସିବି ପ୍ରଦାନ କରାଯାଇଛି ଏବଂ ଆବଶ୍ୟକ ସମୟରେ ଜେସିବି ସଂଖ୍ୟାକୁ ବଢାଯିବ ବୋଲି ସୂଚନା ଦିଆଯାଇଛି। କୌଣସି ସ୍ଥାନରେ ଜଳବନ୍ଦୀ ନେଇ ଟୋଲ୍ ଫ୍ରି ନଂ.୧୯୨୯ କିମ୍ବା ଜରୁରିକାଳୀନ ନମ୍ବରରେ କଲ୍ ଆସିଲେ ତାହାକୁ ସମ୍ପୃକ୍ତ ଜୋନ୍‌ର ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ସୂଚିତ କରାଯିବା ସହ ତୁରନ୍ତ ସେବା ପାଇଁ ପଠାଯାଉଛି। ଏହାବାଦ୍ ମୋଟର ପମ୍ପ ବ୍ୟବହାର ସହ ଏଜେନ୍ସିର ଲୋକମାନେ ମଧ ନିୟୋଜିତ ହୋଇଛନ୍ତି। ବର୍ତ୍ତମାନ ଜରୁରିକାଳୀନଭିତ୍ତିରେ ଏସବୁ କାମ ହେଉଥିବାବେଳେ ବର୍ଷା ପରେ ଏନେଇ କେତେ ଖର୍ଚ୍ଚ ହେଲା ତାହାର ହିସାବ କରାଯିବ ବୋଲି ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି। ତେବେ ନେଡିଗୁଡ କହୁଣିକୁ ବୋହିଯିବା ଭଳି ଜୀବନ ଯିବା ପରେ ଏଭଳି ଯୋଜନାକୁ ନେଇ ବିଏମ୍‌ସିକୁ ସହରବାସୀ ତୀବ୍ର ସମାଲୋଚନା କରୁଛନ୍ତି। ଆବଶ୍ୟକ ସମୟରେ ଏଭଳି ପଦକ୍ଷେପ ନେଇଥିଲେ ଅନେକ ଘଟଣା ଓ ଦୁର୍ଘଟଣାକୁ ଏଡାଇ ଦିଆଯିବା ସହ ବହୁ ଜୀବନ ରକ୍ଷା ପାଇଯାଇଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ସଂକ୍ଷେପରେ

### ରୋଗୀଙ୍କୁ ଆମ୍ବୁଲାନ୍ସ ଚାଳକଙ୍କ ଶୋଷଣ ଅଭିଯୋଗ



ପୁରୁଣା ଭୁବନେଶ୍ୱର,୨।୭(ସୁବାସ ଚନ୍ଦ୍ର ପ୍ରଧାନ)

କ୍ୟାପିଟାଲ ହସ୍ପିଟାଲ ନିକଟରେ ପ୍ରାଇଭେଟ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଦାଦାଗିରି ଏବଂ ରୋଗୀଙ୍କୁ ଶୋଷଣ କରାଯାଉଥିବା ନେଇ ପ୍ରଦୀପ ସେବା ଟ୍ରଷ୍ଟ ପକ୍ଷରୁ ମଧ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ନିକଟରେ ଅଭିଯୋଗ କରାଯାଇଛି। ଅଭିଯୋଗ ମୁତାବକ, ଟ୍ରଷ୍ଟ ସମ୍ପାଦିକା ଡ.ମଧୁସ୍ମିତା ପୃଷ୍ଟି ୧୨ବର୍ଷ ହେବ ଗରିବ, ଅସହାୟ ରୋଗୀଙ୍କୁ ମାଗଣାରେ ହସ୍ପିଟାଲରେ ପହଞ୍ଚାଇବା, ଅଜଣା ଏବଂ ଗଳିତ ଶବ ଉଦ୍ଧାର କରିବା କାର୍ଯ୍ୟ ଜାରି ରଖିଛନ୍ତି। ଏପରିକି ବନ୍ଧୁ ପରିଜନ ନ ଥିବା ମୃତଦେହକୁ ଅନ୍ତିମ ସଂସ୍କାର ମଧ ଟ୍ରଷ୍ଟ ପକ୍ଷରୁ କରାଯାଉଛି। ଆମ୍ବୁଲାନ୍ସ ଯୋଗେ ରୋଗୀମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ଆଣିବାକୁ ପଡୁଛି ଏବଂ ନେବାକୁ ପଡୁଛି। ଏଠାରେ ରହିଥିବା ପ୍ରାଇଭେଟ ଆମ୍ବୁଲାନ୍ସ ସଂଘ ବିରୋଧ କରିବା ସହ ଏଠାରୁ ରୋଗୀ କିମ୍ବା ମୃତଦେହ ନ ନେବା ପାଇଁ ଧମକ ଦେଉଛନ୍ତି। ତେଣୁ ତୁରନ୍ତ ଟ୍ରଷ୍ଟକୁ ସୁରକ୍ଷା ପ୍ରଦାନ କରାଯିବା ସହ ଗରିବ ଅସହାୟ ରୋଗୀଙ୍କୁ ସେବା ପ୍ରଦାନ କରିବାକୁ ଅନୁମତି ପ୍ରଦାନ କରିବାକୁ ଟ୍ରଷ୍ଟ ସମ୍ପାଦିକା ପୃଷ୍ଟି ନିବେଦନ କରିଛନ୍ତି।

### ଅଧକ୍ଷାଙ୍କୁ ପୁରାତନ ଛାତ୍ରଙ୍କ ଶୁଭେଚ୍ଛା

ବାରଙ୍ଗ, ୨।୭(ଲିଙ୍ଗରାଜ ରାଉତ)

ବାରଙ୍ଗ କୁଞ୍ଜବିହାରୀ ମହାବିଦ୍ୟାଳୟର ଅଧକ୍ଷ ଭାବେ ସୋମବାର ଲିପିପୁଷ୍ପା ନାୟକ ଦାୟିତ୍ୱ ଗ୍ରହଣ କରିବା ପରେ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ୩୩ତମ ଅଧକ୍ଷା ଭାବେ ସେ ଯୋଗଦେଇଥିବାରୁ ମହାବିଦ୍ୟାଳୟ ଉନ୍ନତି ପାଇଁ ତାଙ୍କ ଉଦ୍ୟମ ରହିବ ବୋଲି ସେ କହିଛନ୍ତି। ଅନ୍ୟପଟେ ମଙ୍ଗଳବାର ପୂର୍ବତନ ଛାତ୍ର ତଥା ୫ ପଞ୍ଚାୟତ ଭାଜପା ନେତା ଅଜିତ୍ ସାସମଲଙ୍କ ନେତୃତ୍ୱରେ କେତେଜଣ ଛାତ୍ର ଅଧକ୍ଷାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

### ୨ ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

ବାରଙ୍ଗ,୨।୭(ଲିଙ୍ଗରାଜ ରାଉତ)

ଗୋଡ଼ିସାହି ଫାଣ୍ଡି ଅଧୀନ ପଦ୍ମନାଭ ନଗର ପେଟ୍ରୋଲ ପମ୍ପ ସମ୍ମୁଖରେ ୨ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ସକାଳ ୮ଟା ସମୟରେ ଗୋଡିସାହିରୁ ତ୍ରିଶୂଳିଆ ଅଭିମୁଖେ ଏକ ବାଇକ୍ ଆସୁଥିବାବେଳେ ତ୍ରିଶୂଳିଆରୁ ନରାଜ ଅଭିମୁଖେ ଯାଉଥିବା ଅନ୍ୟ ଏକ ବାଇକ୍ ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତାର ପଦ୍ମନାଭ ନଗର ପେଟ୍ରୋଲ ପମ୍ପ ସମ୍ମୁଖରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଜଣେ ମହିଳାଙ୍କ ସମେତ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ବାରଙ୍ଗ ପୋଲିସକୁ ସୂଚନା ଦେବା ସହିତ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲେ। ପରେ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିଛି।

### ଚନ୍ଦକା ଥାନାରେ ପ୍ରଥମ ମାମଲା ରୁଜୁ

ବାରଙ୍ଗ,୨।୭(ଲିଙ୍ଗରାଜରାଉତ)

ଭାରତୀୟ ନ୍ୟାୟ ସଂହିତା ଆଇନ ସୋମବାର ମଧ ରାତ୍ରରୁ ସାରା ଦେଶରେ ଲାଗୁ ହୋଇଛି। ଏହି ପରିପ୍ରେକ୍ଷୀରେ ଚନ୍ଦକା ଥାନାରେ ଭାରତୀୟ ନ୍ୟାୟ ସଂହିତା ଆଇନ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ଚନ୍ଦକା ଥାନା ଅଧୀନରେ ପଳାସପୁର ଗ୍ରାମରେ ମାନସ ବେହେରା ଉକ୍ତ ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ଘର ତିଆରି ପାଇଁ ବାଲି, ଗୋଡ଼ି, ଇଟା ଇତ୍ୟାଦି ସାମଗ୍ରୀ ଦେଇଥିଲେ। ଏହି ବାବଦରେ ବକେୟା ଥିବା ୧୬ ହଜାର ଟଙ୍କା ମାଗିବାରୁ ମାନସଙ୍କୁ ଉକ୍ତ ବ୍ୟକ୍ତିଙ୍କ ୨ ପୁଅ ଓ ବାପା ମିଶି କରି ମାଡ଼ ମାରିଥିବା ଅଭିଯୋଗ ମଙ୍ଗଳବାର ଚନ୍ଦକା ଥାନାରେ ହୋଇଥିଲା। ପୋଲିସ ପ୍ରଥମ କରି ନୂଆ ମାମଲା ୨୩୬/୨୪ କେସ୍ ନଂ.ରେ ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ତଦନ୍ତ ଆରମ୍ଭ କରିଛି।

# ଆନନ୍ଦବନ ସହ ବିଭିନ୍ନ ପାର୍କ ପରିଦର୍ଶନ କଲେ ନଗର ଉନ୍ନୟନ ମନ୍ତ୍ରୀ



ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମଙ୍ଗଳବାର ପାର୍କ ପରିଦର୍ଶନ କରୁଛନ୍ତି।

ଭୁବନେଶ୍ୱର, ୨।୭(ବନ୍ଦନା ସେଠୀ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମଙ୍ଗଳବାର ଭୁବନେଶ୍ୱରର ବିଭିନ୍ନ ପ୍ରମୁଖ ପାର୍କ ଓ ଉଦ୍ୟାନ ପରିଦର୍ଶନ କରିଥିଲେ। କଳିଙ୍ଗନଗରସ୍ଥିତ ଆନନ୍ଦବନ ବୁଲିବା ସହ ସେଠାରେ କିଛି ସମୟ ଅତିବାହିତ କରିଥିଲେ। ଏହି ଅବସରରେ ସେ ସ୍ୱର୍ଣ୍ଣଚମ୍ପା ଚାରା ରୋପଣ କରିବା ସହ ଖୋଲା ପାଠାଗାର, ଆମ୍ଫିଥିଏଟର, ପାର୍କିଂସ୍ଥାନ ଆଦି ବୁଲି ଦେଖିବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ପଚାରି ବୁଝିଥିଲେ। ଜୀବିକା ସୃଷ୍ଟି ପାଇଁ ଆନନ୍ଦବନ ମଧ୍ୟରେ ଏକ ଫୁଲବଗିଚା ବିକଶିତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ୮୯.୦୫ ଏକର ପରିମିତ ଆନନ୍ଦବନରେ ପର୍ଯ୍ୟାପ୍ତ ପାର୍କିଂ, ବେଞ୍ଚ, ବର୍ଷା ଆଶ୍ରୟସ୍ଥଳୀ, ପିଲାଙ୍କ ଖେଳପଡ଼ିଆ, ସର୍ବସାଧାରଣ ସୁବିଧା ସମେତ ବିଭିନ୍ନ ସୁବିଧା ସୁଯୋଗ ରହିଛି। ତେଣୁ ସହରରେ ଅନୁରୂପ ପାର୍କ ପ୍ରତିଷ୍ଠା କରିବା ନେଇ ମନ୍ତ୍ରୀ ଇଚ୍ଛା ପ୍ରକାଶ କରିଥିଲେ। ଏହାପରେ ମନ୍ତ୍ରୀ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଉପାଧକ୍ଷ ବଲୱନ୍ତ ସିଂହ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଘାଟିକିଆସ୍ଥିତ ରାଜ୍ୟ ସିଲ୍‌ଭିକଲଚର୍ ଗାର୍ଡେନ, କଳିଙ୍ଗ ନଗରର ଡ. ଏପିଜେ ଅବଦୁଲ କଲାମ ପାର୍କ ଏବଂ କଳିଙ୍ଗ ନଗର କେ-୭ରେ ଥିବା ୱେଷ୍ଟ ଟୁ ଆର୍ଟ ପାର୍କ ପରିଦର୍ଶନ କରିଥିଲେ। ୱେଷ୍ଟ ଟୁ ଆର୍ଟ ପାର୍କରେ ପୁନଃନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାଢ଼େ ୪ ଏକର ପରିମିତ ଏହି ପାର୍କରେ ରୋଲ୍ ବଲ, ସ୍କେଟିଂ ଓ ବାସ୍କେଟବଲ ଭଳି କ୍ରୀଡ଼ା ସୁବିଧା ଉପଲବ୍ଧ ହେବ। ଏହାବ୍ୟତୀତ ଏଥିରେ ଫୁଲଶଯ୍ୟା ପଥ, ବିଭିନ୍ନ ଲ୍ୟାଣ୍ଡସ୍କେପିଂ ଉପାଦାନ ଏବଂ ମୂର୍ତ୍ତି ଅନ୍ତର୍ଭୁକ୍ତ ରହିବ। ବିଡିଏ ପକ୍ଷରୁ ଏହି ପାର୍କର ବିକାଶ କରାଯାଉଛି। ଡ. ଏପିଜେ ଅବଦୁଲ କଲାମ ପାର୍କ ପରିଦର୍ଶନ ସମୟରେ ମନ୍ତ୍ରୀ ଅଧିକାରୀମାନଙ୍କୁ ବର୍ତ୍ତମାନ ଚାଲିଥିବା ପୁନଃବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଲାଇଟ୍ ଆଣ୍ଡ୍ ସାଉଣ୍ଡ ଶୋ' ଆରମ୍ଭ କରିବାକୁ କହିଥିଲେ। ବିଡିଏ ଓ ବନ ବିଭାଗ ପକ୍ଷରୁ ବିକଶିତ ହେଉଥିବା ରାଜ୍ୟ ସିଲ୍‌ଭିକଲ୍‌ଚର ଗାର୍ଡେନରେ ଚାଲିଥିବା କାର୍ଯ୍ୟକୁ ତୁରନ୍ତ ଶେଷ କରି ଜନସାଧାରଣଙ୍କ ପାଇଁ ଖୋଲିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।



ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନୌସେନା ଭାଇସ୍ ଆଡମିରାଲ ରାଜେଶ ପାଣ୍ଡେକର ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି।

## ପାଇଖାନା ଘରୁ ଯୁବକଙ୍କ ମୃତଦେହ ଜବତ

ବାଲିଅନ୍ତା,୨।୭(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ କାକରୁଦ୍ରପୁର ଗ୍ରାମର ଜଣେ ଯୁବକଙ୍କ ମୃତଦେହ ପାଇଖାନା ଘର ଆଜବେଷ୍ଟସ ଶେଣିରେ ଏକ ଲୁଗାରେ ଝୁଲୁଥିବା ଅବସ୍ଥାରେ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ରମାକାନ୍ତ ଗାହାଣ (୨୨)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପରିବାର ଲୋକେ ରମାକାନ୍ତଙ୍କୁ ପାଇଖାନା ଘରେ ଝୁଲୁଥିବା ଅବସ୍ଥାରେ ଦେଖି ତୁରନ୍ତ ଅଠାନ୍ତର ଡାକ୍ତରଖାନାକୁ ନେଇଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ହେବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## ବାଗ୍‌ଦେବୀ ବିଦ୍ୟା ମନ୍ଦିରର ପ୍ରତିଷ୍ଠା ଦିବସ

ବାଲିପାଟଣା,୨।୭(ଅଭିମନ୍ୟୁ ନାୟକ)

ବାଲିପାଟଣାସ୍ଥିତ ବାଗଦେବୀ ବିଦ୍ୟା ମନ୍ଦିରର ୩୨ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ପରିଷଦର ସମ୍ପାଦକ ଅଭିମନ୍ୟୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟା ବିଦ୍ୟାର୍ଥୀଙ୍କୁ ସାମର୍ଥ୍ୟ କରେ ବୋଲି କହିଥିଲେ। ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଦ୍ୟାଳୟ ଶିଶୁର ମାନସିକ ଓ ବୌଦ୍ଧିକ ବିକାଶର ଅନୁଶାଳୀ। ବିଦ୍ୟାଳୟ ନିର୍ଦ୍ଦେଶକ ଗଙ୍ଗାଧର ଓଝା ଓ ଅଧକ୍ଷା ପବିତ୍ର ଦାସ ନିଜ ଅନୁଭୂତି ବଖାଣିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଲିପିକା ପ୍ରଧାନ ଓ ଶିକ୍ଷୟିତ୍ରୀ ସୁକାନ୍ତି ଷଡ଼ଙ୍ଗୀ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ,୨।୭ (କାର୍ତ୍ତିକ ସାହୁ)

ଏକ ନାବାଳିକା ବଳାତ୍କାର ମାମଲାରେ କଟକ ଆଡ୍‌ହକ୍ ଆଡିଶନାଲ୍ ଡିଷ୍ଟ୍ରିକ୍ଟ ଆଣ୍ଡ୍ ସେସନ୍ ଜଜ୍ ଫାଷ୍ଟ୍‌ଟ୍ରାକ୍ କୋର୍ଟ-୧ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୧୦ ହଜାର ଟଙ୍କାର ଜରିମାନା ଦାଖଲ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି। ଜରିମାନା ଦାଖଲ ନ କଲେ ତାଙ୍କୁ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ହଳଦିଆବସନ୍ତ ଅଞ୍ଚଳର ପବିତ୍ର ଓଝା। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ନିମନ୍ତେ କୋର୍ଟ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି।

## ନାବାଳିକା ବଳାତ୍କାର ମାମଲା

ମାମଲାର ବିବରଣୀ ଅନୁସାରେ, ନାବାଳିକା ବଳାତ୍କାର ସଂକ୍ରାନ୍ତରେ ୨୦୧୯ ଜୁଲାଇ ୫ ତାରିଖରେ ଟାଙ୍ଗୀ ଥାନାରେ ଏତଲା ଦିଆଯାଇଥିଲା। ତେବେ ଏହାର ୬ମାସ ପୂର୍ବରୁ ଘଟଣା ଘଟିଥିଲା। ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ଅଭିଯୁକ୍ତ ତାଙ୍କ ଘରକୁ ଆସି ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯଦ୍ୱାରା ପୀଡ଼ିତା ୬ ମାସର ଗର୍ଭବତୀ ହେବା ଜଣାପଡ଼ିବା ପରେ ପରିବାର ପକ୍ଷରୁ ଟାଙ୍ଗୀ ଥାନାରେ ଏତଲା ଦିଆଯାଇଥିଲା। ଥାନାରେ ଏନେଇ ମାମଲା ରୁଜୁ ହେବା ସହ ପୋଲିସ୍ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୦୧୯ ସେପ୍ଟେମ୍ବର ୪ ତାରିଖରେ ପୋଲିସ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଏଥିସହ ୨୦୨୦ ମସିହା ଜାନୁଆରୀ ୨୧ ତାରିଖରେ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଚାର୍ଜଫ୍ରେମ୍ କରିଥିଲା। ଏହାପରେ କଟକ ଆଡ୍‌ହକ୍ ଆଡିଶନାଲ୍ ଡିଷ୍ଟ୍ରିକ୍ଟ ଆଣ୍ଡ୍ ସେସନ୍ ଜଜ୍ ଫାଷ୍ଟ୍‌ଟ୍ରାକ୍ କୋର୍ଟ-୧ରେ ମାମଲାର ଶୁଣାଣି ଚାଲିଥିଲା। ଗତ ଜୁନ୍ ୨୪ ତାରିଖରେ ମାମଲାର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ଥିବାବେଳେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଓଡ଼ିଆ ସଂସ୍କୃତିକୁ ଯାଜପୁରର ଅବଦାନ ଅତୁଳନୀୟ

ଭୁବନେଶ୍ୱର,୨।୭(ଶର୍ମିଷ୍ଠା ପାଣିଗ୍ରାହୀ)

## ଯାଜପୁର ସଂସ୍କୃତି ଓ ବିକାଶ ପରିଷଦର ବାର୍ଷିକ ଉତ୍ସବ

ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ ଭୁବନେଶ୍ୱରର ୧୦ମ ବାର୍ଷିକ ଉତ୍ସବ ଓ ଉତ୍କଳପ୍ରାଣ ବ୍ରଜସୁନ୍ଦର ଦାସଙ୍କ ୧୪୫ତମ ଜୟନ୍ତୀ ମଙ୍ଗଳବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ତଥା ଆଇନଜୀବୀ ନଟବର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗଣିତ ବିଶାରଦ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ଗୋକୁଳାନନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ତଥା ବିଶିଷ୍ଟ ସାହିତ୍ୟିକ ସରୋଜ କୁମାର ସାମଲ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇଥିଲେ। ଯାଜପୁର ମାଟିର କୃତି ସନ୍ତାନ ତଥା ବିଶିଷ୍ଟ ସାହିତ୍ୟିକ, ମୁକୁର ପତ୍ରିକାର ସମ୍ପାଦକ ବ୍ରଜସୁନ୍ଦର ଦାସଙ୍କ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଓଡ଼ିଆ ସଂସ୍କୃତିକୁ ଯାଜପୁରର ଅବଦାନ ଅତୁଳନୀୟ ବୋଲି ସେମାନେ ମତ ଦେଇଥିଲେ। ଯାଜପୁର ଇତିହାସ ପୁସ୍ତକର ମୁଖ୍ୟ ସମ୍ପାଦକ ମହେନ୍ଦ୍ର କୁମାର ମଲ୍ଲିକ ପୁସ୍ତକ ସମ୍ପର୍କରେ କହିଥିଲେ। ଏହି ଅବସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକ ଓ କେନ୍ଦ୍ର ବାଲ୍ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର କୋଷାଧକ୍ଷ ଆଇନଜୀବୀ ନଟବର ପଣ୍ଡା ଓ ସଭ୍ୟ ପ୍ରମୋଦ କୁମାର ନାୟକ ମାନପତ୍ର ପାଠ କରିଥିଲେ। ସମ୍ପାଦକ ନୀଳମଣି କର ବିବରଣୀ ପ୍ରଦାନ କରିଥିବାବେଳେ ପରିଷଦ ଉପସଭାପତି ଆଶୁତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନୃସିଂହ ଚରଣ ମହାପାତ୍ର, ଅମୂଲ୍ୟ କୁମାର ଦାଶ , ଚକ୍ରଧର ତ୍ରିପାଠୀ, ବନ୍ଦନା ମିଶ୍ର, ଅଜୟ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଏମ୍‌ସି ୱାର୍ଡ ନଂ. ୩୩ ଅନ୍ତର୍ଗତ ଜୟଦୁର୍ଗା ନଗରରେ ଖୋଳାହୋଇ ପଡିଥିବା ରାସ୍ତା।

# ରାସ୍ତା ଖୋଳି ଛାଡ଼ିଦେଲେ ଠିକାଦାର

ଭୁବନେଶ୍ୱର, ୨।୭ (ବନ୍ଦନା ସେଠୀ)

## ମାସେ ହେଲାଣି ହୀନସ୍ତା ଭୋଗୁଛନ୍ତି ଜୟଦୁର୍ଗାନଗରବାସୀ

ରାସ୍ତା କାମ ପାଇଁ ଭଲ ରାସ୍ତାକୁ ଖୋଳିଲେ, ଆଉ ଅଧା କାମ କରି ଏବେ ଠିକାଦାର କୁଆଡେ ଗାଏବ। ଫଳରେ ଖାଲଖମା ରାସ୍ତା ସାଙ୍ଗକୁ ବର୍ଷା ହେଲେ ସେଠାରେ ପାଣି ଜମି ରହୁଛି। କାଦୁଅ ପଚପଚ ରାସ୍ତାରେ ଯିବାଆସିବା କରିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଏଭଳି ସ୍ଥିତି ଦେଖିବାକୁ ମିଳିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୱାର୍ଡ ନଂ. ୩୩ ଅନ୍ତର୍ଗତ ଜୟଦୁର୍ଗା ନଗରରେ। ସମ୍ପୃକ୍ତ ୧୦୦ ମିଟର ରାସ୍ତାକୁ ଢଳେଇ କରିବା ପାଇଁ ପ୍ରାୟ ମାସେ ତଳେ ରାସ୍ତା ଖୋଳିଦେଲେ, ହେଲେ କାମ କଲେନାହିଁ। ଏପରିକି ଗତ କିଛିଦିନ ହେବ ସମ୍ପୃକ୍ତ କାମର ଟେଣ୍ଡର ନେଇଥିବା ଠିକାଦାର ଏବଂ ସୁପରଭାଇଜରଙ୍କର ଆଉ ଦେଖାମିଳୁନାହିଁ କି କାମ ହେଉନାହିଁ। ତେଣୁ ସ୍ଥାନୀୟ ଲୋକେ ନାନା ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ଘରକୁ ଚାରିଚକିଆ ତ ଦୂରର କଥା ସାଇକେଲ୍‌ଟିଏ ବି ଯାଇପାରୁନାହିଁ। କୌଣସି ମେଡିକାଲ ଏମରଜେନ୍ସି ହେଲେ ଆମ୍ବୁଲାନ୍ସ ମଧ ସେଠାରେ ପଶିପାରିବ ନାହିଁ। ଯାତାୟାତ ପାଇଁ ଅନ୍ୟ କୌଣସି ବାଟ ନ ଥିବାରୁ ବାଧହୋଇ ସେହି କାଦୁଅ ରାସ୍ତାରେ ଯା'ଆସ କରୁଛନ୍ତି। କିଏ ଘରକୁ ଗାଡ଼ି ନ ନେଇପାରି ରାସ୍ତାକଡ଼ରେ ରଖୁଛି ତ ଆଉ କିଏ ପାଖ ପଡୋଶୀ ଘରକୁ ଆଶ୍ରା କରିଛି। ସେହିପରି ଛୋଟ ଛୋଟ ପିଲାମାନେ ସ୍କୁଲ ଯିବାଆସିବା କରିବା ପାଇଁ ଭାରି ହଇରାଣ ହେଉଛନ୍ତି। ଘର ଆଗରେ ଏଭଳି ଅବସ୍ଥା ଥିବାରୁ ଛୋଟପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ୨୪ଘଣ୍ଟା ଗେଟ୍ ବନ୍ଦ କରି ରଖିବାକୁ ପଡୁଥିବା ଅଞ୍ଚଳବାସୀ କହିଛନ୍ତି। ଅପରପକ୍ଷେ ଏନେଇ ସମ୍ପୃକ୍ତ ସୁପରଭାଇଜରଙ୍କୁ ପଚାରିବାରୁ ବର୍ଷା ପାଇଁ କାମ ବନ୍ଦ ଥିବା ସେ କହିଛନ୍ତି। ୱାଟ୍‌କୋ ପକ୍ଷରୁ ସମ୍ପୃକ୍ତ ରାସ୍ତାରେ ଢଳେଇ ହେବ, ପରେ ସେଠାରେ ପେଭର ବ୍ଲକ୍ ପଡିବ। ଏବେ ସେଠାରେ ଢଳେଇ ପକାଇଲେ ବର୍ଷାରେ ଧୋଇଯିବ। ତେଣୁ ବର୍ଷା କମିବା ମାତ୍ରେ କାମ ଆରମ୍ଭ କରାଯିବ ବୋଲି ସଫେଇ ଦେଇଛନ୍ତି। ବର୍ଷାଦିନେ ରାସ୍ତାକାମ କଲେ ତାହା ଧୋଇଯିବ ଏବଂ ସେଥିରେ ବାଧା ଉପୁଜିବ, ଏ କଥା କ'ଣ ଠିକାଦାର ଜାଣି ନ ଥିଲେ ବୋଲି କଲୋନୀବାସିନ୍ଦା ପ୍ରଶ୍ନ କରିଛନ୍ତି। ଅଧିକାଂଶ ଠିକାଦାର ଏପରି ଠିକ୍ ବର୍ଷା ପୂର୍ବରୁ କାମ ଆରମ୍ଭ କରନ୍ତି ଏବଂ ଏହି ବାହାନାରେ ଟେଣ୍ଡରର ସମୟସୀମା ବଢାଇବାକୁ ଚେଷ୍ଟା କରନ୍ତି। ପୁଣି ଯଦି କାମ ସରିବାର କିଛିମାସ ପରେ ତାହା ଖରାପ ହୋଇଯାଏ ତେବେ ସବୁ ଦୋଷ ବର୍ଷାକୁ ଦେଇଦିଅନ୍ତି। ହେଲେ ଏଥିପାଇଁ ଲୋକେ ଯେଉଁ ସମସ୍ୟା ଭୋଗନ୍ତି ସେଥିପାଇଁ ଦାୟୀ କିଏ ବୋଲି ଲୋକେ କ୍ଷୋଭର ସହ କହିଛନ୍ତି।

# ସୋଲଫୁଲରେ ଝଲସିବ ୩ ରଥ

## ସେବାରେ ଗୁରୁଜଙ୍ଗ ଭୋଇ ପରିବାର

ଖୋର୍ଦ୍ଧା,୨।୭(ପ୍ରଭାତ ପାଣିଗ୍ରାହୀ)

ଆଉ ଦିନ କେଇଟା ପରେ ଘୋଷଯାତ୍ରା। ଏନେଇ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇପଡ଼ିଛି। ରତ୍ନବେଦୀ ଛାଡ଼ି ଭାଇଭଉଣୀଙ୍କୁ ଧରି ଗୁଣ୍ଡିଚାଘରକୁ ବିଜେ କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ତିନି ରଥରେ ଝଲସିବ ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇସାହି ରାଜକିଶୋର ଓ ବୀରକିଶୋର ନାୟକ ପରିବାରଙ୍କ ଦ୍ୱାରା ତିଆରି ସୋଲ ଫୁଲ। ଏଥିଲାଗି ଭକ୍ତି ଓ ନିଷ୍ଠାର ସହ ଲାଗିପଡିଛନ୍ତି ଏହି ପରିବାର। ରଥରେ ଝଟକିବ ଭଳିକି ଭଳି ସୋଲଫୁଲ। ନେତ୍ରୋତ୍ସବ ଦିନ ସିଂହଦ୍ୱାରରେ ତିନି ରଥ ଲାଗିବା ପରେ ସୋଲରେ ପ୍ରସ୍ତୁତ କଦମ୍ବ, ସୂର୍ଯ୍ୟମୁଖୀ, ସେବତି ଆଦି ବିଭିନ୍ନ କିସମର ଫୁଲରେ ସଜେଇ ହେବ ତିନି ରଥ।

ଗତ ୨୪ବର୍ଷ ହେବ ସେବା ଯୋଗାଇ ଆସୁଛନ୍ତି ଏହି ପରିବାର। ବୀରକିଶୋର କୁହନ୍ତି, କାର୍ତ୍ତିକ ମାସଠାରୁ କାକଟପୁର, ଅସ୍ତରଙ୍ଗ, ନିମାପଡ଼ା ଆଦି ଅଞ୍ଚଳରୁ ସୋଲ ସଂଗ୍ରହ କରାଯାଇଥାଏ। ପରେ ଏହାକୁ ଖରାରେ ଶୁଖାଇ ପ୍ରସ୍ତୁତ କରାଯାଏ। ଅକ୍ଷୟତୃତୀୟାରେ ରଥକାଠ ଅନୁକୂଳ ହେବା ପରେ ପରିବାର ସଦସ୍ୟ ଶୁଦ୍ଧପୂତ ଭାବେ ମହାପ୍ରଭୁଙ୍କ ଆରାଧନା କରି କାର୍ଯ୍ୟ ଆରମ୍ଭ କରନ୍ତି। ନେତ୍ରୋତ୍ସବ ପୂର୍ବଦିନ କାମ ସରିଥାଏ। ଏହା ପରେ ଏହାକୁ ନେଇ ଶ୍ରୀକ୍ଷେତ୍ରରେ ପହଞ୍ଚି ରଥରେ ସଜ୍ଜିତ କରାଯାଏ। ଫୁଲ ପ୍ରସ୍ତୁତି ଲାଗି ସୋଲକୁ ବିଭିନ୍ନ ସାଇଜରେ କଟାଯାଏ। ଗୁମୁକି, ସୂତା ଏବଂ ବଡ଼ ଛୁଞ୍ଚି ବ୍ୟବହାର କରାଯାଇ ଫୁଲକୁ ଆକାର ଦିଆଯାଏ। ଏଥିରେ ପରିବାର ମହିଳାମାନେ ସହଯୋଗ କରନ୍ତି। ସେହିପରି କବିତା ନାୟକ କୁହନ୍ତି, ଘର ଲିପାପୋଛା ସହ ଅରୁଆ ଅନ୍ନ ଖାଇ ସମ୍ପୂର୍ଣ୍ଣ ନିଷ୍ଠା ଏବଂ ନୀତି ନିୟମ ପ୍ରକାରେ କାର୍ଯ୍ୟ କରିଥାଉ। ଘର କାମ ସରିବା ପରେ ଏହି କାମରେ ଲାଗିଥାନ୍ତି ପରିବାର। ମହାପ୍ରଭୁଙ୍କ ସେବା ଭାଗ୍ୟରେ ଥିଲେ ମିଳେ। ପ୍ରତିବର୍ଷ ମହାପ୍ରଭୁଙ୍କ ତିନିରଥରେ ସୋଲରେ ନିର୍ମିତ ଫୁଲ ଖଞ୍ଜିବା ବେଳେ ଅପୂର୍ବ ଆନନ୍ଦ ମିଳିଥାଏ। ଫୁଲ କାରିଗର ବାନାମ୍ବର କାଣ୍ଡି କହିଛନ୍ତି, ନନ୍ଦିଘୋଷ ରଥରେ ଚଢ଼ି ଫୁଲ ସଜାଇବାରେ ଆନନ୍ଦ କହିଲେ ନସରେ। ମହାପ୍ରଭୁଙ୍କ ଏହି ସେବା ପ୍ରଦାନ କରିଥିବାରୁ ନିଜକୁ ଧନ୍ୟ ମନେକରୁଛି। ଏହି ସେବା ତୁଳନାରେ ପାରିଶ୍ରମିକ ତୁଚ୍ଛ ବୋଲି ପରିବାର ସଦସ୍ୟମାନେ କହିଛନ୍ତି। ସେହିପରି ରାଜକିଶୋର କୁହନ୍ତି, ୧୯୯୯ ମସିହାରେ ମହାପ୍ରଭୁଙ୍କ ରଥଯାତ୍ରା ଦେଖିବା ଲାଗି ଭାଇମାନେ ମିଶି ଯାଇଥିଲୁ। ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ସମୟରେ ଭାବବିହ୍ୱଳ ହୋଇ ରଥରେ ସେବା ସୁଯୋଗ ଦେବା ଲାଗି ନିବେଦନ କରିଥିଲୁ। ସୋଲ କାରିଗର ହୋଇଥିବାରୁ ରଥ ଚତୁଃପାର୍ଶ୍ୱକୁ ସୋଲରେ ନିର୍ମିତ ଫୁଲରେ ସାଜସଜ୍ଜା ଲାଗି ମହାପ୍ରଭୁଙ୍କୁ ଗୁହାରି ଜଣାଇଥିଲୁ। ମହାପ୍ରଭୁଙ୍କ ସ୍ୱପ୍ନାଦେଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରିଥିଲୁ। ଶ୍ରୀମନ୍ଦିର ପ୍ରଶାସନ ସୋଲ ଫୁଲ ଲାଗି ଅନୁମତି ପ୍ରଦାନ କରିଥିଲେ। ଏହା ମହାପ୍ରଭୁଙ୍କ ଆଶୀର୍ବାଦ ଭାବି ତା'ପର ବର୍ଷଠାରୁ ଅର୍ଥାତ୍ ୨୦୦୦ ମସିହାରୁ ସୋଲରେ ଫୁଲ ପ୍ରସ୍ତୁତ କରି ଯୋଗାଇ ଆସୁଛୁ। ୨୦୦୪ ମସିହାରେ ତତ୍କାଳୀନ ଶ୍ରୀମନ୍ଦିର ପରିଚାଳନା କମିଟି ମୁଖ୍ୟ ପରିଚାଳକ ରଥରେ ସୋଲ ଫୁଲ ସଜାଇବା ପାଇଁ ଅନୁମତିପତ୍ର ପ୍ରଦାନ କରିଥିଲେ। ସେବେଠାରୁ ଏହି ସେବା ଜାରି ରହିଛି। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପାରିଶ୍ରମିକ ମିଳି ନ ଥାଏ, ବରଂ ବର୍ଷସାରା ସୋଲଫୁଲ ଏବଂ ଟାହିଆ ପ୍ରସ୍ତୁତିରେ ଯାହା ପାରିଶ୍ରମିକ ମିଳିଥାଏ, ତାହାକୁ ମହାପ୍ରଭୁଙ୍କ ସୋଲଫୁଲ ପ୍ରସ୍ତୁତିରେ ଖର୍ଚ୍ଚ ହୋଇଥାଏ। ତେବେ ମହାପ୍ରଭୁଙ୍କ ସେବାରେ ପାରିଶ୍ରମିକର କୌଣସି ମୂଲ୍ୟ ନ ଥାଏ ବୋଲି ପରିବାର ସଦସ୍ୟ କହିଛନ୍ତି।



କାରିଗରମାନେ ସୋଲ ଫୁଲ ତିଆରି କରୁଛନ୍ତି ।

## ରଥଖଳାରୁ...

## ୩ ରଥର ସିଂହାସନ ବେଦି ନିର୍ମାଣ ସରିଲା

ପୁରୀ,୨।୭(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳରେ ରଥ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ଅନୁକୂଳ ପୂଜା ପୂର୍ବକ ରୂପକାର ସେବକମାନେ ତିନିରଥ ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ଆରମ୍ଭ ସହ ୪ଟି ଲେଖାଏ ଦୁଆରବେଢ଼ା ରଥ ଉପରକୁ ଉଠିଥିଲା। ମଙ୍ଗଳବାର ତିନିରଥ ଦୁଆରବେଢ଼ାକୁ ମଜବୁତ କରି ରଖିବା ପାଇଁ ଚନ୍ଦ୍ରଶାଳୀରେ ଧ୍ୱଜବତା ସଂଯୋଗ କରାଯାଇ ମଝିଭୂଇଁ ଶେଣୀରେ କଣ୍ଟା ବସି ସେଟିଂ କରାଯାଇଛି। ଏଥିସହ ତିନିରଥର ଦୁଆରବେଢ଼ାକୁ ବାନ୍ଧି ରଖିବାପାଇଁ ପ୍ରତି ଦୁଆରବେଢ଼ାର ନାଟଗୋଡ଼ ସହ ଚଉଦ ନାହାକାରେ ଦୁଇଟି ଲେଖାଏ ସପୋର୍ଟ ବଟନ୍ ବା ଦୁଆରବାଣିଆ ପ୍ରତି ରଥରେ ୧୬ଟି ଲେଖାଏ ଫିଟିଂ କରାଯାଇଛି। ସେହିପରି ରଥରେ ମଣ୍ଡଣିବତା ଲାଗି ଶେଷ ହୋଇଛି। ମହାରଣା ସେବକମାନେ ଭୋଇ ସେବକମାନଙ୍କ ସହିଯୋଗରେ ତିନି ରଥର ପ୍ରତି କୋଣରେ ଦୁଇଟି ଲେଖାଏ କଣି ଫାଉଡ଼ି ବସାଇବା ପରେ, ହାତିଆଳ ମାଳ' ବା କାଠ ବଟନ୍ ଆଠଟି ଲେଖାଏ ବଡଧରା ପୋଟଳଠାରୁ ଦୁଆରବେଢ଼ା ପର୍ଯ୍ୟନ୍ତ ଫିଟିଙ୍ଗ କରାଯିବା ସହ ତିନି ରଥ ଚାରିପାର୍ଶ୍ୱରେ ଦୁଇଟି ଲେଖାଏଁ ମଣ୍ଡଣିବତା ପଡ଼ି ବଡଧରା ପୋଟଳଠାରୁ ଚନ୍ଦ୍ରଶାଳୀ ପର୍ଯ୍ୟନ୍ତ ଲାଗିଛି। ଫଳରେ ରଥରେ କନା ପଡ଼ିବା ସୁବିଧାଜନକ ହେବ। ରଥର ଗଠନ ଶୈଳୀ ସୁନ୍ଦର ଦେଖାଯିବା ସହ କନା ସୁରକ୍ଷିତ ରହିବ। ମଙ୍ଗଳବାର ତିନି ରଥର ସିଂହାସନ ବେଦି ନିର୍ମାଣ ଓ କୋଣଗୁଡ଼ିକରେ ପଟା ବାଡ଼ିଆ ଶେଷ ହୋଇଛି। ରୂପକାର ସେବକମାନେ ତିନି ରଥ ପ୍ରଭାରେ ରୂପ ଖୋଦେଇର ଶେଷ ସ୍ପର୍ଶ ଦେଉଛନ୍ତି। ଦରଜି ସେବକମାନେ ରଥ ପୋଟଳର କନା କାର୍ଯ୍ୟ ଶେଷ କରି ଚନ୍ଦ୍ରଶାଳୀ, ଅଁଳାଶ୍ରୀରେ ସିଲଭର ଜରି ଲେସ୍ କାର୍ଯ୍ୟ ସହ, ଚନ୍ଦ୍ରଶାଳୀ ଏବଂ ଦୁଆରବେଢ଼ାରେ ଲାଗିବା ପାଇଁ ଛୋଟ ପତାକା ତିଆରିରେ ବ୍ୟସ୍ତ ରହିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଧ୍ୱଜବତା କଣ୍ଟା ଯୋଗାଇବା ସହ ପ୍ରଭା ବିଡିଆ କଣ୍ଟା, ଖପୁରି ପାଇଁ ବାଗିଆ କଣ୍ଟା, ଶୁଆ ଫିଟିଙ୍ଗ ପାଇଁ ନରାଜ କଣ୍ଟା ଏବଂ କଳସ ସକାଶେ ଫାନ୍ଦ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ରଥର ବାହ୍ୟ ଅଂଶ ସମେତ ସାରଥି, ଘୋଡ଼ା, କଳସ, ସାକ୍ଷୀ, ପାର୍ଶ୍ୱ ଦେବଦେବୀ ମୂର୍ତ୍ତିଗୁଡ଼ିକରେ ଚିତ୍ର ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି।



ରୂପକାର ସେବକଙ୍କ ଦ୍ୱାରା ରଥ ପ୍ରଭାରେ ଖୋଦେଇ କାର୍ଯ୍ୟ ଚାଲିଛି ।

## ଭୁବନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ

ନିମାପଡ଼ା,୨।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍ଏସି ଅଧୀନ ଭୁବନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ରବିବାର କରାଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତ ଦେଈ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରହଲ୍ଲାଦ ଛାଟୋଇ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୌରୀ ଦେଈ, ନିରୁପମା ସାହୁଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ଗ୍ରାମ ରାସ୍ତାକଡ଼ରେ ବିଭିନ୍ନ କିସମର ଚାରାରୋପଣ କରି ସଚେତନତା ବାଣ୍ଟିଥିଲେ।



ପୁରୀ ପୌର ସଦନରେ ମଙ୍ଗଳବାର ଅନୁଷ୍ଠିତ ସ୍ୱତନ୍ତ୍ର ରଥଯାତ୍ରା ସମୀକ୍ଷା ବୈଠକରେ ଉପସ୍ଥିତ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଏବଂ ଅଧିକାରୀମାନେ ।

## ସ୍ୱଚ୍ଛ ପରିବେଶର ବାର୍ତ୍ତା ଦେଲେ ଉପମୁଖ୍ୟମନ୍ତ୍ରୀ

### ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କଲେ

ପୁରୀ,୨।୭(ଅଜିତ୍ କୁମାର ମହାନ୍ତି)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ପୁରୀ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରି ସୁସ୍ଥ ଓ ସ୍ୱଚ୍ଛ ପରିବେଶର ବାର୍ତ୍ତା ଦେଇଛନ୍ତି। ଆମେ ଆଜି ସବୁଜ ଜଙ୍ଗଲ କାଟି କଂକ୍ରିଟ ଜଙ୍ଗଲରେ ବାସ କରୁଛେ, ଯାହା ଜଳବାୟୁ ପରିବର୍ତ୍ତନ ସହ ବିବିଧ ସମସ୍ୟା ମଣିଷ ସମାଜ ପାଇଁ ସୃଷ୍ଟି କରୁଛି। ସେଥିଲାଗି ପ୍ରଧାନମନ୍ତ୍ରୀ 'ମା' ପାଇଁ ଗଛଟିଏ' ଅଭିଯାନର ଆହ୍ୱାନ ଦେଇଛନ୍ତି। ବର୍ତ୍ତମାନ ବୃକ୍ଷରୋପଣ ସପ୍ତାହ ଚାଲୁଥିବାରୁ ପ୍ରତ୍ୟେକ ବ୍ୟକ୍ତି ଚାରା ରୋପଣ କରିବାକୁ ଉପମୁଖ୍ୟମନ୍ତ୍ରୀ ପରିଡା ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଗତ ମାସ ୨୩ ତାରିଖରେ ଭୁବନେଶ୍ୱର ମିଶନ ଶକ୍ତି ଭବନରୁ ଆରମ୍ଭ ହୋଇଥିଲା। ମିଶନ ଶକ୍ତିର ପ୍ରତ୍ୟେକ ମା' ନିଜ ପରିବାର ପକ୍ଷରୁ ଅନ୍ତତଃପକ୍ଷେ ୫ଟି ଲେଖାଏ ଗଛ ଲଗାଇବାକୁ ପରିଡ଼ା ଅନୁରୋଧ କରିଥିଲେ। ଚଳିତ ବର୍ଷ ମିଶନଶକ୍ତି ମାଧ୍ୟମରେ ୨କୋଟି ୫୦ ଲକ୍ଷ ଚାରାରୋପଣର ଲକ୍ଷ୍ୟ ରଖାଯାଇଥିବାବେଳେ ପର୍ଯ୍ୟଟନ ବିଭାଗର ସମସ୍ତ କର୍ମଚାରୀ ନିଶ୍ଚିତ ଚାରାରୋପଣ କରିବାକୁ ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପରିଡ଼ା ପରାମର୍ଶ ଦେଇଛନ୍ତି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଚାରାରୋପଣ କରୁଛନ୍ତି ।

## ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ କାର୍ଯ୍ୟର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

ପୁରୀ,୨।୭(ଅଜିତ୍ କୁମାର ମହାନ୍ତି): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ପୁରୀଠାରେ ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଠିକ୍ ଭାବେ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପରିଷଦ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଏହି ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଅଧକ୍ଷତା କରିଥିବାବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଯୋଗଦେଇଥିଲେ। ଏଥିରେ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଶର୍ମିଷ୍ଠା ହୋତା, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ବନଜାକାନ୍ତ ମାହାରୀ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜିକା ଆରତି ସାହୁ, ଜିଲାର ସମସ୍ତ ବ୍ଲକ ପ୍ରକଳ୍ପ ପରିଚାଳକ(ଓଡ଼ିଶା ଜୀବିକା ମିଶନ), ବ୍ଲକ ପ୍ରକଳ୍ପ ସଂଯୋଜକ (ମିଶନ ଶକ୍ତି) ଏବଂ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ପ୍ରକଳ୍ପ ପରିଚାଳକ ମାହାରୀ ଜିଲା ଜୀବିକା ମିଶନର କାର୍ଯ୍ୟକଳାପ ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ପରେ ଜିଲା ପ୍ରକଳ୍ପ ସଂଯୋଜିକା ଆରତି ସାହୁ ଓ ଜିଲା ମିଶନ ଶକ୍ତି, ସାମାଜିକ କଲ୍ୟାଣ ଅଧିକାରୀ ହୋତା ଜିଲା ମହିଳା ଓ ଶିଶୁ ବିକାଶ କାର୍ଯ୍ୟ ସମ୍ବନ୍ଧରେ ବିବରଣୀ ରଖିଥିଲେ।

## ବାସୁଦେବ ଯୁବକ ସଂଘ ପକ୍ଷରୁ ଚାରାରୋପଣ

ସାକ୍ଷୀଗୋପାଳ,୨।୭(ଭରତ ରାଉତ)

ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାରେ ଆଜି ସାରା ବିଶ୍ୱ ଆଉଟୁପାଉଟୁ ହେଉଛି। ପ୍ରତିକାର ସ୍ୱରୂପ ବ୍ୟାପକ ଚାରାରୋପଣ ସହ କୃତ୍ରିମ ଜଙ୍ଗଲ ସୃଷ୍ଟି ଏବଂ ଅବକ୍ଷୟ ମୁଖୀ ଜଙ୍ଗଲର ସୁରକ୍ଷା ଏକାନ୍ତ ଜରୁରୀ। ବୃକ୍ଷ ହିଁ ଅସନ୍ତୁଳିତ ଜଳବାୟୁକୁ ବାଟକୁ ଆଣିପାରିବ। ଏହି ମହତ୍ ବିଚାରକୁ ଆଧାରକରି ମଙ୍ଗଳବାର ସତ୍ୟବାଦୀ ବ୍ଲକ ଅଧୀନ ମଧୁବନ ଗ୍ରାମ ପଞ୍ଚାୟତର ଡାହାଣରେ ହାଟପଡ଼ା ରୋଡ଼ଠାରୁ ବ୍ରହ୍ମଗିରି ରାସ୍ତାର ଉଭୟ ପାର୍ଶ୍ୱରେ ଡାହାଣ ଗ୍ରାମର ଅଗ୍ରଣୀ ବାସୁଦେବ ଯୁବକ ସଂଘ ପକ୍ଷରୁ ୧୦୦ରୁ ଉର୍ଦ୍ଧ ନିମ୍ବ ବୃକ୍ଷ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ସଂଘ ସଭାପତି ବିଜୟ ବରାଳ, ଗୁଗୁଲା ସ୍ୱାଇଁ, ସୁମନ୍ତ ସ୍ୱାଇଁ, ବର୍ଣ୍ଣି ସ୍ୱାଇଁ, ଜଗୁନି ସ୍ୱାଇଁ, କାଳୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ଜମି ଦଖଲକୁ ନେଇ ଗଣ୍ଡଗୋଳ: ଜଣେ ଗୁରୁତର

ଯୋଗେଶ୍ୱରପୁର,୨।୭(ରଶ୍ମିରଞ୍ଜନ ସାହୁ)

ସରକାରୀ ଜମି ଦଖଲକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ମଙ୍ଗଳବାର ଗଣ୍ଡଗୋଳ ହୋଇଛି। ଏଥିରେ ମିର୍ଜା ହବିବ ରେହେମାନ ବେଗ(୪୦) ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲବୋରି ପଞ୍ଚାୟତ ବିଶୁଲିପଡ଼ା ଗ୍ରାମର ମଦ୍ରାଶା ପଛପଟେ ଥିବା ସରକାରୀ ଜମିକୁ ମିର୍ଜା ହବିବ ନିଜ ଦଖଲରେ ରଖି ପାଉତି କାଟୁଥିଲେ। ସେଠାରେ ଏକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ହେବାକୁ ଜମିକୁ ମାପ କରିବା ପରେ କୌଣସି କାରଣରୁ ସେଠାରେ ସ୍ୱାସ୍ଥ୍ୟକେନ୍ଦ୍ର ହୋଇ ନ ପାରି ଅନ୍ୟତ୍ର ଶୁଭ ଦିଆଯାଇଥିଲା। କିନ୍ତୁ ଦଖଲରେ ରହିଥିବା ଜମିକୁ ମିର୍ଜା ହବିବ ବାଡ଼ ବୁଜିବା ଦ୍ୱାରା ସେହି ସମୟରେ ୩ ଜଣ ଲୋକ ତାଙ୍କୁ ମାଡ଼ ମାରିଥିଲେ। ଫଳରେ ମିର୍ଜା ହବିବଙ୍କ ବାମ ଗୋଡ଼ ଓ ଅଣ୍ଟା ଭାଙ୍ଗି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଓଲଟପୁର ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ନୟାହାଟ ଫାଣ୍ଡି ଏସ୍ଆଇ ସନ୍ତୋଷ ସାହୁ ଓ ଫାଣ୍ଡି ଅଧିକାରୀ କୁନାଲ କୁମାର ଘଟଣାର ତଦନ୍ତ କରୁଛନ୍ତି। ସରକାରୀ ଜମିକୁ ନେଇ ଗଣ୍ଡଗୋଳ ଘଟିଥିବା ପୋଲିସ କହିଛି।

## ଜାତୀୟ ଡାକ୍ତର ଦିବସରେ ସମ୍ବର୍ଦ୍ଧନା

ପୁରୀ,୨।୭(ଅଜିତ୍ କୁମାର ମହାନ୍ତି)

ବରିଷ୍ଠ ନାଗରିକ କ୍ଲବ ଶ୍ରୀକ୍ଷେତ୍ର କଲୋନୀ ପୁରୀ ତରଫରୁ ସଭାପତି ଅରବିନ୍ଦ ଶତପଥୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଡା. ପ୍ରମୋଦ କୁମାର ମହାନ୍ତି, ଡା. ହରିଶ ଚନ୍ଦ୍ର ପଣ୍ଡିତ, ଡା. ଶୁଭେନ୍ଦୁ ବିକାଶ ପଟ୍ଟନାୟକ ଏବଂ ଡା. ନାରାୟଣ ସାହୁଙ୍କୁ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଡାକ୍ତର ହେଉଛନ୍ତି ରୋଗୀଙ୍କ ପାଇଁ ଈଶ୍ୱର ସଦୃଶ। ତେଣୁ ସେମାନେ ସମସ୍ତଙ୍କର ସମ୍ମାନନୀୟ ଓ ଆଦରଣୀୟ। 'ସେବା ହିଁ ଧର୍ମ' ଆଧାରରେ ସେମାନଙ୍କୁ ଉପଯୁକ୍ତ ସମ୍ମାନ, ଶ୍ରଦ୍ଧା ଓ ଶୁଭେଚ୍ଛା ଜ୍ଞାପନ କରାଗଲେ ଏକ ସୁସ୍ଥ ପରମ୍ପରା ବଜାୟ ରହିବ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ଶରତ ଦାଶ, ଉପସଭାପତି ପ୍ରଶାନ୍ତ ମହାନ୍ତି, ସହସମ୍ପାଦକ ରମେଶ ଦାଶ, ସଦସ୍ୟ ଗୋବିନ୍ଦ ଦାସ ଘୋଷ, ଶରତ ମହାରଣା, ପ୍ରଶାନ୍ତ ପାଠୀ, ପୂର୍ଣ୍ଣଚନ୍ଦ୍ର ବାରିକ, ହରପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ଡାକ୍ତରମାନେ।

## ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନର ଶୁଭାରମ୍ଭ

ପୁରୀ,୨।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏ ନେଇ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ କର୍ମଶାଳା ଓ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର କର୍ମଚାରୀ ଏବଂ ସହରାଞ୍ଚଳର ଆଶାକର୍ମୀ, ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ତଥା ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ। ଏହି ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଜୁଲାଇ ୧ରୁ ଆରମ୍ଭ ହୋଇ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଚାଲିବ। ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ଯକ୍ଷ୍ମା, କୁଷ୍ଠ ଓ ସମ୍ପୂର୍ଣ୍ଣ ଟିକାକରଣ ହୋଇ ନ ଥିବା ଶିଶୁ ଏବଂ ହେପାଟାଇଟିସ-ବି ପରୀକ୍ଷା କରାଯାଇ ନ ଥିବା ଗର୍ଭବତୀ ମହିଳାଙ୍କ ଚିହ୍ନଟ ପାଇଁ ସମନ୍ୱିତ ସର୍ବେକ୍ଷଣ କରିବେ। ଆବଶ୍ୟକ ସ୍ଥଳେ ଟିକାକରଣ ଓ ଚିକିତ୍ସା ମଧ୍ୟ ଯୋଗାଇଦେବେ। ଏଥିସହିତ ଜିଲାର ମୋଟ ୧୭୦୦ ଆଶାକର୍ମୀ ପ୍ରତ୍ୟେକ ଘରକୁ ଘର ସର୍ବେକ୍ଷଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହିତ ଓଆର୍ଏସ୍ ବଣ୍ଟନ କରିବେ। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ୧୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୪ଟି ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୫ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୧୯୪ଟି ଉପସ୍ୱାସ୍ଥ୍ୟ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୫ଟି ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ସଚେତନତା ବାର୍ତ୍ତା ନିମନ୍ତେ ବିଶେଷ ପଦକ୍ଷେପ ନିଆଯିବା ସହିତ ଏକ ସଚେତନତା ପ୍ରକୋଷ୍ଠ ସ୍ଥାପନ କରାଯିବ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନକୁ ସଫଳତାର ସହିତ ରୂପାୟନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ।




ବୈଠକରେ ମଞ୍ଚାସୀନ ଅଧିକାରୀବୃନ୍ଦ ।



କଟକ ଛତ୍ରବଜାର ତାଳଦଣ୍ଡା କେନାଲ ରୋଡ୍ ପାର୍ଶ୍ୱରେ ଅଳିଆ ଆବର୍ଜନା ପଡ଼ିରହିଛି।



ତାଳଦଣ୍ଡା କେନାଲ ରୋଡ଼ର ସୌନ୍ଦର୍ଯ୍ୟକରଣ ପାଇଁ ଉଭୟ ପାର୍ଶ୍ୱରେ ନିର୍ମିତ ସିନ୍ଥେଟିକ ୱାଲ୍ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଯାଇଥିବା ବେଳେ କେନାଲରେ ଆବର୍ଜନା ଭାସୁଛି। (ଫଟୋ: ରାଜକିଶୋର ମହାନ୍ତି)

## ସଂକ୍ଷେପରେ

### ସୁଜିତ ଜେନା ବିଜେଡିର ୨ନଂ. ଜୋନ୍ ମୁଖପାତ୍ର ନିଯୁକ୍ତ

ଖୁଣ୍ଟୁଣୀ/ଆଠଗଡ଼,୨।୭ (ସଚ୍ଚିଦାନନ୍ଦ ପଣ୍ଡା/ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତଙ୍କ ନିର୍ଦ୍ଦେଶକ୍ରମେ କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ ଯୁବ ସଂଗଠକ ସୁଜିତ ଜେନାଙ୍କୁ ବିଜେଡିର ୨ନଂ. ଜୋନ୍ ମୁଖପାତ୍ର ଭାବେ ନିଯୁକ୍ତି ଦେଇଛନ୍ତି। ଜେନା ଆନୁଷ୍ଠାନିକ ଭାବେ ମଙ୍ଗଳବାରଠାରୁ ତାଙ୍କ କାର୍ଯ୍ୟ ଆରମ୍ଭ କରିଛନ୍ତି। ଜେନାଙ୍କ ନିଯୁକ୍ତି ନବେଢ଼ାରେ ବିଜେଡିକୁ ମଜଭୁତ କରିବ ବୋଲି ନବେଢ଼ା ବିଜେଡି କର୍ମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏଥିପାଇଁ ଜେନା ଆଠଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆଠଗଡ଼ ବ୍ଲକ ବିଜେଡି ସଭାପତି ରାଉତ ଓ ଜିଲା ସାଧାରଣ ସମ୍ପାଦକ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ୨ ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

ବାରଙ୍ଗ,୨।୭(ଲିଙ୍ଗରାଜ ରାଉତ)

ଗୋଡ଼ିସାହି ଫାଣ୍ଡି ଅଧୀନ ପଦ୍ମନାଭ ନଗର ପେଟ୍ରୋଲ ପମ୍ପ ସମ୍ମୁଖରେ ୨ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି।

ପ୍ରକାଶ ଯେ, ମଙ୍ଗଳବାର ସକାଳ ୮ଟା ସମୟରେ ଗୋଡିସାହିରୁ ତ୍ରିଶୂଳିଆ ଅଭିମୁଖେ ଏକ ବାଇକ୍ ଆସୁଥିବାବେଳେ ତ୍ରିଶୂଳିଆରୁ ନରାଜ ଅଭିମୁଖେ ଯାଉଥିବା ଅନ୍ୟ ଏକ ବାଇକ୍ ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତାର ପଦ୍ମନାଭ ନଗର ପେଟ୍ରୋଲ ପମ୍ପ ସମ୍ମୁଖରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଜଣେ ମହିଳାଙ୍କ ସମେତ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ବାରଙ୍ଗ ପୋଲିସକୁ ସୂଚନା ଦେବା ସହିତ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲେ। ପରେ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିଛି।

### ପାଇଖାନା ଘରୁ ଯୁବକଙ୍କ ମୃତଦେହ ଜବତ

ବାଲିଅନ୍ତା,୨।୭(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ କାକରୁଦ୍ରପୁର ଗ୍ରାମର ଜଣେ ଯୁବକଙ୍କ ମୃତଦେହ ପାଇଖାନା ଘର ଆଜବେଷ୍ଟସ ଶେଣିରେ ଏକ ଲୁଗାରେ ଝୁଲୁଥିବା ଅବସ୍ଥାରେ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ରମାକାନ୍ତ ଗାହାଣ (୨୨)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପରିବାର ଲୋକେ ରମାକାନ୍ତଙ୍କୁ ପାଇଖାନା ଘରେ ଝୁଲୁଥିବା ଅବସ୍ଥାରେ ଦେଖି ତୁରନ୍ତ ଅଠାନ୍ତର ଡାକ୍ତରଖାନାକୁ ନେଇଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ହେବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଛାତ୍ରଙ୍କ ସହ ଅପ୍ରାକୃତ ଯୌନ ଶୋଷଣ ଅଭିଯୋଗ

ଡେଲାଙ୍ଗ,୨।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଧୀନ ଏକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ଯୌନ ଶୋଷଣ ହୋଇଥିବା ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ବିଦ୍ୟାଳୟ ଗୁରୁଜୀଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଡେଲାଙ୍ଗ ବ୍ଲକ ଜେନାପୁର ପଞ୍ଚାୟତ ଅଧୀନ ଏକ ବିଦ୍ୟାଳୟରେ ଓଡ଼ିଶାର ବିଭିନ୍ନ ଜିଲାରୁ ଛାତ୍ରମାନେ ଆସି ରହି ଶିକ୍ଷା ଲାଭ କରନ୍ତି। ସେଠାରେ ପାଠ ପଢ଼ିବା ସହ ଛାତ୍ରାବାସର ମଧ୍ୟ ସୁବିଧା ରହିଛି। ସେଠାରେ ଗୁରୁଜୀ ଜଣଙ୍କ ଏକାକୀ ପିଲାଙ୍କୁ ପାଠ ପଢାଇଥାନ୍ତି। ତେବେ ଆଶ୍ରମରେ ରହୁଥିବା ପିଲାଙ୍କ ସହିତ ଗୁରୁଜୀ ପ୍ରତିଦିନ ଯୌନ ସମ୍ପର୍କ ରଖୁଥିବା ଜଣେ ଅଭିଭାବକ ଡେଲାଙ୍ଗ ଥାନାରେ ଅଭିଯୋଗ କରିବା ପରେ ସ୍ଥାନୀୟ ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଛାତ୍ର ଜଣଙ୍କ ଘରକୁ ଯିବାପରେ ସମସ୍ତ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଅନ୍ୟପଟେ ଅପ୍ରାକୃତ ଯୌନ ସମ୍ପର୍କରେ କାହାକୁ କହିଲେ ପରୀକ୍ଷାରେ ଫେଲ୍ କରାଇଦେବେ ବୋଲି ମଧ୍ୟ ଗୁରୁଜୀ ଧମକାଉଥିବା ଅଭିଯୋଗରେ ଦର୍ଶାଯାଇଛି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳିକା ବଳାତ୍କାର ମାମଲା**

କଟକ,୨।୭(କାର୍ତ୍ତିକ ସାହୁ)

ଏକ ନାବାଳିକା ବଳାତ୍କାର ମାମଲାରେ କଟକ ଆଡ୍‌ହକ୍ ଆଡିଶନାଲ୍ ଡିଷ୍ଟ୍ରିକ୍ଟ ଆଣ୍ଡ୍ ସେସନ୍ ଜଜ୍ ଫାଷ୍ଟଟ୍ରାକ୍ କୋର୍ଟ-୧ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୧୦ ହଜାର ଟଙ୍କାର ଜରିମାନା ଦାଖଲ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି। ଜରିମାନା ଦାଖଲ ନ କଲେ ତାଙ୍କୁ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ହଳଦିଆବସନ୍ତ ଅଞ୍ଚଳର ପବିତ୍ର ଓଝା। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ନିମନ୍ତେ କୋର୍ଟ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ନାବାଳିକା ବଳାତ୍କାର ସଂକ୍ରାନ୍ତରେ ୨୦୧୯ ଜୁଲାଇ ୫ ତାରିଖରେ ଟାଙ୍ଗୀ ଥାନାରେ ଏତଲା ଦିଆଯାଇଥିଲା। ତେବେ ଏହାର ୬ମାସ ପୂର୍ବରୁ ଘଟଣା ଘଟିଥିଲା। ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ଅଭିଯୁକ୍ତ ତାଙ୍କ ଘରକୁ ଆସି ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯଦ୍ୱାରା ପୀଡ଼ିତା ୬ ମାସର ଗର୍ଭବତୀ ହେବା ଜଣାପଡ଼ିବା ପରେ ପରିବାର ପକ୍ଷରୁ ଟାଙ୍ଗୀ ଥାନାରେ ଏତଲା ଦିଆଯାଇଥିଲା। ଥାନାରେ ଏନେଇ ମାମଲା ରୁଜୁ ହେବା ସହ ପୋଲିସ୍ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୦୧୯ ସେପ୍ଟେମ୍ବର ୪ ତାରିଖରେ ପୋଲିସ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଏଥିସହ ୨୦୨୦ ମସିହା ଜାନୁଆରୀ ୨୧ ତାରିଖରେ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଚାର୍ଜଫ୍ରେମ୍ କରିଥିଲା। ଏହାପରେ କଟକ ଆଡ୍‌ହକ୍ ଆଡିଶନାଲ୍ ଡିଷ୍ଟ୍ରିକ୍ଟ ଆଣ୍ଡ୍ ସେସନ୍ ଜଜ୍ ଫାଷ୍ଟଟ୍ରାକ୍ କୋର୍ଟ-୧ରେ ମାମଲାର ଶୁଣାଣି ଚାଲିଥିଲା। ଗତ ଜୁନ୍ ୨୪ ତାରିଖରେ ମାମଲାର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ଥିବାବେଳେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଦାରୁବ୍ରହ୍ମଙ୍କ ଅଣସର ନୀତି ଯଥାର୍ଥରେ ମାନବୀୟ ଲୀଳା




ବଙ୍ଗାଳିସାହିସ୍ଥିତ ମା' ଶାରଳା ସଦନଠାରେ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

କଟକ,୨।୭(କାର୍ତ୍ତିକ ସାହୁ)

ଦାରୁବ୍ରହ୍ମଙ୍କ ଅଣସର ଲୀଳା ଯଥାର୍ଥରେ ମାନବୀୟ ଲୀଳା ବୋଲି 'ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଣସର ସେବା' ଶୀର୍ଷକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ବନ୍ଦେ ଉତ୍କଳ ପକ୍ଷରୁ ବଙ୍ଗାଳିସାହିସ୍ଥିତ ମା' ଶାରଳା ସଦନଠାରେ ମଙ୍ଗଳବାର ଆୟୋଜିତ ଉତ୍ସବକୁ ଜଗନ୍ନାଥ ସଂସ୍କୃତି ଗବେଷକ କୈଳାସ ଚନ୍ଦ୍ର ପରିଡ଼ା ଉଦ୍‌ଘାଟନ କରି ଶ୍ରୀଜଗନ୍ନାଥ ସଂସ୍କୃତି ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ବିଜୟଲକ୍ଷ୍ମୀ ଦାସ ଯୋଗଦେଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକ, ଡ. ବସନ୍ତ କୁମାରୀ ନନ୍ଦ, ସୁରେନ୍ଦ୍ର ମହାପାତ୍ର, ସରୋଜ କୁମାର ସାହୁ, ଆଇନଜୀବୀ ଭିକାରି ଚରଣ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭୁବନାନନ୍ଦ ମହାନ୍ତି ପ୍ରାରମ୍ଭିକ ସୂଚନା ଏବଂ ଡ. ଜୟନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ପତିତପାବନଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ପ୍ରଦାନ ପରେ ସମୂହ ଗୀତଗୋବିନ୍ଦ ପାଠ କରାଯାଇଥିଲା। ଲୁନା ଦାସ, ଆଇନଜୀବୀ ବ୍ରଜଭୂଷଣ ସାହୁ, ସୁଜିତ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ମାଂସର ବିଳାପ ଗଳ୍ପ ବିଶ୍ୱ ସାହିତ୍ୟରେ ଅନନ୍ୟ ସୃଷ୍ଟି'



ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ପାଳିତ**

କଟକ,୨।୭(କାର୍ତ୍ତିକ ସାହୁ)

ସାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଖ୍ୟାତ ସାରସ୍ୱତ ସ୍ରଷ୍ଟା ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ମଙ୍ଗଳବାର ସାରଳା ଭବନଠାରେ ପାଳିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ.(ଇଂ) ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଡ. ମହେଶ୍ୱର ମହାନ୍ତି ଯୋଗଦେଇ କହିଲେ, କାଳିନ୍ଦୀ ଚରଣ ପାଣିଗ୍ରାହୀ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା। ସେ ସାହିତ୍ୟର ବିଭିନ୍ନ ବିଭାଗ ଯଥା କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଓ ଶିଶୁ ସାହିତ୍ୟ ପ୍ରଭୃତି ରଚନା କରି ଅଜସ୍ର ପାଠକୀୟ ଆଦୃତି ଲାଭ କରିଛନ୍ତି। ତାଙ୍କ ଉପନ୍ୟାସ ମାଟିର ମଣିଷ, ଆଜିର ମଣିଷ, ଲୁହାର ମଣିଷ, ମୁକ୍ତାଗଡ଼ର କ୍ଷୁଧା, ଅମର ଚିତା ଆଦି ଓଡ଼ିଆ ସାହିତ୍ୟର ଅନବଦ୍ୟ କୃତୀ। ସେହିପରି ସଭାପତି ଡ. ସ୍ୱାଇଁ କହିଲେ, କାଳିନ୍ଦୀ ଚରଣ ସାରଳା ସାହିତ୍ୟ ସଂସଦର ପ୍ରଥମ ସଭାପତି ଥିଲେ। ତାଙ୍କ ରଚିତ 'ମାଂସର ବିଳାପ' ଗଳ୍ପ ବିଶ୍ୱ ସାହିତ୍ୟରେ ଏକ ଅନନ୍ୟ ସୃଷ୍ଟି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ନିମାଇଁ ଚରଣ ପରିଜା, କୈଳାସ ଚନ୍ଦ୍ର ଦଳାଇ, ଅଧ୍ୟାପକ ଗୋପୀନାଥ ପଣ୍ଡା, ଡ. ନିରଞ୍ଜନ ତ୍ରିପାଠୀ, ପ୍ରଶାସକ କବି ପ୍ରସନ୍ନ ଜେନା, ଡ. ସଞ୍ଜିତ ପଟ୍ଟନାୟକ, କବି କାନ୍ତିବାଳା ନାୟକ ଏବଂ ଡ. ରବିନାରାୟଣ ମହାରଣା ପ୍ରମୁଖ କାଳିନ୍ଦୀ ଚରଣଙ୍କୁ ସବୁଜ ଯୁଗର ଶ୍ରେଷ୍ଠ ବିନ୍ଧାଣି ରୂପେ ଅଭିହିତ କରିଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି ଧନ୍ୟବାଦ ଦେଇଥିବାବେଳେ ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସିଏମ୍‌ସି, କଟକ ନଗର ବନଖଣ୍ଡ ପକ୍ଷରୁ ବନ ମହୋତ୍ସବ

ଫୁଲନଖରା,୨।୭(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ମହାନଗର ନିଗମ ଓ କଟକ ନଗର ବନଖଣ୍ଡ ମିଳିତ ଆନୁକୂଲ୍ୟରେ ମାସିକ ବନ ମହୋତ୍ସବ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି। ଏହି ଉପଲକ୍ଷେ କଟକ ମହାନ ନିଗମ ୫୯ ନଂ. ୱାର୍ଡ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, କଟକ ମେୟର ସୁବାସ ସିଂ, ପୂର୍ବତନ ମନ୍ତ୍ରୀ ସମୀର ଦେ, ମହାନଗର ନିଗମ ଆୟୁକ୍ତ ବିଜୟ କୁମାର ଦାଶ ପ୍ରମୁଖ ଯୋଗଦେଇ ଜଙ୍ଗଲ ସମ୍ପଦର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୫୯ ନଂ. ୱାର୍ଡ କର୍ପୋରେଟର ମମତା ମହାନ୍ତି, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ ଓ କର୍ପୋରେଟର ଲିପ୍ସା ନାୟକଙ୍କ ସମେତ ସନ୍ତୋଷ ଭୋଳ, ରାକେଶ ସ୍ୱାଇଁ, ପ୍ରଦୀପ୍ତ ସ୍ୱାଇଁ, ଲଲାଟେନ୍ଦୁ ବଡୁ ଏବଂ ବିଭିନ୍ନ ବିଭାଗର ସରକାରୀ ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗଦେଇ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ସାମାଜିକ କର୍ମୀ ସ୍ୱାଧୀନଚେତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ପ୍ରଶାନ୍ତ ଦଳାଇ,ଅଶୋକ ସାହୁ, ପ୍ରତାପ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଗାନ୍ଧୀ ପଡ଼ିଆରେ ବିଭିନ୍ନ କିସମର ଚାରା ଅତିଥିମାନେ ରୋପଣ କରିଥିଲେ।

### ବାଲିସାହି ଆଖଣ୍ଡଳମଣି ମନ୍ଦିର ନୂତନ କାର୍ଯ୍ୟ ଉଦ୍‌ଘାଟିତ

କଟକ,୨।୭(କାର୍ତ୍ତିକ ସାହୁ)

ନୂଆପଡ଼ା ବାଲିସାହିସ୍ଥିତ ଶ୍ରୀଆଖଣ୍ଡଳମଣି ମନ୍ଦିର ପୁନରୁଦ୍ଧାର କାର୍ଯ୍ୟକୁ ମଙ୍ଗଳବାର କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଛନ୍ତି। ବାଲିସାହି ଉନ୍ନୟନ ସମିତି ସଭାପତି ଶିବଚରଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ଦିରର ସାମଗ୍ରିକ ବିକାଶ ନିମନ୍ତେ ଏକ ରୂପରେଖ ପ୍ରସ୍ତୁତ କରାଯାଇଛି। ଆଗାମୀ ଦିନରେ ଏହି କାର୍ଯ୍ୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ନେଇ ବାଲିସାହି ଉନ୍ନୟନ ସମିତିର କର୍ମକର୍ତ୍ତାମାନେ ବିଧାୟକ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ସନ୍ତୋଷ କୁମାର ଭୋଳ ଏବଂ ରାକେଶ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବାଲିସାହି ଉନ୍ନୟନ ସମିତିର ଉପସଭାପତି ପ୍ରଦୀପ କୁମାର ତ୍ରିପାଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସ୍ଥାନୀୟ ଅଧିବାସୀ, ମହିଳା ସମିତିର ସଦସ୍ୟା ଓ ଲକ୍ଷ୍ମୀ ନାରାୟଣ କ୍ଲବର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଆମ ପୋଲିସ କାର୍ଯ୍ୟକ୍ରମ

ଖୁଣ୍ଟୁଣୀ,୨।୭(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ପକ୍ଷରୁ ଆମ ପୋଲିସ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ଯ୍ୟକ୍ରମରେ ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟତଃ ଭାରତ ସରକାରଙ୍କ ଦ୍ୱାରା ଗତବର୍ଷ ଡିସେମ୍ବର ୨୧ରେ ପାରିତ ୩ଟି ନୂଆ ଅପରାଧିକ ଆଇନ ସୋମବାରଠାରୁ କାର୍ଯ୍ୟକାରୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏସ୍‌ଆଇ ବିକାଶ ସେଠୀ ଏଥିରେ ସଂଯୋଜନା କରିଥିଲେ। ଏକାର୍ଯ୍ୟକ୍ରମରେ ଖୁଣ୍ଟୁଣୀ ସମେତ କଣ୍ଡରେଇ, ରାଧାକିଶୋରପୁର, ଡାଳଭାଗ, ରାଧାକୃଷ୍ଣପୁର, ଭୋଗରା, ଧୁରୁଷିଆ, ମହାକାଳବସ୍ତ, ଅନନ୍ତପୁର, ଘଣ୍ଟିଖାଲ ପଞ୍ଚାୟତରୁ ସରପଞ୍ଚ, ସମିତିସଭ୍ୟ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ନୂତନ ଆଇନର ବିଭିନ୍ନ ଦିଗ ଉପରେ ତର୍ଜମା କରିଥିଲେ। ଅତିଥି ଭାବେ ସ୍ଥାନୀୟ ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, ଖୁଣ୍ଟୁଣୀ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ପୂର୍ବତନ ସମିତିସଭ୍ୟ ବିପିନ ବିହାରୀ ପ୍ରଧାନ, ଥାନାର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଖୁଣ୍ଟୁଣୀ ଥାନାରେ ଆମ ପୋଲିସ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

# ଭୂମି ପୂଜାବେଳେ ଗଣ୍ଡଗୋଳ ଘଟଣା: ନିନ୍ଦାକଲା ଆଠଗଡ଼ ବିଜେଡି

ଖୁଣ୍ଟୁଣୀ,୨।୭(ସଚ୍ଚିଦାନନ୍ଦ ପଣ୍ଡା)



ଖୁଣ୍ଟୁଣୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥି।

ଖୁଣ୍ଟୁଣୀ ସରକାରୀ ଚିକିତ୍ସାଳୟ ନୂତନ ଗୃହର ଭୂମି ପୂଜା ଉତ୍ସବରେ ନଡ଼ିଆ ବାଡେଇବାକୁ ନେଇ ଉଭୟ ଶାସକ ଭାଜପା ଓ ବିରୋଧୀ ବିଜେଡି କର୍ମୀଙ୍କ ମଧ୍ୟରେ ଘଟିଯାଇଥିବା ଗଣ୍ଡଗୋଳ ଘଟଣାକୁ ଆଠଗଡ଼ ବିଜେଡି ତୀବ୍ର ନିନ୍ଦା କରିଛି। ମଙ୍ଗଳବାର ସନ୍ଧ୍ୟାରେ ଖୁଣ୍ଟୁଣୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଖୁଣ୍ଟୁଣୀ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ସମିତିସଭ୍ୟ ଗଗନ ବିହାରୀ ପରିଡ଼ା, ପଞ୍ଚାୟତ ବିଜେଡି ସଭାପତି ବିପିନ ବିହାରୀ ପ୍ରଧାନ ଓ ୨ନଂ. ଜୋନ ବିଜେଡି ମୁଖପାତ୍ର ସୁଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏପରି ଘଟଣା ପାଇଁ କେବଳ ଭାଜପା କର୍ମୀ ନୁହନ୍ତି, ଭାଜପା ବିଧାନସଭା ପ୍ରାର୍ଥୀ ଅଭୟ ବାରିକ୍‌ଙ୍କୁ ମଧ ଉପସ୍ଥିତ ଅତିଥି ପ୍ରତ୍ୟକ୍ଷ ଭାବେ ଦାୟୀ କରିଛନ୍ତି। ଏହି ନୂତନ ଗୃହ ପାଇଁ ଗତବର୍ଷ ଆଠଗଡ଼ ବିଧାୟକ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚାଇଥିଲେ। ଗତ ୨ମାସ ତଳେ ପୂର୍ତ୍ତ ବିଭାଗ ପକ୍ଷରୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ତାରିଣୀ ପ୍ରସାଦ ପରିଡ଼ା ଖୁଣ୍ଟୁଣୀ ଗ୍ରାମ କମିଟି ସଦସ୍ୟଙ୍କ ଦ୍ୱାରା ଜାଗା ଚିହ୍ନଟ କରିଥିଲେ। ହେଲେ କାର୍ଯ୍ୟାରମ୍ଭ ବିଳମ୍ବ ହେବାରୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯାଇଥିଲା। ଏଥିପାଇଁ କାମ ବନ୍ଦ ଥିଲା। ଏବେ ସେହି କାମ ସୋମବାର ଖୁଣ୍ଟୁଣୀ ଡାକ୍ତରଖାନାଠାରେ ପ୍ରାୟ କୋଟିଏ ଟଙ୍କାରେ ନିର୍ମିତ ହେବାକୁ ଥିବା ଟ୍ରମାକେୟାର ସେଣ୍ଟର ଭୂମି ପୂଜା ପାଇଁ ଠିକାଦାର ଗ୍ରାମ କମିଟି ସଦସ୍ୟ ଓ ସରପଞ୍ଚ, ସମିତି ସଭ୍ୟଙ୍କୁ ନେଇ କରିବାକୁ ଡାକିଥିଲେ। ସମିତିସଭ୍ୟ ପରିଡ଼ା, ଗ୍ରାମ କମିଟି ସଦସ୍ୟ ଓ ସରପଞ୍ଚଙ୍କୁ ଡାକି ଭୂମି ପୂଜା କରିବାକୁ ଯିବାବେଳେ ମଧ୍ୟାହ୍ନ ୧୨ଟାବେଳେ ଭାଜପାର କେତେଜଣ କର୍ମୀ ଅଭୟଙ୍କୁ ନେଇ ସେଠାରେ ପହଞ୍ଚିଥିଲେ। ଅଭୟଙ୍କ ଉପସ୍ଥିତିକୁ ଦେଖି ବିଜେଡି କର୍ମୀ ଏହାର ବିରୋଧ କରିଥିଲେ। ଭାଜପା କର୍ମୀ ଏଥିରେ ଉତ୍ତେଜିତ ହୋଇ ଠେଲାପେଲା କରିବା ସହ କେତେଜଣ ବିଜେଡି କର୍ମୀ ଓ ସମିତିସଭ୍ୟ ପରିଡ଼ାଙ୍କୁ ମାଡ଼ ମାରିଥିଲେ। ଅଭୟ କିଏ ଓ ସେ କ'ଣ ପାଇଁ ଏଠାକୁ ଆସିଥିଲେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ତାଙ୍କ ଯୋଗୁ ଶାନ୍ତିପ୍ରିୟ ଆଠଗଡ଼ ନିର୍ବାଚନମଣ୍ଡଳୀରେ ଅଶାନ୍ତ ବାତାବରଣ ଧୀରେ ଧୀରେ ଉଗ୍ରରୂପ ଧାରଣ କରିବାର ସମ୍ଭାବନା ଥିବାରୁ ଆଗକୁ ଏପରି ଘଟଣାର ପୁନରାବୃତ୍ତି ନ ଘଟାଇବାକୁ ଅଭୟଙ୍କ ସହିତ ତାଙ୍କ କର୍ମୀଙ୍କୁ ବିଜେଡି କର୍ମୀ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଅଭୟ କହିଛନ୍ତି, ତାଙ୍କୁ ଠିକାଦାର ଶାସକ ଦଳର ଜଣେ ବିଧାନସଭା ପ୍ରାର୍ଥୀ ଓ ନେତା ଭାବେ ଏଠାକୁ ଡାକିଥିଲେ। ହେଲେ ବିଜେଡିର କେତେଜଣ କର୍ମୀ ସେଠାରେ ତାଙ୍କୁ ବିରୋଧ କଲେ ମଧ ସେ ନଡ଼ିଆ ବାଡେଇବା ସହ ସାମାଜିକ କର୍ମୀ ଗୌରହରି ମହାନ୍ତିଙ୍କୁ ଏକ ନଡ଼ିଆ ବାଢ଼େଇବାକୁ ଦେଇ ସେଠାରୁ ଚାଲି ଆସିଥିଲେ।

## ସଂକ୍ଷେପରେ

### ପୂର୍ଣ୍ଣବିଗ୍ରହଙ୍କ ଖଳିଲାଗି ନୀତି ସମ୍ପନ୍ନ

ଖୋର୍ଦ୍ଧା,୨।୭(ପ୍ରଭାତ ପାଣିଗ୍ରାହୀ): ସୁସ୍ଥ ହୋଇଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ) ଦେବ। ଜ୍ୟେଷ୍ଠ କୃଷ୍ଣପକ୍ଷ ଏକାଦଶୀ ତଥା ଖଳିଲାଗି ଏକାଦଶୀ ଅବସରରେ ଶ୍ରୀବିଗ୍ରହମାନଙ୍କ ଖଳିଲାଗି ନୀତି ସମ୍ପନ୍ନ ହୋଇଛି। ପାରମ୍ପରିକ ରୀତିରେ ପ୍ରସ୍ତୁତ ଦଶମୂଳ ପାଚନ ସେବନ ପରେ ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ଶ୍ରୀବିଗ୍ରହଙ୍କ ସୁସ୍ଥତା ନେଇ ମନ୍ଦିର ସେବାୟତ(ମହନ୍ତ, ବାବାଜୀ) ମନ୍ଦିର ପରିଚାଳନା କମିଟିକୁ ସୂଚନା ଦେଇଛନ୍ତି। ଦଶମୂଳ ଅର୍ପଣ ପରେ ମହାପ୍ରଭୁ ସୁସ୍ଥ ହୋଇଥିବା ନେଇ ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ମହାରାଜ ଜଣାଇଛନ୍ତି। ଆସନ୍ତା ୬ତାରିଖରେ ମହାପ୍ରଭୁ ନେତ୍ରୋତ୍ସବ,ନବଯୌବନ ବେଶରେ ଦର୍ଶନ ଦେବେ। ୭ ତାରିଖରେ ଚତୁର୍ଦ୍ଧାବିଗ୍ରହ ରଥାରୂଢ ହୋଇ ଗୁଣ୍ଡିଚା ଯାତ୍ରା କରିବେ। ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ସ୍ନାନ ପରେ ଶ୍ରୀଅନନ୍ତ ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ), ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଜ୍ୱରରେ ପୀଡ଼ିତ ହୋଇଥିଲେ। ଅଣସର ଗୃହରେ ଶ୍ରୀଜୀଉମାନଙ୍କ ଗୁପ୍ତ ନୀତି ଆରମ୍ଭ ହୋଇଥିଲା। ଅଣସରର ତୃତୀୟ ଦିନରେ ଶ୍ରୀଜୀଉଙ୍କ ଓଦାବସ୍ତ୍ର ଫିଟା ନୀତି ସମ୍ପନ୍ନ ହୋଇଥିଲା। ପଞ୍ଚମ ଦିନରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି ପରେ ଦଶମୀରେ ଚକାବିଜେ ନୀତି ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ମନ୍ଦିରରେ କାର୍ଯ୍ୟରତ ପୂଜକମାନେ ରୀତିନୀତି ଅନୁଯାୟୀ ଖଳିଲାଗି କରିଥିଲେ। ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ଶ୍ରୀବିଗ୍ରହମାନଙ୍କୁ ସର୍ବାଙ୍ଗ ନୀତି ହୋଇଥିଲା। ଚତୁର୍ଦ୍ଧାବିଗ୍ରହଙ୍କୁ ବେଶଲାଗି, ରଙ୍ଗିନ ପୁଷ୍ପ ଓ ତୁଳସୀ ଲାଗି ହୋଇଥିଲା। ଦଶମୂଳ ସଂସ୍କାର ପରେ ମହାପ୍ରଭୁଙ୍କୁ ଲାଗି କରାଯାଇଥିଲା। ଏହା ପରେ ମନ୍ଦିର ପରିସରରେ ବିଜେ କାହାଳୀ, ଘଣ୍ଟା, ବାଦ୍ୟ ବାଜିଥିଲା।

### କୁଡୋରେ ପ୍ରିସ୍କିଲାଙ୍କୁ ସ୍ୱର୍ଣ୍ଣ ପଦକ

ବେଗୁନିଆ,୨।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମର ରବି ନାରାୟଣ ନାଗ ଏବଂ କବିତା ନାଗଙ୍କ ଝିଅ ପ୍ରିସ୍କିଲା କୁଡୋରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଭୁବନେଶ୍ୱରସ୍ଥିତ



କେଦାରଗୌରୀ ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ସୁନ୍ଦରପଦାସ୍ଥିତ କୁଡୋ ସେଣ୍ଟରରେ କୋଚ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରି ରଖିଛନ୍ତି। କଟକର ଦୋଳମୁଣ୍ଡେଇସ୍ଥିତ ବାବା ସାଗର ବିଦ୍ୟାପୀଠ ପରିସରରେ ବାଳିକା ବର୍ଗର ୫ମ ବାର୍ଷିକ କୁଡୋ ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ଏହି ପ୍ରତିଯୋଗିତାରେ ୪୫ଟି ସ୍ୱର୍ଣ୍ଣ ପଦକ ଜିତି କଟକ ଜିଲା ଚାମ୍ପିୟନ ହୋଇଥିବା ବେଳେ ୧୭ଟି ସ୍ୱର୍ଣ୍ଣପଦକ ଜିତି ଖୋର୍ଦ୍ଧା ଜିଲା ରନର୍ସ ଅପ୍ ଟ୍ରଫି ହାସଲ କରିଛି।

# ସୋଲଫୁଲରେ ଝଲସିବ ୩ ରଥ

## ସେବାରେ ଗୁରୁଜଙ୍ଗ ଭୋଇ ପରିବାର

ଖୋର୍ଦ୍ଧା,୨।୭(ପ୍ରଭାତ ପାଣିଗ୍ରାହୀ)



ଆଉ ଦିନ କେଇଟା ପରେ ଘୋଷଯାତ୍ରା। ଏନେଇ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇପଡ଼ିଛି। ରତ୍ନବେଦୀ ଛାଡ଼ି ଭାଇଭଉଣୀଙ୍କୁ ଧରି ଗୁଣ୍ଡିଚାଘରକୁ ବିଜେ କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ତିନି ରଥରେ ଝଲସିବ ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇସାହି ରାଜକିଶୋର ଓ ବୀରକିଶୋର ନାୟକ ପରିବାରଙ୍କ ଦ୍ୱାରା ତିଆରି ସୋଲ ଫୁଲ। ଏଥିଲାଗି ଭକ୍ତି ଓ ନିଷ୍ଠାର ସହ ଲାଗିପଡିଛନ୍ତି ଏହି ପରିବାର। ରଥରେ ଝଟକିବ ଭଳିକି ଭଳି ସୋଲଫୁଲ। ନେତ୍ରୋତ୍ସବ ଦିନ ସିଂହଦ୍ୱାରରେ ତିନି ରଥ ଲାଗିବା ପରେ ସୋଲରେ ପ୍ରସ୍ତୁତ କଦମ୍ବ, ସୂର୍ଯ୍ୟମୁଖୀ, ସେବତି ଆଦି ବିଭିନ୍ନ କିସମର ଫୁଲରେ ସଜେଇ ହେବ ତିନି ରଥ।

ଗତ ୨୪ବର୍ଷ ହେବ ସେବା ଯୋଗାଇ ଆସୁଛନ୍ତି ଏହି ପରିବାର। ବୀରକିଶୋର କୁହନ୍ତି, କାର୍ତ୍ତିକ ମାସଠାରୁ କାକଟପୁର, ଅସ୍ତରଙ୍ଗ, ନିମାପଡ଼ା ଆଦି ଅଞ୍ଚଳରୁ ସୋଲ ସଂଗ୍ରହ କରାଯାଇଥାଏ। ପରେ ଏହାକୁ ଖରାରେ ଶୁଖାଇ ପ୍ରସ୍ତୁତ କରାଯାଏ। ଅକ୍ଷୟତୃତୀୟାରେ ରଥକାଠ ଅନୁକୂଳ ହେବା ପରେ ପରିବାର ସଦସ୍ୟ ଶୁଦ୍ଧପୂତ ଭାବେ ମହାପ୍ରଭୁଙ୍କ ଆରାଧନା କରି କାର୍ଯ୍ୟ ଆରମ୍ଭ କରନ୍ତି। ନେତ୍ରୋତ୍ସବ ପୂର୍ବଦିନ କାମ ସରିଥାଏ। ଏହା ପରେ ଏହାକୁ ନେଇ ଶ୍ରୀକ୍ଷେତ୍ରରେ ପହଞ୍ଚି ରଥରେ ସଜ୍ଜିତ କରାଯାଏ। ଫୁଲ ପ୍ରସ୍ତୁତି ଲାଗି ସୋଲକୁ ବିଭିନ୍ନ ସାଇଜରେ କଟାଯାଏ। ଗୁମୁକି, ସୂତା ଏବଂ ବଡ଼ ଛୁଞ୍ଚ ବ୍ୟବହାର କରାଯାଇ ଫୁଲକୁ ଆକାର ଦିଆଯାଏ। ଏଥିରେ ପରିବାର ମହିଳାମାନେ ସହଯୋଗ କରନ୍ତି। ସେହିପରି କବିତା ନାୟକ କୁହନ୍ତି, ଘର ଲିପାପୋଛା ସହ ଅରୁଆ ଅନ୍ନ ଖାଇ ସମ୍ପୂର୍ଣ୍ଣ ନିଷ୍ଠା ଏବଂ ନୀତିନିୟମ ପ୍ରକାରେ କାର୍ଯ୍ୟ କରିଥାଉ। ଘର କାମ ସରିବା ପରେ ଏହି କାମରେ ଲାଗିଥାନ୍ତି ପରିବାର। ମହାପ୍ରଭୁଙ୍କ ସେବା ଭାଗ୍ୟରେ ଥିଲେ ମିଳେ। ପ୍ରତିବର୍ଷ ମହାପ୍ରଭୁଙ୍କ ତିନିରଥରେ ସୋଲରେ ନିର୍ମିତ ଫୁଲ ଖଞ୍ଜିବା ବେଳେ ଅପୂର୍ବ ଆନନ୍ଦ ମିଳିଥାଏ। ଫୁଲ କାରିଗର ବାନାମ୍ବର କାଣ୍ଡି କହିଛନ୍ତି, ନନ୍ଦିଘୋଷ ରଥରେ ଚଢ଼ି ଫୁଲ ସଜାଇବାରେ ଆନନ୍ଦ କହିଲେ ନସରେ। ମହାପ୍ରଭୁଙ୍କ ଏହି ସେବା ପ୍ରଦାନ କରିଥିବାରୁ ନିଜକୁ ଧନ୍ୟ ମନେକରୁଛି। ଏହି ସେବା ତୁଳନାରେ ପାରିଶ୍ରମିକ ତୁଚ୍ଛ ବୋଲି ପରିବାର ସଦସ୍ୟମାନେ କହିଛନ୍ତି। ସେହିପରି ରାଜକିଶୋର କୁହନ୍ତି, ୧୯୯୯ ମସିହାରେ ମହାପ୍ରଭୁଙ୍କ ରଥଯାତ୍ରା ଦେଖିବା ଲାଗି ଭାଇମାନେ ମିଶି ଯାଇଥିଲୁ। ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ସମୟରେ ଭାବବିହ୍ୱଳ ହୋଇ ରଥରେ ସେବା ସୁଯୋଗ ଦେବା ଲାଗି ନିବେଦନ କରିଥିଲୁ। ସୋଲ କାରିଗର ହୋଇଥିବାରୁ ରଥ ଚତୁଃପାର୍ଶ୍ୱକୁ ସୋଲରେ ନିର୍ମିତ ଫୁଲରେ ସାଜସଜ୍ଜା ଲାଗି ମହାପ୍ରଭୁଙ୍କୁ ଗୁହାରି ଜଣାଇଥିଲୁ। ମହାପ୍ରଭୁଙ୍କ ସ୍ୱପ୍ନାଦେଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରିଥିଲୁ। ଶ୍ରୀମନ୍ଦିର ପ୍ରଶାସନ ସୋଲ ଫୁଲ ଲାଗି ଅନୁମତି ପ୍ରଦାନ କରିଥିଲେ। ଏହା ମହାପ୍ରଭୁଙ୍କ ଆଶୀର୍ବାଦ ଭାବି ତା'ପର ବର୍ଷଠାରୁ ଅର୍ଥାତ୍ ୨୦୦୦ ମସିହାରୁ ସୋଲରେ ଫୁଲ ପ୍ରସ୍ତୁତ କରି ଯୋଗାଇ ଆସୁଛୁ। ୨୦୦୪ ମସିହାରେ ତତ୍କାଳୀନ ଶ୍ରୀମନ୍ଦିର ପରିଚାଳନା କମିଟି ମୁଖ୍ୟ ପରିଚାଳକ ରଥରେ ସୋଲ ଫୁଲ ସଜାଇବା ପାଇଁ ଅନୁମତିପତ୍ର ପ୍ରଦାନ କରିଥିଲେ। ସେବେଠାରୁ ଏହି ସେବା ଜାରି ରହିଛି। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପାରିଶ୍ରମିକ ମିଳି ନ ଥାଏ, ବରଂ ବର୍ଷସାରା ସୋଲଫୁଲ ଏବଂ ଟାହିଆ ପ୍ରସ୍ତୁତିରେ ଯାହା ପାରିଶ୍ରମିକ ମିଳିଥାଏ, ତାହାକୁ ମହାପ୍ରଭୁଙ୍କ ସୋଲଫୁଲ ପ୍ରସ୍ତୁତିରେ ଖର୍ଚ୍ଚ ହୋଇଥାଏ। ତେବେ ମହାପ୍ରଭୁଙ୍କ ସେବାରେ ପାରିଶ୍ରମିକର କୌଣସି ମୂଲ୍ୟ ନ ଥାଏ ବୋଲି ପରିବାର ସଦସ୍ୟ କହିଛନ୍ତି।

## ସରକାରୀ ଜମି ଦଖଲକୁ ନେଇ ଗଣ୍ଡଗୋଳ, ଜଣେ ଗୁରୁତର

ଯୋଗେଶ୍ୱରପୁର,୨।୭ (ରଶ୍ମିରଞ୍ଜନ ସାହୁ)

ସରକାରୀ ଜମି ଦଖଲକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ମଙ୍ଗଳବାର ଗଣ୍ଡଗୋଳ ହୋଇଛି। ଏଥିରେ ମିର୍ଜା ହବିବ ରେହେମାନ ବେଗ(୪୦) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲବୋରି ପଞ୍ଚାୟତ ବିଶୁଲିପଡ଼ା ଗ୍ରାମର ମଦର୍ଶା ପଛପଟେ ଥିବା ସରକାରୀ ଜମିକୁ ମିର୍ଜା ହବିବ ନିଜ ଦଖଲରେ ରଖି ପାଉତି କାଟୁଥିଲେ। ସେଠାରେ ଏକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ହେବାକୁ ଜମିକୁ ମାପ କରିବା ପରେ କୌଣସି କାରଣରୁ ସେଠାରେ ସ୍ୱାସ୍ଥ୍ୟକେନ୍ଦ୍ର ହୋଇ ନ ପାରି ଅନ୍ୟତ୍ର ଶୁଭ ଦିଆଯାଇଥିଲା। କିନ୍ତୁ ଦଖଲରେ ରହିଥିବା ଜମିକୁ ମିର୍ଜା ହବିବ ବାଡ଼ ବୁଜିବା ଦ୍ୱାରା ସେହି ସମୟରେ ୩ ଜଣ ଲୋକ ତାଙ୍କୁ ମାଡ଼ ମାରିଥିଲେ। ଫଳରେ ମିର୍ଜା ହବିବଙ୍କ ବାମ ଗୋଡ଼ ଓ ଅଣ୍ଟା ଭାଙ୍ଗି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଓଲଟପୁର ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ନୟାହାଟ ଫାଣ୍ଡି ଏସ୍ଆଇ ସନ୍ତୋଷ ସାହୁ ଓ ଫାଣ୍ଡି ଅଧିକାରୀ କୁନାଲ କୁମାର ଘଟଣାର ତଦନ୍ତ କରୁଛନ୍ତି। ସରକାରୀ ଜମିକୁ ନେଇ ଗଣ୍ଡଗୋଳ ଘଟିଥିବା ପୋଲିସ କହିଛି।



ମା'ଭଗବତୀଙ୍କ ସାହିଯାତ୍ରା ଉଦ୍ଯାପନୀ ଦିବସରେ ଜଟଣୀ ଅରୁଣଜ୍ୟୋତି କ୍ଲବର ସଦସ୍ୟମାନେ ଜଙ୍ଗଲୀ ନୃତ୍ୟ ପରିବେଷଣ କରୁଛନ୍ତି।

## ମା' ଭଗବତୀଙ୍କ ସାହିଯାତ୍ରା ଉଦ୍ଯାପିତ

ଜଟଣୀ,୨।୭(ରବୀନ୍ଦ୍ରନାଥ ମହାକୁଡ଼)



ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଜଟଣୀ ଗାଁ(ହାଟବଜାର)ରେ ମା' ଭଗବତୀଙ୍କ ବାର୍ଷିକ ସାହିଯାତ୍ରା ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ଏଥିସହ ବିରାଟ ଶୋଭାଯାତ୍ରାରେ ମା' ପୀଠକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗତ ୨୫ ତାରିଖରେ ଲୋକକଲୋନୀସ୍ଥିତ ମା' ଭଗବତୀଙ୍କ ପୀଠରୁ ବାଜା, ବାଣ, ଘଣ୍ଟ ଘଣ୍ଟା ଫେରି ତୂରୀରେ ପୂଜାର୍ଚ୍ଚନା କରାଯାଇ ମା'ଙ୍କୁ ୭ଦିନ ପାଇଁ ମଣ୍ଡପରେ ପୂଜା ନିମନ୍ତେ ଆବାହନ କରାଯାଇଥିଲା। ପୀଠରୁ ମା'ଙ୍କୁ ୭ଦିନର ଯାତ୍ରା ପାଇଁ ଅସ୍ଥାୟୀ ମଣ୍ଡପକୁ ଅଣାଯାଇଥିଲା। ମା' ମଣ୍ଡପରେ ପୂଜା ପାଇବା ସହ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ୭ ଦିନର ଯାତ୍ରାକାଳରେ ମା'ଙ୍କ ଘଟ ଉକ୍ତ ଅଞ୍ଚଳର ସମସ୍ତ ସାହି ଓ ବସ୍ତି ପରିକ୍ରମା କରିଥିଲା। ପ୍ରତିଦିନ ସକାଳ ଧୂପ, ଆଳତି, ମଧ୍ୟାହ୍ନ ଧୂପ ପରେ ପ୍ରସାଦ ସେବନ କରାଯାଇଥିବା ବେଳେ ସନ୍ଧ୍ୟା ଆଳତି ଓ ରାତ୍ରି ଧୂପ ପରେ ବିଶ୍ରାମ ନୀତି କରାଯାଇଥିଲା। ମଙ୍ଗଳବାର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମା'ପୀଠକୁ ଫେରିଛନ୍ତି। ଏହି ଯାତ୍ରା ପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ପୂଜା ପରିଚାଳନା କମିଟି ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ପୂଜା ଆରମ୍ଭରୁ ମାନସିକଧାରୀ ବିଭିନ୍ନ ବେଶ ଧାରଣ କରି ମା'ଙ୍କ ଆଶୀର୍ବାଦ ନେଇଥିବା ଦେଖିବାକୁ ମିଳିଥିଲା।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୨।୭(ପ୍ରଭାତ ପାଣିଗ୍ରାହୀ)

ହଳଦିଆ ଆଞ୍ଚଳିକ ସାଧନକେନ୍ଦ୍ର ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ଛୋଟରାୟଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ଏକ ଭବ୍ୟ ଗ୍ରାମ୍ୟ ଶୋଭାଯାତ୍ରା ପରେ ସଭା ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ଅଶୋକ ଦାଶ ସଭାପତିତ୍ୱ କରିଥଲେ। ଖୋର୍ଦ୍ଧା ବ୍ଲକର ପୂର୍ବତନ ବିଆର୍‌ସିସି ରବୀନ୍ଦ୍ରନାଥ ଶତପଥୀ, କୃଷ୍ଣଚନ୍ଦ୍ର ବେହେରା, ସ୍ଥାନୀୟ ସରପଞ୍ଚ ବନିତା ବେହେରା, ପରିଚାଳନା କମିଟି ସଭାପତି ଗୀତାଞ୍ଜଳି ବେହେରା, ସିଆର୍‌ସିସି ବିକାଶ କୁମାର ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପରେ ଶିକ୍ଷକ ପ୍ରଦ୍ୟୁମ୍ନ ମିଶ୍ର ଶ୍ରୀଜଗନ୍ନାଥଙ୍କ ବନ୍ଦନା ପାଠ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା ସଂଯୋଜନା କରିଥିଲେ। ଛାତ୍ରୀଛାତ୍ର ସଙ୍ଗୀତ ସହ ଗୁରୁ ବନ୍ଦନା କରିଥିଲେ। ଛାତ୍ରୀଛାତ୍ର, ଅଭିଭାବକ, ହଳଦିଆ, କେରଙ୍ଗ କ୍ଲଷ୍ଟର ତଥା ଖୋର୍ଦ୍ଧା ବ୍ଲକର ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ, ଖୋର୍ଦ୍ଧା ଜିଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ଓ ପୂର୍ବତନ ବିଆର୍‌ସିସି କୃଷ୍ଣଚନ୍ଦ୍ର ବେହେରାଙ୍କୁ ମାନପତ୍ର ସହ ଉପହାର ପ୍ରଦାନ କରାଯାଇଥିଲା। ଶିକ୍ଷକ ବଦ୍ରି ନାରାୟଣ ରଥ ଧନ୍ୟବାଦ ଦେଇଥଲେ। ଉକ୍ତ ବୈଠକରେ କମଳିନୀ ଭଞ୍ଜ, ଅଜୟ ନିଶଙ୍କ, ସୁକାନ୍ତି ସାହୁ, ସବିତା ଦେଈ, ଜ୍ୟୋତି ନାୟକ, ପ୍ରକାଶ ଚନ୍ଦ୍ର ମୁଦୁଲି, ହାଡ଼ିବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଭୂଇଁପୁର ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ

ବେଗୁନିଆ,୨।୭(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଭୂଇଁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ଚାରାରୋପଣ ଆଧାରିତ ସଚେତନତା ସଙ୍ଗୀତ ଗାନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଏବିଇଓ କୈଳାସ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ନାୟକ, ସମ୍ମାନିତ ଅତିଥିଭାବେ ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ଦେଈ ଏବଂ ଆଞ୍ଚଳିକ ସାଧନ ସଂଯୋଜିକା ସନ୍ଧ୍ୟାରାଣୀ ରଥ ଉପସ୍ଥିତ ଥିଲେ। ଏବେକାର ଜଳବାୟୁ ବିପଥଗାମୀ। ମାତ୍ରାଧିକ ବୃକ୍ଷ ଛେଦନ ଓ ସଚେତନତା ଅଭାବ ଏହାର ପ୍ରମୁଖ କାରଣ। ଆଗକୁ ପରିବେଶ ସୁରକ୍ଷା ଦିଗରେ ସଭିଏଁ ଚିନ୍ତା କରିବା ଆବଶ୍ୟକ। ଚାରାଟିଏ ଲଗାଇ ତାର ଯତ୍ନ ନେବା ବୋଲି ଉପସ୍ଥିତ ଅତିଥିମାନେ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ କିସମର ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଲ୍ଲୀ ରାଉତ, ପ୍ରଦୀପ କୁମାର ତ୍ରିପାଠୀ, ଲକ୍ଷ୍ମୀଧର ମହାରଣା, ଶ୍ରୀକୁମାର ସାହୁ, ଜଗଦୀଶ ଚନ୍ଦ୍ର ପାତ୍ର, ସୋମନାଥ ସାହୁ, କାଳିକା ପ୍ରଧାନ, ବୀରକିଶୋର ପ୍ରଧାନ, କବିତା ରାଉତ, ପୁଷ୍ପଲତା ସାହୁ, ରାମଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ।




ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

# 'ସପ୍ତାହକୁ ଥରେ ଶୁଷ୍କ ଦିବସ' ସହଭାଗିତାରେ ହୋଇପାରିବ ଡେଙ୍ଗୁ ନିୟନ୍ତ୍ରଣ

ଖୋର୍ଦ୍ଧା,୨।୭ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଡେଙ୍ଗୁ ନିୟନ୍ତ୍ରଣ ଓ ପ୍ରତିରୋଧ ପାଇଁ ଜିଲାସ୍ତରୀୟ କର୍ମଶାଳା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭେକ୍ଟର ବାହିତ ରୋଗ କନସଲଟାଂଟ(ଭିଭିଡିସି) ସ୍ମୃତିରଞ୍ଜନ ରାଉତ ସଂଯୋଜନା କରିଥିଲେ। ଡେଙ୍ଗୁ ରୋଗର କାରଣ, ଲକ୍ଷଣ, ନିରାକରଣ ଏବଂ ଚିକିତ୍ସା ସମ୍ବନ୍ଧୀୟ ଆଲୋଚନା କରାଯାଇଥିଲା। ସପ୍ତାହକୁ ଥରେ ସମସ୍ତ ସରକାରୀ କାର୍ଯ୍ୟାଳୟ, ଗ୍ରାମ ସ୍ତରରେ ଶୁଷ୍କ ଦିବସ(ଡ୍ରାଇ ଡେ) ପାଳନ କରାଯିବ। ନିଜ ଅଞ୍ଚଳର ଅଳିଆ ଆବର୍ଜନା ସଫା କରିବେ। ଏହାକୁ ବିଭାଗୀୟ ଅଧିକାରୀମାନେ ତଦାରଖ କରିବେ। ବିଦ୍ୟାଳୟରେ ପିଲାଙ୍କୁ ଡେଙ୍ଗୁ କାରଣ, ନିରାକରଣ ଉପରେ ପ୍ରାର୍ଥନା ସମୟରେ ଶିକ୍ଷକମାନେ ବୁଝାଇବେ। ଜିଲା ଶିକ୍ଷାଧିକାରୀ ଏହାକୁ ସମସ୍ତ ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ କରିବେ। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ରୋଗୀଙ୍କ ରକ୍ତ ସଂଗ୍ରହ କରାଯାଇ ଜିଲାସ୍ତରରେ ଥିବା ପରୀକ୍ଷାଗାରକୁ ପଠାଇବେ। ପୌରାଞ୍ଚଳରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପରିମଳ, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବେ। ଜିଲା ସମାଜ କଲ୍ୟାଣ ବିଭାଗ ସମେତ ଅନ୍ୟ ବିଭାଗ ଏଥିପ୍ରତି ଯତ୍ନବାନ ହେବେ। ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସିଡିଏମ୍‌ଓ ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭେକ୍ଟର ବାହିତ ରୋଗ) ଡା.ଜୀବନ୍ତ ଆଚାର୍ଯ୍ୟ, ଡିପିଏମ୍ ପ୍ରକାଶ ବାନାର୍ଜୀ, କୁସୁମ କୁମାରୀ ପ୍ରହରାଜଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




କର୍ମଶାଳାରେ ଉପସ୍ଥିତ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀମାନେ।

ଖୋର୍ଦ୍ଧା,୨।୭(ପ୍ରଭାତ ପାଣିଗ୍ରାହୀ)

ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ସ୍ଥିତି ଉଦ୍‌ବେଗଜନକ ରହିଛି। ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଅନୁସାରେ ଜୁନ ୩୦ସୁଦ୍ଧା ୭ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ପରୀକ୍ଷା କରାଯାଇଥିବା ବେଳେ ଜିଲାରେ ୧୮୦ରୁ ଊର୍ଦ୍ଧ୍ୱ ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିରୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ସଂଖ୍ୟା ୧୨୦ ରହିଛି। ଏନେଇ ଖୋର୍ଦ୍ଧା ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟରବାହିତ ରୋଗ) ଡା. ଜୀବନ୍ତ ଆଚାର୍ଯ୍ୟ କହିଛନ୍ତି, ବିଏମ୍‌ସିରେ ଡେଙ୍ଗୁ ସ୍ଥିତି ଉଦ୍‌ବେଗଜନକ ରହିଛି। ଡେଙ୍ଗୁ ନିୟନ୍ତ୍ରଣ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ହଟ୍‌ସ୍ପଟ ଅଞ୍ଚଳ ନୟାପଲ୍ଲୀ, ଜୟଦେବ ବିହାର, ଆଇଆରସି ଭିଲେଜ, ସିଆର୍‌ପି, ଭୀମଟାଙ୍ଗି ଅଞ୍ଚଳକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ସପ୍ତାହକୁ ଦୁଇ ଦିନ ଡ୍ରାଇ ଡେ କରାଯିବ। ଏହି ଦୁଇଦିନ ସମସ୍ତ ଅଞ୍ଚଳରୁ ଅଳିଆ ଆବର୍ଜନା ସଫା କରାଯିବ ବୋଲି ସ୍ଥିର କରାଯାଇଛି। ଆଶା, ଅଙ୍ଗନୱାଡ଼ି, ସ୍ୱଚ୍ଛତା ଦାୟିତ୍ୱରେ ଥିବା ସ୍ୱଚ୍ଛ ଓ

### ବିଏମ୍‌ସିରେ ସ୍ଥିତି ଉଦ୍‌ବେଗଜନକ

ୱାର୍ଡ ସାଥୀମାନେ ଘରଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଗତ ୧ ତାରିଖରୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ନିୟମିତ ମଶାମରା ତେଲ, ଧୂଆଁ ଏବଂ ଅନାବନା ଗଛଲତା କଟିଂ କରାଯାଉଛି। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ନିୟୋଜିତ କରାଯିବ। ଆଗାମୀ ଦିନରେ ସ୍କୁଲ, କଲେଜ ଆଦି ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଘର ବାରି, ଅଗଣାରେ ଅଳିଆ ଜମା କରନ୍ତୁ ନାହିଁ। ସଚେତନ ନାଗରିକ ଭାବେ ଅଳିଆ ଡ୍ରେନ୍‌ରେ ନ ପକାଇ କେବଳ ଅଳିଆଗାଡ଼ିରେ ଦେବାକୁ ରାଜଧାନୀବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଅଳିଆ ଜମିବା ମଶାମାଛିଙ୍କ ବଂଶବୃଦ୍ଧିର ଏକ କାରଣ। ତେଣୁ ନିଜ ପରିବେଶ ମଧ୍ୟରେ ଅଳିଆ ଜମିବାକୁ ଦିଅନ୍ତୁ ନାହିଁ ବୋଲି ସେ କହିଛନ୍ତି।

ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲରେ ୧୨ଟି ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ଟି ଶଯ୍ୟା ବ୍ୟବସ୍ଥା କରାଯାଇଛି। ଡେଙ୍ଗୁ ୱାର୍ଡରେ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଡେଙ୍ଗୁ ରୋଗ ୯୫% ଔଷଧ ଦ୍ୱାରା ଭଲ ହୋଇଥାଏ। ୫% ରୋଗୀ ଗୁରୁତର ହେଲେ ଚିକିତ୍ସାଳୟରେ ଭର୍ତ୍ତି କରାଯାଏ। ଏଥିଲାଗି ସଚେତନ ହେବା ଜରୁରୀ। ଡେଙ୍ଗୁ ନିୟନ୍ତ୍ରଣ ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ବିଏମ୍‌ସିରେ ରାପିଡ ରେସ୍‌ପନ୍ସ ଟିମ୍ ଏବଂ ରାପିଡ ଆକ୍ସନ ଟିମ୍ ଗଠନ କରାଯିବ। ଏଥିରେ ମେଡିକାଲ, ପାରା ମେଡିକାଲ ଷ୍ଟାଫ, ଫାର୍ମାସିଷ୍ଟ ରହିବେ। ଏମାନେ ହଟ୍‌ସ୍ପଟ ଅଞ୍ଚଳ ନିୟମିତ ଯାଞ୍ଚ କରିବେ। ଗ୍ରାମାଞ୍ଚଳ (ବିଏମ୍‌ସି ବ୍ୟତୀତ) ୧୦ଟି ବ୍ଲକ, ଖୋର୍ଦ୍ଧା ଓ ଜଟଣୀ ପୌର ପରିଷଦ, ବାଲୁଗାଁ ଓ ବାଣପୁର ଏନ୍‌ଏସିରେ ଡେଙ୍ଗୁ ନିୟନ୍ତ୍ରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି), ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି), ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଓ ଉପକେନ୍ଦ୍ର ଆଦି ଅଞ୍ଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗ୍ରାମାଞ୍ଚଳରେ ସମସ୍ତ ଆଶା, ଅଙ୍ଗନୱାଡ଼ି, ସ୍ୱାସ୍ଥ୍ୟକର୍ମୀ ଘର ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ପ୍ରତି ସପ୍ତାହରେ ଆକ୍ସନ ରିପୋର୍ଟ ଜିଲା କେନ୍ଦ୍ରରେ ଦାଖଲ କରିବେ। ଏଥିଲାଗି ସମସ୍ତଙ୍କୁ ଏକ ସ୍ୱତନ୍ତ୍ର ଫର୍ମାଟ ଦିଆଯାଇଛି। ଡେଙ୍ଗୁ ନିୟନ୍ତ୍ରଣ ଲାଗି ଜିଲାସ୍ତରରେ ଗୋଟିଏ ଏବଂ ପ୍ରତି ବ୍ଲକସ୍ତରରେ ଏକ ଟିମ୍ ଗଠନ କରାଯାଇଛି। ଅଗଷ୍ଟ ମାସରେ ସମସ୍ତ ଗାଁ କଲ୍ୟାଣ ସମିତି (ଜିକେଏସ) ଜରିଆରେ ସମୂହ ଗାଁ ସଫେଇ ଅଭିଯାନ କରାଯିବା ଯୋଜନା ରହିଛି। ସମସ୍ତ ଶିକ୍ଷାନୁଷ୍ଠାନରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହିତ ୱାଲପେଣ୍ଟିଂ, ପୋଷ୍ଟର ଲଗାଯିବା ସହ ସମସ୍ତ ଚିକିତ୍ସାଳୟରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ କରାଯିବ। ଗ୍ରାମାଞ୍ଚଳରେ ନିୟନ୍ତ୍ରଣ ଲାଗି ରାପିଡ ରେସ୍‌ପନ୍ସ ଟିମ(ଆରଆରଟି) ଏବଂ ଆକ୍ସନ ଟିମ୍ ସଜାଗ ରହିଛନ୍ତି। ପ୍ରତ୍ୟେକ ବ୍ୟକ୍ତି ସଚେତନ ହେଲେ ଏହାକୁ ରୋକାଯାଇପାରିବ। ଏହାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ମିଶନଶକ୍ତି, ଏସ୍‌ଏଚ୍‌ଜି ଗ୍ରୁପ, ଶିକ୍ଷା ବିଭାଗ, ଜଙ୍ଗଲ, ଉଦ୍ୟାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମସ୍ତଙ୍କ ସହଯୋଗ ନିଆଯିବ। ସମସ୍ତଙ୍କ ସହଭାଗିତା ରହିଲେ ଏହାକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଡା. ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ୮ରେ ଖୋଲିପାରେ ରତ୍ନଭଣ୍ଡାର

## ୫ରେ ବସିପାରେ ରତ୍ନଭଣ୍ଡାର ତଦାରଖ କମିଟି ବୈଠକ

ପୁରୀ,୨।୭(ଅଜିତ୍ କୁମାର ମହାନ୍ତି)

ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ଆସନ୍ତା ରଥଯାତ୍ରା ସମୟରେ ଖୋଲିପାରେ। ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ୭ତାରିଖରେ ଅନୁଷ୍ଠିତ ହେବ। ରଥଯାତ୍ରା ପରଦିନ ଅର୍ଥାତ ୮ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିପାରେ ବୋଲି ଶୁଣିବାକୁ ମିଳୁଛି। ସୂଚନା ଅନୁଯାୟୀ, ଚଳିତ ମାସ ୮ ତାରିଖଠାରୁ ୨୭ତାରିଖ ପର୍ଯ୍ୟନ୍ତ ଅର୍ଥାତ ୨୦ ଦିନ ଧରି ରତ୍ନଭଣ୍ଡାର ଖୋଲାଯାଇ ରତ୍ନ ଅଳଙ୍କାରଗୁଡ଼ିକୁ ଗଣତିମଣତି କରାଯାଇପାରେ। ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ଚଳିତ ମାସ ୫ତାରିଖରେ ରତ୍ନଭଣ୍ଡାର ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇପାରେ। ତେଣୁ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତ ୪ ତାରିଖରେ ଓଡ଼ିଶା ଆସୁଥିବା ସୂଚନା ମିଳିବା ପରେ ୫ତାରିଖରେ ବୈଠକ ବସି ରତ୍ନଭଣ୍ଡାର ଖୋଲିବା ନେଇ ଆଲୋଚନା କରାଯିବା ସହ ଅଳଙ୍କାର ଗଣତିମଣତି ନେଇ ନିଷ୍ପତ୍ତି ହୋଇପାରେ ବୋଲି ଅନୁମାନ କରାଯାଉଛି। ତେବେ ଏନେଇ ରାଜ୍ୟ ସରକାର କିମ୍ବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଅପରପକ୍ଷରେ ପୂର୍ବରୁ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପରେ ୮ତାରିଖରେ ରତ୍ନଭଣ୍ଡାର ଖୋଲାଯିବା ନେଇ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ସୂଚନା ଦେଇଥିଲେ, ଯାହାକୁ ପରେ ଆଇନମନ୍ତ୍ରୀ ଖଣ୍ଡନ କରିଥିଲେ। ସରକାରଙ୍କ ପକ୍ଷରୁ ଅନେକ ସମୟରେ କୁହାଯାଇଛି କି, ଉପଯୁକ୍ତ ସମୟରେ ରତ୍ନଭଣ୍ଡାର ଖୋଲାହେବ। ମାତ୍ର କେଉଁ ସମୟରେ ଖୋଲାହେବ ସେ ନେଇ କୌଣସି ସୂଚନା ପ୍ରଦାନ କରାଯାଉନାହିଁ। ରଥଯାତ୍ରା ପୂର୍ବରୁ ଜଷ୍ଟିସ୍ ପଶାୟତଙ୍କ ପୁରୀ ଗସ୍ତ ଏବଂ ୨୭ ତାରିଖ ପର୍ଯ୍ୟନ୍ତ ପୁରୀରେ ଅବସ୍ଥାନ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯିବା ଓ ସୁରକ୍ଷା ଯୋଗାଇଦେବା ଆଦି ସୂଚନା ମିଳିବା ପରେ ଆସନ୍ତା ୮ ତାରିଖରେ ରତ୍ନଭଣ୍ଡାର ଖୋଲାଯିବା ନେଇ ଚର୍ଚ୍ଚା ବଢ଼ିଛି। ତେବେ ରାଜ୍ୟ ସରକାରଙ୍କ ଘୋଷଣା ପରେ ସମସ୍ତ କଥା ସ୍ପଷ୍ଟ ହେବ।

## ପାନୀୟଜଳ, ଆଲୋକ ବ୍ୟବସ୍ଥାର ସମୀକ୍ଷାକଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର

ପୁରୀ, ୨।୭( ଅଜିତ୍ କୁମାର ମହାନ୍ତି)

ଆସନ୍ତା ୭ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ରଥଯାତ୍ରା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ପରେ ମନ୍ତ୍ରୀ ମହାପାତ୍ର କ୍ଷେତ୍ର ବୁଲି ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଥିଲେ। ମନ୍ତ୍ରୀ ସମଙ୍ଗସ୍ଥିତ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ବଡ଼ଦାଣ୍ଡସ୍ଥିତ ଷ୍ଟ୍ରିଟ୍‌ଲାଇଟ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ସମଙ୍ଗସ୍ଥିତ ପାଣି ବିଶୋଧନ ପ୍ଲାଣ୍ଟ ବୁଲି ଦେଖିଥିଲେ। ଏହାପରେ ସେ ସମଙ୍ଗ ଗ୍ରାମ ପଞ୍ଚାୟତସ୍ଥିତ ୪୨ ଏମ୍ଏଲ୍‌ଡି କ୍ଷମତା ସମ୍ପନ୍ନ ଜଳ ବିଶୋଧନଗାର ପରିଦର୍ଶନ କରିଥିଲେ। ୱାଟକୋର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଂ. ପ୍ରଦୀପ୍ତ କୁମାର ସ୍ୱାଇଁ ମନ୍ତ୍ରୀଙ୍କୁ ଜଳ ବିଶୋଧନ ପ୍ରୋସେସ୍ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ୱାଟର କର୍ପୋରେଶନ ଅଫ୍ ଓଡ଼ିଶା (ୱାଟ୍‌କୋ) ଦ୍ୱାରା ସର୍ବୋଦୟନଗରଠାରେ ପିପିପି ମୋଡ୍‌ରେ ପ୍ରତିଷ୍ଠା ହୋଇଥିବା ଜଳ ପରୀକ୍ଷଣ ପରୀକ୍ଷାଗାର ପରିଦର୍ଶନ କରିଥିଲେ। ପରୀକ୍ଷାଗାରରେ କିପରି ଜଳ ନମୁନା ସଂଗ୍ରହ ଓ ପରୀକ୍ଷଣ କରାଯାଉଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ମନ୍ତ୍ରୀ ଜଳ ନମୁନାର ମାନ କିପରି ନିର୍ଣ୍ଣୟ କରାଯାଉଛି ସେ ସମ୍ପର୍କିତ ବିଭିନ୍ନ ପରୀକ୍ଷା କରାଇଥିଲେ। ପରେ ମନ୍ତ୍ରୀ ବଡ଼ଦାଣ୍ଡରେ ଆଲୋକୀକରଣ ବ୍ୟବସ୍ଥା ତୁରନ୍ତ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।




୦୨।୦୭।୨୦୨୪

| ୧,୪୦, ୧୦୮ ଟଙ୍କା | |
|---|---|
| ସୁନା | ୨୦୦ ମିଲିଗ୍ରାମ୍ |
| ରୁପା | ମିଳିନାହିଁ |



ପୁରୀ: ରଥରେ ହାତୀଶାଳ ପଟା ସଂଯୋଗ କରାଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ୟୁନିଭର୍ସିଟି ଲ' କଲେଜରେ ଏଲ୍ଏଲ୍ଏମ୍ ପାଠ୍ୟକ୍ରମ ଜାରି ରହିବ

ଭୁବନେଶ୍ୱର,୨।୭(ଅସମାପିକା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୟୁନିଭର୍ସିଟି ଲ' କଲେଜରେ ଏଲ୍ଏଲ୍ଏମ୍ ପାଠ୍ୟକ୍ରମ ଜାରି ରହିବ। ଏନେଇ ମଙ୍ଗଳବାର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଚଳିତବର୍ଷ ଏଲ୍ଏଲ୍ଏମ୍ ପାଠ୍ୟକ୍ରମକୁ ହଟାଇ ଦିଆଯାଇଥିଲା, ଯାହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କୌଣସି କାରଣ ନ ଥାଇ ଏହି ପାଠ୍ୟକ୍ରମରେ ନୂଆ ନାମଲେଖା ପ୍ରକ୍ରିୟା ବନ୍ଦ କରାଯିବାକୁ ଛାତ୍ରୀଛାତ୍ର ସହଜରେ ଗ୍ରହଣ କରିପାରୁ ନ ଥିଲେ। ପୂର୍ବରୁ ଏଲ୍ଏଲ୍ଏମ୍ ପାଠ୍ୟକ୍ରମକୁ ଅଧ୍ୟାପକ ଅଭାବ ଓ ଆନୁଷଙ୍ଗିକ ଅସୁବିଧା କାରଣରୁ ବନ୍ଦ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମସୁଧା କରୁଥିଲେ। ଏହା ଅବଗତ ହେବା ପରେ ଛାତ୍ରୀଛାତ୍ର ତୀବ୍ର ବିରୋଧ କରିଥିଲେ। ବହୁ କମ୍ ସ୍ଥାନରେ ଏଲ୍ଏଲ୍ଏମ୍ ପାଠ୍ୟକ୍ରମ ଥିବାବେଳେ କାହିଁକି ବନ୍ଦ କରୁଛନ୍ତି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏନେଇ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦେଖାକରି ପାଠ୍ୟକ୍ରମ ଜାରି ରଖିବାକୁ ଦାବି ଜଣାଇଥିଲେ। କିନ୍ତୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରତିନିଧି ଦଳ ମଙ୍ଗଳବାର କୁଳପତି ଓ କୁଳସଚିବ କାହ୍ନୁଚରଣ ଧୀରଙ୍କୁ ଭେଟି ଏଲ୍ଏଲ୍ଏମ୍ ପାଠ୍ୟକ୍ରମ ଚାଲୁ ରଖିବାକୁ ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ। ଆଲୋଚନା କାଳରେ ପାଠ୍ୟକ୍ରମ ଜାରି ରହିବ ବୋଲି କୁଳପତି ପ୍ରତିଶ୍ରୁତି ଦେଇଥିବା ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି। ଆଲୋଚନାବେଳେ ଦେବେଶ କୁମାର ଦାଶ, ସ୍ୱରୂପ ରଞ୍ଜନ ମଲ୍ଲିକ, ସତ୍ୟମେବ ଜୟତେ, ରାଜଲକ୍ଷ୍ମୀ ପଟ୍ଟନାୟକ, ଚନ୍ଦନ ପାଟଖଣ୍ଡା, ସୌମ୍ୟରଞ୍ଜନ ପ୍ରଧାନ ଓ ଅମିତ ଜେନାଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବନ୍ଦ ସ୍କୁଲ ଖୋଲିବାକୁ ଯୋଜନା

ଭୁବନେଶ୍ୱର,୨।୭ (ଅସମାପିକା ସାହୁ)

ବିଜେଡି ସରକାର ସମୟରେ ବନ୍ଦ ହୋଇଯାଇଥିବା ସ୍କୁଲଗୁଡିକୁ ଖୋଲିବାକୁ ଭାଜପା ସରକାର ଯୋଜନା କରୁଛି। ଯେଉଁଠି ପିଲାମାନଙ୍କୁ ଦୂର ସ୍ଥାନକୁ ଯିବାକୁ ପଡୁଛି, ଯେଉଁ ସ୍ଥାନରେ ଭୁଲ୍ ରିପୋର୍ଟ ଜରିଆରେ ସ୍କୁଲ ବନ୍ଦ କରି ଦିଆଯାଇଛି, ସ୍ଥାନୀୟ ଲୋକଙ୍କ ଦାବି ଅଣଦେଖା କରାଯାଇଛି, ସେହିସବୁ ସ୍କୁଲଗୁଡିକୁ ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୋଲାଯିବ। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ରିପୋର୍ଟ ପ୍ରସ୍ତୁତ କରିବାକୁ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ଦାବି ଅନୁଯାୟୀ, କେଉଁଠି ବନ୍ଦ ହୋଇଥିବା ସ୍କୁଲର ଖୋଲିବା ଆବଶ୍ୟକତା ଅଛି, ତା'ର ରିପୋର୍ଟ ପ୍ରସ୍ତୁତ ହେବ। ସଚିବ ବିସ୍ତୃତ ରିପୋର୍ଟ ଦେବା ପରେ ସେହି ଆଧାରରେ ବିଜେଡି ସରକାରରେ ବନ୍ଦ କରି ଦିଆଯାଇଥିବା ସ୍କୁଲଗୁଡିକୁ ଆମେ ଖୋଲିବୁ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

## ଶାସନ, ପ୍ରଶାସନ, ନିଯୁକ୍ତି ଭାଷା ଓଡ଼ିଆ ହେଉ

ଭୁବନେଶ୍ୱର,୨।୭(ଶର୍ମିଷ୍ଠା ପାଣିଗ୍ରାହୀ)

### 'ସମାଜ ଓ ସଂସ୍କୃତି' ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ

ଭାଷା ଭିତ୍ତିରେ ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇଥିଲା। ଆଉ ୧୨ବର୍ଷ ପରେ ଓଡ଼ିଶା ୧୦୦ ବର୍ଷରେ ପାଦ ଦେବ। ତେଣୁ ଏହାକୁ ଲକ୍ଷ୍ୟରେ ରଖି ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଦୀର୍ଘମିଆଦି କାମ କରିବାର ଆବଶ୍ୟକତା ରହିଛି। ଆମ ଭାଷା ଓ ସଂସ୍କୃତିର ବିକାଶ, ମହାପୁରୁଷଙ୍କ ପ୍ରେରଣାଦାୟୀ ଜୀବନୀର ପ୍ରଚାର ଓ ପ୍ରସାର, ଐତିହାସିକ ସ୍ମାରକୀର ସୁରକ୍ଷା ଆଦିକୁ ନେଇ ଓଡ଼ିଆ ଅସ୍ମିତାକୁ ଉଜ୍ଜୀବିତ କରିବା ପାଇଁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ସମାଜ ଓ ସଂସ୍କୃତି' ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ମଙ୍ଗଳବାର ପ୍ରେସ୍ କ୍ଲବ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ନିଶିକାନ୍ତ ମିଶ୍ର ଓ ଅନ୍ୟ କର୍ମକର୍ତ୍ତାମାନେ ଏପରି ବିଭିନ୍ନ ପ୍ରସ୍ତାବ ରଖିଛନ୍ତି। ଓଡ଼ିଆ ଭାଷା ଆମ ସରକାରୀ ଭାଷାର ମାନ୍ୟତା ପାଇଛି। ହେଲେ ଓଡ଼ିଆ ଭାଷାରେ ରାଜ୍ୟର ଶାସନ ସମ୍ପୂର୍ଣ୍ଣ ଚାଲୁ ନାହିଁ। ଭାଷା ହିଁ ଆମ ଅସ୍ମିତା କେନ୍ଦ୍ର। ତେଣୁ ଆମ ଶାସନ ଓ ପ୍ରଶାସନର ଭାଷା ଓଡ଼ିଆ ହେବା ଉଚିତ। ଓଡ଼ିଆ ଭାଷାକୁ ଯେପରି ନିଯୁକ୍ତିର ଭାଷା କରିହେବ, ସେ ଦିଗରେ ସରକାର ସମୟୋଚିତ ପଦକ୍ଷେପ ନିଅନ୍ତୁ। ଏହାସହ ସବୁ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ଓଡ଼ିଆ ବିଷୟକୁ ବାଧ୍ୟତାମୂଳକ କରାଯାଉ। ଆଧୁନିକ ବୈଷୟିକ ଜ୍ଞାନକୌଶଳ ସହ ତାଳ ଦେଇ ପୂର୍ବପିଢ଼ିଙ୍କ ଜୀବନୀକୁ ଯୁବପିଢିଙ୍କୁ ଅବଗତ କରାଯାଉ। ମହାପୁରୁଷଙ୍କ ଜନ୍ମପୀଠକୁ ଆହୁରି ଅଧିକ ଅନୁଦାନ ଦିଆଯାଇ ପ୍ରମୁଖ ସାଂସ୍କୃତିକ ଓ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଯାଉ। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତୈଳଚିତ୍ରକୁ ସବୁ ସରକାରୀ କାର୍ଯ୍ୟାଳୟରେ ରଖିବା ବାଧ୍ୟତାମୂଳକ କରାଯାଉ। ଆମ ଐତିହାସିକ ସ୍ମାରକୀ ଓ ପ୍ରାଚୀନ ମନ୍ଦିରର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଏଏସ୍ଆଇ ଦାୟିତ୍ୱ ନେଉ। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଏଏସ୍ଆଇ ଢାଞ୍ଚାରେ ଦୃଢ଼ କରାଯାଉ ବୋଲି ମିଶ୍ର ଦାବି ରଖିଛନ୍ତି। ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ଡ. ଜେନାମଣି ସଞ୍ଜୀବ କୁମାର, ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ଗିରିଜା ଶଙ୍କର ଦାଶ ଓ ବିମଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମାନସ


@ ଅନିଲ


@ ସମୀର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିହେଲା ଖଳି

ପୁରୀ,୨।୭(ଅଜିତ୍ କୁମାର ମହାନ୍ତି)

### ଆଜି ଶ୍ରୀନଅରକୁ ରାଜପ୍ରସାଦ ବିଜେ

ଆଷାଢ଼ ମାସ କୃଷ୍ଣପକ୍ଷ ଏକାଦଶୀ ବା ଖଳିଲାଗି ଏକାଦଶୀ ଅବସରରେ ମଙ୍ଗଳବାର ଶ୍ରୀମନ୍ଦିରରେ ଖଳିଲାଗି ନୀତି ସମ୍ପନ୍ନ ହୋଇଛି। ଦାରୁଦିଅଁ ଶ୍ରୀଅଙ୍ଗରେ ଖଳିଲାଗି ହୋଇଛନ୍ତି। ସେହିପରି ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ଦଶମୀ ତିଥିରେ ଶ୍ରୀମନ୍ଦିରକୁ ଆସିଥିବା ଦଶମୂଳ ମୋଦକ ମଧ ଶ୍ରୀବିଗ୍ରହମାନଙ୍କୁ ଅର୍ପଣ କରାଯାଇଛି। ଅପରପକ୍ଷରେ ଶ୍ରୀବିଗ୍ରହମାନେ ସୁସ୍ଥ ଅନୁଭବ କରିଥିବାରୁ ତୁଳସୀ ଓ ବାରଲାଗି ଖଣ୍ଡୁଆ ଲାଗି ହୋଇଛନ୍ତି।

ସୂଚନାଯୋଗ୍ୟ, ସ୍ନାନପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ଚିକିତ୍ସିତ ହେଉଛନ୍ତି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଦଇତାପତି ଓ ପତିମହାପାତ୍ର ଗୁପ୍ତସେବା କରୁଛନ୍ତି। ପର୍ଯ୍ୟାୟକ୍ରମେ ଅଣସରର ପଞ୍ଚମୀ ତିଥିରେ ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲୁରି ତେଲ ମହାପ୍ରଭୁ ଶ୍ରୀଅଙ୍ଗରେ ଲାଗିହେବା ପରେ ଅଣସର ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷ ତିନିଦିନ ଧରି ଲାଗିହୋଇଥିଲେ। ପରେ ଦଶମ ତିଥିରେ ଶ୍ରୀବିଗ୍ରହମାନଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଥିଲା। ସେହିପରି ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ଶ୍ରୀମନ୍ଦିରରେ ପହଞ୍ଚିଥିଲା। ମଙ୍ଗଳବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଶ୍ରୀବିଗ୍ରହମାନଙ୍କୁ ଖଳି, ତୁଳସୀ ଓ ଦଶମୂଳ ମୋଦକ ଲାଗି କରାଯାଇଛି। ଏହି ନୀତି ନିମନ୍ତେ ଶ୍ରୀମନ୍ଦିରରେ ପଟିଦିଅଁଙ୍କ ନିକଟରେ ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ବେହେରଣ ଦ୍ୱାର ଖୋଲାଯାଇଥିଲା। ଏହାପରେ ଅଣସର ଗୃହରେ ଦଇତାପତି ଏବଂ ପତିମହାପାତ୍ର ପ୍ରବେଶ କରିଥିଲେ। ଦାରୁବିଗ୍ରହଙ୍କ ଅଣସର ନୀତି ଆରମ୍ଭ ହୋଇଥିଲା। ଶୁଦ୍ଧସୁଆରଙ୍କ ଘରୁ ଖଳି ଆସି ଠାକୁରଙ୍କୁ ଲାଗିକରାଯିବା ସହିତ ରକ୍ତବସ୍ତ୍ର ମଧ ଲାଗି କରାଯାଇଥିଲା। ଏହାପରେ ଚକଟା ଭୋଗ ଓ ପଣାଭୋଗ ହୋଇ ବେହେରଣ ଦ୍ୱାର ବନ୍ଦ କରାଯାଇଥିଲା। ଜୟ ବିଜୟ ଦ୍ୱାର ଖୋଲାଯାଇ ପଟିଦିଅଁଙ୍କ ନୀତି ଆରମ୍ଭ ହୋଇଥିଲା। ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ବଢିବା ପରେ ବେହେରଣ ଦ୍ୱାରା ଖୋଲିଥିଲା। ପଟିଦିଅଁଙ୍କ ସର୍ବାଙ୍ଗ ହେବା ସହିତ ଅଣସର ଗୃହରେ ଥିବା ଶ୍ରୀବିଗ୍ରହମାନଙ୍କ ସର୍ବାଙ୍ଗ ନୀତି ଅନୁଷ୍ଠିତ ହୋଇଥିଲା। ସର୍ବାଙ୍ଗ ବଢିବା ପରେ ଚତୁର୍ଦ୍ଧାବିଗ୍ରହଙ୍କୁ ବାରଲାଗି ଖଣ୍ଡୁଆ, ରଙ୍ଗିନ ସୁଗନ୍ଧିତ ପୁଷ୍ପ ଓ ତୁଳସୀ ଲାଗି କରାଯାଇଥିଲା। ଅଣସର ଗୃହରେ ଚତୁର୍ଦ୍ଧା ବିଗ୍ରହ ପ୍ରଥମ ତୁଳସୀ ଧାରଣ କରିଥିଲେ। ବୈଦ୍ୟ ସେବକଙ୍କ ଘରୁ ଆସିଥିବା ଦଶମୂଳକୁ ପତିମହାପାତ୍ର ସେବକ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କୁ ଲାଗି କରାଇଥିଲେ। ସ୍ନାନପୂର୍ଣ୍ଣିମାଠାରୁ ବନ୍ଦ ଥିବା ଘଣ୍ଟ, କାହାଳୀ, ବାଦ୍ୟ ଶବ୍ଦ ପୁଣି ଶ୍ରୀମନ୍ଦିରରେ ଶୁଣିବାକୁ ମିଳିଛି। ବୁଧବାର ଦ୍ୱାଦଶୀ ତିଥିରେ ରାଜପ୍ରସାଦ ବିଜେ ନୀତି ଅନୁଷ୍ଠିତ ହେବ। ସ୍ନାନପୂର୍ଣ୍ଣିମାଠାରୁ ଅସୁସ୍ଥ ଥିବା ଶ୍ରୀବିଗ୍ରହମାନେ ସୁସ୍ଥ ହୋଇଥିବା ଖବର ଦଇତାପତିମାନେ ଦ୍ୱାଦଶୀ ତିଥିରେ ରାଜନଅରକୁ ଯାଇ ଆଦ୍ୟସେବକ ଗଜପତି ମହାରାଜଙ୍କୁ ଜଣାଇବେ। ସେହିପରି ରଥଯାତ୍ରା ସମ୍ପର୍କରେ ମଧ ଗଜପତିଙ୍କୁ ସୂଚନା ପ୍ରଦାନ କରିବେ।

## ଜୈବ ବିବିଧତାର ସୁରକ୍ଷା ପାଇଁ ଜନଭାଗୀଦାରି ଆବଶ୍ୟକ

### ସରିଲା ମାନ୍‌ଗ୍ରୋଭ ପଥୋତ୍ସବ

ଭୁବନେଶ୍ୱର, ୨।୭(ଅସମାପିକା ସାହୁ)




ମାନ୍‌ଗ୍ରୋଭ ପଥୋତ୍ସବର ଉଦ୍‌ଯାପନ ଅବସରରେ ସିୱାଇଏସ୍‌ଡିର ସହ ପ୍ରତିଷ୍ଠାତା ଜଗଦାନନ୍ଦ, 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସହ ଅନ୍ୟ ଅତିଥିମାନେ।

ନେଚର କ୍ଲବ ଓ ସୋକ୍ରାଟସ୍ ଫାଉଣ୍ଡେଶନ୍‌ର ମିଳିତ ଆନୁକୂଲ୍ୟରେ ରାଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ ହେନ୍ତାଳବଣ ବା ମାନ୍‌ଗ୍ରୋଭ ପଥୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସିୱାଇଏସ୍‌ଡିର ସହ ପ୍ରତିଷ୍ଠାତା ଜଗଦାନନ୍ଦ ଯୋଗଦେଇ ଜଳବାୟୁ ଓ ଜୈବ ବିବିଧତାର ସୁରକ୍ଷା ପାଇଁ ଜନଭାଗୀଦାରିର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେଥିପାଇଁ ପଞ୍ଚାୟତସ୍ତରରୁ ଜନ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରଭାବକୁ ରୋକିବା ପାଇଁ ତୁରନ୍ତ ସମାଧାନ ମିଳିବା ଅସମ୍ଭବ। ଏହା ଏକ ନିରନ୍ତର ପ୍ରକ୍ରିୟା ହେବା ଆବଶ୍ୟକ, ଯେଉଁଥିରେ ସମସ୍ତେ ସଂଶ୍ଳିଷ୍ଟ ରହିବେ। ପ୍ରକୃତିକୁ ଆମେ ଦୟା କରୁନାହୁଁ। ପ୍ରକୃତିକୁ ଦୟା କରିବାର ଆମର କ୍ଷମତା ନାହିଁ। ଆମେ ବଞ୍ଚିବା ପାଇଁ ଚେଷ୍ଟା କରୁଛନ୍ତି। ତେଣୁ ଆମେ ପ୍ରକୃତିର ସୁରକ୍ଷା ପାଇଁ ଚିନ୍ତା କରୁଛନ୍ତି ବୋଲି ସତପଥୀ କହିଥିଲେ। 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ତଥା ପରିବେଶ ପରିବର୍ତ୍ତନକୁ ରୋକିବାରେ ବରିଷ୍ଠ ଲୋକଙ୍କ ଭଳି ଯୁବପିଢ଼ିଙ୍କ ମଧ ଗୁରୁତ୍ୱ ରହିଛି ବୋଲି କହିଥିଲେ। ସେ କହିଥିଲେ, ଜଳବାୟୁ ପରିବର୍ତ୍ତନ ଏବେ ଆମ ସମସ୍ତଙ୍କ ପାଇଁ ଆହ୍ୱାନ। ଏଥିପାଇଁ ଆମେ କ'ଣ କ'ଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ପ୍ରାୟ ସମସ୍ତେ ବୁଝିଲେଣି। ପରିବେଶର ସୁରକ୍ଷା ପାଇଁ ଯୁବପିଢ଼ି ଆଗେଇ ଆସିବା ଦରକାର। କ୍ଷେତ୍ର ସ୍ତରରେ ବହୁ ଯୁବପିଢ଼ି ନିଜ ସାମର୍ଥ୍ୟରେ ଏ ଦିଗରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ସେମାନେ ଲୋକଲୋଚନକୁ ଆସିପାରୁ ନାହାନ୍ତି। ସେହିଭଳି ଯୁବପିଢ଼ିଙ୍କୁ ଉତ୍ସାହିତ କରି ସହଯୋଗ କରିବା ଉଚିତ ବୋଲି ଆଦ୍ୟାଶା ସତପଥୀ କହିଥିଲେ।

ବରିଷ୍ଠ ସାମ୍ବାଦିକ ସନ୍ଦିପ ସାହୁ ଯୋଗଦେଇ ଜୈବ ବିବିଧତାର ସୁରକ୍ଷା ପାଇଁ ସ୍ଥାନୀୟ ଲୋକଙ୍କ ବହୁ ଗୁରୁତ୍ୱ ରହିଛି ବୋଲି କହିଥିଲେ। ସମ୍ବାଦର ବାର୍ତ୍ତା ସମ୍ପାଦକ ଭବାନୀ ଶଙ୍କର ତ୍ରିପାଠୀ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ଏଭଳି ଏକ ସ୍ଥିତିରେ ପହଞ୍ଚିଲାଣି ଯେ, ଆଉ ଏହା ପାଇଁ ଯୋଜନା କରିବାରେ ସମୟ ନଷ୍ଟ ନ କରି କାର୍ଯ୍ୟରେ ପରିଣତ କରିବାକୁ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ଯୋଗଦେଇ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ହେନ୍ତାଳ ବଣ ବଢ଼ିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୋକ୍ରାଟସ୍ ପ୍ରତିଷ୍ଠାନର ନିର୍ଦ୍ଦେଶକ ଦେବଜିତ ମିତ୍ରା ସ୍ୱାଗତ ଭାଷଣ ଦେଇଥିବାବେଳେ ନେଚର୍ କ୍ଲବ୍‌ର ମଧୁସ୍ମିତା ପତି ଧନ୍ୟବାଦ ଦେଇଥିଲେ।



ଏନ୍‌ଇଇଟି-ୟୁଜି ଓ ୟୁଜିସି-ନେଟ୍ ପରୀକ୍ଷା ବିଭ୍ରାଟ ନେଇ ନ୍ୟାୟିକ ତଦନ୍ତ ଦାବିରେ ଅଲ୍ ଇଣ୍ଡିଆ ସେଭ୍ ଏଜୁକେଶନ କମିଟି ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିଜେଡି ଏମ୍‌ପି ଏବେ ପ୍ରାଣ ବିକଳରେ କଂଗ୍ରେସ ଡଙ୍ଗାରେ: ଭାଜପା

**ଭୁବନେଶ୍ୱର, ୨।୭(ସୁନିତ୍ ମିଶ୍ର)**

ବିଜେଡି ରାଜ୍ୟ ସଭା ସଦସ୍ୟା ସୁଲତା ଦେଓଙ୍କ ମୁହଁରେ କଂଗ୍ରେସର ସ୍ୱର ପ୍ରତିଧ୍ୱନିତ ହୋଇଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି। ଏକ ବିଜ୍ଞପ୍ତି ଜରିଆରେ ସେ କହିଛନ୍ତି, ଲୋକ ସଭାରେ ବଂଶ ବୁଡ଼ିବା ପରେ ଏବେ ଦିଲ୍ଲୀରେ ନିଜର ରାଜନୈତିକ ଅସ୍ତିତ୍ୱ ବଞ୍ଚାଇ ରଖିବା ପାଇଁ ରାଜ୍ୟ ସଭାରେ ବିଜେଡି ଏମ୍‌ପିମାନେ ପ୍ରାଣ ବିକଳରେ କଂଗ୍ରେସ ଡଙ୍ଗାରେ ଚଢ଼ିଯାଇଛନ୍ତି। ହେଲେ କଂଗ୍ରେସ ଡଙ୍ଗାର ନାବିକ ରାହୁଲ ଗାନ୍ଧୀ, ଯାହାଙ୍କ କମ୍ପାସ ନ ଥିବା କାରଣରୁ ତାଙ୍କ ଦଳ ମଧ୍ୟ ବର୍ତ୍ତମାନ ଦିଗହରା ବୋଲି ଦିଲୀପ କହିଛନ୍ତି। ଓଡ଼ିଶାର ଲୋକଙ୍କୁ ବିଜେଡି କେବଳ ରାଜ୍ୟରେ ୨୪ ବର୍ଷ ହେଲା ଧୋକ୍କା ଦେଇନାହିଁ, ବରଂ ଦିଲ୍ଲୀ ଦରବାରରେ ରାଜ୍ୟର ସ୍ୱାର୍ଥ କଥା ଉଠାଇବାରେ ମଧ୍ୟ ବିଫଳ ହୋଇଛି। ବିଜେଡି ଓଡ଼ିଶାରେ ନିଜର ରାଜନୈତିକ ପ୍ରାସଙ୍ଗିକତା ହରାଇବସିଲାଣି ବୋଲି ଦିଲୀପ କହିଛନ୍ତି। ସେ ଆହୁରି କହିଛନ୍ତି, ବିଜେଡି ସରକାର ସମୟରେ ପ୍ରତିବର୍ଷ ପୁଞ୍ଜା ପୁଞ୍ଜା ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନିଜେ ସାଧାରଣ ପ୍ରଶାସନ ବିଭାଗ ଦାୟିତ୍ୱରେ ଥିଲେ। ତାଙ୍କ ବିଭାଗ ଅଧୀନରେ ଥିବା ଓପିଏସ୍‌ସି, ଓଏସ୍‌ଏସ୍‌ସି, ଓଏସ୍‌ଏସ୍‌ଏସ୍‌ସି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହେବା ସହ 'ଜବ୍ ଫର୍ ସ୍କାମ୍' ର୍‌ୟାକେଟ୍ କଥା ସାମ୍ନାକୁ ଆସିଥିଲା। ବିଜେଡି ସରକାର ସମୟରେ ଚାଲିଥିବା 'ଜବ୍ ଫର୍ ସ୍କାମ୍' ର୍‌ୟାକେଟ୍ ପାଇଁ ଅନେକ ଲକ୍ଷ ଓଡ଼ିଆ ଯୁବତୀଯୁବକ ସେମାନଙ୍କ ନ୍ୟାଯ୍ୟ ଅଧିକାର ହରାଇଥିଲେ। କିନ୍ତୁ ଏ ପ୍ରସଙ୍ଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା କୌଣସି ପ୍ରତିକ୍ରିୟା ବି ପ୍ରକାଶ କରି ନ ଥିଲେ। ସେହିଭଳି ପ୍ରତିବର୍ଷ ମାଟ୍ରିକ୍‌ଠାରୁ ଆରମ୍ଭକରି +୨ ଓ ବିଶ୍ୱବିଦ୍ୟାଳୟରେ ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିଥିଲା। ସେତେବେଳେ ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ କେଉଁଠି ଥିଲେ ବୋଲି ଦିଲୀପ ପ୍ରଶ୍ନ କରିଛନ୍ତି।

# କେତେଜଣ ବିଜେଡି କର୍ପୋରେଟର ଭାଜପାରେ ମିଶିପାରନ୍ତି: ଅମରେଶ

**ଭୁବନେଶ୍ୱର, ୨।୭ (ବନ୍ଦନା ସେଠୀ)**

ଭୁବନେଶ୍ୱର ବିଜେଡିରେ ଫାଟ ନେଇ ଆଶଙ୍କା ବଢ଼ିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର କିଛି ବିଜେଡି କର୍ପୋରେଟର ଖୁବ୍‌ଶୀଘ୍ର ଦଳବଦଳ କରିପାରନ୍ତି ବୋଲି ଚର୍ଚ୍ଚା ଧରିଛି। ଅପରପକ୍ଷେ ୱାର୍ଡ ନଂ. ୪୫ର ବିଜେଡି କର୍ପୋରେଟର ଅମରେଶ ଜେନାଙ୍କ ଇଙ୍ଗିତ ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଏଭଳି ପରିସ୍ଥିତି ପାଇଁ ଅମରେଶ ସିଧାସଳଖ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ଟାର୍ଗେଟ କରିଛନ୍ତି। ଉଭୟ ଅଶୋକ ଓ ଅନନ୍ତ କର୍ପୋରେଟରମାନଙ୍କୁ ଭାଗ ଭାଗ କରୁଛନ୍ତି। ଏପରକି କିଛି କର୍ପୋରେଟରଙ୍କୁ ଘରକୁ ଡାକି ବେଲପତ୍ର ଛୁଆଁଇ ଶପଥ କରୁଥିବା ଅମରେଶ ଅଭିଯୋଗ କରିଛନ୍ତି। ଏଥିପାଇଁ ବିଜେଡିର କର୍ପୋରେଟରମାନେ ଭାଜପାରେ ମିଶିବା ସମ୍ଭାବନା ବଢ଼ିଥିବା ସେ ସନ୍ଦେହ କରିଛନ୍ତି। ବିଜେଡି କ୍ଷମତାରୁ ଯିବା ପରେ ଉଭୟ ନେତା ନିଜର ପତିଆରା ଜାହିର ପାଇଁ ଏପରି ପଦକ୍ଷେପ ନେଉଛନ୍ତି। ସେମାନଙ୍କର ଏଭଳି ଆଚରଣ ଆଗାମୀ ଦିନରେ ଭାଜପାକୁ ସୁହାଇବ ଓ ବିଜେଡି କର୍ପୋରେଟରଙ୍କୁ ନିଜ ସପକ୍ଷରେ ଆଣିବାକୁ ସହଜ ହେବ ବୋଲି ଅମରେଶ ଅଭିଯୋଗ କରିଛନ୍ତି।

## ଆମେ ସବୁ ନବୀନଙ୍କ ଫ୍ୟାନ୍: ଅନନ୍ତ

ଏନେଇ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି, ଭୁବନେଶ୍ୱର ବିଜେଡି ଦୁଇଫାଳ ହୋଇଯିବ ବୋଲି ଯିଏ କହୁଛନ୍ତି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଆମେ ସବୁ ବିଜେଡି ଓ ନବୀନ ପଟ୍ଟନାୟକଙ୍କ ଫ୍ୟାନ୍। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଆମେ ନବୀନ ପଟ୍ଟନାୟକଙ୍କର ପ୍ରଶଂସକ ହୋଇରହିବୁ। ଫାଟ ନେଇ ଯେଉଁ ଅଭିଯୋଗ କରାଯାଉଛି ସେସବୁର କୌଣସି ମାନେ ନାହିଁ। ସେହିପରି ନାମ ଗୋପନ ରଖି ଦୁଇ ଜଣ ବିଜେଡି କର୍ପୋରେଟର କହିଛନ୍ତି, ଆମେ କେବେବି ବିଜେଡି ଛାଡ଼ି ଯିବାକୁ ଚିନ୍ତା କରିନୁ, ବରଂ ଯେଉଁ ଦୁଇଜଣ ଅଭିଯୋଗ କରୁଛନ୍ତି ସେମାନେ ଭାଜପାରେ ସାମିଲ ହୋଇପାରନ୍ତି। ଦେଖିବାକୁ ଗଲେ ଗୋଟେ ଦଳରୁ ନିର୍ବାଚନ ଜିତି ଅନ୍ୟଦଳକୁ ଏଭଳି ହଠାତ୍ ଯାଇ ହୁଏନାହିଁ। ଏଥିପାଇଁ ବହୁତ ଆଇନ୍‌କାନୁନ୍ ରହିଛି। ଯଦି ଏକ ତୃତୀୟାଂଶ କର୍ପୋରେଟର ଦଳବଦଳ କରିବାକୁ ଚାହିଁବେ, ତାହା ହେଲେ ହୁଏତ ଏହା ସମ୍ଭବ ହୋଇପାରେ। ମାତ୍ର ସେଭଳି କିଛି ହେବାର ଦେଖାଯାଉ ନାହିଁ।

# ରାହୁଲଙ୍କ ମନ୍ତବ୍ୟ ହିନ୍ଦୁଙ୍କ ପ୍ରତି ଘୋର ଅପମାନ: ମନମୋହନ

**ଭୁବନେଶ୍ୱର, ୨।୭(ସୁନିତ୍ ମିଶ୍ର)**

ଲୋକ ସଭାରେ ରାହୁଲ ଗାନ୍ଧୀ ଯେଉଁଭଳି ଭାବେ ମନ୍ତବ୍ୟ ଦେଇଛନ୍ତି ତାହା ହିନ୍ଦୁମାନଙ୍କ ପ୍ରତି ଘୋର ଅପମାନ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ରାହୁଲ ହିନ୍ଦୁମାନଙ୍କୁ ହିଂସ୍ର, ମିଥ୍ୟାବାଦୀ କହିବା ଅତ୍ୟନ୍ତ ନିନ୍ଦନୀୟ। ଏହାକୁ ଓଡ଼ିଶାରେ ଭାଜପା ନିନ୍ଦା କରୁଛି। ହିନ୍ଦୁମାନଙ୍କ ସ୍ୱାଭିମାନ ଓ ଆତ୍ମସମ୍ମାନକୁ ଯେଉଁମାନେ ଆଘାତ ଦେଇଛନ୍ତି ସେମାନେ କେହି ରହିନାହାନ୍ତି। ଭାରତୀୟ ଗଣତନ୍ତ୍ରରେ ସବୁଠୁ ବଡ଼ ପଞ୍ଚାୟତ ଲୋକ ସଭାର ଗରିମାକୁ ନଷ୍ଟ କରିବାର ଅଧିକାର


ଖବରଦାତା ସମ୍ମିଳନୀରେ ମନମୋହନ ସାମଲ ରାହୁଲଙ୍କୁ ଟର୍ଗେଟ କରୁଛନ୍ତି।

କୌଣସି ବ୍ୟକ୍ତି କିମ୍ବା ଉଚ୍ଚପଦସ୍ଥ ଅଧିକାରୀଙ୍କର ନାହିଁ। ଏକ ଦାୟିତ୍ୱବାନ୍ ରାଜନୈତିକ ଦଳ ଭାବେ ଭାଜପା ଦେଶବାସୀଙ୍କୁ ଏ ବିଷୟରେ ଅବଗତ କରାଇବା ପାଇଁ ନିଷ୍ପତ୍ତି ନେଇଛି ବୋଲି ମନମୋହନ କହିଛନ୍ତି।

ମନମୋହନ କହିଛନ୍ତି, ସୁପ୍ରିମକୋର୍ଟ ହିନ୍ଦୁ ଶବ୍ଦର ବହୁବାର ସ୍ପଷ୍ଟ ବ୍ୟାଖ୍ୟା କରିଛନ୍ତି। ହିନ୍ଦୁ କେବଳ ଏକ ଧର୍ମ ନୁହେଁ, ଏହା ଏକ ବିଚାରଧାରା। ଅନ୍ୟ ଦେଶଗୁଡ଼ିକରେ ଭାରତକୁ 'ହିନ୍ଦୁସ୍ଥାନ'ର ଆଖ୍ୟା ଦିଆଯାଇଛି। ବିବେକାନନ୍ଦ, ଅରବିନ୍ଦ ଘୋଷ, ନେତାଜୀ ସୁବାଷ ଚନ୍ଦ୍ର ବୋଷ ଭାଜପାରେ ନ ଥାଇ ମଧ୍ୟ ଅଖଣ୍ଡ ଭାରତର ସ୍ୱପ୍ନ ଦେଖିଛନ୍ତି। ଯୁଗ ଯୁଗରୁ ଯେଉଁମାନେ ଆମ ପାଇଁ ଲଢ଼ିଛନ୍ତି ସେମାନେ ହିନ୍ଦୁସ୍ଥାନ ପାଇଁ ଲଢୁଥିଲେ। ହିନ୍ଦୁମାନେ ଯଦି ହିଂସ୍ର ତା'ହେଲେ ରାହୁଲ ଗାନ୍ଧୀ ସେଥିରୁ ଅଲଗା କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି। ରାହୁଲ ନିଜକୁ କଶ୍ମୀରୀ ବ୍ରାହ୍ମଣ ଦତ୍ତାତ୍ରେୟ ଗୋତ୍ର ବୋଲି କେମିତି କହୁଥିଲେ ତା'ର ଉତ୍ତର ଦିଅନ୍ତୁ। ହିନ୍ଦୁତ୍ୱ ପାଇଁ ଆଜି ଦେଶରେ ଗଣତାନ୍ତ୍ରିକ, ରାଜନୈତିକ ବ୍ୟବସ୍ଥା ଅଛି। ଅନେକ ଦେଶରେ ଏହି ବ୍ୟବସ୍ଥା ନାହିଁ। ସେଠାରେ ଲୋକଙ୍କୁ କଥା କହିବାର ସୁଯୋଗ ଦିଆଯାଏ ନାହିଁ। ଭାରତରେ ଗଣତାନ୍ତ୍ରିକ ଓ ରାଜନୈତିକ ବ୍ୟବସ୍ଥା ଅଛି ବୋଲି ରାହୁଲ ଗାନ୍ଧୀ ଲୋକ ସଭାରେ ଏଭଳି ହୀନ ମନ୍ତବ୍ୟ ଦେଇଛନ୍ତି। କଂଗ୍ରେସ ଭାରତକୁ ୫୬ ବର୍ଷ ଧରି ଶାସନ କରିଛି। ବିରୋଧୀ ଦଳରେ ବସିବାର ଅଭ୍ୟାସ ତା'ର ନାହିଁ, ଏନେଇ ସେମାନେ ଅଣନିଃଶ୍ୱାସୀ ହୋଇଯାଉଛନ୍ତି। କଂଗ୍ରେସ ହାରିବା ପରେ ନିଜର ମାନସିକ ଭାରସାମ୍ୟ ହରାଇ ବସିଛି। ବିଶେଷକରି କଂଗ୍ରେସ ନେତା ରାହୁଲ ଗାନ୍ଧୀ କେତେବେଳେ କ'ଣ କହୁଛନ୍ତି ତାହା ବୁଝିପାରୁନାହାନ୍ତି ବୋଲି ମନମୋହନ କହିଛନ୍ତି।

# ମୟୂରଭଞ୍ଜରେ ଏମ୍ସ ଶାଖା ଖୋଲିବାକୁ ଦାବିକଲେ ମମତା

**ବିଶୋଇ, ୨।୭ (ଅମିତ ଦାସ)**

ଓଡ଼ିଶାର ଉତ୍ତର ଭାଗରେ ଅବହେଳିତ ଭାବେ ଥିବା ମୟୂରଭଞ୍ଜ ଜିଲାରେ ଏମସ୍‌ର ଏକ ଶାଖା ସ୍ଥାପନ ପାଇଁ ରାଜ୍ୟ ସଭା ଏମ୍‌ପି ମମତା ମହାନ୍ତ ଦାବି କରିଛନ୍ତି। ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ମଙ୍ଗଳବାର ମମତା ଏହି ଦାବି ଉପସ୍ଥାପନ କରିଛନ୍ତି।

ସେ କହିଛନ୍ତି, ମୟୂରଭଞ୍ଜ ଜିଲାରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟକ୍ତିଗତ ଉଦ୍ୟମ କରି ଏକ ମେଡିକାଲ କଲେଜ ସ୍ଥାପନ କରିଛନ୍ତି। ଏହି ମେଡିକାଲ କଲେଜକୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ନାମିତ କରାଯାଇଛି। କିନ୍ତୁ


ରାଜ୍ୟ ସଭାରେ ଏମ୍‌ପି ମମତା ମହାନ୍ତ ଦାବି ଉପସ୍ଥାପନ କରୁଛନ୍ତି।

କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ମେଡିକାଲ କଲେଜର ବିକାଶ ପାଇଁ କୌଣସି ଉଦ୍ୟମ କରୁନାହାନ୍ତି। ଫଳରେ ଅଞ୍ଚଳବାସୀ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ସ୍ଥିତିରେ ମୟୂରଭଞ୍ଜ ଜିଲାରେ ଏମସ୍‌ର ଏକ ଶାଖା ଖୋଲି କେନ୍ଦ୍ର ସରକାର ଲୋକଙ୍କୁ ଉନ୍ନତମାନର ସେବା ପ୍ରଦାନ କରନ୍ତୁ। ଏହା ଦ୍ୱାରା ଓଡ଼ିଶାର କେବଳ ଉତ୍ତର ଭାଗର ଲୋକ ନୁହନ୍ତି, ତା' ସହିତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ଲୋକେ ମଧ୍ୟ ଉପକୃତ ହେବେ। ମମତା ତାଙ୍କ ବକ୍ତବ୍ୟରେ ଆହୁରି କହିଛନ୍ତି, ରାଷ୍ଟ୍ରପତି ନିଜେ ଏହି ଜିଲାର। କିନ୍ତୁ ଜିଲାରେ ରେଳ ସେବାକୁ ଗୁରୁତ୍ୱ ଦିଆଯାଉନାହିଁ। ସେହିପରି ଅମର୍ଦ୍ଦା ଓ ଦାଣ୍ଡବୋଷ ଏୟାରଷ୍ଟ୍ରିପ୍‌କୁ କାର୍ଯ୍ୟକ୍ଷମ କରାଯିବା ନେଇ ଦୀର୍ଘବର୍ଷ ଧରି ମିଥ୍ୟା ପ୍ରତିଶ୍ରୁତି ଦିଆଯାଉଛି। ଜିଲାର ଅଧିକାଂଶ ଗ୍ରାମାଞ୍ଚଳକୁ ମୋବାଇଲ ନେଟୱର୍କ ପହଞ୍ଚି ପାରିନାହିଁ। ଏହାସହ ଜିଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ଏବଂ ବିଶୋଇଠାରେ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ମମତା ଦାବି କରିଛନ୍ତି।

# ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବିରେ ଛାତ୍ର କଂଗ୍ରେସର ପ୍ରତିବାଦ

## ନିଟ୍ ପରୀକ୍ଷାରେ ଦୁର୍ନୀତି ହୋଇଥିବା ଅଭିଯୋଗ

**ଭୁବନେଶ୍ୱର, ୨।୭(ସୁନିତ୍ ମିଶ୍ର)**

ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭୁବନେଶ୍ୱରସ୍ଥିତ ବାସଭବନଠାରେ ପ୍ରତିବାଦ କରାଯାଇଛି। ନିଟ୍ ପରୀକ୍ଷାରେ ଦୁର୍ନୀତି କରାଯାଇଥିବା ଅଭିଯୋଗ ଆଣି ଛାତ୍ର କଂଗ୍ରେସ ପକ୍ଷରୁ ଏହି ପ୍ରତିବାଦ କରାଯାଇଛି। ସନ୍ଧ୍ୟା ପ୍ରାୟ ୭ଟା



ଭୁବନେଶ୍ୱରସ୍ଥିତ ଧର୍ମେନ୍ଦ୍ର ପ୍ରଧାନଙ୍କ ଘର ଆଗରେ ଛାତ୍ର କଂଗ୍ରେସର ବିକ୍ଷୋଭ।

ସମୟରେ ଛାତ୍ର କଂଗ୍ରେସର ବହୁ କର୍ମୀ ଧର୍ମେନ୍ଦ୍ରଙ୍କ ବାସଭବନଠାରେ ପହଞ୍ଚି ଏକ ବଡ ବ୍ୟାନର ତାଙ୍କ ଗେଟ୍‌ରେ ଲଗାଇବାକୁ ଚେଷ୍ଟା କରିଥିଲେ। ସେଥିରେ ଉଲ୍ଲେଖ କରାଯାଇଥିଲା ଯେ, ଦେଶର ଶିକ୍ଷା ସାଥିରେ ହେଉଛି ମହାଦୁର୍ନୀତି। ୫ ହଜାର କୋଟି ଟଙ୍କାରେ ଛାତ୍ରଙ୍କ ଭବିଷ୍ୟତକୁ ବିକ୍ରି କରାଯାଇଛି। ନିଟ୍ ପରୀକ୍ଷା କରୁଥିବା ଏନ୍‌ଟିଏ ସଂସ୍ଥାକୁ ତୁରନ୍ତ ବ୍ୟାନ୍ କରିବା ସହ କେନ୍ଦ୍ରମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଦାବି କରିଛନ୍ତି। ଏହି ସମୟରେ ସେଠାରେ ଉପସ୍ଥିତ ପୋଲିସ କର୍ମଚାରୀମାନେ ଛାତ୍ର କଂଗ୍ରେସ କର୍ମୀଙ୍କୁ ସେଠାରୁ ଉଠାଇ ନେଇଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି। ଅନ୍ୟପଟେ ଗତ ସୋମବାର ଛାତ୍ର କଂଗ୍ରେସ କର୍ମୀମାନେ କେନ୍ଦ୍ରମନ୍ତ୍ରୀଙ୍କ ଗେଟ୍‌ରେ ଯାଇ ନିଟ୍ ଦୁର୍ନୀତି ହୋଇଥିବା ନେଇ କିଛି ବ୍ୟାନର ମଧ୍ୟ ଲଗାଇଥିଲେ।

# ଯେଉଁ ରଙ୍ଗର ଆବଶ୍ୟକତା ଥିଲା ତାହା କରାଯାଉଛି: ବିଭୂତି ଭୂଷଣ

**ଭୁବନେଶ୍ୱର, ୨।୭(ସୁନିତ୍ ମିଶ୍ର)**

ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍ ସେବାର ରୂପରେଖ ଏବେ ବଦଳୁଥିବା ଲକ୍ଷ୍ୟ କରାଯାଇଛି। ଲକ୍ଷ୍ମୀ ବସ୍ ପରିବର୍ତ୍ତେ ଏହା ମୁଖ୍ୟମନ୍ତ୍ରୀ ବସ୍ ସେବା ଲେଖାହେଉଛି। ପ୍ରଥମେ ଢେଙ୍କାନାଳ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଏଭଳି ରୂପରେଖରେ ପରିବର୍ତ୍ତନ ହେଉଥିବା ଦୃଷ୍ଟିକୁ ଆସିଛି। ତେବେ ଏନେଇ ଆନୁଷ୍ଠାନିକ ଭାବେ କିଛି ଘୋଷଣା ହୋଇ ନ ଥିଲେ ମଧ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହା ଉପରେ ମଙ୍ଗଳବାର ନିଜର ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଯେଉଁ ଅଞ୍ଚଳରେ ବସ୍ ସେବା ନାହିଁ ସେଠାରୁ ଏହି ସେବା ଦିଆଯିବ। ଏହି ବସ୍ ପାଇଁ ଯେଉଁ ରଙ୍ଗର ଆବଶ୍ୟକତା ଥିଲା ସେହି ରଙ୍ଗ କରାଯାଉଛି। ଯୋଉ ସ୍ଥାନରେ ଲୋକଙ୍କୁ ଏହି ସେବା ମିଳୁ ନ ଥିଲା ସେମାନଙ୍କୁ ଏହାର ସୁବିଧା ମିଳିବ।

ସୂଚନାଯୋଗ୍ୟ, ଲକ୍ଷ୍ମୀ ବସ୍ ଯୋଜନା ଗତ କିଛି ମାସ ତଳେ ଆରମ୍ଭ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନାଗିରିରୁ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟବ୍ୟାପୀ ଏହି ବସ୍ ସେବା ଆରମ୍ଭ ହୋଇଥିଲା। ତତ୍କାଳୀନ ସରକାର ପ୍ରାୟ ସବୁ ଜିଲା ଲାଗି ନୂଆ ବସ୍ କିଣିଥିଲେ। ହେଲେ ନୂଆ ବସ୍‌ଗୁଡିକର ଏବେ ରଙ୍ଗ ପରିବର୍ତ୍ତନକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏଥିଲାଗି କେତେ ଅଧିକ ଖର୍ଚ୍ଚ ହେବାକୁ ଯାଉଛି ଏବଂ ଆଗକୁ କେବେ ସୁଦ୍ଧା ଏହି ବସ୍ ସେବା ରାଜ୍ୟବ୍ୟାପୀ ଚାଲିବ ସେନେଇ କୌଣସି ସରକାରୀ ଅଧିକାରୀ ମୁହଁ ଖୋଲୁନାହାନ୍ତି।

# ସିଲ୍ ହେଲା ବଲେ ବଲେ ଢାବା

**ଧର୍ମଶାଳା/କାଏମା, ୨।୭(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)**

ବିବାଦୀୟ ବଲେ ବଲେ ଢାବାକୁ ମଙ୍ଗଳବାର ଯାଜପୁର ଜିଲା ଧର୍ମଶାଳା ବ୍ଲକ ପ୍ରଶାସନ ତରଫରୁ ସିଲ କରାଯାଇଛି। ଏହି ଢାବା ଖାଲି କରିବା ଲାଗି ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଥିବାବେଳେ ମହଲତ ପୂରିବାର ଗୋଟିଏ ଦିନ ପରେ କନିଷ୍ଠ ଯନ୍ତ୍ରୀ ରତ୍ନାକର ସାହୁ, ଜିପିଇଓ ମାନଗୋବିନ୍ଦ ବରାଳ, ପିଇଓ ବନବିହାରୀ ଦାସ, ଏଡିଇଓ ବୈକୁଣ୍ଠ ଦାସ ପ୍ରମୁଖ ଢାବାରେ ପହଞ୍ଚି ତିନୋଟି ସ୍ଥାନରେ ଚାବି ମାରି ସିଲ୍ କରିଛନ୍ତି।

ଦୀର୍ଘ ଦିନ ହେଲା ନେଉଳପୁରସ୍ଥିତ ଧର୍ମଶାଳା ଭବନ ପରିସରରେ ବଲେ ବଲେ ଢାବା ତିଆରି ହୋଇଥିଲା। ଗତ ୨୪ ତାରିଖରେ ଧର୍ମଶାଳା ବ୍ଲକରେ


ଅଧିକାରୀମାନେ ଢାବା ସିଲ୍ କରୁଛନ୍ତି।

ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ବ୍ଲକ ଅଞ୍ଚଳରେ ହୋଇଥିବା କେତେକ ପ୍ରକଳ୍ପ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ବିଧାୟକଙ୍କ ପ୍ରଶ୍ନର ବିଡିଓ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଯାହାକୁ ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିବା ସହ ବଲେ ବଲେ ଢାବା ଉପରେ ତଦନ୍ତ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଏହାର ତଦନ୍ତ କରି ଢାବାଟି କାହାରିକୁ ଲିଜ କିମ୍ବା ଟେଣ୍ଡରରେ ଦିଆଯାଇ ନ ଥିବା ଜାଣିବାକୁ ପାଇଥିଲେ। ପରେ ୨୮ ତାରିଖରେ ଢାବାଟିକୁ ୩ ଦିନ ମଧ୍ୟରେ ଖାଲି କରିବାକୁ ନୋଟିସ ଜାରି କରିଥିଲେ। ୩୦ ତାରିଖ ସୁଦ୍ଧା ଅବଧି ସରିଥିବାବେଳେ ୧ ତାରିଖରେ ଏହି ଢାବାଟିକୁ ସିଲ କରାଯିବ ବୋଲି ବିଡିଓ କହିଥିଲେ। ହେଲେ ବିଡିଓ ଢାବା ମାଲିକଙ୍କ ପ୍ରତି ଆନୁଗତ୍ୟ ଦେଖାଇ ସୋମବାର ସିଲ ନକରି ମଙ୍ଗଳବାର କର୍ମଚାରୀଙ୍କୁ ପଠାଇ ଢାବାଟିକୁ ସିଲ କରିଛନ୍ତି। ବିଡିଓ ବଳଙ୍କ ଭୂମିକାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ବ୍ଲକରେ ବିଭିନ୍ନ କାର୍ଯ୍ୟ ଥିବାରୁ ୧ ତାରିଖରେ ଢାବାକୁ ସିଲ୍ ନ କରି ୨ ତାରିଖରେ ସିଲ୍ କରାଗଲା ବୋଲି ବିଡିଓ କହିଛନ୍ତି। ସେହିପରି ବ୍ଲକ ପକ୍ଷରୁ ଗଠିତ କମିଟି ଦ୍ୱାରା ଏହାର ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସେ ପୂର୍ବ ମତ ବଦଳାଇଛନ୍ତି। ଆଗରୁ ବଲେ ବଲେ ଢାବା ବିଷୟରେ ଜାଣି ନ ଥିବା କହିଥିବାବେଳେ ମଙ୍ଗଳବାର ସେ ଏହା ବ୍ଲକ ପ୍ରଶାସନର ବୋଲି କହିଛନ୍ତି। ହେଲେ ଆସବାବପତ୍ର ପ୍ରଶାସନର ନୁହେଁ, ତେଣୁ ଏହାକୁ ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି। ସେହିପରି ଧର୍ମଶାଳା ଭବନ ନିଲାମଧାରୀ ଅକ୍ଷୟ ନାୟକ ଏହି ଢାବା ଆଇନଗତ ଭାବେ ତାଙ୍କ ଅଧୀନରେ ଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

**ଶେୟାର ବଜାର କାରବାରରେ ହ୍ରାସ**

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ୨ୟ ଦିନର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୩୪.୭୪ ପଏଣ୍ଟ କମି ୭୯,୪୪୧.୪୫ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ ୧୮.୧୦ ପଏଣ୍ଟ ହ୍ରାସ ଘଟି ୨୪,୧୨୩.୮୫ ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଆଜିଠାରୁ ମୋବାଇଲ ରିଚାର୍ଜ ମହଙ୍ଗା

## ଲାଗୁହେଲା ନୂଆ ଟାରିଫ ପ୍ଲାନ୍

ଭୁବନେଶ୍ୱର,୨।୭(ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ତଥା ବ୍ରଡ୍‌ବ୍ରାଣ୍ଡ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ(ଜିଓ), ଭାରତୀ ଏୟାରଟେଲ (ଏୟାରଟେଲ) ଏବଂ ଭୋଡାଫୋନ-ଆଇଡିଆ (ଭିଆଇ) ଭଳି ପ୍ରମୁଖ କମ୍ପାନୀ ବିଭିନ୍ନ କାରଣ ଦର୍ଶାଇ ୨୦୨୪ ଜୁଲାଇ ୩ରୁ ସେମାନଙ୍କର ନୂଆ ଟାରିଫ ପ୍ଲାନ୍‌ଗୁଡ଼ିକୁ ଲାଗୁକରିବା ପାଇଁ ଘୋଷଣା କରିଛନ୍ତି। ଏପରିକି ବୁଧବାରଠାରୁ ମୋବାଇଲ ରିଚାର୍ଜ ଓ ଅନ୍ୟାନ୍ୟ ସୁବିଧା ଓ ସେବାର ଦରବୃଦ୍ଧି କରାଯାଉଥିବା ଉପରୋକ୍ତ ଟେଲିକମ୍ କମ୍ପାନୀଗୁଡ଼ିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଜୁଲାଇ ୩ରୁ ଜିଓ, ଏୟାରଟେଲ ଏବଂ ଭିଆଇ ଭଳି କମ୍ପାନୀଗୁଡ଼ିକ ନୂଆ ଟାରିଫ ପ୍ଲାନ୍ ଲାଗୁ କରିଛନ୍ତି। ଏପରିକି ରିଲାଏନ୍ସ ଜିଓ(ଜିଓ)ର ନୂଆ ଟାରିଫ ପ୍ଲାନ୍ ଅନୁଯାୟୀ ଉପଭୋକ୍ତାଙ୍କୁ ଅତିରିକ୍ତ ୧୫ରୁ ୨୫% ର ଅର୍ଥ ଦେବାକୁ ଥିବାବେଳେ ଭାରତୀ ଏୟାରଟେଲ(ଏୟାରଟେଲ) ଓ ଭୋଡାଫୋନ-ଆଇଡିଆ (ଭିଆଇ) ନୂଆ ଦର ଅନୁଯାୟୀ ଗ୍ରାହକଙ୍କୁ ମଧ୍ୟ ୧୫ରୁ ୨୦% ଅଧିକ ଦେବାକୁ ହେବ ବୋଲି ଜଣାପଡ଼ିଛି।

ସେହିଭଳି ରିଲାଏନ୍ସ ଜିଓ ଏବଂ ଏୟାରଟେଲର ୫ଜି ସେବା ପାଇବା ପାଇଁ ପୂର୍ବ ଅପେକ୍ଷା ଗ୍ରାହକଙ୍କୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଜିଓ ଗ୍ରାହକମାନଙ୍କୁ ୫-ଜି ସେବା ପାଇଁ ପୂର୍ବ ଅପେକ୍ଷା ୪୬ ପ୍ରତିଶତ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏୟାରଟେଲ ବ୍ୟବହାରକାରୀଙ୍କ ପାଇଁ ଏହି ଖର୍ଚ୍ଚ ୭୧ ପ୍ରତିଶତରୁ ଅଧିକ। ନୂତନ ଶୁଳ୍କ ଯୋଜନା ଅନୁଯାୟୀ, ରିଲାଏନ୍ସ ଜିଓ ବ୍ୟବହାରକାରୀଙ୍କୁ ପ୍ରତିଦିନ ୨ ଜିବି ଡାଟା ପାଇଁ ୩୪୯ ଟଙ୍କା ଦେବାକୁ ପଡ଼ିବ। ଏହା ପୂର୍ବରୁ ଗ୍ରାହକମାନେ ୨୩୯ ଟଙ୍କା ବେସ୍ ପ୍ୟାକ୍ ଉପରେ ପ୍ରତିଦିନ ୧.୫ ଜିବି ଡାଟା ପାଇପାରୁଥିଲେ। ଯେଉଁଠାରେ ଏୟାରଟେଲ ବ୍ୟବହାରକାରୀଙ୍କୁ ପ୍ରତିଦିନ ୨.୫ ଜିବି ଡାଟା ପାଇଁ ୪୦୯ ଟଙ୍କା ଦେବାକୁ ପଡ଼ିବ। ପୂର୍ବରୁ ଗ୍ରାହକଙ୍କୁ ୧.୫ ଜିବି ଡାଟା ପାଇଁ ମାତ୍ର ୨୩୯ ଟଙ୍କା ଦେବାକୁ ପଡୁଥିଲା।

ସେହିପରି ୨୦୨୧ ଡିସେମ୍ବରରୁ ମୋବାଇଲ ଟେଲିକମ୍ କମ୍ପାନୀଗୁଡ଼ିକ ମୋବାଇଲ ଶୁଳ୍କ ବୃଦ୍ଧି କରି ନ ଥିଲେ। ଗୋଲ୍ଡମ୍ୟାନ ସ୍ୟାଚ୍‌ଙ୍କ ଆକଳନ ଅନୁଯାୟୀ, ଜିଓ ତାରିଫ୍ ପ୍ଲାନ୍ ଶୁଳ୍କ ବଢ଼ାଇବାକୁ ନିଷ୍ପତ୍ତି ନେବା ପରେ ପ୍ରତ୍ୟେକ ଉପଭୋକ୍ତାଙ୍କ ଖର୍ଚ୍ଚ ହାରାହାରି ୧୭ ପ୍ରତିଶତ ବୃଦ୍ଧି ହେବା ସମ୍ଭାବନା ରହିଛି। ଏୟାରଟେଲ ଏହାର ମୋବାଇଲ ଶୁଳ୍କ ଯୋଜନାକୁ ୧୧ ରୁ ୨୧ ପ୍ରତିଶତକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଏହା ବ୍ୟତୀତ ଭୋଡାଫୋନ ଏବଂ ଆଇଡିଆ ମଧ୍ୟ ସେମାନଙ୍କ ଶୁଳ୍କ ଯୋଜନାକୁ ୧୦ ରୁ ୨୩ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ତେବେ ଏନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅପରପକ୍ଷରେ ଶୁଳ୍କ ବୃଦ୍ଧି ପରେ ବାର୍ଷିକ ଅତିରିକ୍ତ ୪୭,୫୦୦ କୋଟି ଟଙ୍କା ଗ୍ରାହକଙ୍କ ଖର୍ଚ୍ଚ ବଢ଼ିବା ସମ୍ଭାବନା ରହିଛି। ନିକଟରେ ଟେଲିକମ୍ କମ୍ପାନୀଗୁଡ଼ିକ ଦେଶର ଗ୍ରାହକଙ୍କୁ ୫ ଜି ନେଟ୍‌ୱର୍କ ଯୋଗାଇବା ପାଇଁ ବିପୁଳ ପୁଞ୍ଜି ବିନିଯୋଗ କରିଛନ୍ତି।

## ଜୁନ୍‌ରେ ୧୩୫.୪୬ ଏମ୍‌ଟି ମାଲ୍ ଲୋଡିଂ କରିଛି ଭାରତୀୟ ରେଳପଥ

ଭୁବନେଶ୍ୱର,୨।୭ (ଅନୁରାଧା ମହାରଣା)

ଚଳିତବର୍ଷ ଜୁନ୍‌ରେ ଭାରତୀୟ ରେଳପଥ ୧୩୫.୪୬ ଏମ୍‌ଟି ମାଲ ପରିବହନ ଲୋଡିଂ କରିଛି। ୨୦୨୩ ଜୁନ୍‌ରେ ଏହି ପରିମାଣ ୧୨୩.୦୬ଏମ୍‌ଟି ରହିଥିଲା। ଫଳରେ ପୂର୍ବ ବର୍ଷ ତୁଳନାରେ ପ୍ରାୟ ୧୦.୦୭ ପ୍ରତିଶତ ବୃଦ୍ଧି ହୋଇଛି। ଚଳିତବର୍ଷ ଜୁନ୍‌ରେ ୧୪,୭୯୮.୧୧ କୋଟି ଟଙ୍କାର ମାଲ ପରିବହନ ରାଜସ୍ୱ ହାସଲ କରାଯାଇଛି। ୨୦୨୩ ଜୁନ୍‌ରେ ୧୩,୩୧୬.୮୧ କୋଟି ମାଲ ପରିବହନ ରାଜସ୍ୱ ତୁଳନାରେ ଏହା ପ୍ରାୟ ୧୧.୧୨ ପ୍ରତିଶତ ଅଧିକ। ଭାରତୀୟ ରେଳପଥ ଆମଦାନୀ ହୋଇଥିବା କୋଇଲାକୁ ବାଦ୍‌ଦେଇ ମୋଟ୍ ୬୦.୨୭ ଏମ୍‌ଟି କୋଇଲା ଲୋଡିଂ କରିଛି। ଅନ୍ୟପଟେ ୮.୮୨ଏମ୍‌ଟି ଆମଦାନୀ ହୋଇଥିବା କୋଇଲା, ୧୫.୦୭ ଏମ୍‌ଟି ଲୁହାପଥର, ୫.୩୬ଏମ୍‌ଟି ପିଗ୍ ଆଇରନ୍ ଆଦି ରହିଛି।

## ଅରୁନ୍ଧତୀ ଜୁଏଲର୍ସର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨।୭(ଅଭୟ ଦାଶ)




ଅରୁନ୍ଧତୀ ଜୁଏଲର୍ସର ବଲାଙ୍ଗୀର ଶୋ'ରମ୍‌ର ୨୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅରନ୍ଧତୀର ବ୍ରାଣ୍ଡ ଆମ୍ବାସାଡର ତଥା ଓଲିଉଡ୍ ନାୟିକା ଅର୍ଚ୍ଚିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲାବେଳେ ଅରୁନ୍ଧତୀ ଗ୍ରୁପ୍‌ର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, ୨୪ବର୍ଷ ପୂର୍ବରୁ ବଲାଙ୍ଗୀର ମାଟିରେ ଜନ୍ମ ହୋଇଥିବା ଅରନ୍ଧତୀ ଜୁଏଲର୍ସ ବଲାଙ୍ଗୀର ମାଟିର,ପାଣି ପବନ ଓ ସଂସ୍କୃତିରେ ବଢ଼ିଥିବା ଅରୁନ୍ଧତୀ, ବଲାଙ୍ଗୀରବାସୀଙ୍କ ଆଶୀର୍ବାଦ, ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଅରୁନ୍ଧତୀ ଉପରେ ଥିବା ଅତୁଟ ବିଶ୍ୱାସକୁ ପାଥେୟକରି ପ୍ରତ୍ୟେକ ପାଦ ଆଗକୁ ଥାପିଥିବା ଅରୁନ୍ଧତୀ, ଆଜି ଓଡ଼ିଶାର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଜୁଏଲେରି ବ୍ରାଣ୍ଡ ଭାବେ ପରିଚୟ ପାଇପାରିଛି।

ଉଲ୍ଲେଖଯୋଗ୍ୟ, ପ୍ରତିଷ୍ଠାନର ୨୪ତମ ବାର୍ଷିକ ଉତ୍ସବକୁ ଚିରସ୍ମରଣୀୟ କରିବା ପାଇଁ ସର୍ବୋତ୍ତମ ଡିଜାଇନର ସମ୍ପୂର୍ଣ୍ଣ ଏଚ୍‌ୟୁଆଇଡି) ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ସୁନାଗହଣାର ସ୍ୱତନ୍ତ୍ର ପ୍ରଦର୍ଶନୀ ୨୦୨୪ ଜୁଲାଇ ୭ ପର୍ଯ୍ୟନ୍ତ କରାଯିବ। ଏପରିକି ଗଢ଼ା ମଜୁରି ଉପରେ ୨୫% ରିହାତି ସହ ହୀରା ଗହଣାର କ୍ରୟ ମୂଲ୍ୟ ଉପରେ ୨୫% ଏବଂ ରୁପା ଗହଣାର ଗଢ଼ା ମଜୁରି ଉପରେ ୨୫%ର ରିହାତି ପାଇପାରିବେ।

## ଇଇଏସ୍ଏଲ୍‌ର ଚ୍ୟାନେଲ ପାର୍ଟନର୍ସ ପ୍ରୋଗ୍ରାମ

ଭୁବନେଶ୍ୱର,୨।୭(ଅଭୟ ଦାଶ)

ଦେଶର ପ୍ରମୁଖ ସରକାରୀ ଯୁଗ୍ମ ଉଦ୍ୟୋଗ ତଥା ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଏନର୍ଜି ଏଫିସିଏନ୍ସି ସର୍ଭିସେସ୍ ଲିମିଟେଡ୍ (ଇଇଏସ୍ଏଲ୍)ର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଚ୍ୟାନେଲ ପାର୍ଟନର୍ସ ପ୍ରୋଗ୍ରାମ ବା ସିପିପି' ନିକଟରେ ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି।

ଏ ସମ୍ପର୍କରେ ଇଇଏସ୍ଏଲ୍‌ର ସିଜିଏମ୍ (ହେଡ୍ ଅଫ୍ ସେଲ୍‌ସ ଆଣ୍ଡ ପିଆର୍‌ସିସି) ଅନିମେଶ ମିଶ୍ର କହିଛନ୍ତି, ଭୁବନେଶ୍ୱରର ଜୀବନ୍ତ ଉଦ୍ୟୋଗିକ ଇକୋସିଷ୍ଟମ ଏହାକୁ ଶକ୍ତି ଦକ୍ଷତା ପହଞ୍ଚ ପ୍ରଦାନ କରିବା ଏବଂ ସମସ୍ତଙ୍କ ପାଇଁ ଏକ ସ୍ଥାୟୀ ଶକ୍ତିର ଭବିଷ୍ୟତ ସୃଷ୍ଟି କରିବାର ଇଇଏସ୍ଏଲ୍‌ର ଲକ୍ଷ୍ୟକୁ ପରିଚାଳନା କରିବା ଲାଗି ଏକ ଆଦର୍ଶ ସ୍ଥାନରେ ପରିଣତ କରୁଛି। ଇଇଏସ୍ଏଲ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଅଧୀନରେ ଶୁଭାରମ୍ଭ କରାଯାଇଥିବା ଅଭିନବ ଏଲ୍ଇଡି ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ଭାରତର ଶକ୍ତି ଦକ୍ଷତାକୁ ପରିଚାଳନା କରିବା କ୍ଷେତ୍ରରେ ଆଗରେ ରହିଛି। ଏହି ପ୍ରୋଗ୍ରାମର ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଥିବାବେଳେ ପ୍ରତିବର୍ଷ ୧୯,୩୩୪ କୋଟି ଟଙ୍କା ସଞ୍ଚୟ କରୁଛି। ବେଦପ୍ରକାଶ ଡିଣ୍ଡୋରେ (ଏଜିଏମ୍, ସେଣ୍ଟ୍ରାଲ ରିଜିଓନାଲ କ୍ଲଷ୍ଟର, ସିଏର୍‌ଓ, ଇଇଏସ୍ଏଲ୍) କହିଛନ୍ତି, ସହରରେ ଚ୍ୟାନେଲ ପାର୍ଟନରମାନଙ୍କ ବୈଠକ ଏକ ବଡ଼ ସଫଳତା ହୋଇଥିଲାବେଳେ ଏହା ଆମକୁ ସିଧାସଳଖ ସ୍ଥାନୀୟ ପାର୍ଟନରଙ୍କ ସହ ନିୟୋଜିତ ହେବା ଏବଂ ଅଞ୍ଚଳରେ ଆମର ଶକ୍ତି ଦକ୍ଷତା ପଦକ୍ଷେପଗୁଡ଼ିକୁ ସମ୍ପ୍ରସାରଣ କରିବା ପାଇଁ ଏକ ରଣନୀତି ବିକାଶ କରିବାରେ ସାହାଯ୍ୟ କରିଛି।

ଇଇଏସ୍ଏଲ୍‌ର ଜେନେରାଲ ମ୍ୟାନେଜର (ଟେକ୍ନିକାଲ) ଆଦେଶ ସକ୍ସେନା କହିଥିଲେ, ଏହି ପରିବର୍ତ୍ତନଶୀଳ ଅଭିଯାନର ପାର୍ଟନର ହୋଇ ଭାରତର ଜଳବାୟୁ ପରିବର୍ତ୍ତନ ଲକ୍ଷ୍ୟଗୁଡ଼ିକରେ ଯୋଗଦାନ କରିବାର ମିଶନ ସହ ସାମିଲହେବା ପାଇଁ ଉତ୍ସାହିତ କରିବା ସାଙ୍ଗକୁ କମ୍ପାନୀ ମଧ୍ୟ ସକ୍ରିୟ ଭାବେ ପ୍ରୋତ୍ସାହିତ କରୁଛି। ରଶ୍ମିରଞ୍ଜନ ଶତପଥୀ (ଜୋନାଲ ଇନ୍‌ଚାର୍ଜ, ଆର୍‌ଓ, ଇଇଏସ୍ଏଲ୍)ଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣ କରିଥିବା ସମସ୍ତ ଚ୍ୟାନେଲ ପାର୍ଟନରଙ୍କୁ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରାଯାଇଥିଲା।

## ବେଦାନ୍ତ ଆଲୁମିନିୟମକୁ ଉତ୍କର୍ଷ ସମ୍ମାନ

ଭୁବନେଶ୍ୱର,୨।୭(ଅଭୟ ଦାଶ)



ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମକୁ ଆଉ ଏକ ରାଜ୍ୟସ୍ତରୀୟ ଉତ୍କର୍ଷ ସମ୍ମାନ ନିକଟରେ ପ୍ରଦାନ କରାଯାଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍ ତଥା କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ଠାରେ ଥିବା ଆଲୁମିନା ରିଫାଇନେରି ୟୁନିଟ୍‌କୁ ସମ୍ମାନଜନକ କଳିଙ୍ଗ ଶକ୍ତି ଉତ୍କର୍ଷ ପୁରସ୍କାର ଏବଂ କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର ଦିଆଯାଇଛି। ଏହି ପୁରସ୍କାରଗୁଡ଼ିକ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହାୟତାରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନ୍‌ଭରମେଣ୍ଟ ମ୍ୟାନେଜମେଣ୍ଟ (ଆଇକ୍ୟୁଇଏମ୍ଏସ୍) ଏବଂ ହାଇଦ୍ରାବାଦର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଏଣ୍ଟରପ୍ରାଇଜ୍ ପକ୍ଷରୁ ପ୍ରଦାନ କରାଯାଇଥିଲା।

ସ୍ମେଲଟର-ଗ୍ରେଡ୍ ଆଲୁମିନାର ଭାରତର ପ୍ରମୁଖ ଉତ୍ପାଦକ ବେଦାନ୍ତର ଲାଞ୍ଜିଗଡ଼ ୟୁନିଟ୍ ୨୦୫୦ ସୁଦ୍ଧା ନେଟ୍ ଜିରୋ କାର୍ବନ୍ ୨୦୩୦ ସୁଦ୍ଧା ନେଟ୍ ୱାଟର ପଜିଟିଭିଟି, ପ୍ରଭାବଶାଳୀ ବର୍ଜ୍ୟବସ୍ତୁ ପରିଚାଳନା, ଜୈବ ବିବିଧତା ପୁନରୁଦ୍ଧାର ଏବଂ ଶକ୍ତି ଗ୍ରହଣ ଭଳି ବେଦାନ୍ତ ଆଲୁମିନିୟମ ସ୍ଥିରତା ଲକ୍ଷ୍ୟର ଅଂଶ ଭାବେ ଏକାଧିକ ପଦକ୍ଷେପ ଗ୍ରହଣ କରିଛି । କାର୍ଯ୍ୟ ପରିସର ମଧ୍ୟରେ ଦକ୍ଷ ଜ୍ଞାନକୌଶଳ କମ୍ପାନୀର ସ୍ଥିରତା ପଦକ୍ଷେପଗୁଡ଼ିକ ସର୍ବୋଚ୍ଚ ଫୋରମରେ ବେଦାନ୍ତ ଆଲୁମିନିୟମ ସହ ଏସ୍ ଏବଂ ପି କର୍ପୋରେଟ୍ ସଷ୍ଟେନେବିଲିଟି ଆସେସ୍‌ମେଣ୍ଟ (ସିଏସଏ) ର୍‍ୟାଙ୍କିଙ୍ଗ୍‌ରେ ୨୦୨୩ ମୂଲ୍ୟାଙ୍କନ ପାଇଁ ସର୍ବୋଚ୍ଚ ଫୋରମରେ ସ୍ୱୀକୃତିପ୍ରାପ୍ତ ହୋଇଛି

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଆମର ଲାଞ୍ଜିଗଡ଼ ୟୁନିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଶକ୍ତି ଦକ୍ଷତା ଏବଂ ପରିବେଶ ସଂରକ୍ଷଣ କ୍ଷେତ୍ରରେ ମିଳିଥିବା ସଫଳତା ଆମର ସ୍ଥାୟୀ କାର୍ଯ୍ୟରେ ରହିଥିବା ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ଆମର ଅନେକ ପ୍ରଶଂସାରେ ପ୍ରତିଫଳିତ ହୋଇଛି।

## ମିଟ୍ ଦ ଡ୍ରାପର୍ସ ସିଜନ ୬ରେ ବନ୍‌ଭି ଏରୋ ବିଜୟୀ

ଭୁବନେଶ୍ୱର,୨।୭(ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଲଜିଷ୍ଟିକ୍ସ ଡ୍ରୋନ୍ ନିର୍ମାଣ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ 'ବନ୍‌ଭି ଏରୋ' ନିକଟରେ ବିଶ୍ୱର ସର୍ବବୃହତ୍ ପିଚ୍ ପ୍ରତିଯୋଗିତା 'ମିଟ୍ ଦ ଡ୍ରାପର୍ସ-ସିଜନ ୬'ରେ ବିଜୟୀ ହୋଇଛି। ଏପରିକି ଏହି ବିଜୟ କେବଳ ପ୍ରତିରକ୍ଷା ଓ ଏରୋସ୍ପେସ୍ କ୍ଷେତ୍ରରେ ଡ୍ରୋନ୍‌ଗୁଡ଼ିକର ଏକ ଅଗ୍ରଣୀ ଡିପ୍-ଟେକ୍ ମାନୁଫ୍ୟାକ୍ଚରର ଭାବେ ବନ୍‌ଭିର ସ୍ଥିତିକୁ ସୁଦୃଢ଼ କରିନାହିଁ ବରଂ ୟୁଏସ୍ ଟିଭି ଶୋ'ରେ ୧୪ କୋଟି ଟଙ୍କାର ପୁରସ୍କାର ଜିତିଥିବା ଏକ ଭାରତୀୟ କମ୍ପାନୀ ଭାବେ ଅନ୍ତର୍ଜାତୀୟ ସ୍ତରର ପ୍ରଥମ ହୋଇଛନ୍ତି।

ଏ ସମ୍ପର୍କରେ ବନ୍‌ଭି ଏରୋର ସହପ୍ରତିଷ୍ଠାତା ତଥା ସିଇଓ ସତ୍ୟବ୍ରତ ଶତପଥୀ କହିଛନ୍ତି, ଆମେ ମିଟ୍ ଦ ଡ୍ରାପର୍ସରେ ଶୀର୍ଷ ପୁରସ୍କାର ହାସଲକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ପ୍ରତିରକ୍ଷା ଓ ଏରୋସ୍ପେସ୍ କ୍ଷେତ୍ରରେ ଉତ୍କର୍ଷ ଓ ଉଦ୍ଭାବନ ପ୍ରତି ଆମର ଉତ୍ସର୍ଗୀକୃତତାକୁ ଏହା ରେଖାଙ୍କିତ କରୁଛି। ଏହି ସଫଳତା ଆମ ଟିମ୍‌ର କଠିନ ପରିଶ୍ରମ ଓ ଲକ୍ଷ୍ୟ ପ୍ରତି ଏକ ପ୍ରମାଣ ହୋଇଥିଲାବେଳେ ଅନ୍ତର୍ଜାତୀୟ ଉଦ୍ୟୋଗିକ ମଞ୍ଚରେ ଏହା ଓଡ଼ିଶାର ବର୍ଦ୍ଧିତ ପ୍ରାଧାନ୍ୟକୁ ସୁଦୃଢ଼ କରିଛି।

କମ୍ପାନୀର ସିଟିଓ ତଥା ସହ-ପ୍ରତିଷ୍ଠାତା ଅବିନାଶ ସାହୁ କହିଛନ୍ତି, କମ୍ପାନୀ ସଫଳତାର ସହ ଭାରତୀୟ ସେନାକୁ ଆଡ୍‌ଭାନ୍ସଡ ଲିଜିଷ୍ଟିକ୍ସ ଡ୍ରୋନ୍ ପ୍ରଦାନ କରିଛି, ଯାହା ୧୦,୦୦୦ ଫୁଟ୍‌ରୁ ଅଧିକ ଉଚ୍ଚତା ସମେତ ଅଧିକ ଉଚ୍ଚତା ବିଶିଷ୍ଟ ଓ ଆହ୍ୱାନପୂର୍ଣ୍ଣ ପରିବେଶଗୁଡ଼ିକରେ ପରିଚାଳନା କରିବା ପାଇଁ ଏହାର କ୍ଷମତାକୁ ପ୍ରଦର୍ଶିତ କରୁଛି।

ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧକ୍ଷ ଓମ୍‌କାର ରାୟ କହିଛନ୍ତି, ଏହା କେବଳ ବନ୍‌ଭି ଏରୋ ପାଇଁ ନୁହେଁ ବରଂ ଆମ ରାଜ୍ୟର ସମସ୍ତ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ମଧ୍ୟ ଏକ ବଡ ସଫଳତା ହୋଇଥିଲାବେଳେ ଷ୍ଟାର୍ଟଅପ୍ ଓଡ଼ିଶା ବିକଶିତ ହେଉଛି ଏବଂ ଆମେ ବନ୍‌ଭି ଏରୋର ସଫଳତାକୁ ଆମର ସଫଳତା ଭାବେ ବିବେଚନା କରୁଛୁ। ଏଆଇସି-ସିଜିୟୁ ଏବଂ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି ମିଟ ଦ ଡ୍ରାପର୍ସ ସିଜନ-୬ରେ ସେମାନଙ୍କ ଷ୍ଟାର୍ଟଅପ୍‌ର ବିଜୟକୁ ଗର୍ବର ସହ ପାଳନ କରୁଛନ୍ତି, ଯାହା ଅନ୍ତର୍ଜାତୀୟ ମଞ୍ଚରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଚିହ୍ନିତ କରୁଛି।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସି ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟିର ସିଓଓ ସ୍ମିତ ପ୍ରଜ୍ଞା ଓ କିଟ୍‌ର ଭାଗବତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଫୁର୍‌ସତ**

# ମାସ୍ ୱେଡିଂରୁ ଆରମ୍ଭହେଲା ଅମ୍ବାନୀ ପରିବାରର ବିବାହ ଉତ୍ସବ

ମୁମ୍ବାଇ,୨।୭(ଅଭୟ ଦାଶ)



ଗଣବିବାହ ଉତ୍ସବରେ ନବଦମ୍ପତିଙ୍କ ସମେତ ଅମ୍ବାନୀ ପରିବାର ସାମିଲ ହୋଇଛନ୍ତି।

ଦେଶର ୧ ନମ୍ବର ଧନୀବ୍ୟକ୍ତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଆର୍‌ଆଇଏଲ୍)ର ଚେୟାରମ୍ୟାନ ମୁକେଶ ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀଙ୍କ ବିବାହ ଚଳିତ ମାସରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମୁକେଶ ଅମ୍ବାନୀ ଏବଂ ଅମ୍ବାନୀ ପରିବାର ପକ୍ଷରୁ ମଙ୍ଗଳବାର ୧ ମାସ ୱେଡିଂ ବା ସାମୂହିକ ବିବାହ ଉତ୍ସବର ଆୟୋଜନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ରାଧିକା ମର୍ଚ୍ଚାଣ୍ଟଙ୍କ ସହ ଅନନ୍ତ ଅମ୍ବାନୀଙ୍କ ବିବାହ ଉତ୍ସବ ନିକଟରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବିବାହ ଫଳସ୍ୱରୂପ ଅମ୍ବାନୀ ପରିବାର ପକ୍ଷରୁ ମୁମ୍ବାଇରୁ ପ୍ରାୟ ୧୦୦ କି.ମି. ଦୂରରେ ଥିବା ପାଲଘର ଅଞ୍ଚଳର ବଞ୍ଚିତ ବର୍ଗର ୫୦ରୁ ଅଧିକ ନବଦମ୍ପତିଙ୍କ ପାଇଁ ଏକ ଗଣବିବାହର ଆୟୋଜନ କରାଯାଇଛି। ଏପରିକି ନଭି ମୁମ୍ବାଇସ୍ଥିତ ରିଲାଏନ୍ସ କର୍ପୋରେଟ୍ ପାର୍କଠାରେ ଅନୁଷ୍ଠିତ ଏହି ଗଣବିବାହ କାର୍ଯ୍ୟକ୍ରମରେ ନବଦମ୍ପତିଙ୍କ ପରିବାରର ପ୍ରାୟ ୮୦୦ ପ୍ରତିନିଧି ଓ ଅନ୍ୟମାନେ ସାମିଲ ହୋଇଥିଲେ। ଏଭଳି ଏକ ଶୁଭ କାର୍ଯ୍ୟକ୍ରମରୁ ଅମ୍ବାନୀ ପରିବାରର ବିବାହ ଉତ୍ସବ ଆରମ୍ଭ ସହ ଆଗାମୀ ବିବାହ ଋତୁରେ ଏହିପରି ଶହ ଶହ ଗଣବିବାହକୁ ଅମ୍ବାନୀ ପରିବାର ଆବଶ୍ୟକ ସହାୟତା ଯୋଗାଇଦେବା ନେଇ ପ୍ରତିଶ୍ରୁତି ଦେଇଥିଲେ।

ଅମ୍ବାନୀ ପରିବାର କାଳଜୟୀ ଭାରତୀୟ ଉକ୍ତି 'ମାନବ ସେବା ହିଁ ମାଧବ ସେବା'ର ଅନୁସରଣ କରିଥାଏ। ଏହି ନୀତି ଅନୁଯାୟୀ ସେମାନଙ୍କର ପ୍ରତିଟି ପ୍ରମୁଖ ପାରିବାରିକ ଉତ୍ସବ ଅନ୍ୟମାନଙ୍କ ସେବା ଓ ସହାୟତାରୁ ଆରମ୍ଭ କରିବାର ପରମ୍ପରା ରହିଛି, ଯାହା ସମାଜ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି କାର୍ଯ୍ୟକ୍ରମରେ ନୀତା ଓ ମୁକେଶ ଅମ୍ବାନୀଙ୍କ ସମେତ ଅମ୍ବାନୀ ପରିବାର ଅନ୍ୟ ସଦସ୍ୟମାନେ ଯୋଗଦେଇ ନବଦମ୍ପତିଙ୍କୁ ହୃଦୟରୁ ଶୁଭେଚ୍ଛା ଜଣାଇ ଶୁଭ ଉତ୍ସବରେ ଯୋଡ଼ି ହୋଇଥିଲେ।

ଅପରପକ୍ଷରେ ଶୁଭେଚ୍ଛା ସ୍ୱରୂପ ପ୍ରତ୍ୟେକ ଦମ୍ପତିଙ୍କୁ ମଙ୍ଗଳସୂତ୍ର, ବିବାହ ମୁଦି ଓ ନାକ ରିଙ୍ଗ୍ ସାଙ୍ଗକୁ ବିଭିନ୍ନ ସୁନା ଅଳଙ୍କାର ଏବଂ ଗୋଡ଼ ମୁଦି ଓ ପାଉଁଜି ଭଳି ବିଭିନ୍ନ ରୁପା ଅଳଙ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏଥିସହ ପ୍ରତ୍ୟେକ ନବବଧୂଙ୍କୁ ସ୍ତ୍ରୀଧନ ଭାବେ ୧ ଲକ୍ଷ ୧ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲାବେଳେ ପ୍ରତ୍ୟେକ ଦମ୍ପତିଙ୍କୁ ୧ ବର୍ଷ ପାଇଁ ପର୍ଯ୍ୟାପ୍ତ ପରିମାଣର ଗ୍ରୋସେରି, ଖାଦ୍ୟ ସାମଗ୍ରୀ, ଘରକରଣା ସାମଗ୍ରୀ ସହ ବାସନକୁସନ, ଗ୍ୟାସ୍ ଚୁଲା, ମିକ୍ସର ଫ୍ୟାନ୍, ଗଦି ଏବଂ ତକିଆ ଭଳି ୩୬ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଥିଲା।



ରିଲାଏନ୍ସ ଫାଉଣ୍ଡେଶନ ଅଧ୍ୟକ୍ଷା ନୀତା ଏମ୍ ଅମ୍ବାନୀ ଏକ ନବଦମ୍ପତିଙ୍କ ସହ ଆଲୋଚନା କରୁଛନ୍ତି।

ଏହି ବିବାହ ଉତ୍ସବରେ ବର ଏବଂ କନ୍ୟାଙ୍କ ପରିବାର ସଦସ୍ୟଙ୍କ ସହ ସ୍ଥାନୀୟ ସାମାଜିକ କର୍ମୀ ଏବଂ ସମ୍ପ୍ରଦାୟର ୮୦୦ରୁ ଅଧିକ ଲୋକ ଯୋଗଦେଇଥିଲେ। ଏହି ସମାରୋହ ପରେ ସମସ୍ତ ଉପସ୍ଥିତ ଲୋକଙ୍କ ପାଇଁ ଆୟୋଜିତ ରାତ୍ରିଭୋଜନ ଏହି ଉତ୍ସବ ଏବଂ ଏକତାର ଭାବନାକୁ ପ୍ରତିଫଳିତ କରିଥିଲା। ସନ୍ଧ୍ୟାରେ ଏକ ସମୃଦ୍ଧ ସାଂସ୍କୃତିକ ଅନୁଭୂତି ଯୋଗକରି ୱାର୍ଲି ଜନଜାତି ଦ୍ୱାରା ପ୍ରଦର୍ଶିତ ପାରମ୍ପରିକ ତର୍‌ପା ନୃତ୍ୟ ଉପଭୋଗ କରିବା ପାଇଁ ଉପସ୍ଥିତ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଅମ୍ବାନୀ ପରିବାରର ଏହି ପଦକ୍ଷେପ କେବଳ ଦମ୍ପତିଙ୍କ ମିଳନକୁ ଉତ୍ସାହିତ କରି ନ ଥିଲା ବରଂ ସାମାଜିକ କଲ୍ୟାଣ ତଥା ସମୁଦାୟକୁ ସମର୍ଥନ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦର୍ଶାଇଥିଲା।

# ପରିବେଶକୁ ପ୍ଲାଷ୍ଟିକମୁକ୍ତ ରଖିବା ଜରୁରୀ

## ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ



ପ୍ରତିବର୍ଷ ଜୁଲାଇ ୩ରେ ଅନ୍ତର୍ଜାତୀୟ ପ୍ଲାଷ୍ଟିକ ବ୍ୟାଗ ମୁକ୍ତ ଦିବସ ପାଳନ କରାଯାଉଛି। ଏହା ଏକ ବିଶ୍ୱସ୍ତରୀୟ ପଦକ୍ଷେପ, ଯାହାର ଉଦ୍ଦେଶ୍ୟ ହେଉଛି ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ବନ୍ଦ କରିବା ଏବଂ ପ୍ଲାଷ୍ଟିକ ପ୍ରଦୂଷଣର ପରିବେଶ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା। ଏହି ଦିବସ ଲୋକମାନଙ୍କୁ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବାର ଆବଶ୍ୟକତା ବିଷୟରେ ସ୍ମରଣ କରାଇଥାଏ। ୨୦୦୮ ଜୁଲାଇ ୩ରେ, ଜିରୋ ୱେଷ୍ଟ ୟୁରୋପ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟାଗ ପ୍ରସଙ୍ଗକୁ ଲକ୍ଷ୍ୟ କରି ଏକ ଅଭିଯାନ ଆରମ୍ଭ କରିଥିଲା। ୨୦୧୫ ରେ, ୟୁରୋପୀୟ ୟୁନିଅନ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ହ୍ରାସ କରିବାକୁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ପ୍ରବର୍ତ୍ତନ କରିଥିଲା। ସମୟ ଯେତିକି ଆଗକୁ ବଢୁଥିଲା, ଏହି ଆନ୍ଦୋଳନ ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ହାସଲ କରି ଅନେକ ଦେଶକୁ ପ୍ଲାଷ୍ଟିକ ବ୍ୟାଗ ଉପରେ ନିଷେଧାଦେଶ ଲାଗୁ କରିଥିଲା। ବର୍ତ୍ତମାନ, ଏହି ଦିନଟି ବିଶ୍ୱର ଅନେକ ଦେଶ ଦ୍ୱାରା ପାଳନ କରାଯାଉଥିବା ଏକ ବିଶ୍ୱସ୍ତରୀୟ ଇଭେଣ୍ଟରେ ପରିଣତ ହୋଇଛି।

## ଫୁଟ୍‌ବଲ ମ୍ୟାଚ ପାଇଁ ଘୁଞ୍ଚିଲା ଅନ୍ତିମ ସଂସ୍କାର ସମୟ

ସାଣ୍ଟିଆଗୋ

ଦକ୍ଷିଣ ଆମେରିକୀୟ ଦେଶ ଚିଲିରେ ଏକ ପରିବାର ଫୁଟ୍‌ବଲ ମ୍ୟାଚ ଦେଖିବା ପାଇଁ ନିଜର ଜଣେ ଆତ୍ମୀୟସ୍ୱଜନଙ୍କ ଅନ୍ତିମ ସଂସ୍କାରକୁ କିଛି ଘଣ୍ଟା ପାଇଁ ଘୁଞ୍ଚାଇ ଦେଇଛନ୍ତି। କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର ଚିଲି ଓ ପେରୁ ମଧ୍ୟରେ ଏକ ହାଇ ଭୋଲ୍‌ଟେଜ ମୁକାବିଲାକୁ ମୃତକଙ୍କ ପରିବାର ସଦସ୍ୟ ଏକ ବଡ଼ ପରଦାରେ ପ୍ରୋଜେକ୍ଟର ମାଧ୍ୟମରେ ଦେଖୁଥିଲେ। ଆଶ୍ଚର୍ଯ୍ୟଜନକ କଥା ହେଉଛି ସେତେବେଳେ ମୃତକଙ୍କୁ ଏକ କଫିନ୍ ମଧ୍ୟରେ ରଖାଯାଇଥିବାବେଳେ ଉକ୍ତ କଫିନର ଚାରି ପାଖରେ ବସି ପରିବାର ଲୋକେ ମ୍ୟାଚକୁ ଉପଭୋଗ କରୁଥିଲେ। ଉକ୍ତ କଫିନ୍‌ଟି ଫୁଲ ଓ ଫୁଟ୍‌ବଲ ଖେଳାଳିଙ୍କ ଜର୍ସିରେ ସଜାଯାଇଥିଲା।

## ରିଲିଜ୍ ପୂର୍ବରୁ 'ସର୍‌ଫିରା'ର ରେକର୍ଡ



**ମୁମ୍ବାଇ:** ନିକଟରେ ଅଭିନେତା ଅକ୍ଷୟ କୁମାରଙ୍କ କିଛି ଫିଲ୍ମ ଫ୍ଲପ୍ ହୋଇଥିବାବେଳେ ତାଙ୍କର ଆଗାମୀ ଫିଲ୍ମ 'ସର୍‌ଫିରା'କୁ ନେଇ ପ୍ରଶଂସକମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଆସନ୍ତା ୧୨ରେ ଏହି ଫିଲ୍ମ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଥିବାବେଳେ ଏବେ ଏହାର କାଉଣ୍ଟଡାଉନ୍ ଆରମ୍ଭ ହୋଇଛି। 'ସର୍‌ଫିରା' ଫିଲ୍ମର ଟ୍ରେଲରକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଫିଲ୍ମର ଏହି ଟ୍ରେଲର ମଧ୍ୟ ଏକ ବଡ଼ ରେକର୍ଡ ସୃଷ୍ଟି କରିଛି। ଜୁନ୍ ୧୮ରେ ରିଲିଜ ହୋଇଥିବା 'ସର୍‌ଫିରା' ଫିଲ୍ମର ଟ୍ରେଲରକୁ ଇତି ମଧ୍ୟରେ ୧୩ ଦିନ ବିତିଯାଇଛି। ଏତେ କମ୍ ସମୟ ମଧ୍ୟରେ 'ସରଫିରା'ର ଟ୍ରେଲର, ଚଳିତ ବର୍ଷ ରିଲିଜ୍ ହୋଇଥିବା ହିନ୍ଦୀ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରୁ ସର୍ବାଧିକ ଦେଖାଯାଇଥିବା ଟ୍ରେଲର ହୋଇପାରିଛି। 'ସର୍‌ଫିରା'ର ଟ୍ରେଲର ସାହିଦ କପୁରଙ୍କ ଫିଲ୍ମ 'ତେରୀ ବାତୋଁ ମେଁ ଏସା ଉଲ୍‌ଝା ଜିଆ'ର ରେକର୍ଡ ଭାଙ୍ଗିଛି। 'ସରଫିରା'ର ଟ୍ରେଲରକୁ ୟୁଟ୍ୟୁବରେ ଏପର୍ଯ୍ୟନ୍ତ ୬ କୋଟି ୮୩ ଲକ୍ଷରୁ ଅଧିକ ଭ୍ୟୁଜ୍ ମିଳିଥିବାବେଳେ 'ତେରୀ ବାତୋଁ ମେଁ ଏସା ଉଲ୍‌ଝା ଜିଆ'ର ଟ୍ରେଲରକୁ ୫ କୋଟି ୯୦ ଲକ୍ଷ ଭ୍ୟୁଜ ମିଳିଛି। 'ସର୍‌ଫିରା'ର ଟ୍ରେଲରକୁ ଏତେ ଭଲ ପାଇବା ମିଳିବା ପରେ ଫିଲ୍ମଟି ବକ୍ସ ଅଫିସରେ ହିଟ୍ ହେବ ବୋଲି ଅକ୍ଷୟଙ୍କ ପ୍ରଶଂସକମାନେ ଆଶା ବାନ୍ଧି ରହିଛନ୍ତି। ଜୁଲାଇ ୧୨ରେ ମୁକ୍ତିଲାଭ କରିବାକୁ ଯାଉଥିବା ଏହି ଚଳଚ୍ଚିତ୍ରରେ ଅକ୍ଷୟଙ୍କ ବ୍ୟତୀତ ପରେଶ ରାୱଲ ଓ ରାଧିକା ମାଦନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଛନ୍ତି। ସୁଧା କଙ୍ଗରା ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଉଗାଣ୍ଡାରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଚେସ୍‌ରେ ରୌପ୍ୟ ପଦକ ହାସଲକାରୀ ଓଡ଼ିଶାର ସାଇନା ସାଲୋନିକା ମଙ୍ଗଳବାର ଭୁବନେଶ୍ୱର ଫେରିବାପରେ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ସ୍ୱାଗତ କରାଯାଉଛି।

# ସ୍ୱସ୍ତିକଙ୍କ ଶତକରେ ପୁମାସ୍ ବିଜୟୀ

## ଓଡ଼ିଶା କ୍ରିକେଟ ଲିଗ୍

**ଭୁବନେଶ୍ୱର, ୨।୭ (ସରୋଜ ଜେନା)**

ଓଡ଼ିଶା କ୍ରିକେଟ ଲିଗ୍ ଟି୨୦ ଟୁର୍ନାମେଣ୍ଟରେ ମଙ୍ଗଳବାର ଓଡ଼ିଶା ଚିତାସ୍ ଓ ଓଡ଼ିଶା ପୁମାସ୍ ବିଜୟୀ ହୋଇଛନ୍ତି। ଚିତାସ୍ ୧୦ ରନ୍‌ରେ ଜାଗୁଆର୍ସଙ୍କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଚିତାସ୍ ପ୍ଲେୟର ଅଫ୍ ଦ ମ୍ୟାଚ୍ ଶ୍ରେୟାଂସ ଭରଦ୍ୱାଜଙ୍କ ୪୪ ରନ୍ ବଳରେ ୨୦ ଓଭରରେ ୫ ଉଇକେଟ ହରାଇ ୧୪୦ ରନ୍ କରିଥିଲା। ଶୁଭମ ନାୟକ ୨ ଉଇକେଟ ନେଇଥିଲେ। ଜବାବରେ ଜାଗୁଆର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୩୦ ରନ୍ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ସ୍ୱସ୍ତିକ ସାମଲଙ୍କ ଶତକ ବଳରେ ଓଡ଼ିଶା ପୁମାସ୍ ୬ ଉଇକେଟରେ ଓଡ଼ିଶା ଲାୟନ୍ସଙ୍କୁ ପରାସ୍ତ କରିଛି। ଲାୟନ୍ସ ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୯ ରନ୍ କରିଥିଲା। ଅନୁରାଗ ଷଡଙ୍ଗୀ ୫୮ ରନ୍ କରିଥିଲେ। ପୁମାସ୍ ପକ୍ଷରୁ କାର୍ତ୍ତିକ ବିଶ୍ୱାଳ ଓ ଅୟସକାନ୍ତ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସ୍ୱସ୍ତିକଙ୍କ ୫୮ ବଲ୍ ୧୦୦ ରନ୍ ବଳରେ ପୁମାସ୍ ୧୯.୧ ଓଭରରେ ୪ ଉଇକେଟ ହରାଇ ୧୭୨ ରନ୍ କରି ବିଜୟୀ ହୋଇଥିଲା। ସ୍ୱସ୍ତିକ ସାମଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

# ବିଶ୍ୱ କ୍ରୀଡ଼ା ଖବରଦାତା ଦିବସରେ କ୍ରୀଡ଼ାମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର,୨।୭(ସରୋଜ ଜେନା):** ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ଅବସରରେ କ୍ରୀଡ଼ା ଓ ଯୁବସେବା, ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ରାଜ୍ୟ ତଥା ଦେଶରେ କ୍ରୀଡ଼ାବିତ୍ ଓ ଖବରଦାତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କ୍ରୀଡ଼ା ଖବରଦାତାମାନେ କ୍ରୀଡ଼ାବିତଙ୍କ ସଂଘର୍ଷ ଏବଂ ସଫଳତାକୁ ସୁନ୍ଦର ଭାବରେ ପରିପ୍ରକାଶ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି। କ୍ରୀଡ଼ାବିତ୍‌ର ସଫଳତା କେବଳ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣେ ନାହିଁ, ବରଂ ଏହା ଭବିଷ୍ୟତ ପିଢ଼ିଙ୍କୁ ପ୍ରେରିତ କରିଥାଏ ବୋଲି ସେ କହିଛନ୍ତି। ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ କ୍ରୀଡ଼ାର ଭିତ୍ତିଭୂମିକୁ ସଶକ୍ତ କରିବାକୁ ପଡ଼ିବ । ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରାଧାନ୍ୟ ଦେବେ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଭାରତକୁ ବିଶ୍ୱକ୍ରୀଡ଼ାରେ ଏକ ପାୱାରହାଉସ୍‌ରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ପୂରଣ ପାଇଁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପୂର୍ଣ୍ଣପ୍ରାଣରେ କାର୍ଯ୍ୟ କରିବ। ବାଲ୍ୟ ଅବସ୍ଥାରୁ କ୍ରୀଡ଼ାବିତ୍‌ଙ୍କ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରାଯାଇ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦିଆଯିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରି ୨୦୩୬ ସୁଦ୍ଧା ଦେଶର ଅଗ୍ରଗଣ୍ୟ ରାଜ୍ୟରେ ପରିଣତ କରିବା ପାଇଁ କ୍ରୀଡ଼ା ଖବରଦାତା, କ୍ରୀଡ଼ାବିତ୍ ଏବଂ ସର୍ବସାଧାରଣଙ୍କ ସହଯୋଗ କାମନା କରିଛନ୍ତି ସୁରଜ।

# 'ଖେଳାଳିଙ୍କୁ ବଡ଼ ପ୍ରେରଣା ଦେଇଥାଏ ଗଣମାଧ୍ୟମ'




ଓସ୍‌ଜା ସଦସ୍ୟଙ୍କ ସହ ଉପସ୍ଥିତ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଓ ଅନ୍ୟ ଅତିଥିବୃନ୍ଦ।

**ଭୁବନେଶ୍ୱର,୨।୭ (ବିଜୟ ରଣା)**

ଖେଳାଳିମାନଙ୍କ ପାଇଁ ଯେତେ ସୁବିଧାସୁଯୋଗ କରାଗଲେ ମଧ୍ୟ ଗଣମାଧ୍ୟମରେ ସେମାନଙ୍କର କୃତୀତ୍ୱ ପ୍ରକାଶିତ ହେବା ସବୁଠାରୁ ଅଧିକ ଆନନ୍ଦ ଓ ପ୍ରେରଣା ଦେଇଥାଏ। ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଟେନିସ ଅଡିଟୋରିୟମରେ ଓଡ଼ିଶା କ୍ରୀଡ଼ା ଖବରଦାତା ସଂଘ (ଓସ୍‌ଜା) ପକ୍ଷରୁ ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ପାଳନ ବେଳେ ଏଥିରେ ଭାଗ ନେଇଥିବା ଅତିଥିମାନେ ତାଙ୍କ ଭାଷଣରେ ଏହି କଥାଟିକୁ ଅଧିକ ଉଜାଗର କରିଥିଲେ। ଅଲିମ୍ପିଆନ ଶ୍ରାବଣୀ ନନ୍ଦ ତାଙ୍କ ସଫଳତାର ଯାତ୍ରାରେ କ୍ରୀଡ଼ା ସାମ୍ବାଦିକମାନଙ୍କ ରହିଥିବା ଭୂମିକା ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ତଥା ଅଲିମ୍ପିଆନ କେ. ରବି କୁମାର ତାଙ୍କ ଜୀବନର ଅତ୍ୟନ୍ତ କଷ୍ଟପୂର୍ଣ୍ଣ ସମୟରେ କ୍ରୀଡ଼ା ସାମ୍ବାଦିକମାନଙ୍କର ଉତ୍ସାହଜନକ କଥା କିପରି ତାଙ୍କୁ ପ୍ରଭାବିତ କରିଥିଲା ତାହା ବଖାଣିଥିଲେ। ଓସ୍‌ଜାର କାର୍ଯ୍ୟକାରୀ ସଭାପତି ସଂବିତ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ପ୍ରମୁଖ କ୍ରୀଡ଼ା ଖବରଦାତା ସନ୍ଦୀପ ମିଶ୍ରଙ୍କୁ ବିଶେଷ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଓସ୍‌ଜାର ସଭାପତି ସନ୍ଦୀପ ମିଶ୍ର ଏବଂ ସମ୍ପାଦକ ସୁରେଶ ସ୍ୱାଇଁ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ସୂଚନା ଦେବା ସାଙ୍ଗକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ବାର୍ତ୍ତା ପାଠ କରିଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଆର୍. ଭିନିଲ କ୍ରିଷ୍ଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ସାମ୍ବାଦିକମାନଙ୍କ ଭୂମିକାର ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରକାଶ ପାଇଥିବା ବିଶେଷ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କ୍ରୀଡ଼ା ସଚିବଙ୍କ ଅନୁରୋଧ କ୍ରମେ କ୍ରୀଡ଼ା ସାମ୍ବାଦିକମାନେ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା କିଛି ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଥିଲେ।

# ଜେଏମ୍ ସ୍ପୋର୍ଟସ୍‌ରେ ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ

**ଭୁବନେଶ୍ୱର, ୨।୭ (ତପନ ସ୍ୱାଇଁ)**

ପରମ୍ପରାକୁ ବଜାୟ ରଖି ସ୍ଥାନୀୟ ଜେଏମ୍ ସ୍ପୋର୍ଟସ୍ ଏକାଡେମୀ ପକ୍ଷରୁ ମଙ୍ଗଳବାର ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କ୍ରୀଡ଼ା ଖବରଦାତା ପ୍ରଫୁଲ୍ଲ କିଶୋର ସାହୁ, ତୁଷାର କୁମାର ସେନାପତି, ବିଶ୍ୱଜିତ ଦାସ, ଲୋକନାଥ ପାଣିଗ୍ରାହୀ, ମଳୟ କୁମାର ନାୟକ, ସମୀର ପ୍ରସାଦ ରାଉତ, ଚକ୍ରଧର ମାଝୀ, କମଳକାନ୍ତ ନାୟକ, ସୁଧୀର ସାହୁ, ରାଜକିଶୋର ଦାସଙ୍କୁ ଏକାଡେମି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଅତିଥି ଭାବେ ସାମାଜିକ କର୍ମୀ ସନ୍ତୋଷ କୁମାର ଜେନା, ଭବାନୀ ରଥ, ଚଳଚ୍ଚିତ୍ର ପ୍ରଯୋଜକ ଅତୀଶ କୁମାର ରାଉତ, ବୈଜ୍ଞାନିକ ସୁବାଷ ଚନ୍ଦ୍ର ମଲ୍ଲିକ, ଜେଏମ୍ ସ୍ପୋର୍ଟସ୍ ଏକାଡେମିର ମୁଖ୍ୟ ମୀରାରାଣୀ ଦାସ, ସମ୍ପାଦକ ଯଶୋବନ୍ତ ଦାସ, ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର ପ୍ରମୁଖ ଯୋଗ ଦେଇ କ୍ରୀଡ଼ା କ୍ଷେତ୍ରରେ କ୍ରୀଡ଼ା ଖବରଦାତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ୨୦୧୩ରୁ ଜେଏମ୍ ସ୍ପୋର୍ଟସ୍ ଏକାଡେମୀ ଛାତ୍ରଛାତ୍ରୀମାନଙ୍କୁ ଜିମ୍ନାଷ୍ଟିକ୍ସ ପ୍ରଶିକ୍ଷଣ ଦେଇ ଆସୁଛି। ଏଥିସହ ଏହି ଏକାଡେମୀ ଏକାଧିକ ସର୍ବଭାରତୀୟ ସ୍ତରୀୟ ପ୍ରତିଯୋଗିତା ଆୟୋଜନ କରିସାରିଛି। ଏକାଡେମୀର ଅନେକ ଖେଳାଳି ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ଚମକ ଦେଖାଇଛନ୍ତି।




ଜେଏମ୍ ସ୍ପୋର୍ଟସ୍ ଏକାଡେମୀରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଖବରଦାତା ଓ ଅନ୍ୟମାନେ।


# Classified Everyday
0674-2580101, 2549949




## BRIDE WANTED

ଚାକିରୀ କରି ଏକାକି ରହୁଥିବା 49 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30-42 Yrs. ଝିଅ ଆବଶ୍ୟକ। Candidate- 9861141891. D-615



## REAL ESTATE
## SALE

**NH side commercial plot for sale at Pipili Bypass. Area-20445sqft. suitable for Godown, Restaurants, Hospital/ Nursing Home. Etc. Contact-9937446498.** D-75549

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-642

Prime location building at Palasuni and BDA, MIG House at Lingaraj Vihar, Bhubaneswar. Contact-8917520527. D-612

Plot for sale Balasore 40 dismil near Hotel Zaika International, both side road, Owner. 8763066010. D-586

ଭୁବନେଶ୍ୱର **KEC** ନିକଟ ଗୁଡ଼ିଆପୋଖରି ଛକରୁ **1.5 K.M.** ମଧ୍ୟରେ **1380sqft.** ଘରବାରି, **Boundary, 30' road, Electricpoll** ଥାଇ **North facing plot** ତୁରନ୍ତ ବିକ୍ରି ହେବ। **Direct owner-9078726651.** D-75968

କଟକ- ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar ଏବଂ Sum-2 ହସ୍ପିଟାଲଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-75970




PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75754

**Relax, Refresh your body, Mind at Saikrupa SPA with best therapies. 8984068077.** D-527

Monalisa massage Club: All types Body massage with hiprofile smart lady rooms service available. 9708545108. D-621

Fully relaxed body massage trained therapist. Central SPA. 9556483961. D-75757

Kerala body Massage best Therapist Bhubaneswar. 9337672475. D-614

## AFFIDAVIT

By virtue of an affidavit sworn before Executive Magistrate, Baripada on 28.06.24, I, Smt. Jayanti Mangaraj, W/o- Late Binod Bihari Panda, resident of Tulasichaura, Mandirsahi, Word No.-23, P.O./P.S.- Baripada, Dist.- MBJ, I have changed my surname from Mangaraj to Panda and both the names Jayanti Mangaraj and Jayanti Panda stands for the names of one and same person i.e. myself. Henceforth, I shall be known as Jayanti Panda.
Jayanti Panda
D-638

I, Rashmi Ranjan Samantray, S/o- Late Krupasindhu Samantaray, resident of Talasahi, Chuda Mill Lane, Khordha, Dist.- Khordha, P.O./P.S.- Khordha, PIN-752055, Odisha declare by this affidavit No. 980 dtd. 01.07.2024 that now onwards I shall be known as Rashmi Ranjan Samantaray for all future purposes. D-641

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, USIBA RAO, S/o- Late U. Bhaskar Rao, resident of Radhakrushna Street, Berhampur, P.O.- Berhampur, P.S.- B Town, Dist.- Ganjam, Odisha declare by this affidavit No.- A-1688, dt. 26.06.2024 that now onwards, I shall be known as U. Siba Sankar Rao for all future purposes. D-637

I, Madhaba Nanda Ghadai, S/o- Shri Uchhab Charan Ghadai, resident of Biswal Sahi, Khalari, P.O.- Khalari, P.S./Dist.- Angul, PIN-759132, Odisha declare by this Affidavit No.- 11745, dtd- 29.06.2024 that my name is wrongly written as Madhaba Nanda Ghadei in Matric Certificate of my son Geet Gourav Ghadai. So now onwards I shall be known as Madhaba Nanda Ghadai for all future purposes. D-643

I, Nirupama Ghadai, W/o Shri Madhaba Nanda Ghadai resident of Biswal Sahi, Khalari, P.O.- Khalari, P.S./Dist.- Angul, PIN- 759132, Odisha declare by this Affidavit No.- 11745, dtd. 29.06.2024 that my name is wrongly written as Nirupama Ghadei in Matric Certificate of my son Geet Gourav Ghadai. So now onwards I shall be known as Nirupama Ghadai for all future purposes. D-644

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**୰ଦୋଳଗୋବିନ୍ଦ ଷଡ଼ଙ୍ଗୀ**
ଅବସରପ୍ରାପ୍ତ ଓଡ଼ିଶା ରାଜ୍ୟ ଶିଳ୍ପ ଉପନିର୍ଦ୍ଦେଶକ
ଆବିର୍ଭାବ- ୧୦।୦୩।୧୯୩୯
ତିରୋଧାନ- ୨୬।୦୬।୨୦୨୨
(ଆଷାଢ଼ କୃଷ୍ଣପକ୍ଷ ତ୍ରୟୋଦଶୀ)

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ନିଃସ୍ୱାର୍ଥପର ସେବା ମନୋଭାବ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣ ସର୍ବଦା ଆମ୍ଭମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ। ପତ୍ନୀ ବିୟୋଗ ପରେ ଭୁବନେଶ୍ୱରସ୍ଥିତ ରତ୍ନପ୍ରଭା ଦେବୀ ମେମୋରିଆଲ ଟ୍ରଷ୍ଟର ସ୍ଥାପନା ଓ ଏହାର ଏକକ ସଂସ୍ଥାପକ ଅଧ୍ୟକ୍ଷ ଭାବେ ଆପଣଙ୍କ କାର୍ଯ୍ୟ ସମ୍ପାଦନ ଅବିସ୍ମରଣୀୟ ତଥା ପ୍ରେରଣାଦାୟୀ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ- ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୬୩୯

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ଡ. ପ୍ରମୋଦ କୁମାର ମିଶ୍ର**
ପାଞ୍ଚମାଇଲି, ନୂଆବଗ, ଢେଙ୍କାନାଳ
ଜନ୍ମ: ୦୪।୦୪।୧୯୫୯
ତିରୋଧାନ: ୨୨।୦୬।୨୦୨୪

ଦୁନିଆର ସବୁ ଖୁସି ଆମ ଲାଗି ସଜାଡ଼ି ଦେଇ କେଉଁପୁରେ ଚାଲିଗଲ ଶୋକସାଗରେ ବୁଡ଼େଇ ଦେଇ। ତୁମ ବିନା ଶୂନ୍ୟ ଘରଦ୍ୱାର । ଲୁହ ବୋଲ ମାନୁନାହିଁ ଫେରି ଆସ ବିଭୂକୃପା ସାଥେ ନେଇ, ତୁମ ବାଟ ରହିଛୁ ଅନାଇ ।
ଶୋକସନ୍ତପ୍ତ: ସ୍ତ୍ରୀ, ଝିଅ, ଜ୍ୱାଇଁ, ପୁଅ, ବୋହୂ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୪୦

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଶ୍ରୀହରି ଚରଣ ନାୟକ**
VIP Road, ପୁରୀ
ଆବିର୍ଭାବ: ୧୦।୦୮।୧୯୪୬
ତିରୋଧାନ: ୨୩।୦୬।୨୦୨୪

ବାପା ତୁମ ଅନାବିଳ ସ୍ନେହ, ଶ୍ରଦ୍ଧା, ଭକ୍ତି ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ତୁମର ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁ
ଧ-୬୦୬

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


## ଜିମ୍ବାୱେ ବିପକ୍ଷ ଟି୨୦ ସିରିଜ୍

# ଭାରତୀୟ ଦଳରେ ସୁଦର୍ଶନ, ଜିତେଶ ଓ ରାଣା

**ନୂଆଦିଲ୍ଲୀ, ୨।୭ (ପି.ଟି.):** ଜିମ୍ବାୱେ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ ପାଇଁ ଭାରତୀୟ ଦଳରେ ତିନୋଟି ପରିବର୍ତ୍ତନ କରାଯାଇଛି। ସଞ୍ଜୁ ସାମ୍‌ସନ, ଶିବମ ଦୁବେ ଓ ଯଶସ୍ୱୀ ଜୟସ୍ୱାଲଙ୍କ ସ୍ଥାନରେ ସାଇ ସୁଦର୍ଶନ, ଜିତେଶ ଶର୍ମା ଓ ହର୍ଷିତ ରାଣାଙ୍କୁ ସାମିଲ କରାଯାଇଛି। ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣଙ୍କ ତତ୍ତ୍ୱାବଧାନରେ ଜିମ୍ବାୱେ ଗସ୍ତ କରିଥିବା ଭାରତୀୟ କ୍ରିକେଟ ଦଳ ଜୁଲାଇ ୬ରୁ ୫ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିବ। ଟି୨୦ ବିଶ୍ୱକପ୍ ବିଜୟୀ ଦଳର ଅଂଶବିଶେଷ ରହିଥିବା ଦୁବେ, ସାମସନ ଓ ଜୟସ୍ୱାଲ ଜିମ୍ବାୱେ ଟୁର୍‌ରେ ଯାଉଥିବା ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ମାତ୍ର ଝଡ଼ ବାତ୍ୟା ଯୋଗୁ ସେମାନେ ବାର୍ବାଡୋସରେ ଅଟକି ଯାଇଛନ୍ତି। ସେମାନେ ଏକ ସ୍ୱତନ୍ତ୍ର ବିମାନରେ ଅନ୍ୟ ଖେଳାଳିମାନଙ୍କ ସହ ବୁଧବାର ରାତିରେ ଭାରତରେ ପହଞ୍ଚିବେ। ଖେଳାଳିମାନେ ପରେ ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବାର କାର୍ଯ୍ୟକ୍ରମ ରହିଛି। ଏକ ଭିନ୍ନ ପରିସ୍ଥିତିରେ ବିସିସିଆଇ ୩ଜଣ ଖେଳାଳିଙ୍କୁ ବଦଳ କରିବାକୁ ବାଧ୍ୟ ହୋଇଛି। ଟି୨୦ ବିଶ୍ୱକପ୍ ପାଇଁ ରିଜର୍ଭ ଖେଳାଳି ଭାବେ ଗସ୍ତ କରିଥିବା ପେସର ଖଲିଲ ଅହମଦ ଓ ବ୍ୟାଟର ରିଙ୍କୁ ସିଂ ମଧ୍ୟ ବାର୍ବାଡୋସରେ ଫସି ଯାଇଛନ୍ତି। ଏହି ଦୁଇଜଣ ମଧ୍ୟ ଜିମ୍ବାୱେ ସିରିଜ ପାଇଁ ଦଳରେ ସ୍ଥାନ ପାଇଛନ୍ତି।

**ଭାରତର ଅପ୍‌ଡେଟେଡ ଦଳ:** ଶୁବମନ ଗିଲ (ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଅଭିଷେକ ବର୍ମା, ରିଙ୍କୁ ସିଂ, ଧ୍ରୁବ ଜୁରେଲ (ଉଇକେଟକିପର), ରିୟାନ ପରାଗ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଆଭେଶ ଖାନ୍, ଖଲିଲ ଅହମଦ, ମୁକେଶ କୁମାର, ତୁଷାର ଦେଶପାଣ୍ଡେ, ସାଇ ସୁଦର୍ଶନ, ଜିତେଶ ଶର୍ମା, ହର୍ଷିତ ରାଣା।

# ଜ୍ୟୋତି, ଆଭାଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

**ନୂଆଦିଲ୍ଲୀ,୨।୭(ପି.ଟି.):** ୧୧୦ ମିଟର ହର୍ଡଲ୍ସ ଧାବିକା ଜ୍ୟୋତି ୟାରାଜୀ ଓ ଶଟ୍ ପୁଟର ଆଭା ଖଟୁଆ ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଶ୍ୱ ର୍‌ୟାଙ୍କିଂ ଆଧାରରେ ଉଭୟ ଖେଳାଳି ଯୋଗ୍ୟତା ହାସଲ କରିଥିବା ଜଣା ପଡ଼ିଛି। ଜ୍ୟୋତି ପ୍ରଥମ ହର୍ଡଲ୍ସ ଧାବିକା ଭାବରେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଜାଭେଲିନ୍ ଥ୍ରୋୟର ଡି.ପି. ମନୁ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ ଡୋପିଂ କାରଣରୁ ସେ ବାଦ ପଡ଼ିଛନ୍ତି।

# ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତି



**ଏ ମାସର କୃଷି ସୂଚନା**

ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ହେକ୍ଟର ଜମି ପାଇଁ ୨୫ ଡେସିମିଲି ଜମିରେ ତଳିପକାନ୍ତୁ । ତଳି କିଆରିକୁ ଭଲ ଭାବରେ ଚାଷକରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ । ପଟାଳିଗୁଡ଼ିକର ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ୨ ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡ଼ିଦେବେ କାରଣ ସେହି ନାଳଦେଇ ବେଶି ବର୍ଷା ହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ । ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ଛଡ଼ାରେ ଧାଡ଼ି ଧାଡ଼ି କରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ । ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚନ୍ତୁ । ବିହନକୁ ଫିମ୍ପିନାଶକରେ ବିଶୋଧନକରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦-୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫-୩୦ ଦିନର ହେଲେ ରୋଇ ଦିଅନ୍ତୁ । ବୁଣାଧାନ ୩୦-୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଧଣିଚା ବୁଣାଯାଇଥିଲେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ ୨,୪-ଡି ସୋଡିୟମ୍ ସଲ୍‌ଟ ପ୍ରୟୋଗକରି ଧଣିଚା ମରିଗଲା ପରେ ଜମିରେ ଚାଷ କରି ମାଟିରେ ମିଶାଇ ଦିଅନ୍ତୁ କିମ୍ବା ଧଣିଚାକୁ (ଫୁଲହେବା ପୂର୍ବରୁ) ସିଧାସଳଖ ହଳ ଦ୍ୱାରା ମାଟିରେ ମିଶାଇ ଦିଅନ୍ତୁ । ଏହା ଧଣିଚା ବୁଣାର ୬ ରୁ ୭ ସପ୍ତାହ ବେଳକୁ କରାଯାଏ । ଜୁଲାଇ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ । ଜମି କାଦୁଅ ପାଇଁ ଟ୍ରାକ୍ଟର ଚାଳିତ ପଜଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟର ଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇ ପାରିବେ । ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍‌ତଳିଘରା କରି ତଳି ଉଠାନ୍ତୁ । ସଘନ ଧାନ ଚାଷ (ଶ୍ରୀ ପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉଠାନ୍ତୁ । ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡ୍‌ର ବ୍ୟବହାରକରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।

**ଚିନାବାଦାମ :** ମଞ୍ଜିକୁ ଫିମ୍ପିନାଶକ (ଟେବୁକୋନାଜୋଲ୍ ଏସ୍‌ଡିସି ୩ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ଓ ରାଇଜୋବିୟମ କଲ୍‌ଚର ୧୦ କି.ଗ୍ରା. ମଞ୍ଜି ପ୍ରତି ୨୦୦ ଗ୍ରାମ୍ ହିସାବରେ ଉପଚାର କରାଇ ପ୍ରଥମ ସପ୍ତାହ ମଧ୍ୟରେ ବୁଣି ଦିଅନ୍ତୁ । ବୁଣିବାର ୧ ସପ୍ତାହ ପୂର୍ବରୁ ଫିମ୍ପି ନାଶକ ଔଷଧ ଏବଂ ବୁଣିବା ଦିନ ଜୀବାଣୁ କଲ୍‌ଚର ଉପଚାର କରନ୍ତୁ । ୩ସପ୍ତାହର ଫସଲ ହୋଇଥିଲେ କୋଡ଼ାଖୋସା କରି ଘାସ ବାଛି ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ ।

**ରାଶି :** ରାଶି ବିହନକୁ ଫିମ୍ପିନାଶକ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ଉପଚାର କରାଇ ଏ ମାସର ମଧ୍ୟଭାଗ ସୁଦ୍ଧା ବୁଣା କାର୍ଯ୍ୟ ଶେଷ କରନ୍ତୁ । ରାଶି ଗଛ ସଂଖ୍ୟା ଅଧିକ ଥିଲେ ୨ ସପ୍ତାହ ମଧ୍ୟରେ ଆବଶ୍ୟକ ଗଛ ରଖି ବାକି ଗଛ ଉପାଡ଼ି ଦିଅନ୍ତୁ ଏବଂ ୨୦-୨୧ ଦିନରେ କୋଡ଼ାଖୋସା କରି ଘାସ ବାଛି ଅନୁମୋଦିତ ସାର ପ୍ରୟୋଗ କରନ୍ତୁ ।

**ଆଖୁ :** ଜମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ । ଫସଲ ୪-୫ ମାସର ହୋଇଥିଲେ ଭେଳା ବନ୍ଧା କାମ କରନ୍ତୁ । ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ । ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍/କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୩୭୫ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ । ସଅଳ କାଣ୍ଡବିନ୍ଧା କୀଟକୁ ଦମନ କରିବା ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାର ଔଷଧର ୩-୪ଟି ଦାନା ପ୍ରୟୋଗ କରନ୍ତୁ । ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।

**ଗୋପାଳନ :** ଗୁହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ । ଫାଟୁଆ, ପ୍ଲିହା ଜ୍ୱର, ବଜବଜିଆ, ସାହାଣ ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ବର୍ଷା ପୂର୍ବରୁ ଟିକା ଦିଅନ୍ତୁ । ଗୋରୁଙ୍କ ଝାଡ଼ା ପରୀକ୍ଷାକରି କୃମିନାଶକ ଔଷଧ ଦିଅନ୍ତୁ । ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ସିଞ୍ଚନ କରନ୍ତୁ । ଗୁହାଳକୁ ବର୍ଷାବସ୍ତୁ ଏବଂ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରନ୍ତୁ । ଗୁହାଳ ଚତୁଃପାର୍ଶ୍ୱରେ ଜଳ ଜମାହେବା ପାଇଁ ଦିଅନ୍ତୁ ନାହିଁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,ଓୟୁଏଟି, ଭୁବନେଶ୍ୱର-୩

## ଫଳଚାଷ କରୁଥିଲେ...

ଆମ୍ବ, ନଡ଼ିଆ, ପିଜୁଳି, ସପେଟା, ଲିଚୁ, ପଣସ, ସଜନା, ଅମୃତଭଣ୍ଡା, କମଳା, ଲେମ୍ବୁ ଆଦିର ଉନ୍ନତ ବା ସଙ୍କର କିସମ ଗଛ କିମ୍ବା କଲମୀ ଗଛ ଆଣି ଅନୁମୋଦିତ ପ୍ରଣାଳୀରେ ରୋପଣ କରନ୍ତୁ । କଲମୀ ଚାରାର ମାଆ ଗଛ ଅଂଶରୁ ବାହାରୁଥିବା ସମସ୍ତ ଗଜା ଡାଳକୁ ନଷ୍ଟ କରିଦିଅନ୍ତୁ । ଫଳ ବଗିଚାରୁ ଘାସ ଓ ଅନାବନା ଗଛ ନଷ୍ଟକରି ସଫାସୁତୁରା ରଖନ୍ତୁ । ପ୍ରଥମ ଦଫା ସାରକୁ ଏହି ସମୟରେ ଗଛମୂଳରେ ପ୍ରୟୋଗ କରନ୍ତୁ । ଦରକାର ଅନୁଯାୟୀ ଫଳଗଛରେ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟକୁ ପ୍ରଲେପ ଦିଅନ୍ତୁ । ଗଛମୂଳରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।



## ଆଖୁରେ ଅଗବିନ୍ଧା ପୋକ ଲାଗିଲେ..



ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ। ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରା ନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ। କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆପୋକ ଲାଗିବା ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ। ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ପ୍ରିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଲିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି ଦିଅନ୍ତୁ। ଆକ୍ରାନ୍ତ ସ୍ଥାନରେ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ ।

## ଚିନାବାଦାମ ବିହନ ବ୍ୟବହାର ପୂର୍ବରୁ...



ଚିନାବାଦାମ ଚାଷ ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡ କରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଉଚିତ । ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।

## ମଲ୍ଲୀ ଗଛ ପାଇଁ ମନ୍ଦା କରୁଥିଲେ...

ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ । ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର । ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ । କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ । ପଟାଳି କରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ । ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।



## ଅଧିକ ଅମଳକ୍ଷମ ସୋରିଷ ଚାଷ



ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ସଅଳ କିସମ ମୁଗଚାଷ

ଆଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇପିଏମ୍ ୦୨-୩, ଆଇପିଏମ୍ ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶୀ), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶୀ କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ । ବିହନକୁ ଫିମ୍ପିନାଶକ ଔଷଧ ଓ ଜୀବାଣୁ କଲ୍‌ଚର ଉପଚାର କରି ବୁଣନ୍ତୁ। ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁ ସାର (ପିଏସ୍‌ବି) ସହ ଗୋଳାଇ ବୁଣନ୍ତୁ । ଘାସମରା ବିଷ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ । ଘାସମରା ବିଷ ପ୍ରୟୋଗକରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ା ଖୋସା କରି ଘାସ ବାଛି ଦିଅନ୍ତୁ ।



## ମାଛ ଯାଆଁଳ ଚୟନ

ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ। ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ। ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ। ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷକରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦



ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ସଘନ ମାଛଚାଷ ପାଇଁ ୧ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଅଗଷ୍ଟ ମାସର ପ୍ରଥମ ସପ୍ତାହ ମଧ୍ୟରେ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

# ଉଚ୍ଚା ନିଗିଡ଼ା ଜମିରେ ପନିପରିବା ଚାଷ

ଜଳ ନିଷ୍କାସିତ ଉଚ୍ଚା ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ । ତିନି ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ତଳି ପଟି ତିଆରି କରନ୍ତୁ । ୨ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ । ତଳି ପଟିର ଚାରିପଟୁ ମାଟିନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ତଳି ପଟିରେ ୨-୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ । ତା' ପରେ ପ୍ରତି ତଳି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ । ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନକରି ବୁଣନ୍ତୁ । ମଞ୍ଜି ବୁଣିବା ପରେ ଛଣ ବା ନଡ଼ା ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନାହିଁ ।



୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ଛଣ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ । ତଳି ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନକରି ଜମିରେ ଲଗାନ୍ତୁ। ଏକ ଏକର ବାଇଗଣ ଓ ଲଙ୍କାମରିଚ ଚାଷ ପାଇଁ ଉପରୋକ୍ତ ଆକାରର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ । ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷା କରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ। ବାଇଗଣ ମଞ୍ଜି ହେକ୍ଟର ପ୍ରତି ୫୦୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୧ କି.ଗ୍ରା. ଆବଶ୍ୟକ । ଯଦି ଶଙ୍କର କିସମର ବିହନ ବ୍ୟବହାର କରୁଥାନ୍ତି ତେବେ ବାଇଗଣ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଓ ଲଙ୍କାମଞ୍ଜି ୩୦୦ ଗ୍ରାମ୍ ବ୍ୟବହାର କରନ୍ତୁ। ବାଇଗଣର ଉନ୍ନତ କିସମଗୁଡ଼ିକ ହେଲା – ମୁକ୍ତକେଶୀ, ପୁଷା କ୍ରାନ୍ତି, ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ବ୍ଲୁ ଷ୍ଟାର୍, ଗ୍ରୀନ୍ ଷ୍ଟାର୍ । ସଙ୍କର ଜାତୀୟ କିସମ ହିସାବରେ ଜେକେ-୮୦୩୧, ଜେକେ-୮୦୩୫, ତାରିଣି, ଅଖିତା, ସୁଗ୍ରୋ-୧୩୨, ସୁଗ୍ରୋ-୩୮, ଭିଏନ୍‌ଆର୍-୦୦୫ ଆଦି ଚାଷ କଲେ ଭଲ ଅମଳ ମିଳିପାରିବ । କଞ୍ଚାଲଙ୍କା ପାଇଁ ଉପଯୁକ୍ତ କିସମଗୁଡ଼ିକ ହେଲା – ଉତ୍କଳ ଆଭା, ଉତ୍କଳ ରାଗିଣୀ, ସୂର୍ଯ୍ୟମୁଖୀ, ପନ୍ତ ସି-୧ । ଶୁଖିଲା ଲଙ୍କା ପାଇଁ ଉପଯୁକ୍ତ କିସମଗୁଡ଼ିକ ହେଲା – ପୁଷାଜ୍ୱାଳା, ଉତ୍କଳ ରଶ୍ମି, ପୁଷା ସଦାବାହାର, ସିନ୍ଦୂର, ଲାମ୍ ଏକ୍ସ-୩୫ । କଖାରୁ, ଜହ୍ନି, କାକୁଡ଼ି, କଲରା, ପୋଟଳ, ଛଚିନ୍ଦ୍ରା ଆଦି ଲଗାସରିଥିଲେ କୋଡ଼ାଖୁସାକରି ପ୍ରଥମ କିସ୍ତି ସାର ଦେଇ ହୁଡ଼ା ଟେକି ରଞ୍ଜା ଦିଅନ୍ତୁ । ବର୍ଷାଦିନେ ଡଙ୍କ ଜାତୀୟ ଫସଲକୁ ତଳେ ମଡ଼ାନ୍ତୁ ନାହିଁ। ଭେଣ୍ଡି ଫସଲ କୋଡ଼ାଖୁସାକରି ସାର ଦେଇ ହୁଡ଼ା ଟେକନ୍ତୁ । ପନିପରିବା ଫସଲରେ ବର୍ଷାଜଳକୁ ଠିକ୍ ଭାବରେ ନିଷ୍କାସନ କରନ୍ତୁ ।

ଧରିତ୍ରୀ
DHARITRI
50 Years

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜୁଲାଇ ୩/୨୦୨୪ Bhubaneswar, Wednesday, July 3/ 2024

# ଓଡ଼ିଶାର ସାତ୍ତ୍ୱିକଙ୍କୁ ବ୍ରୋଞ୍ଜ

## ଫିଡେ ବିଶ୍ୱକପ୍ ଚେସ



ଭୁବନେଶ୍ୱର, ୨।୭ (ତପନ ସ୍ୱାଇଁ)

ଜର୍ଜିଆର ବାଟୁମିଠାରେ ଅନୁଷ୍ଠିତ ଫିଡେ ଜୁନିୟର (୮, ୧୦, ୧୨ ବର୍ଷରୁ କମ୍) ବିଶ୍ୱକପରେ ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଛନ୍ତି। ସେ ୮ ବର୍ଷରୁ କମ୍ ବର୍ଗରେ ଏହି ସଫଳତା ପାଇଛନ୍ତି। ଫଳରେ ତାଙ୍କ ପ୍ରଶିକ୍ଷଣ ସ୍ଥାନ କିଙ୍ଗ୍ ଚେସ୍ ସେଣ୍ଟର ଉତ୍ସବ ମୁଖର ହୋଇପଡ଼ିଛି। ମଙ୍ଗଳବାର ପ୍ରତିପକ୍ଷ ଖୁଡୁଜାଡେ ଆଜାଦଙ୍କ ବିପକ୍ଷରେ ଧଳାଗୋଟି ନେଇ କାରୋକାନ୍ ଗେମ୍‌ରେ ୭୪ ମୁଭ୍‌ରେ ମ୍ୟାଚ ଡ୍ର ରଖି ସେ ବ୍ରୋଞ୍ଜ ପଦକ ପାଇବାକୁ ହକ୍‌ଦାର ହୋଇ ଯାଇଥିଲେ। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶାର ଚେସ ଖେଳାଳି ଏବଂ ଚେସ ପ୍ରେମୀଙ୍କ ମଧ୍ୟରେ ଖୁସି ର ଲହରୀ ଖେଳିଯାଇଛି। ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି। ଏଥିରେ ସାମିଲ ହୋଇଛନ୍ତି କିଙ୍ଗ ଚେସ ସେଣ୍ଟର୍‌ର ପ୍ରତିଷ୍ଠାତା ତଥା ମୁଖ୍ୟକୋଚ ବିଶ୍ୱଜିତ ରାୟଙ୍କ ସହିତ ସମସ୍ତ ପ୍ରଶିକ୍ଷକ ଏବଂ ପ୍ରଶିକ୍ଷିକା, ରାଜ୍ୟ ଚେସ ଆସୋସିଏଶନ୍ ସମ୍ପାଦକ ଦେବବ୍ରତ ଭଞ୍ଜ, ଟ୍ରିପଲ ସି' ଚେସ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ସହ ସମ୍ପାଦକ ଅର୍ଘ୍ୟ ଅର୍ପଣ ପରିଡ଼ା, ଖୋର୍ଦ୍ଧା ଜିଲ୍ଲା ଚେସସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ରାଜ୍ୟ ଆସୋସିଏଶନ୍‌ର କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ, ସନ୍ଦୀପ ସାମନ୍ତରାୟ, କଟକ ଜିଲ୍ଲା ଚେସ ସଂଘ ସଭାପତି ବିବେକ ଡ୍ରିବରୱାଲ, କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଆସୋସିଏଶନ୍ ସମ୍ପାଦକ ଭାବେଶ ମହାନ୍ତି ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନର ପୂର୍ବତନ ସହ ସମ୍ପାଦକ ରଞ୍ଜନ ମହାନ୍ତି। ଏହା ବ୍ୟତୀତ ବିଭିନ୍ନ ଜିଲ୍ଲା ଚେସ ସଂଘ ଏବଂ କ୍ଲବ୍ ତରଫରୁ ମଧ୍ୟ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ରୋହିତଙ୍କ ପାଇଁ ଇସ୍ତଫା ଦେଇ ନ ଥିଲେ ଦ୍ରାବିଡ୍

ବ୍ରିଜ୍‌ଟାଉନ୍,୨।୭(ପି.ଟି.)

ଟି୨୦ ବିଶ୍ୱକପ୍ ବିଜେତା ଭାରତୀୟ ଦଳର ବିଦାୟୀ କୋଚ୍ ରାହୁଲ ଦ୍ରାବିଡ ନିଜ ବିଦାୟକାଳୀନ ଅଭିଭାଷଣରେ ଏକ ବଡ ଖୁଲାସା କରିଛନ୍ତି। ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲ ପରେ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହେଉଥିବା ବେଳେ ସେ ଓହରିବାକୁ ଚାହୁଁଥିଲେ। ତେବେ ଅଧିନାୟକ ରୋହିତ ଶର୍ମା ତାଙ୍କୁ ଫୋନ୍ କରିବା ସହ କୋଚ୍ ଭାବରେ ରହିବା ପାଇଁ ଅନୁରୋଧ କରିଥିଲେ। ନିକଟରେ ବିସିସିଆଇ ପକ୍ଷରୁ ବାର୍ବାଡୋସର ଏକ ଡ୍ରେସିଂ ରୁମ୍ ଭିଡିଓ ଶେୟାର କରାଯାଇଥିଲା। ଏଥିରେ ଭାରତୀୟ ଦଳର ସମସ୍ତ ଖେଳାଳିଙ୍କ ଉଦ୍ଦେଶ୍ୟରେ ଦ୍ରାବିଡ୍ କହିଥିଲେ। "ଧନ୍ୟବାଦ ରୋହିତ, ନଭେମ୍ବର ମାସରେ ତୁମର କଲ୍ କାରଣରୁ ମୁଁ କୋଚ୍ ଭାବରେ କାର୍ଯ୍ୟ ଜାରି ରଖିଥିଲି। ଯାହାଫଳରେ ଏଭଳି ଐତିହାସିକ କ୍ଷଣର ଅଂଶବିଶେଷ ହେବାର ସୁଯୋଗ ମିଳିଲା ବୋଲି ସେ କହିଥିଲେ"।

# ଡିଫେଣ୍ଡିଂ ଚାମ୍ପିୟନ ଭୋନ୍ଦ୍ରୋସୋଭା ବିଦା

## ୱିମ୍ବଲଡନ୍ ଟେନିସ୍

ୱିମ୍ବଲଡନ,୨।୭(ପି.ଟି.)

ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟ ୱିମ୍ବଲଡନରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ଡିଫେଣ୍ଡିଂ ଚାମ୍ପିୟନ ମାର୍କେଟା ଭୋନ୍ଦ୍ରୋସୋଭା। ସ୍ପେନ୍‌ର ଅଣସିଡେଡ୍ ଖେଳାଳି ଜେସିକା ବୌଜାସ ମାନେରିଓଙ୍କ ଠାରୁ ୬-୪, ୬-୨ର ସିଧାସଳଖ ସେଟରେ ସେ ପରାଜିତ ହୋଇଥିଲେ। ସେହିପରି ଦୀର୍ଘ ୬ ବର୍ଷ ପରେ ୱିମ୍ବଲଡନରେ ପ୍ରଥମ ବିଜୟ ହାସଲ କରିଛନ୍ତି ଜାପାନର ନାଓମି ଓସାକା। ମାତୃତ୍ୱ କାରଣରୁ ଟେନିସ୍‌ରୁ ଦୂରେଇ ରହିଥିବା ଓସାକା ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ପେରୀଙ୍କୁ ୬-୧, ୧-୬ ଓ ୬-୪ ସେଟରେ ପରାସ୍ତ କରିଥିଲେ। ଅନ୍ୟ ମହିଳା ସିଡେଡ ଖେଳାଳିଙ୍କ ମଧ୍ୟରେ ଏଲିନା ରିବାକିନା, ଜେସିକା ପେଗୁଲା ଓ ହାରିଏଟ୍ ଡାର୍ଟ ସହଜ ବିଜୟ ହାସଲ କରିଛନ୍ତି। ଚତୁର୍ଥ ସିଡ୍ ରିବାକିନା ୬-୩, ୬-୧ ସେଟରେ ରୋମାନିଆର ଏଲିନା ଗାବ୍ରିଏଲା ରୁସ୍‌ଙ୍କୁ ହରାଇଛନ୍ତି। ପଞ୍ଚମ ସିଡ୍ ୬-୨, ୬-୦ ସେଟରେ ଆସଲିନ୍ କ୍ରୁଗରଙ୍କୁ ହରାଇଥିଲେ। ସେହିପରି ଅଣସିଡେଡ୍ ହାରିଏଟ୍ ଡାର୍ଟ ୬-୪, ୬-୦ ସେଟରେ ଚାଇନାର ଝୋଉଜୁଆନ ବାଇଙ୍କୁ ହରାଇଛନ୍ତି।



ମାର୍କେଟା ଭୋନ୍ଦ୍ରୋସୋଭା

ସେହିପରି ପୁରୁଷ ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ସର୍ବିୟାର ନୋଭାକ ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ସହଜ ବିଜୟ ହାସଲ କରିଛନ୍ତି। ଅଷ୍ଟମ ୱିମ୍ବଲଡନ୍ ଲକ୍ଷ୍ୟରେ ଥିବା ଜୋକୋଭିଚ୍ ଚେକ୍ ରିପବ୍ଲିକର ଭିଟ୍ କୋପ୍ରିଭାଙ୍କୁ ୬-୧, ୬-୨, ୬-୨ ସେଟରେ ପରାସ୍ତ କରିଛନ୍ତି। ଅନ୍ୟ ପୁରୁଷ ଖେଳାଳିଙ୍କ ମଧ୍ୟରେ ହ୍ୟୁବାର୍ଟ ହରକାଜ ବିଜୟୀ ହୋଇଛନ୍ତି। ହରକାଜ୍ ୫-୭, ୬-୪, ୬-୩ ଓ ୬-୪ ସେଟ୍‌ରେ ମଲଡୋଭାର ରାଡୁ ଆଲବୋଟଙ୍କୁ ପରାସ୍ତ କରିଛନ୍ତି। ଏକାଧିକ ମ୍ୟାଚ୍ ବର୍ଷା କାରଣରୁ ସ୍ଥଗିତ ରଖାଯାଇଥିଲା।

# ପେନାଲ୍ଟି ଶୁଟ୍ ଆଉଟରେ ଜିତିଲା ପର୍ତ୍ତୁଗାଲ

## ୟୁରୋ କପ୍

ଫ୍ରାଙ୍କଫର୍ଟ,୨।୭(ପି.ଟି.)

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ୍ ଫୁଟବଲ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ପର୍ତ୍ତୁଗାଲ ଓ ଫ୍ରାନ୍ସ। ପର୍ତ୍ତୁଗାଲ ପେନାଲ୍ଟି ଶୁଟ ଆଉଟ୍‌ରେ ୩-୦ରେ ସ୍ଲୋଭେନିଆକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଫ୍ରାନ୍ସ ୧-୦ ଗୋଲରେ ବେଲଜିୟମ ବିପକ୍ଷରେ ବିଜୟୀ ହୋଇଥିଲା।

**ଶୁଟଆଉଟ ଜିତିଲା ପର୍ତ୍ତୁଗାଲ:** ୟୁରୋ କପ୍ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ପେନାଲ୍ଟି ଶୁଟ୍‌ଆଉଟରେ ୩-୦ ଗୋଲରେ ସ୍ଲୋଭେନିଆକୁ ପରାସ୍ତ କରିଛି ପର୍ତ୍ତୁଗାଲ। ବିଶ୍ୱ ମାନ୍ୟତାର ୫୭ ତମ ସ୍ଥାନରେ ରହିଥିଲେ ମଧ୍ୟ ସ୍ଲୋଭେନିଆ ବିଶ୍ୱ ମାନ୍ୟତାର ଷଷ୍ଠ ସ୍ଥାନରେ ଥିବା ପର୍ତ୍ତୁଗାଲକୁ କଡା ଟକ୍କର ଦେଇଥିଲା। ପର୍ତ୍ତୁଗାଲ ଦଳ ମ୍ୟାଚ୍‌ର ୭୨ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିବା ବେଳେ ୨୦ଟି ଶଟ୍ ଟାର୍ଗେଟରେ ରହିଥିଲା। ସ୍ଲୋଭେନିଆ ଗୋଲକିପର ଜାନ୍ ଓବ୍ଲାକ ଗୋଟିଏ ବି ଗୋଲ ବରଣ କରି ନ ଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ଗୋଲଶୂନ୍ୟ ରହିବା ପରେ ଖେଳ ଅତିରିକ୍ତ ସମୟକୁ ଯାଇଥିଲା। ଏହି ସମୟରେ ମଧ୍ୟ ପର୍ତ୍ତୁଗାଲକୁ ସ୍କୋର କରିବାର ସୁଯୋଗ ଦେଇ ନ ଥିଲା ସ୍ଲୋଭେନିଆ। ପର୍ତ୍ତୁଗାଲ ପକ୍ଷରୁ ବ୍ରେଣ୍ଡନ ସିଲ୍‌ଭା, ବ୍ରୁନୋ ଫର୍ନାଣ୍ଡେସ୍ ଓ କ୍ରିଷ୍ଟିଆନୋ ରୋନାଲ୍ଡୋ ପ୍ରଥମ ୩ ଶଟ୍‌ରୁ ୩ ଗୋଲ କରିଥିଲେ। ଅନ୍ୟପକ୍ଷରେ ସ୍ଲୋଭେନିଆ ପକ୍ଷରୁ ଜୋସିପ୍ ଲିକିକ, ଜୁରେ ବାଲ୍‌କୋଭେକ ଓ ବେଞ୍ଜାମିନ ଭର୍ବିକଙ୍କ ପ୍ରୟାସକୁ ଅଟକାଇବାରେ ସଫଳ ହୋଇଥିଲେ ପର୍ତ୍ତୁଗାଲ ଗୋଲକିପର ଡିଏଗୋ କୋଷ୍ଟା।

**ଆତ୍ମଘାତୀ ଗୋଲରେ ବେଲଜିୟମ ବିଦା:** ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ବେଲଜିୟମ ୧-୦ରେ ଫ୍ରାନ୍ସ ନିକଟରୁ ହାରି ବିଦାୟ ନେଇଛି। ଏହି ମ୍ୟାଚ୍‌ଟି କଡା ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ଉଭୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ଫ୍ରାନ୍ସ ୫୬ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିବା ବେଳେ ୧୯ଟି ଶଟ୍ ଟାର୍ଗେଟରେ ରହିଥିଲା। ତେବେ ମ୍ୟାଚ୍‌ର ୮୫ ତମ ମିନିଟରେ ବେଲଜିୟମ ଡିଫେଣ୍ଡର ଜାନ୍ ଭେର୍ଟୋନ୍‌ଘେନଙ୍କ ତ୍ରୁଟିରୁ ସ୍କୋର କରିଥିଲା ଫ୍ରାନ୍ସ।

# ଅଲିମ୍ପିକ୍ସରେ ଯୁଦ୍ଧର ପ୍ରଭାବ

ଅଲିମ୍ପିକ୍ସର ତୃତୀୟ ସଂସ୍କରଣ ୧୯୦୪ରେ ଯୁକ୍ତରାଷ୍ଟ୍ର ଆମେରିକାରେ ଆୟୋଜିତ ହୋଇଥିଲା। ଏହା ସେଣ୍ଟ ଲୁଇସ୍ ଓ ମିଶୌରୀରେ ଅନୁଷ୍ଠିତ ହୋଇଥିଲା। ଗେମ୍ସ ଅଫ୍ ଥାର୍ଡ ଅଲିମ୍ପିଆଡ ବୋଲି କୁହାଯାଇଥିବା ଏହି ଇଭେଣ୍ଟରେ ଆମେରିକାର ଆଧିପତ୍ୟ ଦେଖିବାକୁ ମିଳିଥିଲା। ୧୯୦୦ ପ୍ୟାରିସ୍ ଅଲିମ୍ପିକ୍ସରେ ୨୬ ଦେଶ ଅଂଶଗ୍ରହଣ କରିଥିବା ବେଳେ ସେଣ୍ଟଲୁଇସରେ ୧୨ ଦେଶ ଅଂଶଗ୍ରହଣ କରିଥିଲେ। ଏହି ଅଲିମ୍ପିକ୍ସରେ ସମୁଦାୟ ୧୬ଟି କ୍ରୀଡା ଇଭେଣ୍ଟକୁ ସାମିଲ କରାଯାଇଥିଲା। ସମୁଦାୟ ଅଂଶଗ୍ରହଣକାରୀ ଆଥଲେଟଙ୍କ ସଂଖ୍ୟା ୬୪୮ ରହିଥିଲା। ଏହା ମଧ୍ୟରେ ୬୪୨ ଜଣ ପୁରୁଷ ଓ ୬ ଜଣ ମହିଳା ରହିଥିଲେ। ପୂର୍ବରୁ ତୃତୀୟ ସ୍ଥାନ ପାଇଁ କୌଣସି ପୁରସ୍କାର ବ୍ୟବସ୍ଥା ନ ଥିବା ବେଳେ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକର ପ୍ରଥା ପ୍ରଚଳନ କରାଯାଇଥିଲା। ୧୯୦୪-୦୫ରେ ରୁଷିଆ ଓ ଜାପାନ ମଧ୍ୟରେ ଯୁଦ୍ଧ କାରଣରୁ ଅନେକ ଦେଶର ଆଥଲେଟ୍ ଏହି କ୍ରୀଡା ମହାକୁମ୍ଭରେ ଅଂଶଗ୍ରହଣ କରିପାରି ନ ଥିଲେ। ଏହି ଅଲିମ୍ପିକ୍ସରେ ଆମେରିକା ପ୍ରାଧାନ୍ୟ ବିସ୍ତାର କରିବା




ସହ ସମୁଦାୟ ୨୩୧ ପଦକ ହାସଲ କରି ପ୍ରଥମ ସ୍ଥାନରେ ରହିଥିଲା। ଆମେରିକାର ଆଥ୍‌ଲେଟମାନେ ୭୬ ସ୍ୱର୍ଣ୍ଣ, ୭୮ ରୌପ୍ୟ ଓ ୭୭ ବ୍ରୋଞ୍ଜ ପଦକ ହାସଲ କରିଥିଲେ। କେବଳ ଯୁକ୍ତରାଷ୍ଟ୍ର ଆମେରିକାରୁ ୫୮୨ ଜଣ ପ୍ରତିନିଧିତ୍ୱ କରିଥିଲେ। ବିଶ୍ୱର ଅନ୍ୟ ୧୧ ରାଷ୍ଟ୍ରରୁ ୬୬ ଜଣ ଆଥଲେଟ ଅଂଶଗ୍ରହଣ କରିଥିଲେ।

ସେଣ୍ଟ ଲୁସିଆ ଅଲିମ୍ପିକ୍ସରେ ଆମେରିକୀୟ ସନ୍ତରଣକାରୀ ଜର୍ଜ ଆଇସର ଏକାକୀ ୬ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ତାଙ୍କର ବାମ ପଟ ଗୋଡ ନ ଥିବା ବେଳେ କାଠ ଗୋଡ ଲାଗିଥିଲା। ତେବେ ନିଜ ପ୍ରଦର୍ଶନ ବଳରେ ସେ ସମସ୍ତଙ୍କୁ ଚକିତ କରିଥିଲେ। ସେହିପରି ଜର୍ମାନୀର ଫ୍ରି ଷ୍ଟାଇଲ୍ ରେସ୍‌ଲର ଫ୍ରାଙ୍କ କଗଲର ରେସ୍‌ଲିଂ, ଭାରୋତ୍ତୋଳନ ଓ ଟଗ୍ ଅଫ୍ ୱାର(ଦଉଡି ଟଣା) ଇଭେଣ୍ଟରେ ୪ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରଥମ ତଥା ବିଶ୍ୱର ଏକମାତ୍ର ଖେଳାଳି ଭାବରେ ସେ ୩ଟି ଭିନ୍ନ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

ଇଟାଲୀର ଫ୍ରାଙ୍କ ବିଜନ ସାଇକ୍ଲିଂରେ ଆମେରିକା ପାଇଁ ସ୍ୱର୍ଣ୍ଣ ଜିତିଥିଲେ। ବିଜନଙ୍କୁ ୧୯୧୭ରେ ଆମେରିକା ନାଗରିକତ୍ୱ ମିଳିଥିବା ବେଳେ ପଦକ ଇଟାଲୀ ଖାତାକୁ ଯାଇଥିଲା।

## ପ୍ୟାରିସ୍ ଅଲିମ୍ପିକ୍ସ




ଆଉ ୨୩ ଦିନ




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ